ଧରିତ୍ରୀ 52 Years
DHARITRI
ଭୁବନେଶ୍ୱର, ରବିବାର, ଜାନୁଆରୀ ୧୮/୨୦୨୬ (୧୮ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, January 18/2026 | Page 18 | ₹ 7.00 | SAMBALPUR
୫୨ଶ ଭାଗ ୫୬ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 56 | ମୂଲ୍ୟ ₹୭/-






କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଥିବା ହକି ଇଣ୍ଡିଆ ଲିଗ୍ (ଏଚ୍ଆଇଏଲ୍)ର ଅନ୍ତିମ ପର୍ଯ୍ୟାୟରେ ଶନିବାର ଖେଳାଯାଇଥିବା ଏସ୍‌ଜି ପାଇପର୍ସ ବିପକ୍ଷ ମ୍ୟାଚରେ ଗୋଲ୍ ସ୍କୋର ପରେ ଖୁସି ମୁହୂର୍ତ୍ତରେ କଳିଙ୍ଗ ଲାନ୍ସର୍ସ ଦଳର ଖେଳାଳିମାନେ। (ଫଟୋ: ବିକାଶ ନାୟକ)। (ରିପୋର୍ଟ: ଖେଳ ପୃଷ୍ଠା)

# ରାଜ୍ୟକୁ ଆସିବ ୧ ଲକ୍ଷ କୋଟିର ପୁଞ୍ଜି: ମୁଖ୍ୟମନ୍ତ୍ରୀ

## କୋଲକାତାରେ ଓଡ଼ିଶା ଇନ୍‌ଭେଷ୍ଟର୍ସ ମିଟ୍ ରୋଡ୍ ଶୋ'

ଭୁବନେଶ୍ୱର,୧୭।୧ (ଅନୁରାଧା ମହାରଣା)

କୋଲକାତାରେ ଅନୁଷ୍ଠିତ ଓଡ଼ିଶା ଇନ୍‌ଭେଷ୍ଟର୍ସ ମିଟ୍ ରୋଡ୍ ଶୋ'ରୁ ଓଡ଼ିଶା ପାଇଁ ୧ଲକ୍ଷ କୋଟି ଟଙ୍କାର ନିବେଶ ସମ୍ଭାବନା ସୃଷ୍ଟି ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ଭୁବନେଶ୍ୱର ଫେରିବା ପରେ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସୂଚନା ଦେଇଛନ୍ତି। ଏହି ରୋଡ୍ ଶୋ'ରେ ୫୦୦ରୁ ଅଧିକ ଉଦ୍ୟୋଗପତି, ବ୍ୟବସାୟ ସଂଘ ଓ ପ୍ରତିଷ୍ଠାନ ଅଂଶଗ୍ରହଣ କରିଥିଲାବେଳେ ୪ଟି ସେକ୍ଟରାଲ ରାଉଣ୍ଡଟେବଲ ସହ ୧୩୦ଟି ଉଚ୍ଚସ୍ତରୀୟ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା।



ମୋହନ ଚରଣ ମାଝୀ

ଏହି ଅବସରରେ ବିଭିନ୍ନ ପ୍ରକଳ୍ପ ସ୍ଥାପନ ଓ ନିଯୁକ୍ତି ସୃଷ୍ଟି ନେଇ ୨୭ଟି ଏମ୍‌ଓୟୁ ହୋଇଛି। ଏବାବଦକୁ ମୋଟ ୮୧,୮୬୪ କୋଟି ଟଙ୍କାର ନିବେଶ ସହ ୬୩,୧୬୧ଟି ନିଯୁକ୍ତି ସୃଷ୍ଟିର ସମ୍ଭାବନା ରହିଛି। ଏହା ବ୍ୟତୀତ ୧୯ଟି ନିବେଶ ପ୍ରସ୍ତାବ ମଳିଥିବାବେଳେ ମୋଟ ୧୮,୪୫୩ କୋଟି ଟଙ୍କାର ନିବେଶ ଓ ୨୭,୫୯୧ଟି ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଆଶା କରାଯାଉଛି। ଏହି ରୋଡ୍ ଶୋ'ରୁ ମୋଟ ୧ କୋଟିରୁ ଊର୍ଦ୍ଧ୍ୱ ପୁଞ୍ଜି ନିବେଶ ସହ ୯୦ ହଜାରରୁ ଅଧିକ ନିଯୁକ୍ତି ସୃଷ୍ଟିର ସମ୍ଭାବନା ଦେଖାଯାଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, ପୂର୍ବୋଦୟ ଦୃଷ୍ଟିକୋଣ ଅଧୀନରେ ଓଡ଼ିଶା ପୂର୍ବ ଭାରତର ପରବର୍ତ୍ତୀ ☞ପୃଷ୍ଠା-୪

# ୩୧ରେ ଛତିଶଗଡ଼ ଯିବ ମହାନଦୀ କମିଟି

- ୨୩ରେ ସର୍ବଦଳୀୟ ବୈଠକ
- ଟ୍ରିବ୍ୟୁନାଲ ସମୟସୀମା ବୃଦ୍ଧି ପାଇଁ କେନ୍ଦ୍ରକୁ ଅନୁରୋଧ

ଭୁବନେଶ୍ୱର,୧୭।୧(ସୁନିତ୍ ମିଶ୍ର)

ରାଜ୍ୟ ସରକାର ଗଠନ କରିଥିବା ମହାନଦୀ କମିଟି ଆସନ୍ତା ୩୧ ଏବଂ ଫେବୃଆରୀ ୧ରେ ଛତିଶଗଡ଼ ଗସ୍ତ କରିବ। ଏହା ପୂର୍ବରୁ ଆସନ୍ତା ୨୩ରେ ମହାନଦୀ କମିଟି ପକ୍ଷରୁ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ। ବୈଠକରେ ଆଲୋଚନା ହେବାକୁ ଥିବା ବିଷୟ ଉପରେ ଯେଉଁ ନିଷ୍କର୍ଷ ବାହାରିବ, ସେହି ଆଧାରରେ ଛତିଶଗଡ଼ ଯାଇ ସରକାର ପକ୍ଷ ରଖିବେ। ଅନ୍ୟପଟେ ଫେବୃଆରୀ ୭ରେ ମହାନଦୀ ଟ୍ରିବ୍ୟୁନାଲର ପରବର୍ତ୍ତୀ ଶୁଣାଣି ରହିଛି। ଛତିଶଗଡ଼ ସରକାରଙ୍କ ସହ ଓଡ଼ିଶା ମିଳିତ ଭାବେ ଟ୍ରିବ୍ୟୁନାଲଙ୍କ ନିକଟରେ ନିଜର ପକ୍ଷ ରଖିବେ ବୋଲି ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ ନିଜର ପକ୍ଷ ☞ପୃଷ୍ଠା-୪

# ସୁପାରି ଦେଇ ସାନଭାଇଙ୍କୁ ହତ୍ୟା

**କିଛିଦିନ ପରେ ବିବାହ କରିଥାନ୍ତେ ବଲାଙ୍ଗୀର ଜିଲା ଟୁଷୁରା ଥାନା ଦେଉଳଗୁଡ଼ି ଗ୍ରାମର ନଟରାଜ ଥନାପତି। ବାହାଘର ପାଇଁ ନିମନ୍ତ୍ରଣ କାର୍ଡ ବଣ୍ଟା ଚାଲିଥିଲା। ହେଲେ ଗତ ୧ ତାରିଖ ରାତିରେ ତେଲନଦୀ ବ୍ରିଜ୍ ଉପରୁ ଖସି ନଟରାଜ ପ୍ରାଣ ହରାଇଲେ। ପୋଲ ତଳୁ ମୃତଦେହ ଠାବ ହେବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ମାମଲାର ମୋଡ଼ ବଦଳିଥିଲା, ଯେତେବେଳେ ତାଙ୍କ ଭାବୀ ସ୍ତ୍ରୀ ପୋଲିସକୁ ଅପରାଧର ସୁରାକ୍ ଦେଇଥିଲେ। ଟୁଷୁରା ଥାନା ପୋଲିସ ତଦନ୍ତ କରି ଶନିବାର ଘଟଣା ଉପରୁ ପରଦା ହଟାଇଛି। ନଟରାଜଙ୍କ ମୃତ୍ୟୁ ଅସ୍ୱାଭାବିକ ନ ଥିଲା, ବରଂ ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ, ଯାହା ପଛରେ ନଟରାଜଙ୍କ ବଡ଼ଭାଇ ନବକୁମାର ଥନାପତି ରହିଥିଲେ। ଆଉ ହତ୍ୟାକାଣ୍ଡ ଘଟାଇଥିଲେ ଘନିଷ୍ଠ ବନ୍ଧୁ କ୍ଷେତ୍ର ମୋହନ। ସମ୍ପତ୍ତି ଓ ବ୍ୟବସାୟିକ ଶତ୍ରୁତା ପାଇଁ ଏଭଳି ଭାବେ ବଳି ପଡ଼ିଥିଲା ଭାଇ ଓ ବନ୍ଧୁତାର ସମ୍ପର୍କ। ନବଙ୍କଠାରୁ କ୍ଷେତ୍ର ସୁପାରି ବାବଦରେ ୬୦,୦୦୦ ଟଙ୍କାର ଅଗ୍ରିମ ନେଇ ନୂଆବର୍ଷ ବିଳମ୍ବିତ ରାତିରେ ନଟରାଜଙ୍କୁ ତେଲନଦୀ ବ୍ରିଜ୍ ଉପରୁ ତଳକୁ ଠେଲିଦେଇଥିଲେ। ଏଥିରୁ ଖସିବା ପାଇଁ ସେ ଦୁର୍ଘଟଣାର ରୂପ ଦେଇଥିଲେ। କିନ୍ତୁ ଘଟଣା ସମୟରେ ନଟରାଜ ଭାବୀ ସ୍ତ୍ରୀଙ୍କ ସହ ମୋବାଇଲରେ କଥାବାର୍ତ୍ତା ସତ୍ୟ ଉନ୍ମୋଚନ କରିଥିଲା।**



ନଟରାଜ ଥନାପତି

## ବିବାହ ପୂର୍ବରୁ ବଡ଼ଭାଇ, ଘନିଷ୍ଠ ବନ୍ଧୁ ରଚିଥିଲେ ଷଡ଼ଯନ୍ତ୍ର

ବଲାଙ୍ଗୀର, ୧୭।୧ (ବୀରେନ୍ଦ୍ର କୁମାର ଝାଙ୍କର)

ସୁପାରି ଦେଇ ନିଜ ସାନଭାଇଙ୍କୁ ହତ୍ୟା କରିଛନ୍ତି ବଡ଼ଭାଇ। ସାନଭାଇଙ୍କ ବିବାହ ପାଇଁ ନିମନ୍ତ୍ରଣ କାର୍ଡ ବଣ୍ଟା ପ୍ରାୟ ସରିଥିଲା। ଏଭଳି ସମୟରେ ଷଡ଼ଯନ୍ତ୍ର କରି ସାନଭାଇଙ୍କୁ ହତ୍ୟା କରିବା ପରେ ଆତ୍ମହତ୍ୟାର ରୂପ ଦେବାକୁ ସବୁପ୍ରକାର ଉଦ୍ୟମ କରିଥିଲେ ବଡ଼ଭାଇ। ବଲାଙ୍ଗୀର ପୋଲିସ ଘଟଣାର ୧୫ ଦିନ ଭିତରେ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ମୋଟ ୮ ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ନବକୁମାର ଥନାପତି (୪୩), କ୍ଷେତ୍ର ମୋହନ ସୁନା (୩୨), ମିଲନ୍ ବହିଦାର (୩୮), ମଣ୍ଟୁ ଓରଫ୍ ମହାଦେବ ବାଗ (୧୯), ରଞ୍ଜିତ ମିଶ୍ର (୨୫), ସାହିଲ ବଗର୍ତ୍ତି (୨୨), ମନୋଜ ସେଲମା, ରାଜା କୁମ୍ଭାର (୩୦)। ଅଭିଯୁକ୍ତଙ୍କ ନିକଟରୁ ପୋଲିସ ୨ଟି ଗାଡ଼ି ଜବତ କରିଛି। ସମ୍ପତ୍ତି ଏବଂ ପ୍ରତିପତ୍ତି ପାଇଁ ବଡ଼ଭାଇ କିଭଳି ନିଜ ସାନଭାଇଙ୍କୁ ହତ୍ୟା କଲେ ଏବଂ ଶୁଦ୍ଧିକ୍ରିୟା କରି ଘଟଣା ଲୁଚାଇବାକୁ ଯୋଜନା କରିଥିଲେ ଏସବୁ ପ୍ରଘଟ କରିଛନ୍ତି ବଲାଙ୍ଗୀର ଏସ୍‌ପି ଅବିଳାଷ ଜି.।

ବଲାଙ୍ଗୀର ପୋଲିସ ଶନିବାର ଟୁଷରା ଥାନା ଅନ୍ତର୍ଗତ ଦେଉଳଗୁଡ଼ି ଗାଁର ନଟରାଜ ଥନାପତି (୩୫) ହତ୍ୟାକାଣ୍ଡର ପର୍ଦ୍ଦାଫାଶ କରିଛି। ପ୍ରଥମରୁ ଆତ୍ମହତ୍ୟା ବୋଲି କୁହାଯାଉଥିବା ଏହି ଘଟଣା ଏକ ସାଂଘାତିକ, ସୁପରିକଳ୍ପିତ ଏବଂ ଯୋଜନାବଦ୍ଧ ହତ୍ୟାକାଣ୍ଡ ଥିଲା ବୋଲି ବଲାଙ୍ଗୀର ଏସ୍‌ପି ଅବିଳାଷ ଜି. କହିଛନ୍ତି। ଜିଲା ପୋଲିସ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି କହିଛନ୍ତି, ଗତ ୨ ତାରିଖ ବିଳମ୍ବିତ ରାତିରେ ଟୁଷରା ଥାନା ପୋଲିସ ଟିମ୍ ପାଟ୍ରୋଲିଂ କଲାବେଳେ ଧାନଘରା ତେଲନଦୀ ପୋଲ ଉପରେ ଏକ ମୋଟରସାଇକେଲ ଏବଂ ପୋଲ ତଳେ ଏକ ମୃତଦେହ ପଡିଥିବା ଦେଖିବାକୁ ପାଇଥିଲା। ୩ ତାରିଖ ସକାଳେ ମୃତଦେହଟି ଦେଉଳଗୁଡ଼ି ଗାଁର ନଟରାଜଙ୍କ ବୋଲି ଚିହ୍ନଟ ହୋଇଥିଲା। କେଉଁ କାରଣରୁ ଏବଂ କିଭଳି ସ୍ଥିତିରେ ନଟରାଜଙ୍କ ମୃତ୍ୟୁ ଘଟିଲା ସ୍ପଷ୍ଟ ହୋଇ ନ ଥିଲା। ନଟରାଜଙ୍କ ବଡ଼ଭାଇ ନବକୁମାର ଥନାପତି ଟୁଷରା ଥାନାରେ ସାନଭାଇ ନଟରାଜ ତେଲନଦୀ ପୋଲ ତଳକୁ ଡେଇଁ ପ୍ରାଣ ହରାଇଥିବା କହିବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ତେବେ ମୃତ ନଟରାଜଙ୍କ ବିବାହ ସ୍ଥିର ହୋଇ ନିମନ୍ତ୍ରଣ କାର୍ଡ ବଣ୍ଟା ହୋଇସାରିବା ପରେ ଏଭଳି କ'ଣ ପରିସ୍ଥିତି ହେଲା ଯେ ସେ ପୋଲ ତଳକୁ ଡେଇଁପଡ଼ିଲେ ତା'ର ଖିଅ ଖୋଜିଥିଲା ପୋଲିସ।

ପୋଲିସ ତଦନ୍ତରୁ ସୁରାକ ମିଳିଥିଲା ଯେ, ଘଟଣା ଦିନ ରାତିରେ ନଟରାଜ ଖାଇ ସାରିବା ପରେ ଛପନ ପ୍ରହରୀ ଦେଖିଯିବା ପାଇଁ ନିକଟସ୍ଥ ଗାଁକୁ ଯାଉଥିବା କହି ଘରୁ ବାଇକ୍ ଯୋଗେ ବାହାରିଥିଲେ। ନଟରାଜଙ୍କ ମୋବାଇଲ କଲ୍ ରେକର୍ଡ ଯାଞ୍ଚ ପରେ ସେଦିନ ରାତିରେ ନଟରାଜ ତାଙ୍କ ଭାବୀ ସ୍ତ୍ରୀଙ୍କ ସହ କଥାବାର୍ତ୍ତା ହୋଇଥିବା ପୋଲିସ ଜାଣିବାକୁ ପାଇଥିଲା। ତଦନ୍ତକାରୀ ପୋଲିସ ସମ୍ପୃକ୍ତ ଯୁବତୀ (ଭାବି-ସ୍ତ୍ରୀ)ଙ୍କୁ ପଚାରିବାରୁ ଘଟଣା ଦିନ ରାତିରେ ସେ କଥା ☞ପୃଷ୍ଠା-୪

## ଆଜିର ସମ୍ପାଦକୀୟ

### ବିଫଳତାର ଅନୁଭବ

## ଆଜିର ମନ୍ତବ୍ୟ

"ପଶ୍ଚିମବଙ୍ଗରେ ଭାଜପା କ୍ଷମତାକୁ ଆସିବା ମାତ୍ରେ ତୃଣମୂଳ କଂଗ୍ରେସର ଗୁଣ୍ଡାରାଜ ଶେଷ ହେବ ଏବଂ ରାଜ୍ୟ ବିକାଶ ପଥରେ ଅଗ୍ରସର ହେବ।

-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ







# ନିଶାଙ୍କ ନାଚ ଦେଖି ଉପଜିଲାପାଳ ନିଲମ୍ବିତ

ଭୁବନେଶ୍ୱର,୧୭।୧(ତ୍ରିନାଥ ମହାନ୍ତି)

ଛତିଶଗଡ଼ ଗରିଆବନ୍ଧ ଜିଲାରେ ହେଉଥିବା ବନଦୁର୍ଗା ପର୍ବରେ ଅନୁଷ୍ଠିତ ଯାତ୍ରାରେ ନିଶା ମହାରଣାଙ୍କ ଅଶ୍ଳୀଳ ନୃତ୍ୟ ଦେଖିବା ଅଭିଯୋଗରେ ଉପଜିଲାପାଳ ତୁଲସୀଦାସ ମରକମ୍‌ଙ୍କୁ ନିଲମ୍ବନ କରାଯାଇଛି। ନିଶାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ୍ ହେବା ସହ ବିଭିନ୍ନ ମହଲରେ ସମାଲୋଚନା ପରେ ଗରିଆବନ୍ଧ ଜିଲାପାଳ ଶନିବାର ଉପଜିଲାପାଳ ମରକମ୍‌ଙ୍କୁ ନିଲମ୍ବନ କରିଛନ୍ତି। ପୂର୍ବରୁ ଏହି ଘଟଣାରେ ୧୪ଜଣ ଆୟୋଜକଙ୍କୁ ଗିରଫ କରାଯିବା ସହ ୩ଜଣ ପୋଲିସ କର୍ମଚାରୀଙ୍କୁ ମଧ୍ୟ ନିଲମ୍ବନ କରାଯାଇଛି।



ନିଶା ମହାରଣା



ତୁଳସୀଦାସ ମରକମ୍

ସର୍ବସାଧାରଣ ସ୍ଥାନରେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନରେ ସାମିଲ ହେବା ଏବଂ କାର୍ଯ୍ୟରେ ଖିଲାପ କରିବା ଅଭିଯୋଗରେ ଜିଲା ପ୍ରଶାସନ ପକ୍ଷରୁ ଏଭଳି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

ପ୍ରକାଶ ଯେ, ଗତ ମାସ ୯ ତାରିଖରେ ବନଦୁର୍ଗା ପର୍ବ ସମୟରେ ସ୍ଥାନୀୟ କମିଟି ପକ୍ଷରୁ ଯାତ୍ରା ପାର୍ଟି ପଡ଼ିଥିଲା। ଏଥିରେ ନିଶା ମହାରଣା ନୃତ୍ୟ ପରିବେଷଣ କରିଥିଲେ। ହେଲେ ନିଶା ଅଶ୍ଳୀଳ ନୃତ୍ୟ ପରିବେଷଣ କରୁଥିବା ସମୟରେ ଉପଜିଲାପାଳ ମରକମ୍ ଆଗ ଧାଡ଼ିରେ ବସି ନୃତ୍ୟକୁ ଦେଖିଥିଲେ। ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀ ହୋଇ ଏଭଳି ଅଶ୍ଳୀଳ ନୃତ୍ୟ ଦେଖିବା ଏବଂ ଏହାର ଭିଡିଓ ଅନ୍‌ଲାଇନ୍‌ରେ ଭାଇରାଲ ହେବା ପରେ ବିଭିନ୍ନ ମହଲରେ ସମାଲୋଚନା କରାଯାଇଥିଲା। ଏପରି କି ଏହି ଘଟଣାରେ ଜିଲାପାଳଙ୍କ ହସ୍ତକ୍ଷେପ ଦାବି କରାଯିବା ପରେ ତଦନ୍ତ କରି ଉପଜିଲାପାଳଙ୍କ ବିରୋଧରେ ଶନିବାର କାର୍ଯ୍ୟାନୁଷ୍ଠାନ ନିଆଯାଇଛି।




ଭୁବନେଶ୍ୱରସ୍ଥିତ ଧରିତ୍ରୀ ମୁଖ୍ୟାଳୟରେ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀଙ୍କ ଉପସ୍ଥିତିରେ ଶନିବାର ଆୟୋଜିତ ସାମାଜିକ ପ୍ରସଙ୍ଗଭିତ୍ତିକ ବାର୍ତ୍ତାଳାପରେ ଯୋଗଦେଇଛନ୍ତି ସାମ୍ବାଦିକ ସତ୍ୟପ୍ରକାଶ ନାୟକ ଓ ଭୁବନେଶ୍ୱର-ଏକାମ୍ର ବିଧାୟକ ବାବୁ ସିଂ। ଧରିତ୍ରୀ ଏବଂ ଓଡ଼ିଶାପୋଷ୍ଟର ସମ୍ପାଦନା ବିଭାଗ ସଦସ୍ୟ ଓ ଖବରଦାତାମାନେ ଉପସ୍ଥିତ ଅଛନ୍ତି।

# ୨୦୨୭ ଜାନୁଆରୀ-ଫେବୃଆରୀରେ ପଞ୍ଚାୟତ, ପୌର ନିର୍ବାଚନ

**କଟକ,୧୭।୧(କାର୍ତ୍ତିକ ସାହୁ)**

ରାଜ୍ୟରେ ୨୦୨୭ ଜାନୁଆରୀ-ଫେବୃଆରୀରେ ହେବ ପଞ୍ଚାୟତ ଓ ପୌର ନିର୍ବାଚନ। ଏଥିପାଇଁ ଆଉ ମାତ୍ର ଏକ ବର୍ଷ ବାକି ରହିଥିବା ବେଳେ ଏବେଠୁ ନିର୍ବାଚନ ପ୍ରସ୍ତୁତି ଉପରେ ମୁଖ୍ୟ ନିର୍ବାଚନ କମିଶନର ଗୁରୁତ୍ୱାରୋପ କରିଛନ୍ତି। ଏହି ପରିପ୍ରେକ୍ଷୀରେ କଟକସ୍ଥିତ କେନ୍ଦ୍ରାଞ୍ଚଳ ଆୟୁକ୍ତ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଆୟୋଜିତ ଜିଲାପାଳଙ୍କ ସମ୍ମିଳନୀରେ ଆର୍‌ଡିସିସ୍ତରୀୟ ପ୍ରାଥମିକ ପ୍ରସ୍ତୁତି ସମୀକ୍ଷା ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ୀ ସମ୍ମିଳନୀରେ ଯୋଗଦେଇ କେନ୍ଦ୍ରାଞ୍ଚଳ ରାଜସ୍ୱ ଡିଭିଜନ ଅନ୍ତର୍ଗତ ୧୦ଟି ଜିଲାର ନିର୍ବାଚନ ପ୍ରସ୍ତୁତି ପାଇଁ ଗତ ନିର୍ବାଚନ ସମ୍ପର୍କିତ ତଥ୍ୟର ସମୀକ୍ଷା କରିଛନ୍ତି।

ସୂଚନାନୁସାରେ ରାଜ୍ୟରେ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ଇଭିଏମ୍ ଆଦି ଉପକରଣ ଜିଲାରୁ ରାଜ୍ୟ ନିର୍ବାଚନ ଆୟୋଗଙ୍କ ଗୋଦାମକୁ ଫେରସ୍ତ କରିବା, ତ୍ରିସ୍ତରୀୟ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ବାଲଟ ପେପର୍ ମୁଦ୍ରଣ, ଗଣନା କେନ୍ଦ୍ରର ଚିହ୍ନଟ, ଆଗାମୀ ସାଧାରଣ ନିର୍ବାଚନ ପାଇଁ ପିଆର୍‌ଆଇ ଏବଂ ୟୁଏଲ୍‌ବିଏସ୍-୨୦୨୭ ସମ୍ପର୍କିତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ସମୟ ସୀମା ଧାର୍ଯ୍ୟ କରିବା, ୨୦୨୨ ପଞ୍ଚାୟତ ଓ ପୌର ନିର୍ବାଚନ ସମ୍ପର୍କିତ ବକେୟା ଥିବା ଡିସିବିଲ/ୟୁସି ଦାଖଲ, ଗ୍ରାମପଞ୍ଚାୟତ ଓ ପୌରାଞ୍ଚଳରେ ସର୍ଭେ ରୁଟ୍‌ର ଜିଆଇଏସ୍ ମ୍ୟାପିଂ କରିବା, ଭୋଟର ତାଲିକା ଅନ୍ତର୍ଭୁକ୍ତୀକରଣ ତ୍ରୁଟିଗୁଡ଼ିକୁ ଅପସାରଣ ଏବଂ ବାଦକରଣ ତ୍ରୁଟିଗୁଡ଼ିକୁ ଭୋଟର ତାଲିକାରେ ଯୋଡିବା, ଗଣନା ହଲ୍ ଏବଂ ଟେବୁଲ ବୃଦ୍ଧି କରିବା, ଅସ୍ଥାୟୀ ବୁଥକୁ ସ୍ଥାୟୀ ବୁଥରେ ପରିଣତ କରିବାକୁ ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନର କହିଛନ୍ତି। ସେହିପରି ସମ୍ବେଦନ ଓ ଅତିସମ୍ବେଦନଶୀଳ ବୁଥଗୁଡ଼ିକୁ ଚିହ୍ନଟ




କଟକସ୍ଥିତ କେନ୍ଦ୍ରାଞ୍ଚଳ ଆୟୁକ୍ତ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ୀ ନିର୍ବାଚନ ସମ୍ପର୍କିତ ସୂଚନା ଦେଉଛନ୍ତି।

- **୧୦ ଜିଲାର ସମୀକ୍ଷା କଲେ ରାଜ୍ୟ ନିର୍ବାଚନ କମିଶନର**
- **ଅତିସମ୍ବେଦନଶୀଳ ବୁଥ୍‌ରେ ଲାଗିବ ସିସିଟିଭି**
- **୨୦୨୭ ପଞ୍ଚାୟତ, ପୌର ନିର୍ବାଚନ ପାଇଁ ଜିଲାପାଳ ସମ୍ମିଳନୀ**

କରିବା, ଅତିସମ୍ବେଦନଶୀଳ ବୁଥରେ ସିସିଟିଭି କ୍ୟାମେରା ଲଗାଇବା ପାଇଁ ବ୍ୟବସ୍ଥା କରିବା, ଭୋଟଦାନର ଗୋପନୀୟତା ବଜାୟ ରଖିବା ପାଇଁ ପଞ୍ଚାୟତ ନିର୍ବାଚନର ବାଲଟ ପେପରଗୁଡ଼ିକର ନୂତନ ଗଣନା ପ୍ରକ୍ରିୟା, ଅର୍ଥାତ୍ ଏକତ୍ରୀକରଣ, ମିଶ୍ରଣ ଏବଂ ଗଣନା ଆଦି ଉପରେ ଆଲୋଚନା କରାଯାଇଥିଲା। ଘରକୁ ଘର ବୁଲି ସର୍ଭେ କରିବା, ମୃତ ଭୋଟରମାନଙ୍କ ନାମ ବାଦ୍ ଦେବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବାଲଟ ବାକ୍ସର ବର୍ତ୍ତମାନର ସ୍ଥିତି ସମୀକ୍ଷା, ଗୋଟିଏ ସ୍ଥାନରେ ୫ଟିରୁ ଅଧିକ ବୁଥ ନ ରଖିବା, ଅଧିକ ବୁଥ ଥିବା ସ୍ଥାନକୁ ଅନ୍ୟତ୍ର ସ୍ଥାନାନ୍ତର କରିବା, ବାଲଟ କାଗଜ ପ୍ରିଣ୍ଟିଂ, ଉଭୟ ଭୋଟ ଗଣତି କେନ୍ଦ୍ର ଚିହ୍ନଟ ସମସ୍ତ ବିଡିଓ ଏବଂ ନିର୍ବାଚନ ଅଧିକାରୀମାନଙ୍କ ଦ୍ୱାରା କରାଇବା ସହ ସହରାଞ୍ଚଳ ପରିଷଦ ବୁଥଗୁଡିକର ନିରୂପଣ ଆଦି ଜରୁରୀ ବୋଲି ପାଢ଼ୀ ତାଙ୍କ ଆଲୋଚନା ମାଧ୍ୟମରେ ଦର୍ଶାଇଥିଲେ।

ସର୍ବୋପରି ଆଗାମୀ ନିର୍ବାଚନ ପ୍ରକ୍ରିୟାକୁ ସୁଚାରୁ ରୂପେ ସମ୍ପାଦନ ଦିଗରେ ସେ ଜିଲାପାଳମାନଙ୍କୁ ପରାମର୍ଶ ଦେଇଥିଲେ।

କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଗୁହା ପୁନମ ତାପସ କୁମାର ସ୍ୱାଗତ ଭାଷଣ ଦେଇଥିଲେ। ରାଜ୍ୟ ନିର୍ବାଚନ ଆୟୋଗଙ୍କ ସଚିବ ସନ୍ତୋଷ କୁମାର ଦାଶ ନିର୍ବାଚନ ସମ୍ପର୍କରେ ବିବିଧ ଗୁରୁତ୍ୱପୂର୍ଣ୍ଣ ସୂଚନା ପାୱାର ପଏଣ୍ଟ ପ୍ରେଜେଣ୍ଟେଶନ ମାଧ୍ୟମରେ ଉପସ୍ଥାପିତ କରିଥିଲେ। ବାଲେଶ୍ୱର ଜିଲାପାଳ ମୟୂର ସୂର୍ଯ୍ୟବଂଶୀ ଧନ୍ୟବାଦ ଦେଇଥିଲେ। ଏଥିରେ କେନ୍ଦ୍ରାଞ୍ଚଳ ରାଜସ୍ୱ ରେଞ୍ଜ ଅନ୍ତର୍ଗତ ୧୦ଟି ଜିଲା କଟକ, ଖୋର୍ଦ୍ଧା, ବାଲେଶ୍ୱର, ପୁରୀ, କେନ୍ଦ୍ରାପଡା, ଜଗତ୍‌ସିଂହପୁର, ଭଦ୍ରକ, ମୟୂରଭଞ୍ଜ, ନୟାଗଡ଼, ଯାଜପୁର ଜିଲାର ଜିଲାପାଳମାନଙ୍କ ସମେତ ଅତିରିକ୍ତ ଜିଲାପାଳ, ଉପଜିଲାପାଳ ତଥା ନିର୍ବାଚନ ସହ ସମ୍ପୃକ୍ତ ଜିଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ। ରାଜ୍ୟ ନିର୍ବାଚନ କମିଶନ୍‌ର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

# ଦୁର୍ଘଟଣାରେ ବୃଦ୍ଧଙ୍କ ମୃତ୍ୟୁ, ହାଇୱା ଜାଳିଦେଲେ

**ଚଢ଼େଇଧରା,୧୭।୧(ଦିଲୀପ ପରିଡ଼ା)**

## କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ

ଯାଜପୁର ଜିଲା ଜେନାପୁର ଥାନା ଅନ୍ତର୍ଗତ ବରଡ଼ା-ତୁରଙ୍ଗ ରାସ୍ତାର କାଦୁଅମାଗୁରା ଛକ ନିକଟରେ ଶନିବାର ଚିପ୍ସ ବୋଝେଇ ହାଇୱା ଓଡି୦୪ଏଚ୍୧୦୩୩ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କାଦୁଅମାଗୁରା ଗ୍ରାମର ବାସୁଦେବ ସାହୁ(୭୦)। ସେ ଅପରାହ୍ନ ୩ଟା୩୦ରେ ସାଇକେଲରେ ହାଟକୁ ଯାଉଥିବା ସମୟରେ ଦୁର୍ଘଟଣାର ଶିକାର ହୋଇଥିଲେ। ଏହାପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ କେତେଜଣ ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିଲେ। ଖବର ପାଇ ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲା। ଏହାପରେ ଅଗ୍ନିଶମ ଗାଡ଼ି ପହଞ୍ଚିଥିଲା। ମାତ୍ର ସ୍ଥାନୀୟ ଲୋକେ ଅଗ୍ନିଶମ ଗାଡ଼ି କିମ୍ବା କର୍ମଚାରୀଙ୍କୁ ସେଠାକୁ ଛାଡ଼ି ନ ଥିବାରୁ ଗାଡ଼ିଟି ରାସ୍ତା ପାର୍ଶ୍ୱରେ ହୁତୁହୁତୁ ହୋଇ ଜଳିଯାଇଥିଲା। ଖବର ଲେଖାହେବାବେଳକୁ ଉତ୍ୟକ୍ତ ଲୋକେ ମୃତକଙ୍କ ପରିବାରକୁ ୧୦ଲକ୍ଷ ଟଙ୍କା କ୍ଷତିପୂରଣ ଦାବିରେ ସେଠାରେ ରାସ୍ତା ଅବରୋଧ କରିଥିଲେ।

ଅନ୍ୟପକ୍ଷରେ ୨।୧୨।୨୦୨୫ରେ କୁରିକଣା ଛକରେ ହାଇୱା ଧକ୍କାରେ ଜଣେ କଲେଜ ଛାତ୍ରଙ୍କ ମୃତ୍ୟୁପରେ ଏଭଳି ପରିସ୍ଥିତି ଦେଖାଯାଇଥିଲା। ଗୋଟିଏ ଗାଡ଼ି ଦୁର୍ଘଟଣା ଘଟାଇଥିବାବେଳେ ୪ ହାଇୱାକୁ ଦୁର୍ବୃତ୍ତ ଜାଳି ଦେଇଥିଲେ। ପୋଲିସ ସେତେବେଳ କେବଳ ଦେଖଣାହାରି ସାଜିଥିଲା। ସେହି ମାମଲାରେ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବାରୁ ଘଟଣାର ପୁନରାବୃତ୍ତି ହୋଇଥିବା ଆଲୋଚନା ହେଉଛି। ଉକ୍ତ ରାସ୍ତାରେ ଅନେକ ସମୟରେ କଳାପଥର ବୋଝେଇ ଗାଡ଼ିଗୁଡ଼ିକ ଦୁର୍ଘଟଣା ଘଟାଉଥିବାରୁ ସାଧାରଣ ଲୋକେ ଯାତାୟାତ ପାଇଁ ଏକ ରାସ୍ତା ନିର୍ମାଣ କରିବାକୁ ଦାବି କରୁଛନ୍ତି। ହେଲେ ପ୍ରଶାସନ ସେଥିପ୍ରତି ଦୃଷ୍ଟି ଦେଉନାହିଁ ବୋଲି ଅଭିଯୋଗ ହୋଇଛି।




# ୧୦ ଜିଲାରେ ଖୋଲିଲା ନାରୀ ଅଦାଲତ



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆଭାସୀ ମାଧ୍ୟମରେ ନାରୀ ଅଦାଲତ ସମେତ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରୁଛନ୍ତି।

## ଜାତୀୟ ଶିଶୁକନ୍ୟା ସପ୍ତାହର ଶୁଭାରମ୍ଭ

- **ମହିଳା ସଶକ୍ତୀକରଣ ବିକଶିତ ଓଡ଼ିଶା ଗଠନର ମୂଳଦୁଆ: ଉପମୁଖ୍ୟମନ୍ତ୍ରୀ**
- **ଯାଜପୁରରେ ଉତ୍କଳ ବାଳାଶ୍ରମର ନୂତନ କୋଠା, ରୋଷେଇ ଘର ଉଦ୍‌ଘାଟିତ**

**ଭୁବନେଶ୍ୱର,୧୭।୧(ସୁଚିସ୍ମିତା ସାହୁ)**

ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନରେ ବିଭିନ୍ନ ଯୋଜନା, ଅଭିଯାନ ଓ ପ୍ରକଳ୍ପର ଶୁଭାରମ୍ଭ ହୋଇଛି। ଏନେଇ ବିଭାଗୀୟ ସମ୍ମିଳନୀ କକ୍ଷରେ ଶନିବାର ଆୟୋଜିତ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ୧୦ ଜିଲାର ୧୦ ପଞ୍ଚାୟତରେ 'ନାରୀ ଅଦାଲତ'କୁ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। ଏଥିସହ ସେ ଜାତୀୟ କନ୍ୟା ସନ୍ତାନ ସପ୍ତାହ, ଯାଜପୁରରେ ନବନିର୍ମିତ ଉତ୍କଳ ବାଳାଶ୍ରମ ଏବଂ ପୁରୀ ଓ ଯାଜପୁରରେ ଉତ୍କଳ ବାଳାଶ୍ରମର ଆଧୁନିକ ରୋଷେଇ ବ୍ୟବସ୍ଥାର ଶୁଭାରମ୍ଭ ସହ 'ପାଳନା' (ଅଙ୍ଗନୱାଡି-କମ୍-କ୍ରେଚ) ଯୋଜନାର ନିର୍ଦ୍ଦେଶାବଳୀ ଉନ୍ମୋଚନ କରିଥିଲେ।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ କହିଲେ, ସରକାରଙ୍କ କଲ୍ୟାଣକାରୀ ପଦକ୍ଷେପଗୁଡ଼ିକ ରାଜ୍ୟର ସାମାଜିକ ଏବଂ ଅର୍ଥନୈତିକ ଗଠନକୁ ସୁଦୃଢ଼ କରିବ। ମହିଳା ସଶକ୍ତୀକରଣ ବିକଶିତ ଓଡ଼ିଶା ଗଠନର ମୂଳଦୁଆ। ତୃଣମୂଳସ୍ତରରେ ଆଲୋଚନା ଓ ମଧ୍ୟସ୍ଥତା ମାଧ୍ୟମରେ ତ୍ୱରିତ, ସୌହାର୍ଦ୍ଦ୍ୟପୂର୍ଣ୍ଣ ବିବାଦ ସମାଧାନ ପ୍ରଦାନ କରିବା ଲାଗି 'ନାରୀ ଅଦାଲତ' ଖୋଲାଯାଇଛି। ଏହା ମହିଳା ଅଧିକାର ସମ୍ପର୍କରେ ସଚେତନତାକୁ ସହଜ କରିବ। ଏହି ମଞ୍ଚ ମାଧ୍ୟମରେ ଘରୋଇ ହିଂସା, ଯୌତୁକ, ଶିଶୁ ସୁରକ୍ଷା ଏବଂ ସମ୍ପତ୍ତି ଅଧିକାର ସମ୍ବନ୍ଧୀୟ ସମସ୍ୟାଗୁଡ଼ିକର ସମାଧାନ କରାଯିବ। ପଞ୍ଚାୟତସ୍ତରରେ ସମୟାନୁବର୍ତ୍ତୀ ଏବଂ ସୁଲଭ ନ୍ୟାୟ ସୁନିଶ୍ଚିତ ହେବ ବୋଲି ସେ କହିଛନ୍ତି।

ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ କହିଲେ, 'ନାରୀ ଅଦାଲତ'ର ମଧ୍ୟସ୍ଥତା ଆଇନ ମାଧ୍ୟମରେ ପାରିବାରିକ ଓ ଦେୱାନୀ ମାମଲାର ସହଜ ସମାଧାନ କରାଯିବ। ଏହି ଅଦାଲତ ମାଧ୍ୟମରେ ଲିଟିଗେଶନ ହ୍ରାସ କରିବା ସହ ଏକ ଭେଦଭାବମୁକ୍ତ ମହିଳା-କୈନ୍ଦ୍ରିକ ସମାଜ ଗଠନ କରିବ। ତାଲୁକ ଆଇନସେବା ପ୍ରାଧିକରଣର ସହଯୋଗରେ ମହିଳାଙ୍କୁ ନ୍ୟାୟିକ କ୍ଷମତା ପ୍ରଦାନ କରିବା ସହିତ ଏହି ଉଦ୍ୟମକୁ ସ୍ୱଚ୍ଛ ଓ ଫଳପ୍ରଦ କରିବାକୁ ସେ ଆହ୍ୱାନ ଦେଇଛନ୍ତି।

ସେହିପରି ଶନିବାରଠାରୁ ୨୪ ତାରିଖ ପର୍ଯ୍ୟନ୍ତ ପାଳନ ହେବାକୁ ଥିବା 'ବେଟି ବଚାଓ ବେଟି ପଢ଼ାଓ' ଅଭିଯାନର ଜାତୀୟ କନ୍ୟା ସନ୍ତାନ ସପ୍ତାହ ଅଭିଯାନରେ ସମସ୍ତ ଜିଲାରେ ସଚେତନତା ପଦଯାତ୍ରା, ମହାବିଦ୍ୟାଳୟସ୍ତରରେ ପ୍ରତିଯୋଗିତା, କୃତୀ ଓ ସଫଳ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା କରାଯିବ। ଲିଙ୍ଗ ଆଧାରିତ ଚୟନମୂଳକ ଗର୍ଭପାତକୁ ରୋକିବା, ଲିଙ୍ଗ ସମାନତାକୁ ପ୍ରୋତ୍ସାହନ ଦେବା ଏବଂ କନ୍ୟାଶିଶୁ ପ୍ରତି ସାମାଜିକ ମନୋଭାବରେ ସକାରାତ୍ମକ ପରିବର୍ତ୍ତନ ଆଣିବା ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ।

ଅନ୍ୟପକ୍ଷରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ୬୦:୪୦ ମୂଲ୍ୟ-ବଣ୍ଟନ ଅନୁପାତରେ କାର୍ଯ୍ୟକାରୀ ହୋଇଥିବା କେନ୍ଦ୍ରୀୟ ପ୍ରାୟୋଜିତ 'ପାଳନା' (ଅଙ୍ଗନୱାଡି-କମ-କ୍ରେଚ) ଯୋଜନା ୬ ମାସରୁ ୩ ବର୍ଷ ବୟସର ଶିଶୁଙ୍କ ପାଇଁ ଏକ ନିରାପଦ ଲାଳନପାଳନ ଏବଂ ଶିଶୁ-ଅନୁକୂଳ ପରିବେଶ ପ୍ରଦାନ କରିବ। ଏହି ପଦକ୍ଷେପ କର୍ମଜୀବୀ ମାଆଙ୍କର କର୍ମକ୍ଷେତ୍ରରେ ଅଂଶଗ୍ରହଣ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବ। ପ୍ରଥମ ପର୍ଯ୍ୟାୟରେ ସୁନ୍ଦରଗଡ଼, ସମ୍ବଲପୁର, ମାଲକାନଗିରି, ବୌଦ୍ଧ ଏବଂ ରାୟଗଡ଼ା ବ୍ୟତୀତ ରାଜ୍ୟର ୨୫ଟି ଜିଲାରେ ୧୬୮ଟି ଅଙ୍ଗନୱାଡି କେନ୍ଦ୍ରକୁ 'ପାଳନା' କେନ୍ଦ୍ର ଭାବେ କାର୍ଯ୍ୟକ୍ଷମ କରାଯାଇଛି। ଏହି କେନ୍ଦ୍ରଗୁଡ଼ିକ ଶିଶୁ ସୁରକ୍ଷା, ପୁଷ୍ଟିସାରଯୁକ୍ତ ଖାଦ୍ୟ, ନିରାପଦ ଶୋଇବା ସୁବିଧା, ସ୍ୱାସ୍ଥ୍ୟ ଯାଞ୍ଚ ଏବଂ ଟିକାକରଣ ସହାୟତା ସମେତ ସେବା ପ୍ରଦାନ କରିବ।

ଏଥିସହ ଉପମୁଖ୍ୟମନ୍ତ୍ରୀ ପରିଡ଼ା ୨.୪୯ କୋଟି ଟଙ୍କା ବ୍ୟୟରେ ନିର୍ମିତ ଯାଜପୁରରେ ଉତ୍କଳ ବାଳାଶ୍ରମର ଏକ ୧୦୦ ଶଯ୍ୟା ବିଶିଷ୍ଟ ନୂତନ କୋଠା ସମେତ ପୁରୀ ଏବଂ ଯାଜପୁରର ଉତ୍କଳ ବାଳାଶ୍ରମରେ ଆଧୁନିକ ରୋଷେଇ ଘର ମଧ୍ୟ ଉଦ୍‌ଘାଟନ କରିଛନ୍ତି। ଖୋର୍ଦ୍ଧା ଏବଂ ଗଜପତି ଜିଲାରେ ଦୁଇଟି ସମନ୍ୱିତ ବାତ୍ସଲ୍ୟ ସଦନ ପାଇଁ ଆଭାସୀ ମାଧ୍ୟମରେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଗୋଟିଏ ସ୍ଥାନରେ ଶିଶୁଯତ୍ନ ପ୍ରତିଷ୍ଠାନ, ଶିଶୁ କଲ୍ୟାଣ କମିଟି ଏବଂ କିଶୋର ନ୍ୟାୟ ବୋର୍ଡ ରହିବ ବୋଲି ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ମହିଳା ଏବଂ ଶିଶୁ ବିକାଶ ବିଭାଗର ପ୍ରମୁଖ ସଚିବ ଶୁଭା ଶର୍ମା, ଆଇନ ବିଭାଗର ପ୍ରମୁଖ ସଚିବ ଡ. ପବିତ୍ର ମୋହନ ସାମଲ, ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଉପସ୍ଥିତ ଥିଲେ।



# ତେଲେଇ ହେବାକୁ

**ଭୁବନେଶ୍ୱର,୧୭।୧(ସୁନିତ୍ ମିଶ୍ର)**

୨୦୨୪ ସାଧାରଣ ନିର୍ବାଚନରେ କ୍ଷମତାରୁ ଯିବାପରଠାରୁ ଦଳୀୟ ବ୍ୟାପାରରେ ସମ୍ପୂର୍ଣ୍ଣ ନୀରବ ରହି ଆସୁଥିବା ବିଜେଡି ସଭାପତି ନବୀନ ପଟ୍ଟନାୟକ ଦଳୀୟ ଶୃଙ୍ଖଳା ପ୍ରସଙ୍ଗକୁ ନେଇ ହଠାତ୍ କ୍ରିୟାଶୀଳ କିପରି ହୋଇଗଲେ ତାହାକୁ ନେଇ ସବୁଆଡ଼େ ଚର୍ଚ୍ଚା ଜୋର୍ ଧରିଛି। ଯେତେବେଳେ ବିରୋଧୀ ଦଳ ପାଇଁ ବିଧାୟକଙ୍କ ସଂଖ୍ୟାରେ ହ୍ରାସ ନ ଘଟିବା ଜରୁରୀ ବୋଲି ସମସ୍ତେ ମନେକରୁଛନ୍ତି, ସେହି ସମୟରେ ୨ ଜଣ ବିଧାୟକଙ୍କୁ ବିଜେଡିରୁ ବିଦାକରି ନବୀନ କି ବାର୍ତ୍ତା ଦେବାକୁ ଚାହିଁଲେ ତାହା ବର୍ତ୍ତମାନ ସବୁଠାରୁ ଆଲୋଚ୍ୟର ବିଷୟ ପାଲଟିଛି। ଅଧିକ ଚର୍ଚ୍ଚା ହେଉଛି ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ନିଲମ୍ବନକୁ ନେଇ। ଅରବିନ୍ଦ ମଧ ସିଧାସଳଖ ନେତୃତ୍ୱଙ୍କୁ ଚ୍ୟାଲେଞ୍ଜକରି ତାଙ୍କର ଭୁଲ୍ କ'ଣ ସେକଥା ଜଣାଯାଉ ବୋଲି ବାରମ୍ବାର ପ୍ରଶ୍ନ କରୁଛନ୍ତି। ଯଦି ବିଜେଡି ବିଧାୟକମାନଙ୍କ ସଂଖ୍ୟାରେ ହ୍ରାସ ଘଟେ ତାହା ଆଗାମୀ ଦିନରେ କାହାକୁ ଅଧିକ ସୁହାଇବ ସେହି ଦିଗକୁ ନେଇ ରାଜ୍ୟ ରାଜନୀତିରେ ବେଶ୍ ଚର୍ଚ୍ଚା ହେଉଛି। ସାଧାରଣ ନିର୍ବାଚନ ପରଠାରୁ ଏଯାଏ କୌଣସି ଜାତୀୟ ହେଉ ବା ରାଜ୍ୟ ପ୍ରସଙ୍ଗରେ ନବୀନ ପ୍ରଧାନମନ୍ତ୍ରୀ କିମ୍ବା ଦେଶର ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ବାବଦରେ ପଦୁଟିଏ ହେଲେ ମୁହଁ ଖୋଲିନାହାନ୍ତି। ଏମିତି ନୁହେଁ କି, ଦେଶରେ ଏଭଳି କିଛି


ନବୀନ ପଟ୍ଟନାୟକ



ଘଟଣା ଘଟି ନାହିଁ ଯେଉଁ କଥାରେ ନବୀନ ଏତେଦିନ ଭିତରେ କିଛି କହିପାରି ନ ଥାଆନ୍ତେ ବୋଲି ଜାଣିବାଶୁଣିବା ମହଲରେ ଚର୍ଚ୍ଚା ହେଉଛି। ତେଣୁ ଯାହା କିଛି ଘଟଣା ଗଲା ୩ ଦିନ ହେବ ବିଜେଡିରେ ଘଟିଲାଣି ତାହା ଗୋଟେ ଆଡୁ ନୁହେଁ ବରଂ ୨ ଆଡୁ ହେଉଛି ବୋଲି ଚର୍ଚ୍ଚା ଜୋର୍ ଧରିଲାଣି। ଏକଥା କାହାକୁ ଲୁଚାଛପା ନାହିଁ ଯେ, ବିଜେଡିରେ ଯାହାସବୁ ଘଟୁଛି, ତାହା କେଉଁ ଗୋଷ୍ଠୀ ଇଙ୍ଗିତରେ ହେଉଛି। ସେହି ଗୋଷ୍ଠୀ ଏବେ ଭାଜପା ଶୀର୍ଷ ନେତୃତ୍ୱଙ୍କ ପାଖରେ ତେଲେଇହେବାକୁ ବିଜେଡି ନେତୃତ୍ୱଙ୍କ ଜରିଆରେ ବିଜେଡିରେ ଏପରି ଏକ ହଟଚମଟ ସୃଷ୍ଟି କରୁଛି ବୋଲି ଶୁଣିବାକୁ ମିଳିଲାଣି।

ନବୀନ ନିବାସରେ ରହି ଦଳୀୟ କାର୍ଯ୍ୟରେ ମାମଲତି କରୁଥିବା ଜଣେ ଅଫିସର ହିଁ ଅନେକ କଥା ବିଭିନ୍ନ ସମୟରେ ବାହାରେ ପ୍ରଚାର କରୁଛନ୍ତି। ଏପରି ନୁହେଁ, ସେହି ଅଫିସର ଜଣକ ଜଣେ ବୋକା। କିଛିଦିନ ହେବ ନବୀନ ନିବାସ ଲଗାତର ଆସିବାରେ ସମସ୍ୟା ଭୋଗୁଥିବା ପୂର୍ବତନ ପ୍ରଶାସନିକ ଅଧିକାରୀ ଜଣକ ଏପରି କଥା ବାହାରେ ପ୍ରଚାର କରିବାକୁ ଇଙ୍ଗିତ କରିଥାଇପାରନ୍ତି। ଏହାଦ୍ୱାରା ଯେପରି ତାଙ୍କ ପ୍ରଭାବ ପୁଣିଥରେ ଦଳର ସବୁ ନେତାଙ୍କ ନିକଟରେ ଅନୁଭବ ହେବ। ଏହାଦ୍ୱାରା ବିଗତ ଦିନରେ ଯେପରି ଭାଜପା ନେତାଙ୍କୁ ବିଜେଡି ଭୋଟ ଦେଇ ରାଜ୍ୟ ସଭା ପଠାଇବାରେ ସଫଳ ହୋଇଥିଲେ ସେମିତି କିଛି ଆଗକୁ କରିପାରିବେ। ଜଣେ ବିଧାୟକଙ୍କ ସୂତ୍ରରୁ ମିଳିଥିବା ଖବର ମୁତାବକ, ଆଗରୁ କଥା କଥାରେ ବିଜେଡିରେ କିଛି ଘଟଣା ଘଟିଲେ ଭାଜପା ନେତାମାନେ ଆଗକୁ ଆସି ଗୁଡ଼େଇ ତୁଡ଼େଇ ପ୍ରଶ୍ନବାଣରେ ବିଜେଡିକୁ ଆକ୍ରମଣ କରୁଥିଲେ। ହେଲେ ଗତ ୩ ଦିନର ଘଟଣାବଳୀକୁ ଯଦି ଲକ୍ଷ୍ୟ କରାଯାଏ, ବିଜେଡି ବିଷୟରେ କୌଣସି ଭାଜପା ନେତା ପଦୁଟିଏ ମୁହଁ ଖୋଲୁନାହାନ୍ତି। ତେଣୁ ୪ ରାଜ୍ୟ ସଭା ଆସନ, ଯାହା କିଛିଦିନ ପରେ ଖାଲିହେବାକୁ ଯାଉଛି, ସେଥିରେ ଭାଜପା ପାଇଁ କିଛି ସମସ୍ୟା ସୃଷ୍ଟି ହୋଇଛି, ଯେଉଁଥିପାଇଁ ନବୀନଙ୍କ ଘନିଷ୍ଠ ସହଯୋଗୀଙ୍କ ମୁଣ୍ଡ ବର୍ତ୍ତମାନ ବୁଲାଇବା ଆରମ୍ଭ କରିଛି। ଯଦି ବିଜୟ ମହାପାତ୍ର ଗତ ୧୨ ତାରିଖରେ ଝାରସୁଗୁଡ଼ା ଯାଇ ରୁଦ୍ଧଦ୍ୱାର ବୈଠକ କରିଥିବା ଖବର ସତ ହୋଇଥାଏ, ତାକୁ ଦେଖିଲେ ବି ବୁଝାପଡୁଛି ସେଥିରେ ଭାଜପାର କ୍ଷତି ହେବାର ଆଶଙ୍କା ରହିଥାଇପାରେ। କାରଣ ବିଜେଡି ତ ପୂର୍ବରୁ ନିଜର ଗୋଟିଏ ରାଜ୍ୟ ସଭା ଆସନକୁ ୨ ଥର ଭାଜପା ହାତକୁ ଟେକି ଦେଇସାରିଛି। ତେଣୁ ଏସବୁ ଘଟଣାବଳୀ ଭାଜପା ପାଇଁ ସୃଷ୍ଟି ହେଉଥିବା କ୍ଷତିକୁ ଆକଳନକରି ତାକୁ ରୋକିବା ଦିଗରେ ଏକ ବଡ଼ ଉଦ୍ୟମ ହୋଇଥାଇପାରେ ବୋଲି ବିଧାୟକ ଜଣକ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି।

ତାଙ୍କର ଆହୁରି କହିବା କଥା ହେଲା, ରାଜ୍ୟର ଅନେକ ବର୍ଗ ଜାଣିଛନ୍ତି, ଦିଲ୍ଲୀରେ ବସିଥିବା କେତେଜଣ ଓଡ଼ିଶା ନେତା ବର୍ତ୍ତମାନ ରାଜ୍ୟର ଭାଜପା ସରକାରଙ୍କ ଅନେକ ଘଟଣାରେ ମୁଣ୍ଡ ପୂରାଉଛନ୍ତି। ଯଦି ରାଜ୍ୟ ରାଜନୀତିରେ କିଛି ଏପରି ଘଟଣା ଘଟେ, ଯାହା ଭାଜପାର କ୍ଷତି ହେବ, ତେବେ ଦିଲ୍ଲୀର ଶୀର୍ଷ ନେତୃତ୍ୱଙ୍କ ନିକଟରେ ସେମାନଙ୍କ ଦକ୍ଷତା ନେଇ ପ୍ରଶ୍ନ ଉଠିପାରେ। ତେଣୁ ସେସବୁ କଥାକୁ ଲକ୍ଷ୍ୟକରି ରାଜ୍ୟ ସଭା ଅଙ୍କ ଯେପରି ନ ବିଗିଡ଼ିବ, ସେଥିଲାଗି ବିଜେଡି ଏବେ ଶୃଙ୍ଖଳା ନାଁରେ ପ୍ରତିକାର କରିବା ଆରମ୍ଭ କରିଦେଇଛି ବୋଲି ସେ କହିଛନ୍ତି। ଗତ ଶୁକ୍ରବାର ଧରିତ୍ରୀରେ 'ପ୍ରାୟୋଜିତ ଭୟ' ଶୀର୍ଷକରେ ଏକ ଖବର ପ୍ରକାଶିତ ହୋଇଥିଲା। ବିଜୁ ଛାତ୍ର ଜନତା ଦଳର ଜଣେ ଆଗଧାଡ଼ି ନେତାଙ୍କ ସହ ଏ ଖବର ସମ୍ପର୍କରେ ଆଲୋଚନା ହେଲା। ସେହି ସମୟରେ ତାଙ୍କ ନିକଟରେ ଆମର ପ୍ରଶ୍ନ ଥିଲା, ବିଭିନ୍ନ ରାଜ୍ୟରେ ବିରୋଧୀ ହୁଅନ୍ତୁ ବା ସେହି ରାଜ୍ୟଗୁଡିକର ଆଞ୍ଚଳିକ ଦଳଗୁଡ଼ିକ କେନ୍ଦ୍ର ସରକାର, ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ବିଭିନ୍ନ ପ୍ରସଙ୍ଗରେ କଡ଼ା ସମାଲୋଚନା କରୁଛନ୍ତି। ଯେତେବେଳେ ରାଜ୍ୟରେ ଭାଜପା ବିରୋଧୀ ଦଳ ଆସନରେ ଥିଲା, ସେହି ସମୟରେ ସେମାନେ ପ୍ରତ୍ୟେକ ପ୍ରସଙ୍ଗରେ ବିଜେଡି ସରକାରକୁ ଟାର୍ଗେଟକରି ଦିନରାତି ରାସ୍ତାକୁ ଓହ୍ଲାଉଥିଲେ, ହେଲେ ବିଜେଡିରେ ନବୀନଙ୍କ ସହଯୋଗୀ କାହିଁକି ସେକଥା ଚାହୁଁନାହାନ୍ତି। ତାଙ୍କ ଉତ୍ତର ଥିଲା, ସାର୍ ଚାହୁଁଛନ୍ତି ଏବେ ବିଜେଡି ସେମିତି କିଛି କାର୍ଯ୍ୟକ୍ରମ ନ କରୁ, ଯେଉଁଥିଲାଗି ତାଙ୍କ ଦଳର ଅନେକ ନେତାଙ୍କୁ ଜେଲ ଯିବାକୁ ପଡିବ। ସେଥିଲାଗି ସେ ନିଜେ ମଧ ରାସ୍ତାକୁ ଓହ୍ଲାଉନାହାନ୍ତି, ବରଂ ପଛରେ ରହି ସବୁ ଭାବିଚିନ୍ତି କରୁଛନ୍ତି ବୋଲି ସେ କହିଛନ୍ତି। ଦଳର ଛାତ୍ର ଓ ଯୁବ ସଙ୍ଗଠନ ଶେଷଥର କାହା ଦ୍ୱାରା ଚୟନ କରାଯାଇଛି ସେକଥା ବିଜେଡିର ପ୍ରାୟ ସବୁ ବର୍ଗର ନେତାଙ୍କୁ ଭଲ ଭାବେ ଜଣାଅଛି ବୋଲି ସବୁଠି ଆଲୋଚନା ହେଉଛି। ତେଣୁ ଛାତ୍ରନେତାଙ୍କ କହିବା ଅନୁଯାୟୀ, ଭାଜପା ସପକ୍ଷରେ ତେଲେଇ ହେବାକୁ ଏବେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନା ନାହିଁ ସେକଥା ଆସନ୍ତା ରାଜ୍ୟ ସଭା ଭୋଟିଂ ସମୟରେ ସ୍ପଷ୍ଟ ହୋଇଯିବ ବୋଲି ବୁଝିବାକୁ ପଡ଼ିବ।

## ବିଦ୍ୟାଳୟରେ ପେୟ ପଡ଼ି ଛାତ୍ରୀ ଗୁରୁତର

**ନୀଳଗିରି,୧୭।୧(ପ୍ରଶାନ୍ତ ବିଶ୍ୱାଳ)**

ବାଲେଶ୍ୱର ଜିଲା ନୀଳଗିରି ସରସ୍ୱତୀ ଶିଶୁମନ୍ଦିରରେ ଏକ ଅଭାବନୀୟ ଘଟଣା ଘଟିଛି। ଗରମ ପେୟ ଢାଳିଯିବା କାରଣରୁ ଜଣେ ଚତୁର୍ଥଶ୍ରେଣୀ ଛାତ୍ରୀ ଆହତ ହୋଇଛନ୍ତି। ସାନଅତା ଅଞ୍ଚଳର ଉକ୍ତ ଛାତ୍ରୀ ମଧ୍ୟାହ୍ନରେ ପରିସ୍ରା କରି ଆସୁଥିବା ବେଳେ ରାନ୍ଧୁଣିଆ ଗରମ ପେୟ ନିକଟସ୍ଥ ନାଳରେ ଫିଙ୍ଗିଦେବାରୁ ଛାତ୍ରୀଙ୍କ ବେକରେ ପେଜ ପଡିଯାଇଥିଲା। ଫଳରେ ଛାତ୍ରୀଜଣକ ଗୁରୁତର ହୋଇ ଚିତ୍କାର କରିଥିଲେ। ତୁରନ୍ତ ଶିଶୁମନ୍ଦିର କର୍ତ୍ତୃପକ୍ଷ ନୀଳଗିରି ହସ୍ପିଟାଲ ଆଣି ଚିକିତ୍ସା କରିଥିଲେ। ପରେ ତାଙ୍କୁ ବାଲେଶ୍ୱର ମେଡିକାଲ କଲେଜ ନିଆଯାଇଥିବା ସୂଚନା ମିଳିଛି। ଏନେଇ ଶିଶୁମନ୍ଦିର ପ୍ରଧାନଗୁରୁଜୀ ଜୟକୃଷ୍ଣ ବାରିକ ଘଟଣାରେ ସତ୍ୟତା ସ୍ୱୀକାର କରିବା ସହିତ ଛାତ୍ରୀଙ୍କ ସୁସ୍ଥ କାମନା କରିଛନ୍ତି।

## ସୀମାନ୍ତରେ ୨ ମାଓବାଦୀ ନିହତ

**ମାଲକାନଗିରି,୧୭।୧(ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲାରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ୨ ମାଓବାଦୀ ନିହତ ହୋଇଛନ୍ତି। ବିଜାପୁର ଜିଲା ନ୍ୟାଶନାଲ ପାର୍କ ଅଞ୍ଚଳରେ ମାଓବାଦୀମାନେ ଲୁଚି ରହିଥିବା ଖବର ପାଇ ସିଆରପିଏଫ୍, କୋବ୍ରା ବାହିନୀ କୋମ୍ବିଂ ଅପରେଶନ ଆରମ୍ଭ କରିଥିଲେ। ପୋଲିସ ଓ ମାଓବାଦୀ ମୁହାଁମୁହିଁ ହୋଇଥିଲେ। ବହୁ ସମୟ ଗୁଳି ବିନିମୟ ପରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ସୁରକ୍ଷା କର୍ମୀ ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନ ଜାରି ରଖିଥିଲେ। ୨ ମାଓବାଦୀଙ୍କ ମୃତଦେହ ଜବତ କରାଯାଇଥିଲା। ସେହି ମୃତଦେହ ମଧ୍ୟରେ ମାଓବାଦୀ ନେତା ପାପା ରାଓ ରହିଥିବା ସୂଚନା ମିଳିଛି। ଘଟଣାସ୍ଥଳରୁ ବିପୁଳ ପରିମାଣର ବନ୍ଧୁକ, ଏକେ-୪୭ ଓ ଅନ୍ୟାନ୍ୟ ସାମଗ୍ରୀ ମଧ୍ୟ ଜବତ ହୋଇଛି। ଉକ୍ତ ଅଞ୍ଚଳରେ ପୋଲିସର ସର୍ଚ୍ଚ ଅପରେଶନ ଜାରି ରହିଛି। ଏହାପରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯିବ ବୋଲି ବିଜାପୁର ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।




## ହାତୀ ଗଳିତ ମୃତଦେହ ଠାବ

**ବାରିପଦା,୧୭।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ଶିମିଳିପାଳ ଜାତୀୟ ଉଦ୍ୟାନ ତଥା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଦକ୍ଷିଣ ଡିଭିଜନ ପୋଡ଼ାଡିହା ଓ ଭଞ୍ଜବସା ରେଞ୍ଜ ସୀମା ଅଞ୍ଚଳରେ ଶନିବାର ସନ୍ଧ୍ୟାରେ ବନ ବିଭାଗ ଏକ ହାତୀର ଗଳିତ ମୃତଦେହ ଠାବକରିଛି। ପାଟ୍ରୋଲିଂ ବେଳେ ହାତୀଟି ମରିପଡ଼ିଥିବା ବନ କର୍ମଚାରୀମାନେ ଦେଖିଥିଲେ। ତେବେ ହାତୀଟି ମାଈ କିମ୍ବା ଦନ୍ତା ତାହା ଜଣା ପଡ଼ି ନ ଥିବା ବେଳେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ୩ ଦିନ ପୂର୍ବେ ଠାକୁରମୁଣ୍ଡା ରେଞ୍ଜ ଅଞ୍ଚଳରେ ଏକ ମାଈ ହାତୀର ମୃତ୍ୟୁ ହୋଇଥିବା ବେଳେ ପୁଣି ଏକ ହାତୀର ମୃତ୍ୟୁକୁ ନେଇ ପ୍ରାଣୀପ୍ରେମୀମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଶିମିଳିପାଳ ହସ୍ତୀ ଅଭୟାରଣ୍ୟରେ ବାରମ୍ବାର ଏଭଳି ହାତୀ ମୃତ୍ୟୁକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ବନ ବିଭାଗ ମୁହଁ ଖୋଲିନାହିଁ।

## ବିମାନ ଦୁର୍ଘଟଣା ଆହତଙ୍କ ମୃତ୍ୟୁ

**ରାଉରକେଲା,୧୭।୧(ସଙ୍ଗୀତା ଜେନା)**


ସୁଶାନ୍ତ ବିଶ୍ୱାଳ (ଫାଇଲ ଫଟୋ)

ରଘୁନାଥପାଲୀ ଥାନା ଜଲଦା ଫାଣ୍ଡି ଅଧୀନ ଲାଠିକଟା ବ୍ଲକ କଂସର ବନଟୋଲା ନିକଟରେ ଗତ ୧୦ ତାରିଖରେ ଏକ ବିମାନ ଦୁର୍ଘଟଣାରେ ଆହତ ହୋଇ ରାଉରକେଲା ଜେପି ହସ୍ପିଟାଲରେ ଚିକିତ୍ସାଧୀନ ଥିବା ଜଣେ ଯାତ୍ରୀଙ୍କ ଶନିବାର ମୃତ୍ୟୁ ହୋଇଛି। ମୃତକ ହେଲେ ସୁଶାନ୍ତ ବିଶ୍ୱାଳ(୪୬)। ତାଙ୍କୁ ଶନିବାର ଏୟାରଲିଫ୍ଟ କରାଯାଇଥାନ୍ତା। ଏଥିପାଇଁ ବିମାନ କର୍ତ୍ତୃପକ୍ଷ ଇଣ୍ଡିଆ ୱାନ ଏୟାରର ଅଧିକାରୀ ମଧ ପ୍ରକ୍ରିୟା ଆରମ୍ଭ କରିଥିଲେ। ହେଲେ ଅପରାହ୍ନ ପ୍ରାୟ ସାଢ଼େ ୪ଟାରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ମୃତଦେହ ଏବେ ଜେପି ହସ୍ପିଟାଲରେ ରହିଛି। ଅପରାହ୍ନରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇଥିଲା। ତାଙ୍କୁ ଆବଶ୍ୟକ ଚିକିତ୍ସା ପ୍ରଦାନ ସତ୍ତ୍ୱେ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର କହିଛନ୍ତି।

ସୂଚନାଯୋଗ୍ୟ, ସୁଶାନ୍ତ କେନ୍ଦ୍ରାପଡା ଆଳିମାଣିକପାଟଣା ଗ୍ରାମର ମୂଳନିବାସୀ ଏବଂ ସେ ବ୍ରାହ୍ମଣୀତରଙ୍ଗ ଥାନା ନଦୀଟୋଲାରେ ସପରିବାର ରହୁଥିଲେ। ତାଙ୍କ ସ୍ତ୍ରୀ ଓ ୨ ପୁଅ ଅଛନ୍ତି। ସେ ପୂର୍ବରୁ ଅସୁସ୍ଥ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହୋଇଥିଲେ। ବସ୍‌ରେ ଆସିବାକୁ ଅସମର୍ଥ ଥିବା ଯୋଗୁ ଭଉଣୀ ଅନୀତା ସାହୁଙ୍କ ସହ ସେ ଦୁର୍ଘଟଣାଦିନ ଭୁବନେଶ୍ୱରରୁ ରାଉରକେଲା ଅଭିମୁଖେ ବିମାନରେ ଫେରୁଥିବାବେଳେ କଂସରଠାରେ ବିମାନଟି ଖସିପଡ଼ିଥିଲା। ଏଥିରେ ଥିବା ୬ ଜଣଙ୍କ ମଧ୍ୟରେ ଏହି ଭଉଣୀଭାଇ ମଧ୍ୟ ଆହତ ହୋଇ ଜେପି ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ।

## ୧୦ରୁ ୫ ଜିଲାରେ ସାମୂହିକ ଔଷଧ ସେବନ

**ଭୁବନେଶ୍ୱର,୧୭।୧(ବନ୍ଦନା ସେଠୀ)**

ରାଜ୍ୟରେ ଲିମ୍ଫାଟିକ ଫାଇଲେରିଆସିସ୍ ରୋଗର ନିରାକରଣ ପାଇଁ ଫେବୃଆରୀ ୧୦ରୁ ୧୯ ପର୍ଯ୍ୟନ୍ତ ସାମୂହିକ ଔଷଧ ସେବନ (ଏମ୍‌ଡିଏ) କାର୍ଯ୍ୟକ୍ରମ ଆୟୋଜନ ହେବ। ଏହି ଅଭିଯାନ ରାଜ୍ୟର ୫ ଜିଲାର ୬ଟି ୟୁନିଟ (ବ୍ଲକ/ସହରାଞ୍ଚଳ)ରେ କାର୍ଯ୍ୟକାରୀ ହେବ। ଏଥିରେ ବଲାଙ୍ଗୀର ଜିଲାରୁ ୨ଟି ଏବଂ ଢେଙ୍କାନାଳ, ବରଗଡ଼, ଯାଜପୁର ଓ ଗଞ୍ଜାମ ଜିଲାରୁ ଗୋଟିଏ ଲେଖାଏ ୟୁନିଟ ସାମିଲ ରହିଛି। କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱଥି ଏସ୍‌ଙ୍କ ଅଧ୍ୟକ୍ଷତାରେ ଶନିବାର ଏକ ଉଚ୍ଚସ୍ତରୀୟ ରାଜ୍ୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର ରାଜ୍ୟରେ ଏହି ରୋଗର ସ୍ଥିତି ଓ ଫେବୃଆରୀ ଅଭିଯାନ ପାଇଁ ପ୍ରସ୍ତୁତ ରୂପରେଖ ଉପସ୍ଥାପନ କରିଥିଲେ। ଏନେଇ ଜନ ସଚେତନତା ବୃଦ୍ଧି ସହ ସମସ୍ତେ ଯେପରି ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଔଷଧ ସେବନ କରିବେ ତାହା ସୁନିଶ୍ଚିତ କରିବାକୁ ସ୍ୱାସ୍ଥ୍ୟ ସଚିବ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନର ମିଶନ ନିର୍ଦ୍ଦେଶିକା ବୃନ୍ଦା ଡି. ଅନୁପାଳନ ଓ ତଦାରଖ ପ୍ରକ୍ରିୟାକୁ କଡ଼ାକଡ଼ି କରିବା ସହ କମ୍ ଔଷଧ ସେବନ ହେଉଥିବା ଅଞ୍ଚଳଗୁଡ଼ିକ ଉପରେ ସ୍ୱତନ୍ତ୍ର ନଜର ରଖିବାକୁ ପରାମର୍ଶ ଦେଇଥିଲେ। ଓଡ଼ିଶା ଔଷଧ ନିଗମର ପରିଚାଳନା ନିର୍ଦ୍ଦେଶିକା ପୋମା ଟୁଡୁ, ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ସଚିବ (ଜନସ୍ୱାସ୍ଥ୍ୟ) ଜିତେନ୍ଦ୍ର ମୋହନ ବେବର୍ତ୍ତା, ମହିଳା ଓ ଶିଶୁ ବିକାଶ, ବିଦ୍ୟାଳୟ ଓ ଗଣଶିକ୍ଷା, ନଗର ଉନ୍ନୟନ, ପଞ୍ଚାୟତିରାଜ ବିଭାଗର ଅଧିକାରୀ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ), ପି.ସି.ଆଇ ଓ ଜିଏଚ୍‌ଏସ୍ ଭଳି ସହଯୋଗୀ ସଂସ୍ଥାର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଗଦି ଫ୍ୟାକ୍ଟ୍ରିରେ ଅଗ୍ନିକାଣ୍ଡ


ହୁତୁ ହୁତୁ ହୋଇ ଜଳୁଥିବା ତୁଳା ଫ୍ୟାକ୍ଟ୍ରି।

**ବାଲେଶ୍ୱର,୧୭।୧(ବାଞ୍ଛାନିଧି ଦେ)**

### ଜଳିଗଲା ଲକ୍ଷାଧିକ ଟଙ୍କାର ସାମଗ୍ରୀ

ବାଲେଶ୍ୱର ୧୬ନଂ. ଜାତୀୟ ରାଜପଥର ହଳଦୀପଦା ବାଇପାସ୍ ନିକଟସ୍ଥ ଏକ ଗଦି ଫ୍ୟାକ୍ଟ୍ରିରେ ଶନିବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏହି ଅଗ୍ନିକାଣ୍ଡରେ ଫ୍ୟାକ୍ଟ୍ରି ଭିତରେ ଥିବା ଲକ୍ଷାଧିକ ଟଙ୍କାର ତୁଳା ଓ ବିଭିନ୍ନ ସାମଗ୍ରୀ ପୋଡ଼ି ଭସ୍ମୀଭୂତ ହୋଇଯାଇଛି।

ବାଲିଆପାଳ ଅଞ୍ଚଳର ମନ୍ମଥ ପ୍ରଧାନ ଦୀର୍ଘଦିନ ଧରି ଏଠାରେ ଏକ ଗଦି ଫ୍ୟାକ୍ଟ୍ରି କରି ବ୍ୟବସାୟ ଚଳାଇ ଆସୁଥିଲେ। ଗଦି, ରେଜେଇ ଓ ତକିଆ ଆଦି ତିଆରି ପାଇଁ ସେଠାରେ ତୁଳା ଓ ବିଭିନ୍ନ ସାମଗ୍ରୀ ମହଜୁଦ ରହୁଥିଲା। କଞ୍ଚା ମାଲ୍ ଅଣାଯାଇ ଏଠାରେ ରିଫାଇନିଂ ହୋଇ ସ୍ୱଚ୍ଛ ଓ ପରିଷ୍କାର ତୁଳାରେ ପରିଣତ ହୋଇଥାଏ। ଶନିବାର ଏହି ଫ୍ୟାକ୍ଟ୍ରିକୁ ଦୁଇଟି କଣ୍ଟେନରରେ କଞ୍ଚା ତୁଳା ଆସିଥିଲା। କୌଣସି କାରଣରୁ ଅପରାହ୍ନରେ ଫ୍ୟାକ୍ଟ୍ରି ତିନୋଟି ଘରେ ନିଆଁ ଲାଗି ଯାଇଥିଲା। ଭିତରେ ଥିବା ମାଲିକ ଓ କାର୍ଯ୍ୟରତ କର୍ମଚାରୀମାନେ ବାହାରକୁ ପଳାଇ ଆସିଥିଲେ। ଖବରପାଇ ବାଲେଶ୍ୱର ଓ ବସ୍ତା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।




## ୧୯ରେ ବନ୍ଦ ରହିବ ମୁଖ୍ୟମନ୍ତ୍ରୀ ଜନ ଅଭିଯୋଗ ଶୁଣାଣି

**ଭୁବନେଶ୍ୱର,୧୭।୧(ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଆସନ୍ତା ସୋମବାର ୧୯ ତାରିଖ ବନ୍ଦ ରହିବ। ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ସୋମବାର 'ଜନ ଅଭିଯୋଗ ଶୁଣାଣି' ବନ୍ଦ ରହିବ ବୋଲି ସୂଚନା ଦିଆଯାଇଛି। ପରବର୍ତ୍ତୀ ଅଭିଯୋଗ ଶୁଣାଣି ତାରିଖ ଗଣମାଧ୍ୟମରେ ଜଣାଇ ଦିଆଯିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟରେ ଭାଜପା ସରକାର କ୍ଷମତାକୁ ଆସିବା ପରଠାରୁ ପ୍ରତ୍ୟେକ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଚାଲିଛି। ବର୍ତ୍ତମାନ ସୁଦ୍ଧା ୧୭ଟି ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିବାବେଳେ ୯୫% ଅଭିଯୋଗର ସମାଧାନ ସରିଲାଣି ବୋଲି ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

## ଅଟୋ ଡ୍ରାଇଭର ଜୀବନ୍ତ ଦଗ୍ଧ

### ଦୁର୍ଘଟଣାରେ ଜଳିଗଲା କାର୍, ଅଟୋ

**ଫୁଲବାଣୀ/ଖଜୁରିପଡା, ୧୭।୧ (ରାକେଶ କୁମାର ରାଉତ/ବିଦୁର ବେହେରା)**

କନ୍ଧମାଳ ଜିଲା ଫୁଲବାଣୀ ସହର ସରକାରୀ ଆଇଟିଆଇଠାରୁ ଅଳ୍ପ ଦୂର ସଦର ଥାନା ଅନ୍ତର୍ଗତ ଦାତପାଜୁ ନିକଟରେ ଶନିବାର ସନ୍ଧ୍ୟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ କାର ଏବଂ ଅଟୋ ମୁହାଁମୁହିଁ ଧକ୍କା ହେବାରୁ ଉଭୟ ଗାଡି ଜଳିଯାଇଛି। ଏଥିରେ ଅଟୋଚାଳକ ଚାପିହୋଇ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ସେ ହେଲେ ବରୁଣ ମଲ୍ଲିକ(୨୦)। ଖଜୁରିପଡା ବ୍ଲକ ଦାତପାଜୁ ପଞ୍ଚାୟତ ମିଣିଆକାଠି ଗ୍ରାମରେ ତାଙ୍କ ଘର। ସ୍ଥାନୀୟ ଲୋକେ ଘଟଣା ସ୍ଥଳରେ ପହଞ୍ଚି ଅଟୋରେ ଥିବା ଅନ୍ୟ ୨ ଜଣଙ୍କୁ ଏବଂ କାରରେ ଥିବା ଜଣଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। କାର ଚାଳକ


ଜଳିଯାଇଥିବା ଅଟୋ ଓ କାର୍।

ଘଟଣା ସ୍ଥଳରୁ ଫେରାର ହୋଇ ଯାଇଛନ୍ତି। ଦୁର୍ଘଟଣା କିପରି ଏବଂ କେଉଁ ପରିସ୍ଥିତିରେ ଘଟିଲା ତାହା କେହି କହିପାରୁ ନାହାନ୍ତି। ବରୁଣଙ୍କ ଭାଇ ବାବୁଲା ଓ ଦଡକି ପଞ୍ଚାୟତ ସିଙ୍ଗାପଡାର ଶୈଳେନ୍ଦ୍ର କହଁର ଗୁରୁତର ହୋଇଛନ୍ତି। ସେମାନଙ୍କ ଶରୀରର ପ୍ରାୟ ଅର୍ଦ୍ଧାଧିକ ଅଂଶ ପୋଡି ଯାଇଥିବା ଜଣାପଡିଛି। ସ୍ଥାନୀୟ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ବ୍ରହ୍ମପୁର ମେଡିକାଲ ସ୍ଥାନାନ୍ତର କରାଯାଇଛି।

ଖବରରୁ ଜଣାପଡିଛି, ବରୁଣ ଓ ବାବୁଲା ଶନିବାର ସନ୍ଧ୍ୟାରେ ଫୁଲବାଣୀରୁ ଅଟୋ ଯୋଗେ ନିଜ ଗ୍ରାମ ମିଣିଆକାଠିକୁ ଯାଉଥିଲେ। ବରୁଣ ଅଟୋ ଚଲାଉଥିଲେ। ବାବୁଲା ବସିଥିଲେ। ଦାତପାଜୁ ନିକଟରେ ବୌଦ୍ଧପଟୁ ଆସୁଥିବା ଏକ କାର ସହିତ ଅଟୋର ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଉଭୟ ଗାଡି ଘଟଣା ସ୍ଥଳରେ ଜଳି ଯାଇଥିଲା। ଖବରପାଇ ଅଗ୍ନିଶମବାହିନୀ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ବରୁଣ ସେତେବେଳକୁ ଅଟୋରେ ଜଳିସାରିଥିଲେ। ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ପଥ ଉତ୍ସବ, ସ୍ଥାନ: ଜାଗମରା ନୂଆ ରାସ୍ତା, ସମୟ: ସକାଳ ୬ଟା।
- ଦେବ ୟୁଗ୍ ବ୍ରହ୍ମ ବିନ୍ଦୁ ଅନ୍‌ଲାଇନ୍ ରକ୍ତ ଦାତା ଆପ୍ ଉନ୍ମୋଚନ ଏବଂ ମାରାଥନ୍, ସ୍ଥାନ: ଫରେଷ୍ଟ ପାର୍କ, ସମୟ: ସକାଳ ୬ଟା ୩୦।
- ହିନ୍ଦୁ ଜାଗରଣ ସମିତି ପକ୍ଷରୁ ହିନ୍ଦୁ ସମ୍ମିଳନୀ, ସ୍ଥାନ: ଶ୍ରୀ ଗୀତାକ୍ଷେତ୍ର ଜଗନ୍ନାଥ ମନ୍ଦିର, ପାଣ୍ଡରା, ସମୟ: ସକାଳ ୯ଟା।
- ଅଲ୍ ଓଡ଼ିଶା ଗୋପାଳ ସମାଜ, ରାଜ୍ୟ ପରିଷଦ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଦୁର୍ଗା ପୂଜା ମଣ୍ଡପ, ନୟାପଲ୍ଲୀ, ସମୟ: ପୂର୍ବାହ୍ନ ୧୦ଟା।
- ଏକାମ୍ର ଶିଶୁ ସାହିତ୍ୟ ସଂସଦ ପକ୍ଷରୁ ବାର୍ଷିକ ଉତ୍ସବ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୧ ଟା।
- ଗୋପାଳ ଚନ୍ଦ୍ର ମିଶ୍ରଙ୍କ ପ୍ରଥମ ଭ୍ରମଣ ପୁସ୍ତକ 'ବୁଲିଥିଲି ଭୁଲି ନାହିଁ' ଲୋକାର୍ପଣ, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ସନ୍ଧ୍ୟା ୫ଟା।
- ପ୍ରଜ୍ଞା ଏକାଡେମିକ୍ ଆଣ୍ଡ କଲ୍‌ଚରାଲ୍ ଟ୍ରଷ୍ଟ ପକ୍ଷରୁ ଗୀତିକାର ବୃନ୍ଦାବନ ଜେନାଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧ ଉତ୍ସବ, ସ୍ଥାନ: ବୁଦ୍ଧମନ୍ଦିରସ୍ଥ ନୂତନ ପ୍ରେକ୍ଷାଳୟ, ସମୟ: ସନ୍ଧ୍ୟା ୫ଟା ୩୦।
- ରାଜାରାଣୀ ସଙ୍ଗୀତ ଉତ୍ସବ, ସ୍ଥାନ: ରାଜାରାଣୀ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

## କଟକ

- ବଲାଙ୍ଗୀରର କଳାଶ୍ରୀ ଆର୍ଟ ପକ୍ଷରୁ ଊନବିଂଶ ସର୍ବଭାରତୀୟ ଯୋଗିନୀ ମହୋତ୍ସବ ଝରିଏଲ, ସ୍ଥାନ: ବିଜୟଗୋବିନ୍ଦ ଭବନ, ହରିପୁର, ଦୋଳମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୦ଟା।
- ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟର ନବମ ଦିବସ, ସ୍ଥାନ: ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ମୁଖ୍ୟ କ୍ୟାମ୍ପସ ଖେଳପଡ଼ିଆ, ସମୟ: ମଧ୍ୟାହ୍ନ ୧୨ଟା।
- ସିଂଘଲ ପରିବାର ପକ୍ଷରୁ ଶ୍ରୀମଦ ଭାଗବତ କଥା ଜ୍ଞାନଯଜ୍ଞର ଚତୁର୍ଥ ଦିବସ, ସ୍ଥାନ: ଜେବିଏସ ଗାର୍ଡେନ, ତୁଳସୀପୁର, ସମୟ: ଅପରାହ୍ନ ୩ଟା।
- ବାରବାଟୀ ୟୁନାଇଟେଡ୍ କ୍ଲବ ପକ୍ଷରୁ ଦିନିକିଆ ଫୁଟବଲ ମ୍ୟାଚ୍, ସ୍ଥାନ: ସତ୍ୟବ୍ରତ ଷ୍ଟାଡ଼ିୟମ, ବାରବାଟୀ ଦୁର୍ଗ ପରିସର, ସମୟ: ଅପରାହ୍ନ ୪ଟା।

## ଖୋର୍ଦ୍ଧା

- ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର, ସ୍ଥାନ: ବେଗୁନିଆ ପିଏମ୍‌ଶ୍ରୀ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୮ଟା।

- ଫ୍ରେଣ୍ଡ୍‌ସ ପାରାଡାଇସ ସ୍ପୋର୍ଟ୍ସ ଆସୋସିଏଶନ ପକ୍ଷରୁ ଅନୁଷ୍ଠିତ ଅଲ୍ ଓଡ଼ିଶା ଶ୍ରୀବସ ସ୍ମାରକୀ ଫୁଟ୍‌ବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍, ସ୍ଥାନ: କୁସୁମାଟି ଖେଳପଡ଼ିଆ, ସମୟ: ଅପରାହ୍ନ ୩ଟା ୩୦।

## ବାଲେଶ୍ୱର

- ବିଭିନ୍ନ ଜଳାଶୟରେ ବନବିଭାଗ ପକ୍ଷରୁ ପକ୍ଷୀଗଣନା, ସ୍ଥାନ: କୁଲଡ଼ିହା ଅଭୟାରଣ୍ୟ, ନୀଳଗିରି, ସମୟ: ସକାଳ ୬ଟା।
- ୭୫ତମ ଗଙ୍ଗାମାତା ପୂଜା ଉତ୍ସବ, ସ୍ଥାନ: ବାହାବଳପୁର, ବାଲେଶ୍ୱର, ସମୟ: ସକାଳ ୮ଟା।
- ବିଶାଳ ହିନ୍ଦୁ ସମ୍ମିଳନୀ, ସ୍ଥାନ: କୁରୁଡ଼ା ପଡ଼ିଆ, ବାଲେଶ୍ୱର, ସମୟ: ସକାଳ ୮ଟା।
- ବିଶାଳ ହିନ୍ଦୁ ସମ୍ମିଳନୀ, ସ୍ଥାନ: କେସି ହାଇସ୍କୁଲ ପଡ଼ିଆ, ନୀଳଗିରି, ସମୟ: ସକାଳ ୮ଟା।
- ବିଶାଳ ହିନ୍ଦୁ ସମ୍ମିଳନୀ, ସ୍ଥାନ: ମାର୍କୋଣା, ସିମୁଳିଆ, ସମୟ: ସକାଳ ୮ଟା।
- ବିଶାଳ ହିନ୍ଦୁ ସମ୍ମିଳନୀ, ସ୍ଥାନ: ଈଶ୍ୱରବର୍ତ୍ତୀ ମନ୍ଦିର ପଡ଼ିଆ, ବସ୍ତା, ସମୟ: ସକାଳ ୮ଟା।
- ବିଶାଳ ରକ୍ତଦାନ ଶିବିର, ସ୍ଥାନ: ମହିଳା ମହାବିଦ୍ୟାଳୟ, ସୋର, ସମୟ: ସକାଳ ୮ଟା।
- ନିଃଶୁଳ୍କ ଚକ୍ଷୁ ଓ ଦନ୍ତ ଶିବିର, ସ୍ଥାନ: ଶ୍ରୀରଘୁନାଥ ପବ୍ଲିକ ସ୍କୁଲ, ନିଧିପଣ୍ଡା, ବାଲେଶ୍ୱର, ସମୟ: ସକାଳ ୯ଟା।
- ବିଶାଳ ହିନ୍ଦୁ ସମ୍ମିଳନୀ, ସ୍ଥାନ: ଭୋଗୁପୁର ଶିବ ମନ୍ଦିର, ଝିଙ୍କିରିଆ, ଖଇରା, ସମୟ: ପୂର୍ବାହ୍ନ ୧୦ଟା।
- ଆଞ୍ଚଳିକ ବ୍ରାହ୍ମଣ ସମିତିର ବାର୍ଷିକ ଉତ୍ସବ, ସ୍ଥାନ: ବଣପାରିଆ,ଖଇରା, ସମୟ: ପୂର୍ବାହ୍ନ ୧୦ଟା।
- ମା' ଅମ୍ବିକା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ, ସ୍ଥାନ: ଅମ୍ବିକା ମନ୍ଦିର, କୁପାରୀ, ଖଇରା, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀରାମଚନ୍ଦ୍ର ସଂସ୍କୃତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବଟେଶ୍ୱର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- କଂଗ୍ରେସର ମିଶ୍ରଣ ପର୍ବ, ସ୍ଥାନ: ଜିଲା କଂଗ୍ରେସ କାର୍ଯ୍ୟାଳୟ, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା।
- କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା କଂଗ୍ରେସ କାର୍ଯ୍ୟାଳୟ, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା ୩୦।
- ରୂପସା ମହୋତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ: ପୋଡ଼ାଡିହା କମ୍ୟୁନିଟି ସେଣ୍ଟର, ରୂପସା, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।

## ଭଦ୍ରକ

- ସିଦ୍ଧିବିନାୟକ ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: କୁଆଁସ, ଭଦ୍ରକ, ସମୟ: ସକାଳ ୮ଟା।
- ହିନ୍ଦୁ ସମ୍ମିଳନୀ, ସ୍ଥାନ: ଆମ୍ବଗଡି, ଜଗନ୍ନାଥପୁର, ନାୟିକାଣିଡିହୀ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଧାମନଗର ବରିଷ୍ଠ ନାଗରିକ ପରିଷଦର ପ୍ରତିଷ୍ଠା ଦିବସ ଓ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଉଦ୍‌ଯାପନୀ, ସ୍ଥାନ: ବାଗୁରାଇ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ୍, ଭଦ୍ରକ, ସମୟ: ଅପରାହ୍ନ ୪ଟା।
- ଜିଲା ମହୋତ୍ସବ ଭଦ୍ରାୟଣୀ ଓ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟନ, ସ୍ଥାନ: ନେହେରୁ ଷ୍ଟାଡିୟମ୍, ଭଦ୍ରକ, ସମୟ: ଅପରାହ୍ନ ୪ଟା।
- ଜିଲା ମହୋତ୍ସବରେ ଧରିତ୍ରୀ ଷ୍ଟଲ୍ ଉଦ୍‌ଘାଟନ, ସ୍ଥାନ: ନେହେରୁ ଷ୍ଟାଡିୟମ୍, ଭଦ୍ରକ, ସମୟ: ଅପରାହ୍ନ ୫ଟା।

## ମୟୂରଭଞ୍ଜ

- ସୂର୍ଯ୍ୟ ନମସ୍କାର ୧୦୮ ଚକ୍ର, ସ୍ଥାନ:ବାରିପଦା ଷ୍ଟାଡିୟମ, ବାରିପଦା, ସମୟ: ସକାଳ ୭ଟା।
- ସ୍ୱଦେଶୀ ସଙ୍କଳ୍ପ ଦୌଡ଼, ସ୍ଥାନ: ଛଉପଡ଼ିଆ ବାରିପଦା,ସମୟ: ସକାଳ ୭ଟା।
- ତ୍ରିରଙ୍ଗା କ୍ଲବ୍ ପକ୍ଷରୁ ମାରାଥନ ଓ ବାର୍ଷିକ କ୍ରୀଡ଼ା, ସ୍ଥାନ:ପୂର୍ଣ୍ଣଚନ୍ଦ୍ରପୁର ବାରିପଦା,ସମୟ: ସକାଳ ୮ଟା।

## ସମ୍ବଲପୁର

- କ୍ରିଷ୍ଣା ବିକାଶ ଗ୍ରୁପ ଓ ହସ୍ପିଟାଲ ପକ୍ଷରୁ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୯ଟା।
- ଚଷା ସମାଜର ୧୯ତମ ବାର୍ଷିକ ବନ୍ଧୁ ମିଳନ, ସ୍ଥାନ : ନାରୀ ସେବା ସଦନ, ସମୟ : ସକାଳ ୯ଟାରୁ ଅପରାହ୍ନ ୫ଟା।
- ଭାରତୀ ସମାଜର ପ୍ରତିଷ୍ଠା ଦିବସ ପ୍ରସ୍ତୁତି ବୈଠକ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ସକାଳ ୯ଟା।
- ସମ୍ବଲପୁରୀ ଧନୁଯାତ୍ରା ମହୋତ୍ସବ କମିଟି ପକ୍ଷରୁ ସାଂସ୍କୃତିକ ଶୋଭାଯାତ୍ରା ଶୁଭାରମ୍ଭ, ସ୍ଥାନ : ସମଲେଇ ମନ୍ଦିର ସମ୍ମୁଖ, ସମୟ : ସକାଳ ୯ଟା ୩୦।
- ଶ୍ରୀଶିରିଡି ସାଇ ବାବା ପବ୍ଲିକ ସ୍କୁଲର ୨୬ତମ ବାର୍ଷିକ ଉତ୍ସବ, ସ୍ଥାନ : ତପସ୍ୱିନୀ ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୧୦ଟା।
- ସ୍ୱାଧୀନତା ସଂଗ୍ରାମୀ ପାର୍ବତୀ ଗିରିଙ୍କ ଜନ୍ମ ଶତବାର୍ଷିକୀ ସମାରୋହ ଉପଲକ୍ଷେ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ବିବିଧ ପ୍ରତିଯୋଗୀତା, ସ୍ଥାନ : ଫୁଲଝରନସ୍ଥିତ ଡା. ଆଇଜାକ ସାନ୍ତ୍ରା ବାଳନିକେତନ, ସମୟ : ପୂର୍ବାହ୍ନ ୧୦ଟା୩୦।
- ଖଡିଆ ସାଂସ୍କୃତିକ ସେବା ସମାଜର ସମ୍ମିଳନୀ, ସ୍ଥାନ : ଦୁର୍ଗାପାଲି ସ୍ଥିତ ଆଦିବାସୀ ଭବନ, ସମୟ : ପୂର୍ବାହ୍ନ ୧୦ଟା୩୦।
- ସମ୍ବଲପୁରୀ ଧନୁଯାତ୍ରାର ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ : ଗଙ୍ଗାଧର ମୁକ୍ତ ମଞ୍ଚ , ସମୟ : ଅପରାହ୍ନ ୬ଟା।

## ରାଉରକେଲା

- ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: ଭଞ୍ଜ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଅର୍ବାନ କୋପରେଟିଭ ବ୍ୟାଙ୍କର ବାର୍ଷିକ ବୈଠକ, ସ୍ଥାନ: ଉଦିତନଗରସ୍ଥିତ ବ୍ୟାଙ୍କ କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ବନ୍ଦେ ମାତରମ ଓ ସ୍ୱାଧୀନତା ସଂଗ୍ରାମରେ ସାହିତ୍ୟିକଙ୍କ ଭୂମିକା ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ଫର୍ଟିଲାଇଜର, ସମୟ: ଅପରାହ୍ନ ୩ଟା।
- ଉଦ୍ୟାନ ପ୍ରଦର୍ଶନୀ ଉଦ୍‌ଯାପନୀ ସମାରୋହ, ସ୍ଥାନ: ସେକ୍ଟର-୮ ଜୁବିଲି ପାର୍କ, ସମୟ: ଅପରାହ୍ନ ୪ଟା।
- ସୁନ୍ଦରଗଡ ଜିଲା ଲେଖକ ସାମ୍ମୁଖ୍ୟର ମାସିକ ସାହିତ୍ୟ ଆସର, ସ୍ଥାନ: ମଧୁସୂଦନ ପାଠାଗାର, ଛେଣ୍ଡ, ସମୟ: ସନ୍ଧ୍ୟା ୬ଟା।
- ବାସନ୍ତୀ ପାଠାଗାରରେ ସାହିତ୍ୟ ସଭା, ସ୍ଥାନ: ବାସନ୍ତୀ କଲୋନୀ, ସମୟ: ସନ୍ଧ୍ୟା ୬ଟା ୩୦।

## ସୁନ୍ଦରଗଡ଼

- ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୮ତମ ଜନ୍ମ ମହୋତ୍ସବ ଓ ଜିଲାସ୍ତରୀୟ ସତ୍‌ସଙ୍ଗ ମହୋତ୍ସବ, ସ୍ଥାନ: ସୁନ୍ଦରଗଡ ସରକାରୀ କଲେଜ ସମ୍ମୁଖ ପଡିଆ, ସମୟ: ସକାଳ ୭ଟା ୩୦।
- ଶାନ୍ତି ଶୋଭାଯାତ୍ରା, ସ୍ଥାନ: ରିଜେଣ୍ଟ ମାର୍କେଟ, ସୁନ୍ଦରଗଡ, ସମୟ: ସକାଳ ୮ଟା।
- ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସୁନ୍ଦରଗଡ ସରକାରୀ କଲେଜ ସମ୍ମୁଖ ପଡିଆ, ସମୟ: ସକାଳ ୯ଟା।
- ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ତରଫରୁ ବିଶ୍ୱ ଶାନ୍ତି ଦିବସ, ସ୍ଥାନ: ବ୍ରହ୍ମ କୁମାରୀ ପ୍ରଭୁ ଉପହାର ଭବନ, ଏକତା ନଗର, ସୁନ୍ଦରଗଡ, ସମୟ: ପୂର୍ବାହ୍ନ ୧୧ଟା।
- ଦୀପିକା ଇରାଜୀ ମାଧ୍ୟମ ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ମାଡ୍ରିକାଲୋ ଭବନ (ସିଭିକ୍ ସେଣ୍ଟର), ସମୟ: ଅପରାହ୍ନ ୫ଟା।

## ବରଗଡ଼

- କଳା ନିକେତନର ବାର୍ଷିକ ଉତ୍ସବ,ସ୍ଥାନ:ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼,ସମୟ:ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ପିଏମଶ୍ରୀ ଉତ୍ସବ, ସ୍ଥାନ: ରାଣାପ୍ରତାପ ହାଇସ୍କୁଲ ପଡ଼ିଆ, ବରଗଡ଼, ସମୟ:ପୂର୍ବାହ୍ନ ୧୦ଟା।
- ବିରାଟ ରାମଲୀଳା ମହୋତ୍ସବ, ସ୍ଥାନ:ଭେଡେନ, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ସନ୍ଧ୍ୟା ୭ଟା।

## ବୌଦ୍ଧ

- ନବମ ଗଡଜାତ ଲୋକ ମହୋତ୍ସବ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ସାଧୁଚରଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖେଳପଡିଆ ବୀରନରସିଂହପୁର, ହରଭଙ୍ଗା ବ୍ଲକ ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼

- ଉତ୍ସବ ପ୍ରଧାନପାଟ ୨୦୨୬ ସାଂସ୍କୃତିକ ଶୋଭାଯାତ୍ରା,ସ୍ଥାନ: ମା' କନକ ଦୁର୍ଗାମନ୍ଦିରରୁ ପ୍ରଧାନପାଟ ରୋଡ ବଡ ବଗିଚା,ସମୟ : ଅପରାହ୍ନ ୨।
- ଉତ୍ସବ ପ୍ରଧାନପାଟ ୨୦୨୬ ଉଦ୍‌ଘାଟନ, ସ୍ଥାନ:ପ୍ରଧାନପାଟ ରୋଡ ବଡ ବଗିଚା, ସମୟ : ସନ୍ଧ୍ୟା ୫ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ଦେବଗଡ, ମଠସାହି ମା' କନକଦୁର୍ଗା ମନ୍ଦିର,ସମୟ: ୬ଟା୩୦।

## ସୁବର୍ଣ୍ଣପୁର

- ବୀରମହାରାଜପୁର ବରିଷ୍ଠ ନାଗରିକ ସଙ୍ଗଠନର ବାର୍ଷିକ ଉତ୍ସବ, ସ୍ଥାନ : ବରିଷ୍ଠ ନାଗରିକ ସଙ୍ଗଠନ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ।
- ତରଭା ସହର ଅନ୍ତର୍ଗତ ତ୍ରିନାଥ ମନ୍ଦିରରେ ତ୍ରିନାଥ ମେଳା ଓ ତ୍ରିନାଥ ପୁରାଣ ପଠନ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ତରଭା ବ୍ଲକ ତ୍ରିବେଣୀ ଛକରେ ମକର ମେଳାର ପଞ୍ଚମ ସନ୍ଧ୍ୟାରେ କଂସ ଦରବାର, ସ୍ଥାନ: ରୁଗୁଡିପାଲି ତ୍ରିବେଣୀ ଛକ ପଡିଆ, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା

- ପଶ୍ଚିମାଞ୍ଚଳ ଜ୍ୟୋତିଷ ଓ କର୍ମକାଣ୍ଡ ପଣ୍ଡିତ ମହାସଭା, ସ୍ଥାନ: ଖଡିଆଳ ବ୍ଲକ ଚଚରାଭଟା ବନଲକ୍ଷ୍ମୀ ଭବନ ମାଣ୍ଡୋସିଲ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ କୃଷି ମହୋତ୍ସବ ଓ କୃଷି ଯନ୍ତ୍ରପାତି ମେଳା ତୃତୀୟ ଦିବସ, ସ୍ଥାନ: ପୋଲିସ ପଡିଆ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ୧୯ତମ ରୟାଲ କପ କ୍ରିକେଟ ଚାମ୍ପିୟନଶିପ ଫାଇନାଲ ଖେଳ, ସ୍ଥାନ: କୋମନା ବ୍ଲକ ମାନିଗୁଡା ପଞ୍ଚାୟତ ଗନିଆରି ଗାଁ ଖେଳପଡିଆ, ସମୟ: ମଧ୍ୟାହ୍ନ ୧୨ଟା।

## ଝାରସୁଗୁଡ଼ା

- କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ:କିର୍ମିରା ଖେଳ ପଡ଼ିଆ, ସମୟ:ପୂର୍ବାହ୍ନ ୧୧ଟା।
- ଉଦୟଲକ୍ଷ୍ମୀ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ:କୋଲାବିରା ମିନି ଷ୍ଟାଡିୟମ, ସମୟ:ଅପରାହ୍ନ ୨ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କର୍ମକ୍ଷେତ୍ରରେ ଚତୁଃଗ୍ରହ ଯୋଗଜନିତ ଉଚ୍ଚ ସମ୍ମାନ ସହ ପାରିବାରିକ ସୁଖସ୍ୱାଚ୍ଛନ୍ଦ୍ୟ ପ୍ରାପ୍ତ ହେବ। ମୁଣ୍ଡ ଉପରେ ବୋଝ ଭଳି ରହିଥିବା ସମସ୍ୟା ସମାଧାନ ହୋଇଯିବାରୁ ମନ ହାଲୁକା ହୋଇଯିବ। ପାରିବାରିକ ମତାନ୍ତରଜନିତ ସୁସମ୍ପର୍କ ବ୍ୟାହତ ହେବ। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ପରିବହନ ପାଇଁ ଦିନଟି ମଧ୍ୟମ ପ୍ରକାରର ରହିବ।

**ବୃଷ** କର୍ମାଧିପ ବୃହସ୍ପତିଙ୍କ ଯୋଗୁ କାମ ହାସଲ ସକାଶେ ସହଯୋଗର ଅଭାବ ରହିବ ନାହିଁ। ଆନୁଷ୍ଠାନିକ କାମ, ବନ୍ଧୁମିଳନ ସାଙ୍ଗକୁ ବାଣିଜ୍ୟରେ ଅସୁବିଧା ହେବ ନାହିଁ। ଚତୁର୍ଥସ୍ଥ କେତୁଙ୍କ ଯୋଗୁ ଅସାବଧାନତା ହେତୁ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଆଶଙ୍କା ରହିଛି। ସନ୍ତାନଙ୍କ ବୈବାହିକ କାର୍ଯ୍ୟ ସକାଶେ ସ୍ତ୍ରୀଙ୍କ ସହ ବିଚାରବିମର୍ଶ କରିପାରନ୍ତି।

**ମିଥୁନ** ଶନିକ୍ଷେତ୍ରସ୍ଥ ରାଶ୍ୟାଧିପ ହେତୁ ସ୍ୱାସ୍ଥ୍ୟ ଓ ପରିବାର ପ୍ରତି ସମସ୍ୟାଜନିତ ମନସ୍ତାପ କରିପାରନ୍ତି। ତରବରିଆ ପଦକ୍ଷେପ ନେଲେ ସମସ୍ୟା ବଢ଼ିଯିବ। ମାଲିମକଦ୍ଦମା, ବିବାଦୀୟ ପରିସ୍ଥିତି ଓ ଉପରିସ୍ଥଙ୍କ ସହ ମତାନ୍ତରଜନିତ ଟେନ୍‌ସନ ଲାଗିରହିବ। ଋଣ ପରିଶୋଧ ସକାଶେ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବାକୁ ମନସ୍ଥ କରିପାରନ୍ତି।

**କର୍କଟ** ରାଶ୍ୟାଧିପତି ଶନିଙ୍କ ଦୃଷ୍ଟିରେ ଷଷ୍ଠଭାବସ୍ଥ ଯୋଗୁ ମାଙ୍ଗଳିକ କାର୍ଯ୍ୟ ସକାଶେ ଲୋନ୍ କରିପାରନ୍ତି। ଉଚ୍ଚସ୍ଥ କର୍ମାଧିପଙ୍କ ଯୋଗୁ ପ୍ରତ୍ୟେକ କାର୍ଯ୍ୟ ସମ୍ପନ୍ନ କରିପାରିବେ। ଆତ୍ମୀୟମାନେ ଶତ୍ରୁତା କଲେ ମଧ୍ୟ କୌଣସି ଅସୁବିଧା ହେବନି। ଦୂରଯାତ୍ରା, ବନ୍ଧୁମିଳନ, ଆନୁଷ୍ଠାନିକ କାମ ଓ ମନୋରଞ୍ଜନ କାର୍ଯ୍ୟକ୍ରମରୁ ପ୍ରଶଂସିତ ହେବେ।

**ସିଂହ** ଲାଭ ଭାବସ୍ଥ ବୃହସ୍ପତି ପାପଗ୍ରହ ରାହୁଙ୍କ ଦୃଷ୍ଟିରେ ରହିଥିବାରୁ ଯୋଜନା ଭଣ୍ଡୁର ହୋଇଯିବ। ସ୍ୱାସ୍ଥ୍ୟ ଓ ପରିବାର ପ୍ରତି ସମତାଳ ଦେଇ କାମ କରିବା କାଠିକର ପାଠ ହେବ। ପଦସ୍ଥ ବ୍ୟକ୍ତିଙ୍କ ସହାୟତାରେ ପ୍ରୋତ୍ସାହନ ଲାଭ କରିବେ। ବନ୍ଧୁଙ୍କ ପରାମର୍ଶରେ ବହୁମୁଖୀ ବ୍ୟବସାୟାରମ୍ଭ କରିବା ସକାଶେ ଆଲୋଚନା କରିପାରନ୍ତି।

**କନ୍ୟା** ଏକାଦଶାଧିପ ଚତୁର୍ଥକେନ୍ଦ୍ରସ୍ଥ ଯୋଗୁ ଯାହା ପାଇବାକୁ ଇଚ୍ଛୁକ, ତାହା ଅଚିରେ ପୂରଣ ହେବ। କର୍ମକ୍ଷେତ୍ରରେ ମନ ମୁତାବକ କାମ ନ ହେବାରୁ ଉପରିସ୍ଥ ଅଧିକାରୀ କ୍ଷୁବ୍ଧ ହେବେ। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ବନ୍ଧୁଙ୍କ ନିକଟରୁ ଅଥବା ସରକାରୀ କ୍ଷେତ୍ରରୁ ଲାଭର ଆଶା ନେଇ କଳ୍ପନାପ୍ରବଣ ହୋଇପାରନ୍ତି।

**ତୁଳା** ତୃତୀୟ ଷଷ୍ଠାଧିପ ରାଶିକୁ ଦେଖୁଥିବାରୁ ପାରିବାରିକ ବିଷୟକୁ କେନ୍ଦ୍ରକରି ଭ୍ରାତୃ ବିବାଦର ଆଶଙ୍କା ରହିଛି। ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ମଜ୍ଜି ରହିବେ। ଆତ୍ମୀୟଙ୍କ ପ୍ରେରଣାରେ ଗୃହ, ଯାନବାହନାଦି ଲାଭର ସୁଯୋଗ ପାଇବେ। ପରୋକ୍ଷ ଶତ୍ରୁତାରୁ କର୍ମକ୍ଷେତ୍ରରେ ବିବାଦ ଘେରରେ ପଡ଼ିପାରନ୍ତି।

**ବିଛା** ମୁଖ୍ୟଭାବରେ ଭାଗ୍ୟାଧିପ ଚନ୍ଦ୍ର ଅବସ୍ଥାନ କରିଥିବାରୁ ଆପଣଙ୍କ କାର୍ଯ୍ୟସିଦ୍ଧି ଅବଶ୍ୟମ୍ଭାବୀ। ବନ୍ଧୁଙ୍କ ଉପରେ ଅଭିମାନ କରି ଚୁପ୍ ରହିଲେ ସୁଯୋଗ ହରାଇ ପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା ସମାଧାନ ହେବାରୁ ଆଶ୍ୱସ୍ତି ଲଭିବେ। ସାହିତ୍ୟ, କ୍ରୀଡ଼ା, ଅଧ୍ୟୟନ ଓ ଅଧ୍ୟାପନାରେ ସମୟ କଟିବ। ପ୍ରତିଦ୍ୱନ୍ଦ୍ୱିତା ଶିଳ୍ପ ଓ ବାଣିଜ୍ୟରେ ଉନ୍ନତିର ପଥରୋଧ ଘଟିପାରେ।

**ଧନୁ** ଧନ ସ୍ଥାନରେ ଏକାଧିକ ଗ୍ରହ ଅପ୍ରିୟ କଠୋର ବାକ୍ୟ ବିନ୍ୟାସରେ ଅର୍ଥନୈତିକ କାରବାରରେ ସମସ୍ୟା ସୃଷ୍ଟି କରିବେ। ଗୁରୁଙ୍କ ଶୁଭଦୃଷ୍ଟି ପ୍ରଭାବରେ ନୂତନ ଗୃହ, ଯାନବାହନାଦି କ୍ରୟ କରିବା ସକାଶେ ଯୋଜନା କରିପାରନ୍ତି। ଶିଳ୍ପ, ବାଣିଜ୍ୟରେ ଲାଭାଂଶ ବଢ଼ିପାରେ ; ମାତ୍ର ପୂର୍ଣ୍ଣତଃ ସନ୍ତୁଷ୍ଟ ହୋଇପାରିବେ ନାହିଁ।

**ମକର** ଆପଣଙ୍କ ରାଶିରେ ରାଜଯୋଗ ସୃଷ୍ଟି ହୋଇଥିବାରୁ କର୍ମକ୍ଷେତ୍ରରେ ଉଚ୍ଚ ପଦବୀ ସହ ସାମାଜିକ ସମ୍ମାନ ପାଇବେ। କିନ୍ତୁ ସ୍ୱାସ୍ଥ୍ୟ ସମସ୍ୟା, କର୍ମଜଞ୍ଜାଳ ଏବଂ ବହୁମୁଖୀ ଚିନ୍ତାଧାରାଜନିତ ଅସ୍ଥିରତା ଅନୁଭବ କରିପାରନ୍ତି। ପୂଜା ସାମଗ୍ରୀ, ଷ୍ଟେସନାରି ଜିନିଷ ତଥା ହୋଟେଲ, ରେଷ୍ଟୁରାଣ୍ଟ ବ୍ୟବସାୟରୁ ଲାଭବାନ୍ ହେବେ।

**କୁମ୍ଭ** ରାଶିସ୍ଥ ରାହୁ ଏବଂ କୋଣଭାବସ୍ଥ ବୃହସ୍ପତିଙ୍କ ପ୍ରଭାବରେ ଆଜି ଯେଉଁ କାମରେ ହାତଦେବେ, ଅବଶ୍ୟ ସଫଳତା ପାଇପାରିବେ। ପୂର୍ବ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ। ଆନୁଷ୍ଠାନିକ କାର୍ଯ୍ୟ, ବ୍ୟବସାୟିକ ସଫଳତା, ବିବାଦରେ ବିଜୟ ଏବଂ ପାରିବାରିକ ସୌହାର୍ଦ୍ଦ୍ୟରୁ ଖୁସି ରହିବେ।

**ମୀନ** ଆଜିର ଅନୁକୂଳ ଗ୍ରହ ପ୍ରଭାବ ଏକାଧାରରେ କାର୍ଯ୍ୟସିଦ୍ଧି, ବୈଷୟିକ ଅଭିବୃଦ୍ଧି ସହ ସାମାଜିକ ସମ୍ମାନ ପ୍ରଦାନ କରିବ। ପାରିବାରିକ ସୁଖ ସ୍ୱାଚ୍ଛନ୍ଦ୍ୟରେ ଅଭିଭୂତ ହୋଇପାରନ୍ତି। ଦୂରଯାତ୍ରା, ବାଣିଜ୍ୟ, ବିବାଦୀୟ କ୍ଷେତ୍ରରୁ ଦୂରେଇ ରହିବା ଭଲ। ନିଜ ପରିସରର ବ୍ୟକ୍ତିବିଶେଷ ପରୋକ୍ଷ ଶତ୍ରୁତା କରିପାରନ୍ତି।

ଆଜି ଜାନୁଆରୀ ୧୮ ତାରିଖ, ମାଘ ମାସର ତ୍ରିବେଣୀ ଅମାବାସ୍ୟା ରବିବାର, ବିରଜାଦେବୀଙ୍କ ଜନ୍ମୋତ୍ସବ, କରମଳା ପୀଠରେ ଭକ୍ତ ସମ୍ମିଳନୀ, ଠାକୁର ଶ୍ରୀ ଅଭିରାମ ପରମହଂସଙ୍କ ଜୟନ୍ତୀ, ଅମାବାସ୍ୟାର ନିଶାପାଳନ। ରାଶିନକ୍ଷତ୍ର- ଦିବା ଘ.୧୦।୧୩ମି. ଗତେ, ଉତ୍ତରାଷାଢ଼ା/ଧନୁ, ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬।୨୭ ଗତେ ଘ.୧୦।୦୭ ମଧ୍ୟେ, ଘ.୦୧।୧୯ ଗତେ ଘ.୦୧।୪୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୦୩ ଗତେ ଘ.୦୫।୨୬ ମଧ୍ୟେ ରାହୁକାଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏ କୋଠା ଲିପିଲି ସେ କୋଠା ଲିପିଲି
ନାଉ ଫୁଲେ ଦେଲି ଝୋଟି,
ଶୋଇଲୁ ଶେଯରେ କଥା ନ କହିଲୁ
ହୃଦୟ ଯାଉଛି ଫାଟି ।**

ଦାମ୍ପତ୍ୟ ଜୀବନରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ କଳହ ବା ମନୋମାଳିନ୍ୟ ଘଟିବା ଏକ ସାଧାରଣ କଥା। ଏପରିସ୍ଥଳେ ଛୋଟ ଛୋଟ କଥାକୁ ନେଇ ଜଣେ ମନ ଉଣା କରି କଥା ନ କହିଲେ ଅନ୍ୟ ଜଣଙ୍କ ମନରେ ଗଭୀର ଆଘାତ ସୃଷ୍ଟିହେବା ସ୍ୱାଭାବିକ। ଦାମ୍ପତ୍ୟ ପ୍ରେମର ଏକ ଅଭିମାନଭରା ଚିତ୍ର ଏଠାରେ ପ୍ରଦାନ କରାଯାଇଛି।

**ଏକାବନ ପାପ ବି ପାପ
ବାବନ ପାପ ବି ପାପ ।**

ପାପର ପରିମାଣ ସ୍ୱଳ୍ପ ହେଉ କି ଅଧିକ, ତାହା ପାପ ହିଁ ହୋଇଥାଏ। ଅଳ୍ପ ପାପ କଲେ ବି ମଣିଷ ପୁଣ୍ୟବନ୍ତ ବୋଲି ବିବେଚିତ ହୁଏ ନାହିଁ। ବିନ୍ଦୁଏ ପାପ ବି ପାପରେ ଲେଖା ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ସୁପାରି ଦେଇ ...

ହୋଇଥିଲେ,ଏକ ଛକରେ ତାଙ୍କ ସାଙ୍ଗ କ୍ଷେତ୍ର ମୋହନଙ୍କୁ ସେ ଅପେକ୍ଷା କରିଥିଲେ ବୋଲି କହିଥିବା ପୋଲିସକୁ ଜଣାଇଥିଲେ। ଏହାପରେ ପୋଲିସ କଲ୍ ଯାଞ୍ଚ କରିବାରୁ କ୍ଷେତ୍ର ମୋହନ ଅନେକ ଥର ନଟରାଜଙ୍କୁ ଫୋନ କରିଥିବା ଜଣାପଡିଥିଲା। ଏହାପରେ ପୋଲିସ ମୁଣ୍ଡାପଲା ଗାଁର କ୍ଷେତ୍ର ମୋହନଙ୍କୁ ଉଠାଇ ପଚରାଉଚରା କରିଥିଲା। ନଟରାଜଙ୍କ ବଡଭାଇ ନବ କୁମାର କିଭଳି ତାଙ୍କୁ ସୁପାରି ଦେଇ ନଟରାଜଙ୍କୁ ହତ୍ୟା ଯୋଜନା କରିଥିଲେ ପୋଲିସକୁ କହିଥିଲେ। ଏହାପରେ ପୋଲିସ ଅପମୃତ୍ୟୁ ମାମଲା (ନଂ୧/୨୬)କୁ ହତ୍ୟା ମାମଲା (ନଂ୧୪/୨୬)ରେ ରୂପାନ୍ତରିତ କରି ତଦନ୍ତ ଜୋରଦାର କରିଥିଲା।

ଡିସେମ୍ବରରେ ଅଭିଯୁକ୍ତ ନବକୁମାର କ୍ଷେତ୍ର ମୋହନଙ୍କୁ ଭେଟି ହତ୍ୟା ପାଇଁ ସୁପାରି ଦେଇଥିଲେ। ପ୍ରଥମେ ୬୦ ହଜାର ଟଙ୍କା ଦେଇଥିଲେ ଓ ପରେ ୨ ଲକ୍ଷ ଟଙ୍କା ଦେଇଥିଲେ। କ୍ଷେତ୍ର ମୋହନ ସମଲେଶ୍ୱରୀପଡ଼ାର ରାଜା କୁମ୍ଭାରଙ୍କୁ ଯୋଗାଯୋଗ କରି ଅନ୍ୟ ଅଭିଯୁକ୍ତଙ୍କୁ ହତ୍ୟା ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ। ଦେଇଥିବା ୨ ଲକ୍ଷ ଟଙ୍କାରୁ ପ୍ରଥମ ଦଫାରେ ୩୦ ହଜାର ଟଙ୍କା ଲେଖାଏ ଅଭିଯୁକ୍ତଙ୍କୁ ଦିଆଯାଇଥିଲା। ଏହାପରେ ସେମାନେ ଗତ ୨ ତାରିଖ ରାତିରେ ଦୁଇଟି କାରରେ ସମସ୍ତ ୭ ଜଣ ଅଭିଯୁକ୍ତ ତୁଷରା ଧାନଘରା ତେଲନଦୀ ପୋଲ ନିକଟକୁ ଯାଇଥିଲେ। ସେଠାରୁ କ୍ଷେତ୍ର ମୋହନ ଫୋନ୍ କରି ନିଜ ସାଙ୍ଗ ନଟରାଜଙ୍କୁ ଡାକିଥିଲେ। ନଟରାଜ ସାଙ୍ଗ କଥାକୁ ବିଶ୍ୱାସ କରି ଛପନ ପ୍ରହରୀ ଦେଖିବା ପାଇଁ ଘରୁ ମୋଟର ସାଇକଲରେ ତେଲନଦୀ ପୋଲ ନକଟକୁ ଆସି ତାଙ୍କ ଭାବୀ-ସ୍ତ୍ରୀଙ୍କ ସହ କଥା ହୋଇଥିଲେ। ଏହାପରେ ଅଭିଯୁକ୍ତ ମାନେ ଆଜି ତାଙ୍କୁ ପୋଲ ଉପରୁ ଠେଲି ଦେଇ ଫେରାର ହୋଇଯାଇଥିଲେ। ପ୍ରାୟ ୫୦ ମିଟର ଉଚ୍ଚ ପୋଲରୁ ପଡ଼ି ଘଟଣାସ୍ଥଳରେ ହିଁ ନଟରାଜଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ସାଇଣ୍ଟିଫିକ୍ ଏଭିଡେନ୍ସ, ସାଇବର ଫୋରେନ୍‌ସିକ୍ ରିପୋର୍ଟ, ବ୍ୟବଚ୍ଛେଦ ରିପୋର୍ଟ ଏବଂ ସ୍ଥାନୀୟ ତଥା ଗୋଇନ୍ଦା ରିପୋର୍ଟ ଆଧାରରେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ୭ ଏକର ପୈତୃକ ଜମି ପାଇବା, ସାନଭାଇ କରିଥିବା ଗ୍ରୋସରି ଦୋକାନକୁ ବନ୍ଦ କରିଦେବା ଏବଂ ଅସହିଷ୍ଣୁ କାରଣରୁ ନବକୁମାର ସାନଭାଇକୁ ସୁପାରି ଦେଇ ହତ୍ୟା କରିଥିବା ଏସ୍‌ପି ଅବିଳାଷ ସୂଚନା ଦେଇଛନ୍ତି। ଏହି ହତ୍ୟାକାଣ୍ଡ ପର୍ଦ୍ଦାଫାଶରେ ସଦର ଏସଡିପିଓ ସରୋଜ କୁମାର ଉପାଧ୍ୟାୟ, ତୁଷରା ଥାନାଧିକାରୀ ମନୋଜ କୁମାର ପଧାନ ଓ ତାଙ୍କ ଟିମ୍‌କୁ ଏସ୍‌ପି ପ୍ରଶଂସା କରିଛନ୍ତି।



ତୁଷରା ଥାନାରେ ଗିରଫ ୮ ଅଭିଯୁକ୍ତ ।

## ରାଜ୍ୟକୁ ଆସିବ ୧ ଲକ୍ଷ ...

ଔଦ୍ୟୋଗିକ ବିକାଶର ସହ-ଆଙ୍କର ଭାବେ କାମ କରିବ। ଏହି ବିକାଶ ପ୍ରତିଯୋଗିତାମୂଳକ ନୁହେଁ ବରଂ ସହଯୋଗମୂଳକ ହେବ, ଯେଉଁଠାରେ ରାଜ୍ୟଗୁଡ଼ିକ ପରସ୍ପରର ଶକ୍ତିକୁ ପରିପୂରକ କରି ଏକ ଶକ୍ତିଶାଳୀ ପୂର୍ବ ଔଦ୍ୟୋଗିକ କରିଡର୍ ଗଢ଼ିବେ। ଓଡ଼ିଶା ଆର୍ଥିକ ଦୃଷ୍ଟିରୁ ସମୃଦ୍ଧ ଓ ସୁରକ୍ଷିତ ରହିଛି ଏବଂ ସମ୍ବଳ ଆଧାରିତ ଅର୍ଥନୀତିରୁ ମୂଲ୍ୟ ସଂଯୋଜନ ଓ ଉନ୍ନତ ଉତ୍ପାଦନ କ୍ଷେତ୍ରକୁ ଦ୍ରୁତ ଗତିରେ ରୂପାନ୍ତରିତ ହେଉଛି। ପାରାଦୀପ, ଧାମରା ଓ ଗୋପାଳପୁର ବନ୍ଦର ପୋର୍ଟ-ଲେଡ୍ ଔଦ୍ୟୋଗିକୀକରଣର ମୁଖ୍ୟ ସହାୟକ ଭାବେ ପୂର୍ବ ଓ ମଧ୍ୟ ଭାରତକୁ ସେବା ଯୋଗାଇ ଦେଉଛନ୍ତି। ସମୃଦ୍ଧ ଓଡ଼ିଶା ୨୦୩୬ ଦୃଷ୍ଟିକୋଣ ଉପସ୍ଥାପନ କରି ନବୀକରଣଯୋଗ୍ୟ ଶକ୍ତି ଉପକରଣ, ଟେକ୍ସଟାଇଲ, ଫାର୍ମାସ୍ୟୁଟିକାଲ୍ସ, ଇଲେକ୍ଟ୍ରୋନିକ୍ସ, ଆଇଟି, ଡାଟା ସେଣ୍ଟର ଓ ଉନ୍ନତ ଉତ୍ପାଦନ କ୍ଷେତ୍ରରେ ବିପୁଳ ସୁଯୋଗ ସମ୍ପର୍କରେ ମୁଖ୍ୟ ମନ୍ତ୍ରୀ କହିଛନ୍ତି। ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକର ଉଦ୍ୟୋଗପତିମାନଙ୍କୁ ଓଡ଼ିଶା ସହ ବିସ୍ତାର ଓ ବିବିଧିକରଣ କରିବାକୁ ଆମନ୍ତ୍ରଣ ଜଣାଇଛନ୍ତି।

ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି, ଓଡ଼ିଶା ପୂର୍ବୋଦୟରେ ପୂର୍ବ ଭାରତର ପ୍ରାକୃତିକ ବିସ୍ତାର ହବ୍‌ର ଭୂମିକା ନେବ। ଶକ୍ତିଶାଳୀ ଅବସଂରଚନା, ବନ୍ଦର-ଆଧାରିତ ଲଜିଷ୍ଟିକ୍ସ, ସ୍ଥିର ନୀତି, ଦ୍ରୁତ ପ୍ରକଳ୍ପ କାର୍ଯ୍ୟକାରୀ ଓ ଦକ୍ଷ ମାନବ ସମ୍ବଳ ବିକାଶ ମାଧ୍ୟମରେ ୨୦୩୬ରେ ସମୃଦ୍ଧ ଓଡ଼ିଶା ଏବଂ ୨୦୪୭ରେ ବିକଶିତ ଭାରତ ଲକ୍ଷ୍ୟ ପୂରଣ ଦିଗରେ ଅଗ୍ରସର ହେବ। ରୋଡ୍ ଶୋ'ର ଏହି ସଫଳତା ପରେ ରାଜ୍ୟ ସରକାର ଜାନୁଆରୀ ୨୭ ଓ ୨୮ ରାଉରକେଲାରେ ହେବାକୁ ଥିବା 'ଏଣ୍ଟରପ୍ରାଇଜ୍ ଓଡ଼ିଶା' ଇଭେଣ୍ଟ ପାଇଁ ପ୍ରସ୍ତୁତି କରୁଛନ୍ତି। ଏହି ଇଭେଣ୍ଟ ଓଡ଼ିଶାର ଔଦ୍ୟୋଗିକ କ୍ଷମତା, ଏମ୍‌ଏସ୍‌ଏମ୍‌ଇ ଶକ୍ତି, ଷ୍ଟାର୍ଟଅପ୍ ଇକୋସିଷ୍ଟମ ଓ ନିବେଶ ପ୍ରସ୍ତୁତ ଅବସଂରଚନାକୁ ପ୍ରଦର୍ଶନ କରିବ ବୋଲି ଆଶା କରାଯାଉଛି।

## ୩୧ରେ ଛତିଶଗଡ଼ ...

ରଖିବେ। ମିଳିଥିବା ସୂଚନା ମୁତାବକ, ୨୦୧୮ ମାର୍ଚ୍ଚ ୧୨ରେ ମହାନଦୀକୁ ନେଇ ଗଠନ ହୋଇଥିବା ଟ୍ରିବ୍ୟୁନାଲର ଆସନ୍ତା ମାର୍ଚ୍ଚ ୧୩ରେ ଅବଧି ଶେଷ ହେବ ବୋଲି ଜଣାପଡ଼ିଛି। ଅନ୍ୟପଟେ ଟ୍ରିବ୍ୟୁନାଲ ଅବଧି ବୃଦ୍ଧିକରିବା ଲାଗି କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଥିବା କୁହାଯାଇଛି। ଏନେଇ ସିଂଦେଓଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସମେତ ବିଜେଡି ବିଧାୟକ ନିରଞ୍ଜନ ପୂଜାରୀ, କଂଗ୍ରେସ ବିଧାୟିକା ସୋଫିଆ ଫିର୍‌ଦୋସ୍ ଏବଂ ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ସାମିଲ ହୋଇଛନ୍ତି। ସୂଚନାଯୋଗ୍ୟ, ମହାନଦୀ ଜଳ ବିବାଦକୁ ନେଇ ଓଡ଼ିଶା ଏବଂ ଛତିଶଗଡ଼ ମଧ୍ୟରେ ଦୀର୍ଘଦିନ ହେବ ଟଣାଓଟରା ଚାଲିଛି। ରାଜ୍ୟରେ ଭାଜପା ସରକାର ଶାସନକୁ ଆସିବା ପରେ ମହାନଦୀ ଜଳ ବିବାଦର ସମାଧାନ ବୁଝାମଣା ଭିତ୍ତିରେ କରାଯିବା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଥିଲେ। ଉଭୟ ରାଜ୍ୟର ସରକାରଙ୍କ ପକ୍ଷରୁ ମଧ୍ୟ ଏନେଇ ଟ୍ରିବ୍ୟୁନାଲଙ୍କ ନିକଟରେ ପକ୍ଷ ରଖି ବୁଝାମଣା ଭିତ୍ତିରେ ସମାଧାନ କରିବା ଲାଗି ପ୍ରସ୍ତାବ ଦେଇଛନ୍ତି। ଫଳରେ ଟ୍ରିବ୍ୟୁନାଲ ଏକ ନିର୍ଦ୍ଦିଷ୍ଟ ସମୟସୀମା ଦେଇ କ'ଣ ଉଭୟ ରାଜ୍ୟ ଭିତରେ ଆଲୋଚନା ହେଲା ତାହା ପରବର୍ତ୍ତୀ ଶୁଣାଣି ସମୟରେ ଜଣାଇବାକୁ ନିର୍ଦ୍ଦେଶ ଦେଇଥିଲେ। ସେହି କ୍ରମରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କିଛିଦିନ ତଳେ ମହାନଦୀ ଜଳ ବିବାଦ ନେଇ କେଉଁ ସ୍ତରରେ କିପରି ଆଲୋଚନା ହେବ ତା'ର ଏକ ସୂଚନା ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ମହାନଦୀ ଜଳ ବିବାଦର ସମାଧାନ ରାସ୍ତା କାଢ଼ିବାକୁ ଉପମୁଖ୍ୟମନ୍ତ୍ରୀ ସିଂଦେଓଙ୍କ ନେତୃତ୍ୱରେ ଏକ ସର୍ବଦଳୀୟ କମିଟି ମଧ୍ୟ ଗଠନ କରାଯାଇଛି। ଏହି କମିଟି ପକ୍ଷରୁ ଦୁଇଟି ବୈଠକ ମଧ୍ୟ ଏହାରି ଭିତରେ ଅନୁଷ୍ଠିତ ହୋଇସାରିଛି।

सत्यमेव जयते
Government of India

# ବିକଶିତ ବଙ୍ଗ
# ବିକଶିତ ଭାରତ



"ବଙ୍ଗ ପ୍ରଦେଶର ବିକାଶ ଭାରତର ଭବିଷ୍ୟତର ମୂଳଦୁଆ ଅଟେ ଏବଂ ଆଜିର ଶୁଭାରମ୍ଭ ସେହି ମୂଳଦୁଆକୁ ସୁଦୃଢ଼ କରିବ"

ଶ୍ରୀ ନରେନ୍ଦ୍ର ମୋଦୀ, ମାନ୍ୟବର ପ୍ରଧାନମନ୍ତ୍ରୀ







## ପଶ୍ଚିମବଙ୍ଗରେ ବନ୍ଦର, ଜାହାଜ ଚଳାଚଳ, ଅନ୍ତର୍ଦ୍ଦେଶୀୟ ଜଳମାର୍ଗ ଏବଂ ରେଳ କ୍ଷେତ୍ରରେ ₹୮୩୦ କୋଟିରୁ ଅଧିକ ମୂଲ୍ୟର ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ଏକ ରୂପାନ୍ତରଣକାରୀ ଉପହାର

### ଭିତ୍ତିପ୍ରସ୍ତର ସ୍ଥାପନ

**ବଲାଗଡ଼ଠାରେ ଆଇଡବ୍ଲ୍ୟୁଟି ଟର୍ମିନାଲ ଏବଂ ରୋଡ୍ ଓଭରବ୍ରିଜ୍ ସମେତ ସମ୍ପ୍ରସାରିତ ପୋର୍ଟ ଗେଟ୍ ପ୍ରଣାଳୀ**

- ଶ୍ୟାମା ପ୍ରସାଦ ମୁଖାର୍ଜୀ ବନ୍ଦର ପ୍ରାଧିକରଣ, କୋଲକାତାର କ୍ଷମତା ବିସ୍ତାରଣ
- କୋଲକାତାର ଟ୍ରାଫିକ୍ ଗହଳିକୁ ହ୍ରାସ କରିବ
- କଣ୍ଟେନରାଇଜ୍‌ଡ କୋଇଲା ଏବଂ ସାଧାରଣ କାର୍ଗୋର ବୃଦ୍ଧିଶୀଳ ପରିମାଣକୁ ଅବାଧରେ ସମ୍ଭାଳିହେବ
- ଲଜିଷ୍ଟିକ୍ସ ବ୍ୟୟ ହ୍ରାସିତ ହେବ ଏବଂ କର୍ମନିଯୁକ୍ତିକୁ ପ୍ରୋତ୍ସାହନ ମିଳିବ

### ଉଦ୍‌ଘାଟନ

**ଜୟରାମବତୀ ଏବଂ ମଇନାପୁର ମଧ୍ୟରେ ନୂଆ ରେଳ ଲାଇନ୍**

- ବାଙ୍କୁରା ଜିଲ୍ଲା ଏବଂ ପାର୍ଶ୍ୱବର୍ତ୍ତୀ ଗ୍ରାମାଞ୍ଚଳ ପାଇଁ ଦ୍ରୁତ ଏବଂ ସୁବିଧାଜନକ ରେଳ ସଂଯୋଗ
- ଜୟରାମବତୀ ଏବଂ କମରପୁକୁର ଭଳି ପ୍ରମୁଖ ତୀର୍ଥ କେନ୍ଦ୍ର ପାଇଁ ଉନ୍ନତ ସୁଗମ୍ୟତା
- ଶିକ୍ଷା, ସ୍ୱାସ୍ଥ୍ୟଯତ୍ନ ଏବଂ ଅତ୍ୟାବଶ୍ୟକ ସେବାଗୁଡ଼ିକ ପ୍ରତି ଉନ୍ନତ ପହଞ୍ଚ
- ଆଞ୍ଚଳିକ ବାଣିଜ୍ୟ, ପର୍ଯ୍ୟଟନ ଏବଂ ଜୀବିକା ପାଇଁ ନୂଆ ସୁଯୋଗ

### ଶୁଭାରମ୍ଭ

**କୋଲକାତାଠାରେ ବୈଦ୍ୟୁତିକ ଯୋଡ଼ିନୌକା**

- ୫୦ ଯାତ୍ରୀଙ୍କ ପାଇଁ ଶୀତ ତାପ ନିୟନ୍ତ୍ରିତ କ୍ୟାବିନ୍ ସହିତ ଶକ୍ତିଦକ୍ଷ ଜଳଯାନ
- ଯାତ୍ରା ସମୟ ଓ ସଡ଼କ ପରିବହନ ଉପରେ ଭାର ଅପେକ୍ଷାକୃତ ହ୍ରାସିତ ହେବ
- ବର୍ଦ୍ଧିତ ଆରାମ ଓ ସୁବିଧା ପାଇଁ ଅତ୍ୟାଧୁନିକ ସୁବିଧାଗୁଡ଼ିକରେ ସୁସଜ୍ଜିତ
- ପର୍ଯ୍ୟଟନ ଏବଂ ଆଞ୍ଚଳିକ ଅର୍ଥନୀତିକୁ ପ୍ରୋତ୍ସାହନ ମିଳିବ

### ପତାକା ଦେଖାଇ ଶୁଭାରମ୍ଭ

**କୋଲକାତା (ସାନ୍ତ୍ରାଗାଛି) - ତାମ୍ବରମ୍ ଅମୃତ ଭାରତ ଏକ୍ସପ୍ରେସ୍ ଟ୍ରେନ୍**
**କୋଲକାତା (ହାଓଡ଼ା) - ଆନନ୍ଦ ବିହାର ଟର୍ମିନାଲ ଅମୃତ ଭାରତ ଏକ୍ସପ୍ରେସ୍ ଟ୍ରେନ୍**
**କୋଲକାତା (ସିଆଲଦା) - ବାରାଣସୀ ଅମୃତ ଭାରତ ଏକ୍ସପ୍ରେସ୍ ଟ୍ରେନ୍**
**ଜୟରାମବତୀ - ମଇନାପୁର ପାସେଞ୍ଜର ଟ୍ରେନ୍**

- ଦୂରବର୍ତ୍ତୀ ଯାତ୍ରା ପାଇଁ ଭରସାଯୋଗ୍ୟ, ଦକ୍ଷ ଏବଂ ସୁରକ୍ଷିତ ବିକଳ୍ପ
- ବେପାର, ବାଣିଜ୍ୟ ଏବଂ ଯାତ୍ରୀ ଯାତାୟାତକୁ ଉନ୍ନତ କରିବା ପାଇଁ ଉତ୍ତର ଏବଂ ଦକ୍ଷିଣ ଭାରତର ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ରଗୁଡ଼ିକ ସହ ଉତ୍ତମ ସଂଯୋଗୀକରଣ

# ଶ୍ରୀ ନରେନ୍ଦ୍ର ମୋଦୀ
## ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ
## ଦ୍ୱାରା

ଗରିମାମୟ ଉପସ୍ଥିତି

**ଡା. ସି.ଭି. ଆନନ୍ଦ ବୋଷ** – ରାଜ୍ୟପାଳ, ପଶ୍ଚିମବଙ୍ଗ
**ମମତା ବାନାର୍ଜୀ** – ମୁଖ୍ୟମନ୍ତ୍ରୀ, ପଶ୍ଚିମବଙ୍ଗ
**ସର୍ବାନନ୍ଦ ସୋନୋୱାଲ** – କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ
**ଅଶ୍ୱିନୀ ବୈଷ୍ଣବ** – କେନ୍ଦ୍ର ରେଳପଥ; ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ
**ଶାନ୍ତନୁ ଠାକୁର** – କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ରାଷ୍ଟ୍ରମନ୍ତ୍ରୀ
**ଡା. ସୁକାନ୍ତ ମଜୁମଦାର** – କେନ୍ଦ୍ର ଶିକ୍ଷା ଏବଂ ଉତ୍ତର ପୂର୍ବାଞ୍ଚଳ ବିକାଶ ରାଷ୍ଟ୍ରମନ୍ତ୍ରୀ
**ଶୁଭେନ୍ଦୁ ଅଧିକାରୀ** – ବିରୋଧୀ ଦଳ ନେତା, ପଶ୍ଚିମବଙ୍ଗ ବିଧାନସଭା
**ରଚନା ବାନାର୍ଜୀ** – ସାଂସଦ
**ସୌମିତ୍ର ଖାନ୍** – ସାଂସଦ
**ସମିକ ଭଟ୍ଟାଚାର୍ଯ୍ୟ** – ସାଂସଦ








DD NEWS Live Telecast on DD News | Sunday, 18th January 2026 | 03:00 PM | Singur, Hooghly, West Bengal

ତୁମେ ଯାହା ଜାଣିଛ– ତାହା ହିଁ ଯେ ଏକମାତ୍ର ସତ୍ୟ– ଏବଂ ତୁମର ବିଶ୍ୱାସ ଯେ ଏକମାତ୍ର ସତ୍ୟ ଏବଂ ଅନ୍ୟମାନଙ୍କ ଜ୍ଞାନ ଓ ବିଶ୍ୱାସ ସତ୍ୟ ନୁହେଁ– ତୁମେ ଯଦି ଏହିପରି ଭାବୁଥାଅ– ତା'ହେଲେ ତୁମେ ଜାଣ ଯେ, ଅତୀତରେ ବିଭିନ୍ନ ଧର୍ମ ଓ ସଂପ୍ରଦାୟର ଲୋକମାନେ ଯାହା କରୁଥିଲେ– ତୁମେ ତାହା ହିଁ କରୁଛ । –ଶ୍ରୀମା



# ବିଫଳତାର ଅନୁଭବ



ଆକାର ପଟେଲ

ମୋ ପିଢ଼ି (ମୋର ବୟସ ଏବେ ୫୬)ର ଲୋକଙ୍କ ମଧ୍ୟରେ ଅଧିକ ଆଶା ରହିଥିଲା ଯେ ଆମ ଜୀବନକାଳରେ ଚାଇନା ସହିତ ଭାରତ ପ୍ରତିଯୋଗିତା କରିବ ଏବଂ ବିଶ୍ୱର ବୃହତ୍ ଶକ୍ତିମାନଙ୍କ ମଧ୍ୟରୁ ଗୋଟିଏ ହେବ । ଏହି ଆତ୍ମବିଶ୍ୱାସ ମଧ୍ୟ ଆମର ଥିଲା । ଏ ବିଷୟକୁ ରାଜନୀତିରେ କୁହାଯାଉଥିଲା ଏବଂ ବିଶ୍ୱର ସାମ୍ବାଦିକମାନେ ମଧ୍ୟ ଏ ସମ୍ପର୍କରେ ଉଲ୍ଲେଖ କରିଥିଲେ । ୧୯୯୦ ଏବଂ ୨୦୦୦ ଦଶକ ମଧ୍ୟରେ, ଦୁଇ ଦଶନ୍ଧି ଧରି, ଏହି ଭାବନା ରହିଥିଲା । ଏହା ସତ ଯେ, ଭାରତର ଅଭିବୃଦ୍ଧି ମନ୍ଥର ଗତିରେ ହେଉଥିଲା ଏବଂ ଏହା ମଧ୍ୟ ସତ ଯେ, ଚାଇନା ପରି ଭାରତ ଶିଳ୍ପାୟନର ବିକାଶ ହେଉ ନ ଥିଲା । କିନ୍ତୁ ଭବିଷ୍ୟତରେ ଏହା ନିଶ୍ଚୟ ଘଟିବ ବୋଲି ଅନୁଭବ କରି ହେଉଥିଲା । ଜଣେ ପ୍ରସିଦ୍ଧ ଲେଖକ ଦୁଇ ରାଷ୍ଟ୍ରର ଭବିଷ୍ୟତକୁ ତୁଳନା କରି କହିଥିଲେ ଯେ ଚାଇନାର ବିକାଶର ରାସ୍ତା ସୁଗମ ଥିଲା, କିନ୍ତୁ ଗଣତନ୍ତ୍ରର ପରିବର୍ତ୍ତନ ଗୋଟିଏ ବିରାଟ ବାଧା ଥିଲା । ଭାରତର ରାସ୍ତା ଉତ୍‌ଥାନ ପତନ ଥିଲା କିନ୍ତୁ ବିକାଶରେ କୌଣସି ବଡ଼ ବାଧା ନ ଥିଲା । ହେଲେ ଏହା ସମସ୍ୟାପୂର୍ଣ୍ଣ ଏବଂ ସମ୍ପୂର୍ଣ୍ଣ ଭୁଲ୍ ବୋଲି ଜଣାପଡ଼ିଲା । ପ୍ରଥମେ ଅନୁଭବ କରାଯାଇଥିଲା ଯେ ସମସ୍ତ ପୂର୍ବାନୁମାନ ବିଫଳ ହୋଇଛି । ଭାରତ ଏକ ଆର୍ଥିକ ଶକ୍ତି କିମ୍ବା ଏକ ବୃହତ୍ ଶକ୍ତି ଭାବରେ ଚାଇନା ସହ ପ୍ରତିଦ୍ୱନ୍ଦ୍ୱିତା କରି ନାହିଁ । ଆମେ ଆମର ନାଗରିକମାନଙ୍କ ସମୃଦ୍ଧି ପାଇଁ ଜାପାନ, କୋରିଆ, ସିଙ୍ଗାପୁର ଏବଂ ଚାଇନା ଭଳି ଅନ୍ୟ ଏସୀୟ ରାଷ୍ଟ୍ରଗୁଡ଼ିକର ପଥ ଅନୁସରଣ ମଧ୍ୟ କରି ନାହୁଁ । ଏପରି କି ବିଶ୍ୱର ମାନକ ଅନୁସାରେ ଥିବା ଅଧିକାଂଶ ଗରିବ ଦେଶଙ୍କ ଭଳି (ଭାରତର ମୁଣ୍ଡପିଛା ଜିଡିପି ବିଶ୍ୱର ହାରାହାରି ଏକ ଚତୁର୍ଥାଂଶ) ରହିଗଲୁ । ମୋ ପିଢ଼ି (ଉଦାରୀକରଣ ପରବର୍ତ୍ତୀ ୩୦ ବର୍ଷରୁ ଅଧିକ ବୟସ୍କ ଜୀବନ ବିତାଇଛନ୍ତି)ଠାରୁ ଏହି ମହତ୍ତ୍ୱାକାଂକ୍ଷାର ଅଧୋଗତି ହେଲା । ରାଜନୀତିରେ ମଧ୍ୟ ମହତ୍ତ୍ୱାକାଂକ୍ଷା ବିଫଳ ହେଲା । ଆମେ ଦେଖିପାରୁଛୁ ଯେ, ଭାରତ ଏବେ ପାକିସ୍ତାନ ଓ ବାଂଲାଦେଶ ସହିତ ପ୍ରତିଯୋଗିତା କରିବା ସ୍ଥିତିରେ ରହିଛି । ବିଶ୍ୱର ଲେଖକମାନେ ମଧ୍ୟ ଅନୁଭବ କଲେ ଯେ ଆମେ ଚାଇନା ସହିତ ତୁଳନୀୟ ନୁହେଁ, ଯେଉଁଥିପାଇଁ ଦି ଇକୋନୋମିଷ୍ଟ ଏବଂ ଦି ୱାଲ ଷ୍ଟ୍ରିଟ ଜର୍ନାଲରେ ଦୁଇ ଦେଶ ସମ୍ପର୍କରେ କଭର ଏବଂ ଫିଚର ଷ୍ଟୋରି ଆଉ ପ୍ରକାଶ ପାଉନାହିଁ ।

ଭାରତକୁ ପର୍ଯ୍ୟବେକ୍ଷଣ କରୁଥିବା ଲୋକଙ୍କ ମନରେ ଦ୍ୱିତୀୟ ଅନୁଭବର ବିଷୟ ଆସିଥିଲା ଗତ ଦଶନ୍ଧିରେ । ଆଶା କରାଯାଇଥିବା ଅର୍ଥନୈତିକ ଚମତ୍କାର ଭାରତ ପ୍ରଦର୍ଶନ କରୁନାହିଁ ବୋଲି ମନେହେଉଥିଲା । ତେବେ ଭାରତ ଗଣତାନ୍ତ୍ରିକ ଏବଂ ଏହି କାରଣ ଯୋଗୁ ଏହା ସ୍ୱତନ୍ତ୍ର ଥିଲା ବୋଲି ଅନୁଭବ ହେଉଥିଲା । ସେ ସମୟରେ ଏହା ମଧ୍ୟ ଅନୁଭବ କରାଯାଇଥିଲା ଯେ ଭାରତ ଗଣତନ୍ତ୍ର ଏବଂ ବ୍ୟକ୍ତିଗତ ସ୍ୱାଧୀନତାରୁ ଦୂରେଇ ଯାଇ ନିର୍ବାଚନ ଉଭୟ ସ୍ୱେଚ୍ଛାଚାରିତା ଏବଂ ଏକଛତ୍ରବାଦ ଆଡ଼କୁ ଗତି କରିଛି । ଚାରି ବର୍ଷ ପୂର୍ବେ, ଏକ ଆମେରିକୀୟ ଥିଙ୍କ–ଟ୍ୟାଙ୍କ ଭାରତକୁ 'ଆଂଶିକ ସ୍ୱାଧୀନ' ଏବଂ କଶ୍ମୀରକୁ ପୃଥକ୍ ଭାବରେ 'ସ୍ୱାଧୀନ ନୁହେଁ' ବୋଲି ବର୍ଗୀକୃତ କରିବା ପରେ ଭାରତ ସରକାର ଏହାକୁ ବିରୋଧ କରିଥିଲେ । ସରକାରଙ୍କ ପ୍ରତିକ୍ରିୟା ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରାଯାଇଥିଲା ଏବଂ ସେଥିରେ କୁହାଯାଇଥିଲା, ''ଭାରତର ସଂଘୀୟ ଢାଞ୍ଚାରେ ଥିବା ଅନେକ ରାଜ୍ୟ ଏକ ସ୍ୱାଧୀନ ନିର୍ବାଚନୀ ସଂସ୍ଥା ଦ୍ୱାରା ପରିଚାଳିତ ମୁକ୍ତ ଏବଂ ନିରପେକ୍ଷ ନିର୍ବାଚନ ପ୍ରକ୍ରିୟା ମାଧ୍ୟମରେ ଜାତୀୟ ସ୍ତରର ଦଳ ବ୍ୟତୀତ ନିର୍ବାଚିତ ଅନ୍ୟ ଦଳଗୁଡ଼ିକ ଦ୍ୱାରା ଶାସିତ ହେଉଛି । ଏହା ଏକ ଶକ୍ତିଶାଳୀ ଗଣତାନ୍ତ୍ରିକ କାର୍ଯ୍ୟକୁ ପ୍ରତିଫଳିତ କରେ, ଯାହା ଭିନ୍ନ ଭିନ୍ନ ମତ ପୋଷଣ କରୁଥିବା ଲୋକଙ୍କୁ ସ୍ଥାନ ଦିଏ ।'' ହେଲେ ଏହା ଅସତ୍ୟ ଥିଲା । ବାସ୍ତବରେ ରିପୋର୍ଟର ଦୁଇଟି ଅଂଶ ଥିଲା । ପ୍ରଥମଟିରେ ରାଜନୈତିକ ଅଧିକାରକୁ ୪୦ ପ୍ରତିଶତ ପ୍ରାଧାନ୍ୟ ଦେଇଥିଲା । ଏଥିରେ ଭାରତର ପ୍ରାପ୍ତାଙ୍କ ଥିଲା ୩୪/୪୦ । ଏଥିରେ ମୁକ୍ତ ଏବଂ ନିରପେକ୍ଷ ନିର୍ବାଚନ, ନିର୍ବାଚନ କମିଶନଙ୍କ ନିରପେକ୍ଷତା, ରାଜନୈତିକ ଗଢ଼ିବାର ସ୍ୱାଧୀନତା ଏବଂ ବିରୋଧୀ ଦଳକୁ ସେମାନଙ୍କର ଶକ୍ତି ବୃଦ୍ଧି କରିବାର ସୁଯୋଗ ପାଇଁ ପୂର୍ଣ୍ଣ ମାର୍କ ସାମିଲ ଥିଲା । ଏହି ଭାଗରେ, ଭୋଟଦାନ ହିଂସା ଦ୍ୱାରା ବାଧିତ ଏବଂ ସାମ୍ପ୍ରଦାୟିକ ଉତ୍ତେଜନା ଦ୍ୱାରା ପ୍ରଭାବିତ କି ନୁହେଁ ସେ ବିଷୟରେ ଭାରତକୁ ପୂର୍ଣ୍ଣ ମାର୍କ ମିଳି ନ ଥିଲା । ପ୍ରକୃତରେ, ସରକାର ସ୍ୱଚ୍ଛତା ଉପରେ ୩/୪ ପାଇଥିଲେ, ଯାହା ହୁଏତ ଅତ୍ୟଧିକ ଥିଲା ।

ରିପୋର୍ଟର ଆଉ ୬୦ ପ୍ରତିଶତରେ ଭାରତର ରେଟିଂ ବା ମୂଲ୍ୟାଙ୍କନରେ ନାଗରିକ ସ୍ୱାଧୀନତା କ୍ଷତିଗ୍ରସ୍ତ ହୋଇଥିବା ଦର୍ଶାଯାଇଥିଲା । ଏଥିରେ ଏହାର ପ୍ରଦର୍ଶନ ଖରାପ (ପ୍ରାପ୍ତାଙ୍କ ୩୩/୬୦) ଥିଲା । ଅଭିବ୍ୟକ୍ତିର ସ୍ୱାଧୀନତା, ଧର୍ମୀୟ ସ୍ୱାଧୀନତା, ଶିକ୍ଷାଗତ ସ୍ୱାଧୀନତା, ସମାବେଶ ସ୍ୱାଧୀନତା, ଏନ୍‌ଜିଓଗୁଡ଼ିକର କାର୍ଯ୍ୟ କରିବାର ସ୍ୱାଧୀନତା (ରିପୋର୍ଟରେ ମୋ ସଂଗଠନ ଆମ୍‌ନେଷ୍ଟି ଇଣ୍ଟରନ୍ୟାଶନାଲ ଇଣ୍ଡିଆ ଉପରେ ସରକାରଙ୍କ ଆକ୍ରମଣକୁ ବିଶେଷ ଭାବରେ ଉଲ୍ଲେଖ କରାଯାଇଥିଲା), ଆଇନର ଶାସନ, ନ୍ୟାୟପାଳିକାର ସ୍ୱାଧୀନତା ଏବଂ ପୋଲିସର ଉଚିତ ପ୍ରକ୍ରିୟା ଆଦି ପ୍ରସଙ୍ଗରେ ଭାରତର ମୂଲ୍ୟାଙ୍କନ ଖରାପ ଥିଲା । ହେଲେ ପ୍ରାପ୍ତାଙ୍କଗୁଡ଼ିକ କେବଳ ବାସ୍ତବତାକୁ ପ୍ରତିଫଳିତ କରିଥିଲା । ଦି ଇକୋନୋମିଷ୍ଟ ଇଣ୍ଟେଲିଜେନ୍ସ ୟୁନିଟ ଦ୍ୱାରା ପ୍ରସ୍ତୁତ ଅନ୍ୟ ଏକ ରିପୋର୍ଟରେ ଭାରତକୁ 'ତ୍ରୁଟିପୂର୍ଣ୍ଣ ଗଣତନ୍ତ୍ର' ଭାବରେ ଦର୍ଶାଯାଇ କମ୍ ଗ୍ରେଡ୍‌ରେ ରଖାଯାଇଥିଲା । ରିପୋର୍ଟରେ ସ୍ପଷ୍ଟ ଭାବରେ ଏହାର ପ୍ରାଥମିକ କାରଣ ନାଗରିକ ସ୍ୱାଧୀନତାର କ୍ଷୟ ଏବଂ ନାଗରିକତ୍ୱରେ ଧର୍ମର ପ୍ରବେଶ ବୋଲି କୁହାଯାଇଥିଲେ ମଧ୍ୟ ସରକାର ମାନଦଣ୍ଡଗୁଡ଼ିକର ବିବରଣୀ ମାଗିଥିଲେ । ଏହା ମନେରଖିବା ଉଚିତ ଯେ ଏହି ସବୁ ରିପୋର୍ଟ କିଛି ବର୍ଷ ପୂର୍ବର । ଏସବୁ ପରେ ବୁଲଡୋଜର ନ୍ୟାୟର ଯୁଗ ଏବଂ ଭାରତୀୟ ନିର୍ବାଚନ କମିଶନଙ୍କ ଦ୍ୱାରା ବର୍ତ୍ତମାନ ଭୋଟଦାନରୁ ବଞ୍ଚିତ କରିବାର ଧର୍ମଯୁଦ୍ଧ ଆରମ୍ଭ କରାଯାଇଛି । ଆଇନର ଶାସନ ଅଧୀନରେ ଏକ ଗଣତନ୍ତ୍ର ଭାବରେ ଭାରତର ଏବର ମୂଲ୍ୟାଙ୍କନ ସରକାର ଯେଉଁ ମାନକ ଉପରେ ଅଭିଯୋଗ ଉଠାଇଛନ୍ତି ତାହାଠାରୁ ମଧ୍ୟ ଖରାପ ହେବ । ଅନ୍ୟପକ୍ଷରେ ସରକାର ଆଉ କେବେ ଏପରି ରିପୋର୍ଟଗୁଡ଼ିକର ପ୍ରତିବାଦ କରୁନାହିଁ କିମ୍ବା ଏହାର ପ୍ରତିକ୍ରିୟା ମଧ୍ୟ ଦେଉ ନାହାନ୍ତି । ହେଲେ ଏହା ବାହ୍ୟ ଓ ଆଭ୍ୟନ୍ତରୀଣ ସମାଲୋଚନାର ଶିକାର ହୋଇଗଲାଣି । ବିକାଶର ବିଫଳତାର ଅନୁଭବ ପରି, ଆମେ ଗଣତନ୍ତ୍ରର ବିଫଳତାକୁ ମଧ୍ୟ ହୃଦୟଙ୍ଗମ କରିଛୁ ।

Email:aakar.patel@gmail.com

# ଜଙ୍ଗଲ ସମ୍ପଦ ବଢ଼ିଛି–କେତେ ସତ



ଡ. ବିଜୟ କେତନ ପଟ୍ଟନାୟକ

ମିଳିତ ଜାତିସଂଘର ଖାଦ୍ୟ ଏବଂ କୃଷି ସଂସ୍ଥା ଦ୍ୱାରା ପ୍ରକାଶିତ ବୈଶ୍ୱିକ ଜଙ୍ଗଲ ସମ୍ପଦ ନିର୍ଦ୍ଧାରଣ ରିପୋର୍ଟ ୨୦୨୫ରେ ଦର୍ଶାଯାଇଛି, ସମ୍ପ୍ରତି ବିଶ୍ୱରେ ଜଙ୍ଗଲର ଆୟତନ ୪.୧୪ ବିଲିୟନ ବା ୪୧୪ କୋଟି ହେକ୍ଟର ଏବଂ ମୁଣ୍ଡପିଛା ଜଙ୍ଗଲର ଆୟତନ ୦.୫ ହେକ୍ଟର । ଏହା ବିଶ୍ୱର ମୋଟ ଭୂଭାଗର ୩୨ ପ୍ରତିଶତ । ସ୍କଟ୍‌ଲାଣ୍ଡର ଗ୍ଲାସ୍‌ଗୋଠାରେ ଅନୁଷ୍ଠିତ କପ୍–୨୬ ଆନ୍ତର୍ଜାତିକ ସମ୍ମିଳନୀରେ ନିଷ୍ପତ୍ତି ନିଆଯାଇଥିଲା, ୨୦୩୦ ମସିହା ସୁଦ୍ଧା ଜଙ୍ଗଲ ନଷ୍ଟ ବା ଜଙ୍ଗଲର ଅବକ୍ଷୟକୁ ରୋକିବାକୁ ପଡ଼ିବ । କିନ୍ତୁ ଅବସୋସର ବିଷୟ ବାର୍ଷିକ ଜଙ୍ଗଲ ଅବକ୍ଷୟର ପରିମାଣ କମିଥିଲେ ମଧ୍ୟ ଏହାକୁ ସମ୍ପୂର୍ଣ୍ଣ ରୂପେ ରୋକାଯାଇ ପାରିନାହିଁ । କେବଳ ୨୦୨୪ ବର୍ଷରେ ସାରା ବିଶ୍ୱରେ ୧୬.୬ ନିୟୁତ ଏକର କ୍ରାନ୍ତୀୟ ବୃଷ୍ଟିବନ ବା ରେନ୍ ଫରେଷ୍ଟ ଧ୍ୱଂସ ପାଇଛି । କିନ୍ତୁ ଆଶ୍ୱାସନାର ବିଷୟ ଯେ, ବିଶ୍ୱସ୍ତରରେ ବାର୍ଷିକ ଜଙ୍ଗଲ ଅବକ୍ଷୟର ସାମଗ୍ରିକ ହାର ୧୯୯୦–୨୦୦୦ ମଧ୍ୟରେ ଅର୍ଥାତ୍ ବିଂଶ ଶତାବ୍ଦୀର ଶେଷ ଦଶକରେ ୧୦.୭ ନିୟୁତ ହେକ୍ଟର ଥିଲା ବେଳେ ୨୦୧୫ରୁ ୨୦୨୫ ଦଶବର୍ଷ ଅବଧି ମଧ୍ୟରେ ଏହା ୪.୧୨ ନିୟୁତ ହେକ୍ଟରକୁ ଖସିଆସିଛି । ଏହା ସୂଚାଉଛି ବିଶ୍ୱସ୍ତରରେ ମଧ୍ୟ ବିଗତ କିଛି ବର୍ଷ ମଧ୍ୟରେ ଜଙ୍ଗଲର ଆବରଣ ବୃଦ୍ଧି ପାଉଛି ।

୨୦୨୩ ରେ ପ୍ରକାଶିତ ଭାରତୀୟ ବନ ସର୍ବେକ୍ଷଣ ସଂସ୍ଥା ରିପୋର୍ଟରେ ଦର୍ଶାଯାଇଛି, ଦେଶରେ ମୋଟ ଜଙ୍ଗଲର ଆୟତନ ୭,୧୫,୩୪୨ ବର୍ଗ କିଲୋମିଟର ଅର୍ଥାତ୍ ୭୧.୫୩ ନିୟୁତ ହେକ୍ଟର । ଦେଶର ମୋଟ ଭୂଭାଗ ଆୟତନର ୨୧.୭ ପ୍ରତିଶତ । ଏଥିରେ ବୃକ୍ଷ ଆଚ୍ଛାଦିତ ଅଞ୍ଚଳକୁ ନିଆଯାଇନାହିଁ । ୨୦୨୫ର ସର୍ବେକ୍ଷଣ ରିପୋର୍ଟ ଏପର୍ଯ୍ୟନ୍ତ ପ୍ରକାଶ ପାଇନାହିଁ । କିନ୍ତୁ ଗ୍ଲୋବାଲ ଫରେଷ୍ଟ ରିସୋର୍ସେସ ଆସେସ୍‌ମେଣ୍ଟ ରିପୋର୍ଟ ଏଥିମଧ୍ୟରେ ପ୍ରକାଶ ପାଇଛି । ସେଥିରେ ଭାରତର ଜଙ୍ଗଲର ଆୟତନ ୭୨.୭୪ ନିୟୁତ ହେକ୍ଟର ଦର୍ଶାଯାଇଛି, ଯାହାକି ବିଶ୍ୱର ମୋଟ ଜଙ୍ଗଲ ଆୟତନର ୨% ମାତ୍ର । ଜଙ୍ଗଲ ଓ ବୃକ୍ଷ ଆଚ୍ଛାଦିତ ଅଞ୍ଚଳକୁ ବିଚାରକୁ ନେଲେ ବିଶ୍ୱରେ ଭାରତର ସ୍ଥାନ ନବମ । ପୂର୍ବରୁ ଏହା ଦଶମ ସ୍ଥାନରେ ଥିଲା । ଜଙ୍ଗଲ ଆୟତନ ଦୃଷ୍ଟିରୁ କ୍ରମାନ୍ୱୟରେ ବିଶ୍ୱର ଦେଶଗୁଡ଼ିକ ହେଲା ସୋଭିଏତ୍ ୟୁନିୟନ, ବ୍ରାଜିଲ, କାନାଡା, ଯୁକ୍ତରାଷ୍ଟ୍ର ଆମେରିକା, ଚାଇନା, କଙ୍ଗୋ, ଅଷ୍ଟ୍ରେଲିଆ, ଇଣ୍ଡୋନେସିଆ ଏବଂ ଭାରତ । ବିଶ୍ୱର ୫୪ ପ୍ରତିଶତ ଜଙ୍ଗଲ କେବଳ ପ୍ରଥମ ପାଞ୍ଚଗୋଟି ଦେଶରେ ରହିଛି । ୨୦୨୩ ର ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ ରିପୋର୍ଟ ଏବଂ ୨୦୨୫ ମସିହାର ଗ୍ଲୋବାଲ ଫରେଷ୍ଟ ରିସୋର୍ସେସ ଆସେସ୍‌ମେଣ୍ଟ ରିପୋର୍ଟକୁ ଅନୁଧ୍ୟାନ କଲେ ଜଣାଯିବ, ଦେଶରେ ଜଙ୍ଗଲ ପରିମାଣ ବଢ଼ୁଛି । ସେହିପରି ୨୦୨୧ ଓ ୨୦୨୩ର ଏଫ୍‌ଏସ୍‌ଆଇ ରିପୋର୍ଟକୁ ବିଶ୍ଳେଷଣ କଲେ ଦେଖାଯିବ, ଦେଶରେ ମୋଟ ଜଙ୍ଗଲ ଓ ବୃକ୍ଷ ଆଚ୍ଛାଦିତ ଅଞ୍ଚଳର ଆୟତନ ୧୪୪୫ ବର୍ଗ କିଲୋମିଟର ବା ୧ ଲକ୍ଷ ୪୪ ହଜାର ବର୍ଗ କିମି ବଢ଼ିଛି । ତନ୍ମଧ୍ୟରୁ ଜଙ୍ଗଲର ଆୟତନ ୧୫୬ ବର୍ଗ କି.ମି. ବଢ଼ିଥିବା ବେଳେ ବୃକ୍ଷ ଆଚ୍ଛାଦିତ ଅଞ୍ଚଳର ଆୟତନ ୧୨୮୯ ବର୍ଗ କି.ମି. ବଢ଼ିଛି । ପୁନଶ୍ଚ ୧୫୬ ବର୍ଗ କି.ମି. ମଧ୍ୟରୁ ମାତ୍ର ୭.୨୮ ବର୍ଗ କି.ମି. ରେକର୍ଡଭୁକ୍ତ ବନାଞ୍ଚଳରେ ଓ ଅବଶିଷ୍ଟ ୧୪୯.୧୩ ବର୍ଗ କି.ମି. ରେକର୍ଡଭୁକ୍ତ ହୋଇ ନ ଥିବା ଅଞ୍ଚଳରେ ଘଟିଛି । ତେଣୁ ବୃକ୍ଷ ଆଚ୍ଛାଦିତ ଅଞ୍ଚଳକୁ ବାଦ୍‌ଦେଲେ ଦେଶର ଜଙ୍ଗଲ ସମ୍ପଦ ଆୟତନର ଅଭିବୃଦ୍ଧି ଘଟିଛି ବୋଲି ଯାହା କୁହାଯାଉଛି, ତାହା ସେତେଟା ଆଖିଦୃଶିଆ ନୁହେଁ । ଗ୍ଲୋବାଲ ଆସେସ୍‌ମେଣ୍ଟ ରିପୋର୍ଟ ଅନୁସାରେ ୨୦୧୫ରୁ ୨୦୨୫ ଦଶବର୍ଷ ମଧ୍ୟରେ ଭାରତରେ ୧୯୧୦ ବର୍ଗ କି.ମି ଜଙ୍ଗଲ ବୃଦ୍ଧି ଘଟିଛି । ଏହି ଅଭିବୃଦ୍ଧି ହାରରେ ବିଶ୍ୱରେ ଭାରତର ସ୍ଥାନ ତୃତୀୟ । ଏସିଆ ମହାଦେଶରେ ଚାଇନା ପଛକୁ ଭାରତର ସ୍ଥାନ ।



୨୦୨୩ ଭାରତୀୟ ବନ ସର୍ବେକ୍ଷଣ ସଂସ୍ଥା ରିପୋର୍ଟରେ ଅନ୍ୟ ଏକ ଦିଗ ପ୍ରତି ମଧ୍ୟ ଦୃଷ୍ଟି ଆକର୍ଷଣ କରାଯାଇଛି । ତାହା ହେଉଛି ୨୦୨୧ରୁ ୨୦୨୩ ମଧ୍ୟରେ ୯୫୦୦ ବର୍ଗ କି.ମିରୁ ଅଧିକ ରେକର୍ଡଭୁକ୍ତ ଜଙ୍ଗଲ ବନଶୂନ୍ୟ ବା ନନ୍ ଫରେଷ୍ଟ ତାଲିକାକୁ ଯାଇଛି । ସେଥିରେ ରହିଛି ୨୩୧ ବର୍ଗ କିମି ଅତି ଘଞ୍ଚ ଜଙ୍ଗଲ, ୨୨୪୭ ବର୍ଗ କି.ମି. ମଧ୍ୟମ ଧରଣର ଘଞ୍ଚ ଜଙ୍ଗଲ ବା ୫୪୩୧ ବର୍ଗ କି.ମି. ଖୋଲା ଜଙ୍ଗଲ । ଉକ୍ତ ରିପୋର୍ଟରେ ଦାବି କରାଯାଇଛି, ଏହି ସମୟ ମଧ୍ୟରେ ୪୪ ବର୍ଗ କି.ମି. ପତିତ ଜମି ଏବଂ ୪୮୧ ବର୍ଗ କି.ମି. ଖୋଲା ଜଙ୍ଗଲ (ମୁକୁଟ ସାନ୍ଦ୍ରତା ୧୦ରୁ ୪୦ ପ୍ରତିଶତ) ଅତି ଘଞ୍ଚ ଜଙ୍ଗଲରେ (ମୁକୁଟ ସାନ୍ଦ୍ରତା ୭୦%ରୁ ଅଧିକ) ପରିଣତ ହୋଇଛି । ବନ ବିଶେଷଜ୍ଞମାନଙ୍କ ମତରେ ମାତ୍ର ଦୁଇବର୍ଷ ସମୟ ଅବଧି ମଧ୍ୟରେ ବୃକ୍ଷଲତା ବିହୀନ ପତିତ ଜମି ବା ଖୋଲା ଜଙ୍ଗଲ କୌଣସିମତେ ତିନୋଟି ବା ଦୁଇଟି ପାହାଚ ଚଢ଼ି ଅତି ଘଞ୍ଚ ଜଙ୍ଗଲରେ ପରିଣତ ହୋଇପାରିବ ନାହିଁ । ପରିବେଶ ଦୃଷ୍ଟିକୋଣରୁ ମଧ୍ୟ ଏହା ସମ୍ଭବ ନୁହେଁ । ଅର୍ଥାତ୍ ଦୁଇବର୍ଷ ଭିତରେ ଅତିବେଶିରେ ଜଙ୍ଗଲର ସାନ୍ଦ୍ରତା ଗୋଟିଏ ଶ୍ରେଣୀରୁ ଉପର ଶ୍ରେଣୀକୁ ଉଠିପାରେ । ପତିତ ଜମି, ଖୋଲା ଜଙ୍ଗଲରେ, ଖୋଲା ଜଙ୍ଗଲ ମଧ୍ୟମ ଧରଣର ଘଞ୍ଚ ଜଙ୍ଗଲ (୪୦ରୁ ୭୦% ମୁକୁଟ ସାନ୍ଦ୍ରତା) ବା ମଧ୍ୟମ ଧରଣର ଘଞ୍ଚ ଜଙ୍ଗଲ ଅତି ଘଞ୍ଚ ଜଙ୍ଗଲରେ ପରିବର୍ତ୍ତିତ ହୋଇପାରେ । ତା'ଠାରୁ ଅଧିକ ନୁହେଁ । ଭାରତୀୟ ବନ ସର୍ବେକ୍ଷଣ ସଂସ୍ଥା ରିପୋର୍ଟରେ ମଧ୍ୟ ଏ ବିଷୟରେ କୌଣସି ସନ୍ତୋଷଜନକ ଆଲୋଚନା କରାଯାଇନାହିଁ ।

ଯଦିଓ ଗତ ଦୁଇଟି ସର୍ଭେ ରିପୋର୍ଟରେ ଦର୍ଶାଯାଇଛି, ଦେଶରେ ମୋଟ ଜଙ୍ଗଲ ଆୟତନରେ କ୍ରମାଗତ ବୃଦ୍ଧି ଘଟିଚାଲିଛି । କିନ୍ତୁ ସବୁଠାରୁ ଅଧିକ ଚିନ୍ତାଜନକ ବିଷୟ ହେଉଛି, ନୂଆକରି ସାମିଲ ହୋଇଥିବା ଜଙ୍ଗଲ ମୁଖ୍ୟତଃ ପୃଥକ୍ ପୃଥକ୍ ଛୋଟ ପ୍ଲାଣ୍ଟେଶନ, ପରସ୍ପରଠାରୁ ବିଚ୍ଛିନ୍ନ ତେଣୁ ଅତ୍ୟଧିକ ଆଘାତ ପ୍ରବଣ । ଯାହାର ପରିବେଶୀୟ ସଂଯୋଗୀକରଣ ନାହିଁ, ସ୍ଥିରତା ମଧ୍ୟ ନାହିଁ । ବନ୍ୟପ୍ରାଣୀଙ୍କ ଦୃଷ୍ଟିକୋଣରୁ ଏହିଭଳି କ୍ଷୁଦ୍ର କ୍ଷୁଦ୍ର ପ୍ଲାଣ୍ଟେଶନ ଶୁଭଙ୍କର ନୁହେଁ । ଅଥଚ ଏହିଭଳି ଅନେକ ବିକ୍ଷିପ୍ତ ଓ କ୍ଷୁଦ୍ର ପ୍ଲାଣ୍ଟେଶନ ରୂପକ ଜଙ୍ଗଲକୁ ନେଇ ଜଙ୍ଗଲ ସମ୍ପଦ ବଢ଼ୁଛି ବୋଲି ଆମେ ଆହ୍ଲାଦିତ ହେଉଛେ । ଘଞ୍ଚ ଜଙ୍ଗଲର ଅବାରିତ ଅବକ୍ଷୟ ଫଳରେ ଉଦ୍ଭିଦ ଜଗତର ଆଲୋକ ଶ୍ଳେଷଣ ପ୍ରକ୍ରିୟାରେ ୧୨% ହ୍ରାସ ଘଟିଛି । ଏହି ମତ ପ୍ରକାଶ ପାଇଛି, ଆଇଆଇଟି ବମ୍ବେ ଓ ବିଟ୍‌ସ ପିଲାନି ସହଯୋଗରେ ୨୦୨୫ରେ ଭାରତର ବିଭିନ୍ନ ସ୍ଥାନରେ କରାଯାଇଥିବା ଏକ ଗବେଷଣାରୁ ଆୟତନ ବଢ଼ୁଥିଲେ ମଧ୍ୟ ଅନ୍ୟତମ ଅଙ୍ଗାରକ କୁଣ୍ଡ ହିସାବରେ ଜଙ୍ଗଲର ବାୟୁ ମଣ୍ଡଳରୁ ଅଙ୍ଗାରକାମ୍ଳ ଆହରଣ କ୍ଷମତା ଧୀରେ ଧୀରେ ହ୍ରାସ ପାଉଛି ବୋଲି ଗବେଷକମାନେ ମତପ୍ରକାଶ କରୁଛନ୍ତି ।

ସବୁଠାରୁ ଉଦ୍‌ବେଗର ବିଷୟ ହେଉଛି, ଯଦିଓ ଦେଶର ସାମଗ୍ରିକ ଜଙ୍ଗଲ ଆଚ୍ଛାଦନ ୨୦୧୩ରୁ ୨୦୨୩ ଦଶ ବର୍ଷ ମଧ୍ୟରେ ୨.୩୮% ବଢ଼ିଛି । ମୋଟ ୧୧ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଜଙ୍ଗଲ ଅବକ୍ଷୟ ପରିଲକ୍ଷିତ ହୋଇଛି । ଉତ୍ତର ପୂର୍ବାଞ୍ଚଳ ରାଜ୍ୟରୁ ଆସାମ ଓ ସିକିମକୁ ବାଦ୍ ଦେଲେ ଅନ୍ୟ ୬ଟି ରାଜ୍ୟରେ ଜଙ୍ଗଲ କ୍ଷୟ ଘଟିଛି । ଅରୁଣାଚଳ ପ୍ରଦେଶରେ ସର୍ବାଧିକ ୧୦୦୦ ବର୍ଗ କି.ମି., ମିଜୋରାମ ୯୮୦ ବର୍ଗ କି.ମି. ଏବଂ ନାଗାଲାଣ୍ଡରେ ୭୯୪ ବର୍ଗ. କି.ମି. ଜଙ୍ଗଲ ନଷ୍ଟ ହୋଇଛି । ଏହା ବ୍ୟତୀତ ପଶ୍ଚିମଘାଟ ପର୍ବତମାଳା ପରିସଂସ୍ଥାରେ ଗତ ଦଶକରେ ୫୮ ବର୍ଗ କି.ମି. ଜଙ୍ଗଲ ହ୍ରାସ ପାଇଛି । ଜୈବ ବିବିଧତା ଉତ୍ପତ୍ତି ସ୍ଥଳମାନଙ୍କରେ ଉଭୟ ଗୁଣ ଓ ପରିମାଣ ଦୃଷ୍ଟିରୁ ପ୍ରାକୃତିକ ଜଙ୍ଗଲ ଦ୍ରୁତ ଭାବରେ ହ୍ରାସ ପାଉଛି । ଯେଉଁ କେତୋଟି ରାଜ୍ୟରେ ବୃକ୍ଷ ଆଚ୍ଛାଦିତ ଅଞ୍ଚଳକୁ ଛାଡ଼ି କେବଳ ଜଙ୍ଗଲର ଆୟତନରେ ବୃଦ୍ଧି ଘଟିଛି, ତନ୍ମଧ୍ୟରେ ରହିଛି ଆନ୍ଧ୍ରପ୍ରଦେଶ, କର୍ନାଟକ ଏବଂ ରାଜସ୍ଥାନ । ପ୍ରତିବର୍ଷ ବିଭିନ୍ନ ରାଜ୍ୟରେ ଲକ୍ଷ ଲକ୍ଷ ହେକ୍ଟର ବୃକ୍ଷରୋପଣ କରାଯାଉଛି । କିନ୍ତୁ ସେଥିରୁ କେତେ ପରିମାଣରେ ଗଛ ବଞ୍ଚିରହୁଛି ଓ ଜଙ୍ଗଲ ଆୟତନ ବଢ଼ାଇବାରେ ସହାୟକ ହେଉଛି, ସେ ବିଷୟରେ କିଛି ରିପୋର୍ଟ ଉଲ୍ଲେଖ ନାହିଁ ।

– ପୂର୍ବତନ ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ
ମୋ: ୯୪୩୭୦୦୦୯୦୪

# ସନ୍ତାନର ପ୍ରଥମ ଶିକ୍ଷକ



ଡ. ବିଜୟଲକ୍ଷ୍ମୀ ଭୂୟାଁ

ମା'ର ରକ୍ତମାଂସରେ ଗଢ଼ା ଏଇ ପାର୍ଥିବ ଶରୀର । ଆମେ ଖାଉଥିବା ଖାଦ୍ୟ, ପିନ୍ଧୁଥିବା ବସ୍ତ୍ର ଏବଂ ଆମର ଏ ସୁନ୍ଦର ଶରୀର ସବୁ ଆମ ମାତାପିତାଙ୍କ ଦାନ । ତେଣୁ ସନ୍ତାନର ପ୍ରଥମ କର୍ତ୍ତବ୍ୟ ହେଲା ମାତାପିତାଙ୍କୁ ଖୁସିରେ ରଖିବା । ସେମାନଙ୍କ ସେବା ଯତ୍ନ କରି ଋଣ ପରିଶୋଧ କରିବାକୁ ଚେଷ୍ଟା କରିବା । ପରିବାରରେ ମା'ର ଅନେକ ଦାୟିତ୍ୱ । ରନ୍ଧାବଢ଼ା, ଅତିଥି ଚର୍ଚ୍ଚା, ଗୃହ ପରିଚାଳନା, ପିଲାର ଯତ୍ନ, ଶାଶୁ ଶ୍ୱଶୁରଙ୍କ ସେବା ଇତ୍ୟାଦି ଇତ୍ୟାଦି । କିନ୍ତୁ ସବୁ ଭିତରେ ସେ ପିଲାଟିକୁ ଜଗି ରହିଥାଏ । ପିଲାଟି ଧୀରେ ଧୀରେ ବଢ଼ିବାକୁ ଲାଗେ । ତା' ସହିତ ତା'ର ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ହୁଏ । ପିଲାଟି ତା'ର ପରିବେଶରୁ ଶୀଘ୍ର ସବୁ କିଛି ଶିଖିବାକୁ ଆରମ୍ଭ କରେ । ଏହି ସମୟରେ ମା' ହେଉଛି ତା'ର ପ୍ରଥମ ଗୁରୁ । ପିଲାଟି ବିଦ୍ୟାଳୟ ଯିବା ପୂର୍ବରୁ ମା' ସିଲଟ ଖଡ଼ି ଧରି ଗୋଲ ବୁଲାଇ ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କ ନାମ ଶିଖାଇ ଆଶୀର୍ବାଦ ପ୍ରାପ୍ତ କରାଏ । ଫଳରେ ପିଲାଟି ବିଦ୍ୟା ଲାଭ କରିବା ପୂର୍ବରୁ ଆଧ୍ୟାତ୍ମିକ ଶକ୍ତି ଓ ଈଶ୍ୱରଭକ୍ତି ଲାଭ କରେ । ମାଆ ଉଚ୍ଚ ଶିକ୍ଷିତା ହେବା ଜରୁରୀ ନୁହେଁ । ମାଆ ସୁଶିକ୍ଷିତା ହେବା ଆବଶ୍ୟକ । ଯାହାଫଳରେ ସେ ପିଲାଟିକୁ ପ୍ରଥମରୁ ଉପଯୁକ୍ତ କରି ଗଢ଼ି ତୋଳିପାରିବ । ପିଲାର ମନ କଞ୍ଚାମାଟି ପରି ନରମ । ତାକୁ ପ୍ରଥମରୁ ଯେଉଁ ଆକାର ଦେବାକୁ ଚାହିଁବ, ସେ ସେହିପରି ହୋଇପାରିବ । ମାଟି ଶୁଖିଗଲେ ଯେପରି ଆଉ ମୂର୍ତ୍ତି ଗଢ଼ି ହୋଇପାରେ ନାହିଁ, ପିଲାଟି ଥରେ ବିଗିଡ଼ିଗଲେ ତାକୁ ବାଟକୁ ଆଣିବା କଷ୍ଟକର । ପିଲା ମା' ସହିତ ଅଧିକାଂଶ ସମୟ କଟାଏ । ତେଣୁ ମା' ଯେପରି ହେବ ପିଲାଟି ତାକୁ ଅନୁସରଣ କରିବ । ତା' ଅଜାଣତରେ ସେ ମାଆର ଆଚରଣ, କଥାବାର୍ତ୍ତା ଓ ଚାଲିଚଳନ ଅନୁକରଣ କରି ଚାଲିବ । ତେଣୁ ମା' ନିଜ ଆଚାର ବ୍ୟବହାରରେ ସତର୍କ ରହିବା ଉଚିତ । କାରଣ ମା'ର ପରିବାର ତଥା ସନ୍ତାନ ପ୍ରତି ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ ।

ମା' କୋଳ ପିଲାର ପ୍ରାଥମିକ ବିଦ୍ୟାଳୟ । ମା' ତା' ପିଲାକୁ କୋଳରେ ଶୁଆଇ ନାନାବାୟା ଗୀତ ଗାଇ ସଙ୍ଗୀତ ଶିଖାଏ, ଅଙ୍ଗୁଳି ଗଣି ଗଣିତ ଶିଖାଏ, ବିଭିନ୍ନ ଗଳ୍ପ କହି ତା' ମାଧ୍ୟମରେ ନୀତିଶିକ୍ଷା ଓ ସାହିତ୍ୟ ଶିକ୍ଷାଦିଏ, ପୁରାଣ ରାମାୟଣରୁ ଗପ କହି ଧର୍ମ ମାର୍ଗରେ ନେବାକୁ ଚେଷ୍ଟା କରେ । ଗୁରୁ ଗୁରୁଜନ ତଥା ଭଗବାନଙ୍କୁ ଭକ୍ତି କରିବା ଶିକ୍ଷା ଦିଏ ଓ ଏହିପରି ଆହୁରି କେତେ କ'ଣ ଉପଦେଶ ଦେଇ ପିଲାଟିକୁ ବାଲ୍ୟକାଳରୁ ଉପଯୁକ୍ତ କରି ଗଢ଼ି ତୋଳିବାକୁ ପ୍ରୟାସ କରେ । ଜଣେ ସମର୍ପିତା ମା' ପିଲାକୁ ଭଲ ମଣିଷଟିଏ କରି ବଢ଼ାଇବାକୁ ଦୃଢ଼ ନିଶ୍ଚିତ ରହେ । କାରଣ ପିଲାଟି ଉପଯୁକ୍ତ ହେଲେ ତା' ପରିବାରର ଭବିଷ୍ୟତ ଉଜ୍ଜ୍ୱଳମୟ ହୁଏ । ଫଳରେ ଦେଶର, ରାଷ୍ଟ୍ରର ତଥା ବିଶ୍ୱର ଉନ୍ନତି ହୁଏ । ତେଣୁ ଜଣେ ଉପଯୁକ୍ତ ମା' କେବଳ ପରିବାରର ନୁହେଁ, ସେ ମଧ୍ୟ ରାଷ୍ଟ୍ରୀୟ ସମ୍ପତ୍ତି ।



ମା'ମାନଙ୍କୁ ସମାଜରେ ସବୁବେଳେ ଶ୍ରେଷ୍ଠସ୍ଥାନ ଦିଆଯାଇଛି । ଆଦିକବି ଶଙ୍କରାଚାର୍ଯ୍ୟଙ୍କ ଭାଷାରେ– 'କୁପୁତ୍ର ଜାୟତେ କ୍ୱଚିଦପି, କୁମାତା ନ ଭବତି ।' ଅର୍ଥାତ୍ ସଂସାରରେ ମନ୍ଦପୁତ୍ର ଜାତ ହୋଇପାରେ, ମାତ୍ର ମା' କଦାପି ମନ୍ଦ ହୋଇପାରନ୍ତି ନାହିଁ । କାରଣ ମା' ସବୁବେଳେ ନିଃସ୍ୱାର୍ଥପର ଭାବରେ ସନ୍ତାନର ଲାଳନପାଳନ ତଥା ସେବାଯତ୍ନ କରେ । ସେ ଚାହେଁ ତା'ର ସନ୍ତାନ ବୁଦ୍ଧିମାନ୍, ବିଦ୍ୱାନ୍, ଶାନ୍ତ ସରଳ ଓ ଈଶ୍ୱରବିଶ୍ୱାସୀ ହେଉ । ସମାଜରେ ତା'ର ତଥା ପରିବାରର ନାମ ଓ ଯଶ ପ୍ରତିଷ୍ଠା କରୁ । ସେଥିପାଇଁ ସେ ପିଲାଟି କଥା କହିଲା ଦିନୁ ଭଲ କଥା କହିବା ଶିଖାଏ, ପାଠ ପଢ଼ିଲା ଦିନୁ ତା'ର ପାଠପଢ଼ା ପ୍ରତି ଯତ୍ନବାନ ହୁଏ । ତେଣୁ ମା'ଠାରୁ ବଳି ଭଲ ଶିକ୍ଷକ ଓ ପଥପ୍ରଦର୍ଶକ ଆଉ କିଏ ହୋଇପାରେ ? ଏଇଠି ଆମେ କେତେ ଜଣ ଆଦର୍ଶମାତାଙ୍କର ଉଦାହରଣ ଦେଇପାରିବା । ଶ୍ରୀରାମ ମାତା କୌଶଲ୍ୟାଙ୍କ ଯତ୍ନରେ ସଦାସର୍ବଦା ସତ୍ୟପଥରେ ଚାଲୁଥିଲେ । ଲବ ଓ କୁଶ ମାତା ସୀତାଙ୍କ ତତ୍ତ୍ୱାବଧାନରେ ବିଦ୍ୱାନ୍ ଓ ଶକ୍ତିଶାଳୀ ହୋଇପାରିଥିଲେ । ଶିବାଜୀଙ୍କ ବୀରତ୍ୱ ପାଇଁ ମାତା ଜୀଜାବାଈଙ୍କର ପ୍ରେରଣା ଅନ୍ତର୍ନିହିତ । ପୁତୁଳିବାଈଙ୍କ ପ୍ରେରଣାରେ ମୋହନଦାସ ମହାତ୍ମାରେ ପରିଣତ ହୋଇ ପାରିଥିଲେ । ଏହିପରି ଅନେକ ଆଦର୍ଶ ମା'ଙ୍କର ଉଦାହରଣ ଆମ ପୁରାଣ ତଥା ଇତିହାସରେ ବର୍ଣ୍ଣିତ ।

ସମ୍ପ୍ରତି ମାତୃଜାତି ପ୍ରତି କିଛି ଆହ୍ୱାନ ରହିଛି । ପୂର୍ବରୁ ମା'ମାନେ ପିଲାମାନଙ୍କୁ ସକାଳେ ସନ୍ଧ୍ୟାରେ ପ୍ରାର୍ଥନା କରି ପଢ଼ିବସିବାକୁ ଶିଖାଉଥିଲେ । ଆଜିକାଲି ଅଧିକାଂଶ ମା' ସେହି ସମୟରେ ପିଲାଙ୍କୁ ପାଠ ପଢ଼ିବାକୁ ବାଧ କରୁଛନ୍ତି କିମ୍ବା ଟ୍ୟୁଶନ୍ ପଠାଇ ଦେଇ ନିଶ୍ଚିନ୍ତରେ ରହୁଛନ୍ତି । ଏହାଦ୍ୱାରା ମା'ମାନେ ପିଲାଙ୍କୁ ପ୍ରକୃତ ଜ୍ଞାନ ପ୍ରଦାନ କରିବା ବଦଳରେ ଗୋଟିଏ ଲେଖାଏଁ ପୁସ୍ତକ–କୀଟରେ ପରିଣତ କରୁଛନ୍ତି । ସେମାନେ ଜାଣିରଖିବା ଉଚିତ ଯେ, ପିଲାଙ୍କର ନୈତିକତାର ସ୍ଖଳନ ପାଇଁ ସେମାନେ ହିଁ ଦାୟୀ । ଆଗାମୀ କାଳର ବଂଶଧରମାନଙ୍କୁ ରକ୍ଷା କରିବା ନିମନ୍ତେ ଆଜିର ମା'ମାନଙ୍କୁ ସାବଧାନ ହେବାକୁ ପଡ଼ିବ । ମନେରଖିବା ଉଚିତ ମା' ହିଁ ଦିବ୍ୟ ଜନନୀଙ୍କ ମୂର୍ତ୍ତିମନ୍ତ ପ୍ରତୀକ ଓ ତା' ସନ୍ତାନର ପ୍ରଥମ ଶିକ୍ଷକ ।

ଅବସରପ୍ରାପ୍ତ ରିଡର,
ଶୈଳବାଳା ମହାବିଦ୍ୟାଳୟ
ମୋ: ୯୮୬୧୩୫୫୬୨୮

## ଏଇ ଭାରତରେ

ମୁମ୍ବାଇ ବିଶ୍ୱବିଦ୍ୟାଳୟର ଫୋର୍ଟ କ୍ୟାମ୍ପସ୍‌ରେ ୨୮୦ ଫୁଟ ଉଚ୍ଚତାର ରାଜବାଇ କ୍ଲକ୍ ଟାୱାରର ୧୪୬ ବର୍ଷର ପୁରୁଣା ଘଡ଼ି ଏବେ ଲୋକଙ୍କୁ ସମୟ ଜଣାଇ ଦେଉଛି । ବଡ଼ କଥା ହେଉଛି ଟାୱାରରେ ଥିବା ଅସୁବିଧାକୁ ସଜାଡ଼ିବା ପାଇଁ ମହେନ୍ଦ୍ର ପ୍ରସାଦ ଗୁପ୍ତାଙ୍କୁ ୧୦ ବର୍ଷ ଲାଗିଯାଇଛି । ପେସାରେ ସେ ଜଣେ ଇଲେକ୍ଟ୍ରିସିଆନ । ଏହି କାମ ତାଙ୍କ ପାଇଁ ଏତେ ସହଜ ନ ଥିଲା । ପ୍ରତିଦିନ ୨୩୬ଟି ପାହାଚ ଚଢ଼ି ଟାୱାର ଉପରକୁ ଯାଇ ସେ ଘଣ୍ଟା କାମ କରନ୍ତି । ଉଲ୍ଲେଖନୀୟ ଯେ, ରାଜବାଇ ଘଡ଼ିର ଓଜନ ପାଖାପାଖି ୩୦୦ କେଜି । ବ୍ରିଟେନର ସ୍ଥପତି ସାର୍ ଜର୍ଜ ଗିଲବର୍ଟ ସ୍କଟ ଏହାର ଡିଜାଇନ କରିଥିଲେ । ଲଣ୍ଡନର ବିଗ୍‌ବେନ ଘଣ୍ଟା ଢାଞ୍ଚାରେ ୧୮୭୮ରେ ରାଜବାଇ କ୍ଲକ୍ ଟାୱାର ନିର୍ମାଣ କରାଯାଇଥିଲା । ଷ୍ଟକ୍‌ବ୍ରୋକର ପ୍ରେମଚାନ୍ଦ ରୟଚାନ୍ଦ ତାଙ୍କ ମା' ରାଜବାଈଙ୍କ ସ୍ମୃତିରେ ଏହାକୁ ପାଣ୍ଠି ଯୋଗାଇ ଦେଇଥିଲେ । ଐତିହାସିକ ତଥ୍ୟରୁ ଜଣାପଡ଼େ ଯେ, ରାଜବାଇ ଟାୱାର ରୟଚାନ୍ଦଙ୍କ ଘର ନିକଟରେ ଥିଲା । ରାଜବାଇ ଦୃଷ୍ଟିବାଧିତ ଥିବାରୁ ସେ ଏହି ଘଣ୍ଟା ଶବ୍ଦରୁ ସମୟ ଜାଣିପାରୁଥିଲେ । ଆରମ୍ଭରୁ ରାଜବାଇ ଘଡ଼ିରେ ୧୪ଟି ବେଲ୍ ଏକାଥରକେ ବାଜୁଥିଲା । ଏବେ ମରାମତି କରାଯିବା ପରେ ପ୍ରତି ୧୫ ମିନିଟରେ ୫ଟି ବେଲ୍ ବାଜୁଛି ।

## ୫୦ ବର୍ଷ ତଳର ଧରିତ୍ରୀ

୧୮ ଜାନୁଆରୀ ୧୯୭୬

- ପୂର୍ଣ୍ଣାଙ୍ଗ ଓ କ୍ଷୁଦ୍ର ଚଳଚ୍ଚିତ୍ର ବିଭାଗରେ ଜାପାନୀ କଥାଚିତ୍ର 'ମୋନ ଏଣ୍ଡ୍ ଇନୋ' ଓ ଭାରତୀୟ ଚିତ୍ର 'ଆଫଟର ଦି ସାଇଲାନ୍ସ'କୁ ସୁବର୍ଣ୍ଣ ମୟୂର ପୁରସ୍କାର ପ୍ରଦାନ ।
- ନିଖିଳକ ଭାରତ ଯୁବକଂଗ୍ରେସ ସଭାପତି ପଦରେ ଶ୍ରୀମତୀ ଅମ୍ବିକା ସୋନି ୧ ବର୍ଷ ପାଇଁ ପୁନଃ ଅବସ୍ଥାପିତ ।
- ଭାରତରେ ପ୍ରଥମକରି ରେଳ ପରିବହନ ସମ୍ପର୍କୀୟ ଏକ ଯାଦୁଘର ଦିଲ୍ଲୀର ଚାଣକ୍ୟ ନଗରଠାରେ ପ୍ରତିଷ୍ଠା କରାଯାଇଛି ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | 6 | | | | | | | |
| | | | 8 | | | | | |
| 3 | 5 | | | | | 6 | 4 | 1 |
| | | 2 | | 9 | | | | |
| 5 | | | | | | | | 3 |
| | 8 | 6 | | | | 5 | 2 | |
| | | | | 3 | | 8 | 9 | |
| | 7 | 4 | | | 8 | | | |
| | 9 | | | 4 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 2 | 4 | 7 | 1 | 6 | 8 | 3 | 5 | 9 |
| 6 | 5 | 1 | 9 | 2 | 3 | 7 | 4 | 8 |
| 8 | 3 | 9 | 7 | 5 | 4 | 1 | 2 | 6 |
| 7 | 9 | 2 | 4 | 8 | 1 | 6 | 3 | 5 |
| 3 | 1 | 8 | 6 | 7 | 5 | 4 | 9 | 2 |
| 5 | 6 | 4 | 3 | 9 | 2 | 8 | 1 | 7 |
| 4 | 7 | 6 | 5 | 3 | 9 | 2 | 8 | 1 |
| 9 | 8 | 3 | 2 | 1 | 7 | 5 | 6 | 4 |
| 1 | 2 | 5 | 8 | 4 | 6 | 9 | 7 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅବଢ଼ା ଦର ଧାର୍ଯ୍ୟ ହୋଇପାରୁନି

ମହାଶୟ,
ଗତ କିଛିଦିନ ଧରି ଶ୍ରୀମନ୍ଦିର ଆନନ୍ଦ ବଜାରରେ ଅବଢ଼ା ଦରକୁ ନେଇ ଭକ୍ତ–ସେବକ ମୁହାଁମୁହିଁ ହେବା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏଭଳି ସ୍ଥିତିରେ ସୁଆର ମହାସୁଆର ନିଯୋଗ ଅବଢ଼ା ଦର ବୃଦ୍ଧି ନେଇ ପ୍ରାରମ୍ଭିକ ବୈଠକ କରିସାରିଛନ୍ତି । ଏବେ ସାଧାରଣ ମହାପ୍ରସାଦ ମୁଣ୍ଡ ପିଛା ୧୦୦ ଟଙ୍କାରେ ବିକ୍ରିହେବ । ଭକ୍ତଜନଙ୍କୁ ଏହା ଅତିଷ୍ଠ କଲାଣି । ସଉଦା, ପରିବା ଓ ଜାଳେଣି କାଠ ଆଦିର ମୂଲ୍ୟ ବୃଦ୍ଧି ହେଉଥିବାରୁ ମହାପ୍ରସାଦର ଦର ବୃଦ୍ଧି ନେଇ ଏହି ପ୍ରକ୍ରିୟା ଆରମ୍ଭ କରାଯାଇଥିବା ନିଯୋଗର ଜଣେ କର୍ମଚାରୀ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ, ଶ୍ରୀମନ୍ଦିର ଆନନ୍ଦ ବଜାରରେ ୮୫ ଅବଢ଼ା ଦୋକାନୀ ରହିଛନ୍ତି । ଭକ୍ତଙ୍କ ନିକଟରେ ଅବଢ଼ା ପହଞ୍ଚିଲା ବେଳକୁ ୧୨ଟି ପର୍ଯ୍ୟାୟ ଦେଇ ପହଞ୍ଚୁଛି । ଏହାକୁ ନେଇ ଶ୍ରୀମନ୍ଦିର ଆନନ୍ଦ ବଜାରରେ ବିଶୃଙ୍ଖଳା ସୃଷ୍ଟିହେବା ଏକ ନିତିଦିନିଆ ଘଟଣାରେ ପରିଣତ ହେଲାଣି । ଅନ୍ୟପକ୍ଷରେ ଅବଢ଼ା ଦର ବୃଦ୍ଧି ପାଇଁ ସୁଆର ମହାସୁଆର ନିଯୋଗ ସହବାଜ ହେଲେଣି । ତେବେ ସେବକଙ୍କ ପକ୍ଷରୁ ଧାର୍ଯ୍ୟ ଦରକୁ ଶ୍ରୀମନ୍ଦିର ପ୍ରଶାସନ ସ୍ୱୀକୃତି ଦେବ ନା ସେମାନେ ମନଇଚ୍ଛା ଦର ଧାର୍ଯ୍ୟ କରିବେ, ତାହାକୁ ନେଇ ପ୍ରଶ୍ନ ଉଠିଛି ।

**– ଦେବତିକ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

## ଚିରନ୍ତନୀ

ଯୁଗେ ଯୁଗେ କେତେ କଥା
ଆସିଛି ସେ କହି
କେତେ ମୁଖେ ନବ ନବ
ରୂପ ରସ ବହି ।
–(ଚିରନ୍ତନ କୁହୁ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ୧୦୦ କୋଟିରୁ ଉର୍ଦ୍ଧ୍ୱ ସମ୍ପତ୍ତି ଜବତ, ୧୦ ଗିରଫ

**କେନ୍ଦୁଝର/ ପାଟଣା/ ଢେଙ୍କିକୋଟ/ ଆନନ୍ଦପୁର, ୧୭।୧ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର/ ବୀର କିଶୋର ଦାଶ/ ନୀଳମଣି ମଣ୍ଡଳ/ ସୁଶାନ୍ତ କୁମାର ସାହୁ)**



ଢେଙ୍କିକୋଟ ସାନ୍ତରାପୁର ଅଞ୍ଚଳର ଜଣେ ବେପାରୀଙ୍କ ଘରୁ ଜବତ ଟଙ୍କା, ସୁନା ଅଳଙ୍କାର।

## ଗୋଚାଲାଣକାରୀଙ୍କ ବିରୋଧରେ କେନ୍ଦୁଝର ପୋଲିସର ବଡ଼ ଆକ୍ସନ

### କେନ୍ଦୁଝର, ଭଦ୍ରକ, ମୟୂରଭଞ୍ଜ, ଯାଜପୁର, ଖୋର୍ଦ୍ଧାରେ ଚଢ଼ାଉ ଜାରି

କେନ୍ଦୁଝର ପୋଲିସ ପକ୍ଷରୁ ଗୋମାଫିଆଙ୍କ ବିରୋଧରେ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଶନିବାର ଭୋର ସମୟରୁ କେନ୍ଦୁଝର ଏସ୍‌ପିଙ୍କ ନିର୍ଦ୍ଦେଶରେ କେନ୍ଦୁଝର ଜିଲାର ୮ଟି ସ୍ଥାନ ସମେତ ମୟୂରଭଞ୍ଜ, ଭଦ୍ରକ, ଯାଜପୁର ଓ ଖୋର୍ଦ୍ଧା ଜିଲାର ୪୬ ସ୍ଥାନରେ ଏକକାଳୀନ ଚଢ଼ାଉ ଜାରି ରହିଛି। ସନ୍ଧ୍ୟା ସୁଦ୍ଧା ୧୦ ଗୋଚାଲାଣକାରୀଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ଭଦ୍ରକ ଜିଲା ଟାଉନ ଥାନାର ଏସ୍‌କେ ରାଜନ, କେନ୍ଦୁଝର ଜିଲା ଘଟଗାଁ ଥାନା ଅନ୍ତର୍ଗତ ସାନ୍ତରାପୁରର ଟିପୁ ସୁଲତାନ, ତୁରୁମୁଙ୍ଗା ଥାନା ଅନ୍ତର୍ଗତ ତୁରୁମୁଙ୍ଗାର କୁନୁ ସାହୁ, ଅର୍ଜୁନ ସାହୁ ଏବଂ ସିପୁ ସାହୁ, ହରିଚନ୍ଦନପୁର ଥାନା ଅନ୍ତର୍ଗତ ଜାମୁଜୋଡ଼ିର ଏସ୍‌କେ ଆକବର, ନାସିର ଏବଂ ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅନ୍ତର୍ଗତ ମୃତ୍ୟୁଞ୍ଜୟ ମହାପାତ୍ର, ଖାରପୋଖରିଆ ଥାନା ଅଞ୍ଚଳର ସୁଜିତ ମହାନ୍ତି, ମୟୂରଭଞ୍ଜ ଜିଲାର ତେଣ୍ଟାପୋଷିର ଏସ୍‌କେ ନଇମ। ଭାରତ ସରକାରଙ୍କର ନୂତନ ନାଟ୍ ଗ୍ରୀ ଅନ୍‌ଲାଇନ ଆପ୍ ଜରିଆରେ ଏହି ଗୋମାଫିଆମାନେ ୧ଶହ କୋଟି ଟଙ୍କାର ସମ୍ପତ୍ତି ବେଆଇନ ଗୋଚାଲାଣରେ ଅର୍ଜନ କରିଥିବା ସୂଚନା ମିଳିଥିଲା। ସେମାନଙ୍କ ନିକଟରୁ ନଗଦ ଟଙ୍କା ସହ ୧୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଜବତ କରାଯାଇଥିବା କେନ୍ଦୁଝର ଆରକ୍ଷୀ ଅଧୀକ୍ଷକ ନୀତିନ୍ କୁଶଳକର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସୂଚନା ମୁତାବକ, ବିଗତ ବର୍ଷରେ ଗୋମାଫିଆମାନେ ପୋଲିସ ଗାଡ଼ିକୁ ଆକ୍ରମଣକରି ପୋଲିସ ଉପରେ ଗାଡ଼ି ଚଢ଼ାଇ ଫେରାର ହୋଇଯାଇଥିଲେ। ଏ ନେଇ ଭାରତୀୟ ନ୍ୟାୟ ସଂହିତାର ୧୧୨ ଧାରା, ସଂଗଠିତ ଅପରାଧ ନିୟମ ଅନୁଯାୟୀ ଗୋମାଫିଆଙ୍କ ଉପରେ ୨୦ରୁ ଉର୍ଦ୍ଧ୍ୱ ମାମଲା ରୁଜୁ କରିଛି। ଶନିବାର କାର୍ଯ୍ୟାନୁଷ୍ଠାନ ଗ୍ରହଣକରି ପ୍ରତ୍ୟୁଷରେ କେନ୍ଦୁଝର ପୋଲିସର ନେତୃତ୍ୱରେ ୪୬ ଦଳ ୫ ଜିଲାର ୪୬ଟି ସ୍ଥାନରେ ବେଆଇନ ଗୋରୁ ବ୍ୟବସାୟୀଙ୍କ ବାସଭବନରେ ସମନ୍ୱିତ ଚଢ଼ାଉ କରିଥିଲା। ଅଭିଯାନରେ କେନ୍ଦୁଝର ଜିଲାର ହରିଚନ୍ଦନପୁର, ସାନ୍ତରାପୁର, କାଳିଆହାତା, ତେଲକୋଇ, ଘଷିପୁରା, ଆନନ୍ଦପୁର, ତୁରୁମୁଙ୍ଗା, ଜାମୁଜୋଡ଼ି ରହିଥିବା ବେଳେ ମୟୂରଭଞ୍ଜ ଜିଲାର ବିଶୋଇ, କରଞ୍ଜିଆ, ଖାରପୋଖରିଆ, ତେଣ୍ଟାପୋଷି, ଚଢ଼େଇଭୋଳ, କେନ୍ଦ୍ରେଇ ଏବଂ ଠାକୁରମୁଣ୍ଡା ଏବଂ ଯାଜପୁର ଜିଲାର କୋରେଇ ଏବଂ ଭଦ୍ରକ ଜିଲାର ବିଭିନ୍ନ ସ୍ଥାନରେ ଚଢ଼ାଉ ହୋଇଛି। ମୋଟ ୧୦ଜଣଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କ ନିକଟରୁ ପ୍ରାୟ ୧ କୋଟି ୫୨ଲକ୍ଷ ୮୨ହଜାର ୫୦୫ ଟଙ୍କା ନଗଦ, ୧ କିଲୋ ୧୩୧ ଗ୍ରାମ ସୁନା, ୩ କିଲୋ ୮୦ ଗ୍ରାମ ରୁପା, ୨୩ଟି ଚାରିଚକିଆ ଗାଡ଼ି, ୨୩ଟି ୨ଚକିଆ ଗାଡ଼ି, ୧୩ଟି ମୋବାଇଲ ଏବଂ ୨୧ଟି ହାତଘଣ୍ଟା, ଜମିର କାଗଜପତ୍ର, ବ୍ୟାଙ୍କ ଖାତା ଆଦି ଜବତ କରାଯାଇଛି। ବିଶେଷକରି କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଘଷିପୁରା ଥାନା ଗୁହାଳିଆ ଗ୍ରାମର ଜିତେନ୍ଦ୍ର ଜେନାଙ୍କ ଘର, ଆନନ୍ଦପୁର ଥାନା ମୋଚିନ୍ଦା ଗାଁର ସତୁରା ସାହୁଙ୍କ ଘରୁ ୪ ଲକ୍ଷରୁ ଉର୍ଦ୍ଧ୍ୱ ନଗଦ ଟଙ୍କା ସମେତ ସୁନା ଅଳଙ୍କାର ଓ ଏକ କାର୍ ଜବତ ହୋଇଛି। ତାଙ୍କର ଲୁଗା ଶୋ'ରୁମ୍ ସମେତ ଅନ୍ୟାନ୍ୟ ସ୍ଥାନରେ ଚଢ଼ାଉ ଜାରି ରହିଛି। ତୁରୁମୁଙ୍ଗାରୁ ୩ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୫ ହଜାର ଟଙ୍କା, ୩ଟି ସୁନାହାର, ୩ଟି ସୁନାଚେନ୍, ଗୋଟିଏ ସୁନାବଳା, ୬ ହଳ ରୁପା ପାଉଁଜି, ୪ଟି ରୁପା ମୁଦି, ୨ଟି ବାଇକ୍ ଜବତ କରାଯାଇଛି। ଅଭିଯୁକ୍ତମାନେ ଆପରାଧିକ ଟଙ୍କାରେ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ କରିଥିବା ସୂଚନା ମିଳିଛି। ଅଭିଯାନର ନେତୃତ୍ୱ ୨ ଜଣ ଅତିରିକ୍ତ ପୋଲିସ ଅଧୀକ୍ଷକ ନେଇଥିଲେ। ୫ ଜଣ ଡିଏସ୍‌ପି, ୨୫ ଜଣ ଇନ୍ସପେକ୍ଟର, ୩୬ ଜଣ ଏସ୍‌ଆଇ ଏବଂ ଏଏସ୍‌ଆଇ ସାମିଲ ଥିଲେ। ୧୮ ପ୍ଲାଟୁନ ଫୋର୍ସ ସହାୟତାରେ ଏହି ଅଭିଯାନ କରାଯାଇଥିଲା। ବର୍ତ୍ତମାନ ମଧ୍ୟ ଚଢ଼ାଉ ଜାରି ରହିଛି। ଏଥିରେ ସମ୍ପୃକ୍ତ ମୁଖ୍ୟ ସୂତ୍ରଧରଙ୍କୁ ଗିରଫ କରାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି।

# ବାଲି ମାଫିଆଙ୍କ ଘରୁ ଜବତ ହେଲାଣି ଅଢ଼େଇ କୋଟି ଟଙ୍କା

**ଭୁବନେଶ୍ୱର, ୧୭।୧ (ତ୍ରିନାଥ ମହାନ୍ତି)**

- ୧୦ ବାଲି ଏବଂ ମଦ ମାଫିଆଙ୍କ ଠିକଣାରେ ଚଢ଼ାଉ କରାଯାଇଥିଲା
- ରଷିକୁଲ୍ୟା, ବାହୁଦା, ବଡ଼ ନଦୀରୁ ବାଲି ଉଠାଇ ବହୁ କୋଟି ଟଙ୍କାର ରାଜସ୍ୱ ଫାଙ୍କୁଥିଲେ
- ସିଏଜି ରିପୋର୍ଟରେ ଆସିବା ପରେ ଇଡିର ଚଢ଼ାଉ
- ୬ ରାଜ୍ୟକୁ ଲମ୍ବିଛି ବାଲି ମାଫିଆଙ୍କ ଲିଙ୍କ୍

ଗଞ୍ଜାମ ଜିଲାର ବିଜେଡି ନେତାଙ୍କ ସମେତ ବହୁ ଠିକାଦାର, ମଦ ଓ ବାଲି ମାଫିଆଙ୍କ ଘରେ ଶୁକ୍ରବାର ଇଡ଼ି(ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ) ଚଢ଼ାଉ କରିଥିଲା। ଦୀର୍ଘ ୧୫ ଘଣ୍ଟାରେ ୨୫ଟି ସ୍ଥାନରେ ଘନ ଘନ ରେଡ୍ ପରେ ଇଡି ବହୁ କୋଟି ଟଙ୍କାର ସମ୍ପତ୍ତି ଠାବ କରିଛି। ଶୁକ୍ରବାର ବିଜେଡି ନେତା ହୃଷୀକେଶ ପାଢ଼ୀଙ୍କ ଘରୁ ଠାବ ହୋଇଥିବା ଆଲମିରା ଭର୍ତ୍ତି ଟଙ୍କା ଗଣତି ପରେ ଅଢେଇ କୋଟି ଟଙ୍କା ମିଳିଥିବା ଇଡି ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହ ଏକାଧିକ ସମ୍ପତ୍ତିର ଦସ୍ତାବିଜ, ଏକାଧିକ ବିଳାସପୂର୍ଣ୍ଣ ଗାଡ଼ି, ଅଭିଯୁକ୍ତଙ୍କ ସ୍ଥାବର ଅସ୍ଥାବର ସମ୍ପତ୍ତି କାଗଜପତ୍ର, ଚୁକ୍ତି ନାମା ଏବଂ ଖଣି ସମ୍ପର୍କିତ କାଗଜପତ୍ରକୁ ଇଡି ଜବତ କରିଛି।

ଶୁକ୍ରବାର ଗଞ୍ଜାମର ବିଜେଡି ନେତା ହୃଷୀକେଶଙ୍କ ଘର ସମେତ ଗଞ୍ଜାମ ଜିଲ୍ଲାର ୮ରୁ ୧୦ ବାଲି ଓ ମଦ ମାଫିଆଙ୍କ ଠିକଣାରେ ଇଡି ଘନଘନ ଯାଞ୍ଚ କରିଥିଲା। ଯାଞ୍ଚ ସମୟରେ ମିଳିଥିଲା ଆଲ୍‌ମିରା ଭର୍ତ୍ତି ଟଙ୍କା। ଏଥିସହିତ ଖୋଲିବାରେ ଲାଗିଛି ବାଲି ମାଫିଆଙ୍କ କଳା ସାମ୍ରାଜ୍ୟର ଗୁମର। ଦୀର୍ଘ ବର୍ଷ ଧରି ଗଞ୍ଜାମ ଜିଲାର ଏହି ବାଲି ମାଫିଆମାନେ ବେଆଇନ ଅର୍ଥ କାରବାର ଚଳାଇଥିଲେ। ରଷିକୂଲ୍ୟା, ବାହୁଦା, ବଡ଼ ନଦୀରୁ ବେଆଇନ ଭାବେ ବାଲି ଉଠାଇ କୋଟି କୋଟି ଟଙ୍କା ରାଜସ୍ୱ ଫାଙ୍କୁଥିଲେ। ଏହି ବାଲିକୁ ସେମାନେ ଆନ୍ଧ୍ରପ୍ରଦେଶକୁ ଚାଲାଣ କରୁଥିଲେ। ଏନେଇ ସିଏଜି ରିପୋର୍ଟରେ ଆସିବା ପରେ ଇଡି ଚଢାଉ କରିଥିଲା। ରେଡ୍‌ବେଳେ ବାଲି ମାଫିଆଙ୍କ ଚୋରା ମଦ କାରବାର ସମ୍ପର୍କରେ ମଧ୍ୟ ସୁରାକ ମିଳିଛି। ଗଞ୍ଜାମରେ ବାଲି ମାଫିଆ ଚଳାଉଛନ୍ତି ବେଆଇନ ଦେଶୀ ମଦ ଭାଟି। ବାଲି ଘାଟରୁ ଆସୁଥିବା କଳାଧନକୁ ସେମାନେ ପୁରା ଜିଲାରେ ଦେଶୀ ମଦ ଭାଟିରେ ଲଗାଇଥିଲେ। କ୍ଷମତା ବଳରେ ସେମାନେ ପୂରା ଗଞ୍ଜାମରେ ନିଜର ସିଣ୍ଡିକେଟ୍ ଚଳାଇଥିଲେ। ଅପରାଧୀଙ୍କୁ ବାଲି ମାଫିଆମାନେ ନିଜ ପୋଷା ଗୁଣ୍ଡା ଭାବେ ରଖି ଆପରାଧିକ ସିଣ୍ଡିକେଟ୍ ମଧ୍ୟ ଚଳାଉଥିଲେ। ବାଲି ଘାଟ ନିଲାମ ସହ ଜାଲ୍ ୱାଇ ଫର୍ମ ଜରିଆରେ ବର୍ଷ ବର୍ଷ ଧରି ବାଲି ଚାଲାଣ ହେଉଥିବା ସାମ୍ନାକୁ ଆସିଛି। ଏହି ଅପରାଧ ସିଣ୍ଡିକେଟର ମାଷ୍ଟରମାଇଣ୍ଡ କୃପାସିନ୍ଧୁ ମୁଦୁଲି ବୋଲି ଜଣାପଡ଼ିଛି। କୃପାସିନ୍ଧୁ ଗଞ୍ଜାମ ଜିଲାରେ ଦୀର୍ଘ ବର୍ଷ ଧରି ବାଲି ଚୋରା ଚାଲାଣର ସବୁ କିଛି ପରିଚାଳନା କରୁଛନ୍ତି। କୃପାସିନ୍ଧୁଙ୍କ ନାମରେ ଆପରାଧିକ ମାମଲା ରହିଛି। ବିଶେଷକରି ବାଲି ଚାଲାଣ ସମ୍ପର୍କିତ ମାମଲା ତାଙ୍କ ନାମରେ ରୁଜୁ କରାଯାଇଛି। କୃପାସିନ୍ଧୁଙ୍କ ଦୁଇ ପ୍ରଥର କ୍ରସର ଉପରେ ମଧ୍ୟ ଇଡ଼ି ଚଢାଉ କରିଥିଲା। ସେଠାରୁ ବାଲିଘାଟ ନିଲାମ ନେଇ ଏକାଧିକ ଦସ୍ତାବିଜ୍ ଏବଂ କଳା ଟଙ୍କାରେ କିଣା ଯାଇଥିବା ସମ୍ପତ୍ତିର କାଗଜପତ୍ରକୁ ଇଡି ଜବତ କରିଛି। ଏହି ଲିଙ୍କ୍‌ରେ ଇଡି ଦେଶର ୬ଟି ରାଜ୍ୟରେ ଚଢାଉ କରିଥିବା ଜଣାପଡ଼ିଛି।

ବିଜେଡିଜିଲା ଉପସଭାପତି ହୃଷୀକେଶ ପାଢ଼ୀଙ୍କ ବ୍ରହ୍ମପୁରସ୍ଥିତ ଜୟପ୍ରକାଶ ନଗର ଓ ଶେରଗଡ଼ ଘରେ ଚଢାଉ ହୋଇଥିଲା। ସେହିପରି ବ୍ରହ୍ମପୁର ଲାଞ୍ଜିପଲ୍ଲୀ ଉମାନଗରରେ ବାଲି ବ୍ୟବସାୟୀ କୃପାସିନ୍ଧୁଙ୍କ ଅଫିସ, ବିଜିପୁର କାଲୁଆସାହିର ହକି ଓରଫ ବିଶ୍ୱଜିତ ପାତ୍ରଙ୍କ ଘର, ଗାନ୍ଧୀନଗର ନିକଟ ଅମ୍ବିକାନଗରରେ ଥିବା ଶିବପ୍ରସାଦ ପାଢୀଙ୍କ ଘର ଓ ଷ୍ଟେଶନ ରୋଡ୍‌ରେ ଥିବା ଟୁର୍ ଆଣ୍ଡ ଟ୍ରାଭେଲ୍ସ ଅଫିସ, କନିଷିର ବିଶିଷ୍ଟ ବ୍ୟବସାୟୀ ସୁନୀଲ ପାତ୍ରଙ୍କ ଘରେ ଚଢ଼ାଉ କରାଯାଇଥିଲା। ଆସିକା ବ୍ଲକ ଖାରିଆ ପଞ୍ଚାୟତ ସରପଞ୍ଚ ଜୟନ୍ତୀ ସାହୁ ମଧ୍ୟ ବର୍ତ୍ତି ନ ଥିଲେ। ତାଙ୍କ ସ୍ୱାମୀ ତଥା ମଦ ଓ ବାଲି ବ୍ୟବସାୟୀ ଭଗବାନ ସାହୁଙ୍କ ବାସଭବନରେ ମଧ୍ୟ ଇଡି ଚଢ଼ାଉ କରିଥିଲା। ଚଢାଉ ସମୟରେ ହୃଷୀକେଶଙ୍କ ଘରୁ ଆଲମାରୀରୁ ମିଳିଥିବା ନଗଦ ୨.୫ କୋଟି ଟଙ୍କାର କୌଣସି ହିସାବ ନ ମିଳିବାରୁ ଇଡି ଜବତ କରି ନିଜ ହେପାଜତକୁ ନେଇଛି। ସନ୍ଧ୍ୟାରେ ବ୍ରହ୍ମପୁର ସହର ତୁଳସୀନଗରସ୍ଥିତ ବ୍ୟବସାୟୀ ସନ୍ତୋଷ ଦଳାଇଙ୍କ ଘରୁ ଟଙ୍କା ଭର୍ତ୍ତି ଟ୍ରଙ୍କ ଓ କିଛି ସୁନାଗହଣା ଜବତ କରାଯାଇଛି। ଏକ ବ୍ୟାଙ୍କ ଗାଡ଼ିରେ ଜବତ ଟଙ୍କା ଓ ଗହଣାକୁ ଇଡି ନେଇଥିବା ନଜରକୁ ଆସିଛି। ସେହିପରି ଅନ୍ୟ ସ୍ଥାନରୁ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରାଯାଇଛି।


**बैंक ऑफ़ बड़ौदा Bank of Baroda**

**କ୍ଷେତ୍ରୀୟ କାର୍ଯ୍ୟାଳୟ : କଟକ**
୨ୟ ମହଲା, ଚଳଚ୍ଚିତ୍ର ଭବନ, ବକ୍ସିବଜାର, କଟକ, ଓଡ଼ିଶା-୭୫୩୦୦୧

**ଦଖଲ ବିଜ୍ଞପ୍ତି**
(ସ୍ଥାବର ସମ୍ପତ୍ତି ନିମନ୍ତେ)

**(ପରିଶିଷ୍ଟ ୪ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮(୧) ଅନୁସାରେ)**

ନିମ୍ନସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ବରୋଦା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (୨ୟ) ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ନିୟମ ୩ ସହିତ ଧାରା ୧୩(୧୨) ରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ଋଣଗ୍ରହୀତା/ସହ-ଋଣଗ୍ରହୀତାଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ନୋଟିସ୍ ଦର୍ଶିତ ଅର୍ଥ ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ନୋଟିସ୍ ପାଇବାର **୬୦** ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ସହ-ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ନିମ୍ନସ୍ୱାକ୍ଷରକାରୀ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟ ରୁଲ୍ସ ୨୦୦୨ର ଆକ୍ଟ ଧାରା ୧୩ ଉପଧାରା (୪) ସହିତ ରୁଲ୍ ୮ ଅନୁସାରେ ନିମ୍ନ ଦର୍ଶିତ ତାରିଖରେ ନିମ୍ନ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ**କୁ ନେଇଛନ୍ତି। ତେଣୁ ବିଶେଷ କରି ଋଣଗ୍ରହୀତା/ସହ-ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ବକେୟା ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ନିମନ୍ତେ **ବ୍ୟାଙ୍କ ଅଫ୍ ବରୋଦାର ବନ୍ତ ଛକ, ଭଦ୍ରକ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଋଣଗ୍ରହୀତାଙ୍କର ଦୃଷ୍ଟି ଆକର୍ଷଣ କରାଯାଉଛି କି ସେ କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସମୟ ମୁତାବକ ତାଙ୍କର ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରନ୍ତୁ।**

| ବନ୍ତ ଛକ ଭଦ୍ରକ ଶାଖା / ଋଣଗ୍ରହୀତା/ ସହ-ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଡିମାଣ୍ଡ /ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|
| **ଋଣଗ୍ରହୀତା: ଶ୍ରୀ ଅଜୟ କୁମାର ବେହେରା,** ପିତା: ବାସୁଦେବ ବେହେରା, ସା.: ଆରସା, ପୋ.: ତିହିଡି, ଥାନା: ତିହିଡି, ଜିଲ୍ଲା: ଭଦ୍ରକ-୭୫୬୧୩୯, ଓଡ଼ିଶା | **ଶ୍ରୀ ଅଜୟ କୁମାର ବେହେରା,** ପିତା: ବାସୁଦେବ ବେହେରାଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୦୩୧/୭୩, ପ୍ଲଟ୍ ନଂ.: ୩୧୩୮, ସମୁଦାୟ କ୍ଷେତ୍ର: ଏକର୦.୧୨୦ଡିସିମିଲି, ମୌଜା: ଆରସା, ଥାନା: ତିହିଡି, ତହସିଲ: ତିହିଡି, ଜିଲ୍ଲା: ଭଦ୍ରକ, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୩୧୩୭, ଦକ୍ଷିଣ: ୩୧୬୩, ପୂର୍ବ: ପ୍ଲଟ୍ ନଂ.: ୩୧୩୯, ୩୧୪୦, ପଶ୍ଚିମ: ପ୍ଲଟ୍ ନଂ.: ୩୩୬୩-ରାସ୍ତା | **୧୪.୧୦.୨୦୨୫ / ୧୫.୦୧.୨୦୨୬** | ତା.୦୮.୧୦.୨୦୨୫ରିଖ ସୁଦ୍ଧା ଟ.୧୬,୮୪,୭୬୬.୭୮ ଏବଂ ତା ୦୯.୧୦.୨୦୨୫ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |

**ସ୍ଥାନ: କଟକ**
**ତାରିଖ : ୧୭.୦୧.୨୦୨୬**

କ୍ଷମତାପ୍ରାପ୍ତ ଅଧିକାରୀ
ବ୍ୟାଙ୍କ ଅଫ୍ ବରୋଦା


# ଭ୍ୟାନ୍ ହେଲ୍‌ପରଙ୍କୁ ପିଟି ହତ୍ୟା ମାମଲା: ଆଉ ୩ ଅଭିଯୁକ୍ତ ଗିରଫ, ୨ ଅଟକ

**ବାଲେଶ୍ୱର, ୧୭।୧ (ବାଞ୍ଛାନିଧି ଦେ)**

ବାଲେଶ୍ୱର ସଦର ଥାନା ଅଧୀନ ସାହାଦା ଜିମ୍ ସେଣ୍ଟର ନିକଟରେ ଏକ ପିକଅପ ଭ୍ୟାନ୍‌ର ହେଲପରଙ୍କୁ ପିଟି ହତ୍ୟା ମାମଲାରେ ପୋଲିସ ଶନିବାର ଅନ୍ୟ ୩ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ୨ ଯୁବକଙ୍କୁ ଅଟକ ରଖିଛି। ଏହି ଘଟଣାରେ ମୋଟ୍‌ଗିରଫ ଅଭିଯୁକ୍ତଙ୍କ ସଂଖ୍ୟା ୬କୁ ବୃଦ୍ଧି ପାଇଛି। ପୋଲିସ ପକ୍ଷରୁ ହତ୍ୟା ଘଟଣାରେ ଅଧିକ ତଦନ୍ତ ଜାରି ରହିଛି।

ସୂଚନା ମୁତାବକ, ସଦର ଥାନା ଅସ୍ତିଆ ଗ୍ରାମର ସେକ ମକାନ୍ଦର ମହମ୍ମଦ ଏକ ପିକଅପ୍ ଭ୍ୟାନ୍ (ନଂ. ଓଆର୦୧ଏମ୍-୯୦୫୦)ରେ ହେଲପର ଭାବେ କାମ କରନ୍ତି। ବୁଧବାର ଭୋର୍ ସମୟରେ ତାଙ୍କ ଡ୍ରାଇଭରଙ୍କ ସହ ଭ୍ୟାନ୍‌ରେ ସେ ବାଲେଶ୍ୱର ଆସୁଥିଲେ। ଗୋ ଚାଲାଣ ସନ୍ଦେହରେ ସାହାଦା ଜିମ୍ ସେଣ୍ଟର ନିକଟରେ କେତେକ ଯୁବକ ଭ୍ୟାନ୍ ଆଗରେ ଲୁହା କଣ୍ଟା ଲଗା କାଠ ପଟା ବିଛାଇ ଦେଇଥିଲେ। ଫଳରେ ଲୁହାକଣ୍ଟାରେ ଭ୍ୟାନ୍ ଚକ ପଙ୍କଚର ହୋଇ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟିପଡ଼ିଥିଲା। କୌଶଳକ୍ରମେ ଡ୍ରାଇଭର ସେଠାରୁ ଖସି ପଳାଇଥିଲେ। ଅଭିଯୁକ୍ତମାନେ ମକାନ୍ଦରଙ୍କୁ ଧରି ପ୍ଲାଷ୍ଟିକ୍ ପାଇପ୍ ସହ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଖବରପାଇ ପିସିଆର ଭ୍ୟାନ୍ ପୋଲିସ ସେଠାରେ ପହଞ୍ଚି ଗୁରୁତର ଅବସ୍ଥାରେ ମକାନ୍ଦରଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ପୋଲିସ ଏକ ହତ୍ୟା ମାମଲା (ନଂ. ୩୭/୨୬) ରୁଜୁ କରି ତଦନ୍ତ ଜାରି ରଖିଥିଲା।

# ଅଭିଯୁକ୍ତ ପ୍ରେମିକଙ୍କୁ ଆଜୀବନ ଜେଲ

## ବିବାହ ନ କରିବାରୁ ପ୍ରେମିକାଙ୍କୁ ନିଆଁ ଲଗାଇ ହତ୍ୟା ଘଟଣା

**ଛତ୍ରପୁର, ୧୭।୧ (ଦିଲୀପ ସାମଲ)**

ବିବାହ ପାଇଁ ରାଜିନ ହେବାରୁ ପ୍ରେମିକାଙ୍କୁ ସ୍ପିରିଟ ଢାଳି ନିଆଁ ଲଗାଇ ହତ୍ୟା କରିବା ଘଟଣାର ବୃତାନ୍ତ ରାୟ ଶନିବାର ପ୍ରକାଶ ପାଇଛି। ଛତ୍ରପୁର ଅତିରିକ୍ତ ଜିଲା ଦୌରାଜଜ ପ୍ରଦୀପ କୁମାର ସାମଲ ଏହି ମାମଲାର ବିଚାର କରି ଅଭିଯୁକ୍ତ ପ୍ରେମିକ କୃଷ୍ଣଚନ୍ଦ୍ର ସାହୁଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅତିରିକ୍ତ ୬ ମାସ ଜେଲଦଣ୍ଡ ଭୋଗିବାକୁ ବିଚାରପତି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ୨୦୨୧ ଜୁଲାଇ ୨୭ ତାରିଖରେ ମୁଜାଗଡ଼ ହସ୍ପିଟାଲର ଲାବ୍ ଟେକ୍ନିସିଆନ ଭାବେ କାର୍ଯ୍ୟରତ ଶୁଭସ୍ମିତା ଖାଡ଼ଙ୍ଗା ଓ ପ୍ରତାପପୁର ଗ୍ରାମର କୃଷ୍ଣଚନ୍ଦ୍ର ପରସ୍ପରକୁ ଭଲ ପାଉଥିଲେ। କୃଷ୍ଣଚନ୍ଦ୍ର ବିବାହ ପାଇଁ ଅନେକ ଥର ଶୁଭସ୍ମିତାଙ୍କୁ ପ୍ରସ୍ତାବ ଦେଇଆସୁଥିଲେ। ମାତ୍ର ଶୁଭସ୍ମିତାଙ୍କ ଘର ଲୋକେ ରାଜି ହେଉ ନ ଥିଲେ। ପରେ ଶୁଭସ୍ମିତାଙ୍କୁ କୃଷ୍ଣଚନ୍ଦ୍ର ପୁରୁଷୋତ୍ତମପୁର ଥାନା ପ୍ରତାପପୁରସ୍ଥିତ ଏକ ପରିତ୍ୟକ୍ତ ଘରକୁ ଡାକି ଆଣି ସ୍ପିରିଟ ପକାଇ ତାଙ୍କ ଦେହରେ ନିଆଁ ଲଗାଇ ଦେଇଥିଲେ। ତାଙ୍କ ଶରୀରର ପ୍ରାୟ ୯୫ ପ୍ରତିଶତ ପୋଡ଼ି ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ବ୍ରହ୍ମପୁର ବଡ଼ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ଖବରପାଇ ପୋଲିସ ଓ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ ଭାବେ ପୁରୁଷୋତ୍ତମପୁର ତହସିଲଦାରଙ୍କ ଉପସ୍ଥିତିରେ ଶୁଭସ୍ମିତାଙ୍କ ବୟାନ ରେକର୍ଡ କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଶୁଭସ୍ମିତାଙ୍କ ମୃତ୍ୟୁ ହୋଇଥିଲା। ଘଟଣା ସମ୍ପର୍କରେ ଶୁଭସ୍ମିତାଙ୍କ ବାପା ପ୍ରଶାନ୍ତ ଖାଡ଼ଙ୍ଗା ପୁରୁଷୋତ୍ତମପୁର ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ପୋଲିସ ନଂ. ୩୩୪/୨୦୨୧ରେ ଏକ ମାମଲା ରୁଜୁ କରିଥିଲା। ତଦନ୍ତ ଅଧିକାରୀ ରୂପେ ଜଗନ୍ନାଥ ମଲ୍ଲିକ ଏହାର ତଦନ୍ତ କରି ଅଭିଯୁକ୍ତ କୃଷ୍ଣଚନ୍ଦ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଜିଆର୍ ନଂ. ୩୩୧ ପରେ ଏସ୍‌ଟି ନଂ. ୮ /୨୨ ଅନୁସାରେ ସେବେଠାରୁ ଏହି ମାମଲା ଜିଲା ଦୌରାଜଜଙ୍କ କୋର୍ଟରେ ବିଚାରାଧୀନ ଥିଲା। ଏହି ମାମଲାରେ ସରକାରଙ୍କ ପକ୍ଷରୁ ୨୪ ଜଣ ଓ ମୁଦୁଲାଙ୍କ ପକ୍ଷରୁ ୨ ଜଣ ଏପରି ମୋଟ ୨୬ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ବିଚାରପତି ଉପରୋକ୍ତ ରାୟ ଦେଇଛନ୍ତି। ସରକାରଙ୍କ ପକ୍ଷରୁ କ୍ୟାଡର ଆଡିଶନାଲ ପିପି ନିହାର ରଞ୍ଜନ ଜେନା ଓ ସହଯୋଗୀ ଭାବେ ସରକାରୀ ଓକିଲ ଗଙ୍ଗାଧର ପଣ୍ଡା ମାମଲା ପରିଚାଳନା କରିଥିଲେ।


**पुलिस अधीक्षक का कार्यालय, सिमडेगा।**

**(सर्वसाधारण के लिए सूचना)**

लापता पुरूष कलीम खान, उम्र–करीब 25 वर्ष, पे0–मुस्तफा खान, सा0–मतरामेटा, थाना–टी0टाँगर, जिला–सिमडेगा, राज्य–झारखण्ड, जो दिनांक–12.01.2026 के करीब सात (07)बजे शाम को 02 घण्टे में आते हैं, बोलकर घर से निकले थे, परन्तु अभी तक अपने घर वापस नहीं लौटा है। लापता पुरूष की बरामदगी अभी तक नहीं हो पायी है, जिसका विवरणी निम्नवत् है:–

हुलिया की विवरणी :–
लिंग:–पुलिंग
उम्र:–25 वर्ष।
रंग :–गोरा
उँचाई:–05 फीट 06 ईंच।
भाषा:–सादरी एवं हिन्दी ।
पहनावा :–ब्लू रंग का जैकेट, जिन्स एवं जूता।
बाल:–काला रंग



अतः सर्व साधारण को सूचित किया जाता है कि उक्त लापता पुरूष के बारे में पता चलता है तो नीचे अंकित दूरभाष नं0 पर अविलंब सूचित करेंगे।

पुलिस अधीक्षक, सिमडेगा – मोबाइल नं0–9431116444
पुलिस उपाधीक्षक, (मु0) सिमडेगा – मोबाइल नं0–9431706227
थाना प्रभारी, टी0टांगर – मोबाइल नं0–9431706232
पुलिस नियंत्रण कक्ष, सिमडेगा – मोबाइल नं0–9262998531
मानव तस्करी संबंधी टोल फ्री नं0 – मोबाइल नं0–1800–3456–256

पुलिस अधीक्षक,
सिमडेगा।

PR 370906 (Simdega) 25-26 (D)

**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, JASHIPUR**
**GOVERNMENT OF ODISHA**

No.A-1269 **"e"-PROCUREMENT NOTICE**

**BID IDENTIFICATION No: 09 MID (JSP/2025-26)**

1. Name of the Inviting Officer : Superintending Engineer, Minor Irrigation Division, Jashipur
2. Name of the Work : Construction of Check Dams, Improvement to Check Dams in different Block of Mayurbhanj District & Impt. to MIPs of Karanjia Block of Mayurbhanj District for the year 2025-26
3. No. of Works : 32 (Thirty two) Nos.
4. Tender Amount Varies From : Rs.2.92 lakhs to Rs.44.49 lakhs
5. Date and Time of Availability of BID Documents in the Portal for online Bidding from : Dt.20.01.2026, 10.00 hrs. to Dt.29.01.2026, 17.00 hrs.
6. Last Date and Time of receipt of Bids in the Portral : Dt.29.01.2026 upto 17.00 hrs
7. Last Date and Time for clarification upto : Dt.29.01.2026 upto 17.00 hrs
8. Date of opening of Bid : Dt.30.01.2026 at 11.00 hrs onwards

The detail tender call notice can also be seen in the DOWR website : http://dowrorissa.gov.in

| | | |
|---|---|---|
| Name & Address of the OIT | : | Superintending Engineer, M.I. Division, Jashipur, At/PO-Khairi / Dist : Mayurbhanj, PIN-757091, E-Mail :- eemijashipur@yahoo.com |
| Further details can be seen from the e-Procurement market place. | : | http://tenderorissa.gov.in |

- Subsequent corrigendum/addendum if required shall be available in the above portal.
- The tender inviting authority reserves the right to reject/cancel any or all tenders without assigning any reason thereof.

Sd./- Superintending Engineer
M.I Division, Jashipur

OIPR-

**ଭାରତୀୟ ରିଜର୍ଭ ବ୍ୟାଙ୍କ୍**
**RESERVE BANK OF INDIA**
www.rbi.org.in

**ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ନିୟନ୍ତ୍ରିତ ସଂସ୍ଥାଗୁଡ଼ିକ ବିରୋଧରେ ଅଭିଯୋଗର ସମାଧାନ**

**ରିଜର୍ଭ ବ୍ୟାଙ୍କ - ସମନ୍ୱିତ ଓମ୍ବୁଡ୍ସମେନ ଯୋଜନା (ଆରବି-ଆଇଓଏସ୍)**

- ରିଜର୍ଭ ବ୍ୟାଙ୍କ ଏହାର ସମସ୍ତ ନିୟନ୍ତ୍ରିତ ସଂସ୍ଥାମାନଙ୍କୁ ସେମାନଙ୍କ ଗ୍ରାହକମାନଙ୍କ ଠାରୁ ପ୍ରାପ୍ତ ଅଭିଯୋଗର ସମାଧାନ ପାଇଁ ନିଜ ସ୍ତରରେ ଏକ ବ୍ୟବସ୍ଥା ଆପଣେଇବାକୁ ନିର୍ଦ୍ଦେଶ ଦେଇଛି, ଯାହାକୁ ସଂସ୍ଥାର ଆଭ୍ୟନ୍ତରୀଣ ଅଭିଯୋଗ ସମାଧାନ ପ୍ରଣାଳୀ ଭାବରେ ବିବେଚନା କରାଯାଏ ।
- ରିଜର୍ଭ ବ୍ୟାଙ୍କ ଏହାର ନିୟନ୍ତ୍ରିତ ସଂସ୍ଥାମାନଙ୍କ ଦ୍ୱାରା ପ୍ରଦତ୍ତ ସେବାରେ ଥିବା ତ୍ରୁଟି ସମ୍ବନ୍ଧୀୟ ଗ୍ରାହକଙ୍କ ଅଭିଯୋଗର ସମାଧାନ ପାଇଁ ରିଜର୍ଭ ବ୍ୟାଙ୍କ – ସମନ୍ୱିତ ଓମ୍ବୁଡ୍ସମେନ ଯୋଜନା, 2021 (ଆରବି-ଆଇଓଏସ) ମାଧ୍ୟମରେ ଏକ ତ୍ୱରିତ ଏବଂ ନିଃଶୁଳ୍କ ବିକଳ୍ପ ଅଭିଯୋଗ ସମାଧାନ ପ୍ରଣାଳୀର ମଧ୍ୟ ବ୍ୟବସ୍ଥା ରଖିଛି ।
- ବ୍ୟାଙ୍କ, ଅଣ ବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀ (ଏନବିଏଫସି), ପେମେଣ୍ଟ ସିଷ୍ଟମ୍ ଅଂଶଗ୍ରହଣକାରୀ (ପିଏସପି) ଏବଂ କ୍ରେଡିଟ୍ ସୂଚନା ପ୍ରଦାନକାରୀ କମ୍ପାନୀଗୁଡ଼ିକୁ (ସିଆଇସି) ଅଭିଯୋଗ ସମାଧାନ ପ୍ରଣାଳୀ ଅଧିନରେ ନିୟନ୍ତ୍ରିତ ସଂସ୍ଥା ଭାବରେ ବିବେଚନା କରାଯାଏ ।
- ଯେକୌଣସି ନିୟନ୍ତ୍ରିତ ସଂସ୍ଥା ବିରୁଦ୍ଧରେ ପ୍ରାପ୍ତ ସମସ୍ତ ଅଭିଯୋଗଗୁଡିକ ପାଇଁ ଆରବି-ଆଇଓଏସ "ଗୋଟିଏ ରାଷ୍ଟ୍ର ଗୋଟିଏ ଓମ୍ବୁଡ୍ସମେନ" ପଦ୍ଧତି ଗ୍ରହଣ କରେ । ତେଣୁ ଜଣେ ଅଭିଯୋଗକାରୀଙ୍କୁ, କେଉଁ ଓମ୍ବୁଡ୍ସମେନ ଯୋଜନା/ ଅଫିସ୍ ମାଧ୍ୟମରେ, ଓମ୍ବୁଡ୍ସମେନଙ୍କ ନିକଟରେ ଅଭିଯୋଗ ଦାଖଲ କରିବା ଉଚିତ୍, ତାହା ଚିହ୍ନଟ କରିବାର ଆଉ ଆବଶ୍ୟକତା ନାହିଁ ।
- ଆରବି-ଆଇଓଏସ ଅଧୀନରେ ଆସୁନଥିବା ସଂସ୍ଥା ଗୁଡିକ ବିରୋଧରେ ଅଭିଯୋଗର ସମାଧାନ ଉପଭୋକ୍ତା ଶିକ୍ଷା ଏବଂ ସୁରକ୍ଷା କକ୍ଷ (ସିଇପିସି) ମାଧ୍ୟମରେ ପରିଚାଳିତ ହୋଇଥାଏ ।
- ଆରବି-ଆଇଓଏସ୍ ଏବଂ ସିଇପିସିର ଅଧୀନରେ ଆସୁଥିବା ନିୟନ୍ତ୍ରିତ ସଂସ୍ଥାଗୁଡ଼ିକର ତାଲିକା https://cms.rbi.org.in ରୁ ପାଇପାରିବେ ।

**ଯଦି ଆପଣଙ୍କର ଅଭିଯୋଗ ଅଛି ତେବେ କଣ କରିବେ?**

ଆପଣ ନିୟନ୍ତ୍ରିତ ସଂସ୍ଥା ବିରୁଦ୍ଧରେ ଏହାର ଶାଖାରେ, କିମ୍ବା ଅନଲାଇନ୍ ମାଧ୍ୟମରେ ଅଭିଯୋଗ ନିବାରଣ ପୋର୍ଟାଲରେ, କିମ୍ବା ଏହାର ୱେବସାଇଟରେ ଉଲ୍ଲେଖ କରାଯାଇଥିବା ଅନ୍ୟ କୌଣସି ମାଧ୍ୟମରେ ଅଭିଯୋଗ ଦାଖଲ କରିପାରିବେ । ଅଭିଯୋଗର ସ୍ୱୀକୃତି ପ୍ରାପ୍ତ କରନ୍ତୁ କିମ୍ବା ଅଭିଯୋଗର ରେଫରେନ୍ସ ନମ୍ବରକୁ ସୁରକ୍ଷିତ ରଖନ୍ତୁ ।

**ଆରବିଆଇ ଓମ୍ବୁଡ୍ସମେନଙ୍କୁ କେବେ ଯୋଗାଯୋଗ କରିବେ?**

ଆପଣ ନିମ୍ନଲିଖିତ କ୍ଷେତ୍ରରେ ଆରବିଆଇ ଓମ୍ବୁଡ୍ସମେନଙ୍କ ସହ ଯୋଗାଯୋଗ କରିପାରିବେ:

- **ଯଦି ନିୟନ୍ତ୍ରିତ ସଂସ୍ଥା ଠାରୁ 30 ଦିନ ଭିତରେ କୌଣସି ଉତ୍ତର ପ୍ରାପ୍ତ ନ ହୁଏ** – ଆପଣଙ୍କ ଦ୍ୱାରା ନିୟନ୍ତ୍ରିତ ସଂସ୍ଥା ବିରୁଦ୍ଧରେ କରାଯାଇଥିବା ଅଭିଯୋଗର ତାରିଖ ଠାରୁ ଏକ ବର୍ଷ ଏବଂ 30 ଦିନ ମଧ୍ୟରେ ଯେ କୌଣସି ସମୟରେ ।
- **ଯଦି ନିୟନ୍ତ୍ରିତ ସଂସ୍ଥା ଠାରୁ ପ୍ରାପ୍ତ ଉତ୍ତର ସନ୍ତୋଷଜନକ ନୁହେଁ** – ସଂପୃକ୍ତ ନିୟନ୍ତ୍ରିତ ସଂସ୍ଥାରୁ ଉତ୍ତର ପାଇବାର ଏକ ବର୍ଷ ମଧ୍ୟରେ ଯେ କୌଣସି ସମୟରେ ।

**ଧ୍ୟାନ ଦିଅନ୍ତୁ:**

- ଆରବି-ଆଇଓଏସ୍‌ରେ ଧାର୍ଯ୍ୟ କରାଯାଇଥିବା ଅଭିଯୋଗ ଫର୍ମ ଅନୁଯାୟୀ ସମସ୍ତ ଆବଶ୍ୟକୀୟ ବିବରଣୀ / ସୂଚନା ଅଭିଯୋଗରେ ଅନ୍ତର୍ଭୁକ୍ତ କରାଯାଇଥିବା ଆବଶ୍ୟକ ।
- ଅଭିଯୋଗ ଅନ୍ୟ କୌଣସି ମଂଚ (ଯେପରି ନ୍ୟାୟାଳୟ)ରେ ବିଚାର ହୋଇ ନ ଥିବ /ବିଚାରାଧୀନ ନ ଥିବ କିମ୍ବା ଆରବିଆଇ ଓମ୍ବୁଡ୍ସମେନ ଦ୍ୱାରା ପୂର୍ବରୁ ବିଚାର ହୋଇନଥିବ ।
- **ନିୟନ୍ତ୍ରିତ ସଂସ୍ଥା ସହିତ ଯୋଗାଯୋଗ ନକରି ଆରବିଆଇ ଓମ୍ବୁଡ୍ସମେନଙ୍କ ପାଖରେ ସିଧାସଳଖ ଅଭିଯୋଗ ଦାଖଲ କରିଲେ ଏହାର ପ୍ରତ୍ୟାଖାନ ହୋଇପାରେ ।**

**ଆରବିଆଇ ପାଖରେ ଅଭିଯୋଗ କିପରି କରିବେ?**

ନିୟନ୍ତ୍ରିତ ସଂସ୍ଥା ବିରୁଦ୍ଧରେ ଅଭିଯୋଗ ନିମ୍ନଲିଖିତ ଯେକୌଣସି ମାଧ୍ୟମରେ ଦାଖଲ କରାଯାଇପାରିବ:

- ଆରବିଆଇର ଅଭିଯୋଗ ପରିଚାଳନା ପ୍ରଣାଳୀ (ସିଏମଏସ) ପୋର୍ଟାଲ https://cms.rbi.org.in ମାଧ୍ୟମରେ ଅନଲାଇନରେ ଅଭିଯୋଗ ଦାଖଲ କରାଯାଇପାରିବ ।
- ଆରବି-ଆଇଓଏସର ଅନୁବନ୍ଧରେ ଉଲ୍ଲେଖିତ ଫର୍ମ ମାଧ୍ୟମରେ ଲିଖିତ ଅଭିଯୋଗ (ଚିଠି/ପୋଷ୍ଟ) ଦ୍ୱାରା "କେନ୍ଦ୍ରୀଭୂତ ପ୍ରାପ୍ତି ଏବଂ ପ୍ରକ୍ରିୟାକରଣ କେନ୍ଦ୍ର (CRPC), ଚତୁର୍ଥ ମହଲା, ଭାରତୀୟ ରିଜର୍ଭ ବ୍ୟାଙ୍କ୍, ସେକ୍ଟର – 17, ସେଣ୍ଟ୍ରାଲ ଭିସ୍ତା, ଚଣ୍ଡିଗଡ଼ – 160017" କୁ ପଠାଯାଇ ପାରିବ ।

**ଆରବିଆଇ ନିକଟରେ ଅଭିଯୋଗ ଦାଖଲ କରିବା ବିଷୟରେ ଅଧିକ ସୂଚନା କିପରି ପାଇ ପାରିବେ ?**

ଅଧିକ ସୂଚନା ପାଇଁ ଆପଣ ଆରବିଆଇର ସମ୍ପର୍କ କେନ୍ଦ୍ର ଟୋଲ୍ ଫ୍ରି ନମ୍ବର: 14448 ରେ ଯୋଗାଯୋଗ କରିପାରିବେ । ଇଣ୍ଟରାକ୍ଟିଭ୍ ଭଏସ୍ ରେସପନ୍ସ ସିଷ୍ଟମ୍ (IVRS) ଯୁକ୍ତ ସମ୍ପର୍କ କେନ୍ଦ୍ର 24x7 ଉପଲବ୍ଧ ଥିବାବେଳେ ସମ୍ପର୍କ କେନ୍ଦ୍ର କର୍ମଚାରୀଙ୍କ ସହିତ ଇଂରାଜୀ, ହିନ୍ଦୀ ଏବଂ ଦଶଟି ଆଞ୍ଚଳିକ ଭାଷା (ଆସାମୀୟ, ବଙ୍ଗାଳୀ, ଗୁଜୁରାଟୀ, କନ୍ନଡ, ମାଲାୟାଲମ୍, ମରାଠୀ, ଓଡିଆ, ପଞ୍ଜାବୀ, ତେଲୁଗୁ ଏବଂ ତାମିଲ୍)ରେ ଯୋଗାଯୋଗ କରିବାର ସୁବିଧା ଜାତୀୟ ଛୁଟିଦିନ ବ୍ୟତୀତ ସୋମବାର ଠାରୁ ଶନିବାର ସକାଳ 8:00 ରୁ ରାତି 10:00 ମଧ୍ୟରେ ଉପଲବ୍ଧ ଅଛି ।

**ଅଧିକ ସୂଚନା ପାଇଁ**

ଦୟାକରି ପରିଦର୍ଶନ କରନ୍ତୁ :
ଭାରତୀୟ ରିଜର୍ଭ ବ୍ୟାଙ୍କ – ସମନ୍ୱିତ ଓମ୍ବୁଡ୍ସମେନ ଯୋଜନା, 2021 ଉପରେ ବାରମ୍ବାର ପଚରାଯାଉଥିବା ପ୍ରଶ୍ନ – https://www.rbi.org.in/scripts/FS_FAQs.aspx?fn=2745
କିମ୍ବା
ସିଏମଏସ ପୋର୍ଟାଲ – https://cms.rbi.org.in

**(ଡ଼ିଆଇସିଜିସି ବିରୁଦ୍ଧରେ ଅଭିଯୋଗ ପାଇଁ, ଜନସାଧାରଣ ନିମ୍ନଲିଖିତ ଠିକଣା / ଇ-ମେଲ୍ ମାଧ୍ୟମରେ ଅଭିଯୋଗ ଦାଖଲ କରିପାରିବେ)**

**ଜମା ବୀମା ଏବଂ ଋଣ ଗ୍ୟାରେଣ୍ଟି ନିଗମ (ଡ଼ିଆଇସିଜିସି)**
ମହାପ୍ରବନ୍ଧକ
ଡ଼ିଆଇସିଜିସି, ଅଭିଯୋଗ ନିରାକରଣ କକ୍ଷ
ଭାରତୀୟ ରିଜର୍ଭ ବ୍ୟାଙ୍କ୍, 2ୟ ମହଲା
ମୁମ୍ବାଇ ସେଣ୍ଟ୍ରାଲ୍ ରେଲୱେ ଷ୍ଟେସନ୍ ସମ୍ମୁଖ
ବାଇକୁଲା, ମୁମ୍ବାଇ – 400 008
ଇ–ମେଲ: dicgc.complaints@rbi.org.in
ଟେଲିଫୋନ୍ ନମ୍ବର. 022-23019645

# ଭେଦ ବ୍ୟବସ୍ଥାରୁ ଶ୍ରମିକ ଶୋଷଣ



ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ଆନ୍ତର୍ଜାତିକ ସେମିନାର ଉଦ୍‌ଘାଟନୀ ଦିବସରେ ଉପସ୍ଥିତ ଗବେଷକ, ଅତିଥି ଏବଂ ବୁଦ୍ଧିଜୀବୀ, ଛାତ୍ରୀଛାତ୍ର।

**ବଲାଙ୍ଗୀର,୧୭।୧(ବୀରେନ୍ଦ୍ର କୁମାର ଝାଙ୍କର)**

ଦେଶରେ ଚାଲିଥିବା ଭେଦ ବ୍ୟବସ୍ଥା ସାମୂହିକ ଶ୍ରମିକ ଶୋଷଣର ମୂଳ। ଯେ ପର୍ଯ୍ୟନ୍ତ ଏହି ଭେଦ ବ୍ୟବସ୍ଥା ବା ଶୋଷଣ ଢ଼ାଞ୍ଚାରେ ଆମୂଳଚୂଳ ପରିବର୍ତ୍ତନ ହେବନାହିଁ ସେ ପର୍ଯ୍ୟନ୍ତ ସମସ୍ତଙ୍କୁ ସମାନ ରାଜନୈତିକ, ସାମାଜିକ, ଆର୍ଥିକ ଏବଂ ସାଂସ୍କୃତିକ ସ୍ୱତନ୍ତ୍ରତା ମିଳିବା ସମ୍ଭବ ନୁହେଁ ବୋଲି ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଗବେଷକ ପ୍ରଫେସର ମନୋରଞ୍ଜନ ମହାନ୍ତି ଶନିବାର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ୨ଦିନିଆ ଆନ୍ତର୍ଜାତିକ ସେମିନାରରେ କହିଥିଲେ। ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ମଧୁସୂଦନ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅଧିବେଶନରେ ସ୍ୱତନ୍ତ୍ର ଆଲୋଚନା କରି ପ୍ରଫେସର ମହାନ୍ତି ଆହୁରି କହିଥିଲେ ଯେ, ଶ୍ରମକୁ ନେଇ ବର୍ଗୀକରଣ, ବିଭେଦକରଣ, ବର୍ଣ୍ଣ ଓ ଜାତିବାଦୀ ବ୍ୟବସ୍ଥା ଏବଂ ସର୍ବୋପରି ଭେଦ ବ୍ୟବସ୍ଥା କାରଣରୁ ଶାରୀରିକ ଶ୍ରମରେ ନିୟୋଜିତ ଶ୍ରମିକମାନେ ବିଶେଷ ଶୋଷଣର ସମ୍ମୁଖୀନ ହେଉଛନ୍ତି। ଏହି ଶୋଷଣ ବ୍ୟବସ୍ଥାରେ ଦାଦନ ଶ୍ରମିକ ମାନେ ସବୁଠୁ ବେଶୀ ଶୋଷିତ ବର୍ଗ। ଏହି ଭେଦ ବ୍ୟବସ୍ଥାକୁ ପ୍ରତିହତ କରିବା ପାଇଁ ରାଷ୍ଟ୍ରର ଗୁରୁଦାୟିତ୍ୱ ରହିଛି। ବିଶେଷକରି ସରକାରୀ, ପ୍ରଶାସନିକ, ସାମାଜିକ କର୍ମୀ, ଗବେଷକ, ଶିକ୍ଷାବିତ୍ ଏବଂ ସଚେତନ ସଙ୍ଗଠନକୁ ଦାୟିତ୍ୱର ସହ କାର୍ଯ୍ୟ କାରିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ଏହାହେଲେ ଭେଦ ବ୍ୟବସ୍ଥା ଭାଙ୍ଗିବ ଏବଂ

**■ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ଗବେଷଣା ଚକ୍ର ପକ୍ଷରୁ ମିଳିତ ଆୟୋଜନ**

**■ ୨ ଦିନିଆ ଆନ୍ତର୍ଜାତିକ ସେମିନାର ଉଦ୍‌ଘାଟିତ**

ସମସ୍ତେ ଶ୍ରମଜନରେ ପରିଚିତ ହେବେ ବୋଲି କହିଥିଲେ। ତାଙ୍କ ବକ୍ତବ୍ୟରେ ସେ ଗାନ୍ଧୀବାଦୀ ବିଚାରଧାରା ସହ ଆନ୍ତର୍ଜାତିକ ସ୍ତରର ମୂଲ୍ୟବୋଧ ଉପରେ କହିଥିଲେ। ସଭାପତୀୟ ଅଭିଭାଷଣରେ ପ୍ରଫେସର ପତି ପ୍ରକୃତି ସହ ସଂଯୁକ୍ତ ହେବା ଓ କଲ୍ୟାଣକାରୀ ପରିବେଶ ସୃଷ୍ଟି ପାଇଁ ଆଧ୍ୟାତ୍ମିକତା ଉପରେ ଜୋର ଦେଇଥିଲେ।

ବର୍ଷ ବର୍ଷର ଦାଦନ ଶ୍ରମିକ ସମସ୍ୟାକୁ ରୋକିବା ପାଇଁ ନାଗରିକ ସମାଜର ଏକ ବଡ ଭୂମିକା ରହିଛି ବୋଲି କହିଥିଲେ।

ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଏବଂ ଗବେଷଣା ଚକ୍ର ଓଡିଶାର ମିଳିତ ଆନୁକୂଲ୍ୟରେ ଶନିବାର 'ଷ୍ଟେଟ୍, ମାର୍କେଟ ଆଣ୍ଡ ଲେବର: ରିଏସେସିଂ ଦି ଦାଦନ ମାଇଗ୍ରେଶନ୍ ଇନ୍ କନ୍‌ଟେମ୍ପୋରାରି ଓଡିଶା' ଶୀର୍ଷକରେ ୨ଦିନିଆ ଆନ୍ତର୍ଜାତିକ ସେମିନାର ଉଦ୍‌ଘାଟିତ ହୋଇଥିଲା। ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ସେମିନାର ଉଦଘାଟନ କରିଥିଲେ। ଗବେଷଣା ଚକ୍ର ସଭାପତି ପ୍ରଫେସର ପ୍ରେମାନନ୍ଦ ପଣ୍ଡା ମୁଖ୍ୟ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ସଭାରେ ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ପ୍ରତାପ କୁମାର ଦାଶ ମଞ୍ଚାସୀନ ଥିଲେ। ପ୍ରଫେସର ମନୋଜ ନାଗ ସ୍ୱାଗତ ବକ୍ତବ୍ୟ, ପ୍ରଫେସର ଶିବରାମ ବଡତ୍ୟା ସେମିନାର ଆଭିମୁଖ୍ୟ ଏବଂ ପ୍ରଫେସର ସ୍ୱର୍ଣ୍ଣମୟୀ ତ୍ରିପାଠୀ ଗବେଷଣା ଚକ୍ର ବିବରଣୀ ଏବଂ ସଞ୍ଜୟ ମେହେର ସନ୍ଦର୍ଭ ଉପସ୍ଥାପନ କରିଥିଲେ। ପେନାଲ ଡିସକଶନ୍‌ରେ ପ୍ରଫେସର ତ୍ରିଲୋକିନାଥ ପାଣ୍ଡେ ଅଧ୍ୟକ୍ଷତା କରିଥିଲେ। ଆଲୋଚକଭାବେ ଅରୁଣ କୁମାର ଆଚାର୍ଯ୍ୟ, ପ୍ରଫେସର ଚାର୍ବାକ ପତି, ପ୍ରଫେସର ବିଜୟ କୁମାର ଉପାଧ୍ୟାୟ, ସାମାଜିକ କର୍ମୀ ତ୍ରିଲୋଚନ ପୁଞ୍ଜି ଯୋଗଦାନ କରି ଦାଦନ ଶ୍ରମିକ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏହାପରେ ୫ଟି ବୈଷୟିକ ଅଧିବେଶନରେ ଗବେଷଣାରତ ଛାତ୍ରୀଛାତ୍ର ମାନେ ୪୦ରୁ୪୫ଟି ସନ୍ଦର୍ଭ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଫେସର ଅନ୍ନପୂର୍ଣ୍ଣା ପାଣ୍ଡେ, ପ୍ରଫେସର ବିଦ୍ୟୁତ୍ ମହାନ୍ତି, ପ୍ରଫେସର ବିଜୟ କୁମାର ବହିଦାର, ସାମାଜିକ କର୍ମୀ ପ୍ରଫୁଲ୍ଲ ସାମନ୍ତରା, ଲିଙ୍ଗରାଜ, ଭାଲଚନ୍ଦ୍ର, ଦେବରଞ୍ଜନ, ପ୍ରଫେସର ଆଶା ହଂସ, ଡ ଅନନ୍ୟା ମିଶ୍ର, ରାଜେଶ ଝାଙ୍କର, ଜୟଶ୍ରୀ ସାହୁ, ରବିଶଙ୍କର ପ୍ରଧାନ, ନିଗମାନନ୍ଦ ଷଡଙ୍ଗୀ ଓ ବହୁ କଲେଜର ଅଧ୍ୟାପକ, ବୁଦ୍ଧିଜୀବୀ ଓ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ। ଶେଷରେ ପ୍ରଫେସର ରାଜେଶ କୁମାର କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ।

# ଫାଇନାଲରେ ରାଜସ୍ଥାନ ମେୱାର



ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

**ପାଟଣାଗଡ଼,୧୭।୧(ସଚ୍ଚିଦାନନ୍ଦ ମହାକୁର)**

**ପାଟଣାଗଡ଼ କପ କ୍ରିକେଟ ଟୁର୍ନାମେଣ୍ଟ**

ସ୍ଥାନୀୟ ରମାଁଇ ହାଇସ୍କୁଲ ଖେଳ ପଡିଆରେ ଚାଲିଥିବା ସର୍ବ ଭାରତୀୟ ପାଟଣାଗଡ଼ କପ କ୍ରିକେଟ ଟୁର୍ନାମେଣ୍ଟର ବି'ପୁଲର ସେମି ଫାଇନାଲ ମ୍ୟାଚ ଶନିବାର କଟକ ୟୁନିୟନ ସ୍ପୋର୍ଟିଂ ଓ ରାଜସ୍ଥାନ ମେୱାର ଟିମ ମଧ୍ୟରେ ହୋଇଥିଲା। ମେୱାର ଦଳ ଫାଇନାଲକୁ ପ୍ରବେଶ କରିଛି। ମେୱାର ଦଳ ପ୍ରଥମେ ଟସ ଜିଣି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୩୨ ଓଭରରେ ସମସ୍ତ ଉଇକେଟ ହରାଇ ୧୮୦ ରନ ସଂଗ୍ରହ କରିଥିଲା। କଟକ ୟୁନିଅନ ସ୍ପୋର୍ଟିଂ ଦଳ ୧୮୦ ରନର ପିଛାକରି ୩୨ ଓଭର ୫ ବଲରେ ତାର ସମସ୍ତ ଉଇକେଟ ହରାଇ ୧୬୩ ରନ କରି ପରାଜୟ ହୋଇଥିଲା । ଯାହାଫଳରେ ମେୱାର ଦଳ ୧୭ ରନରେ ବିଜୟ ଲାଭ କରିବା ସହ ବି'ପୁଲର ପ୍ରଥମ ଦଳ ଭାବେ ଫାଇନାଲକୁ ପ୍ରବେଶ କରିଛି। ମେୱାର ଦଳ ପକ୍ଷରୁ ୟସନ ଟାଙ୍ଗୀ ୩୪ ବଲରେ ୫୪ ରନ ସଂଗ୍ରହ କରି ୫ ଛକା ଓ ୩ ଚୌକା ମାରିଥିଲେ। ରିତେଶ ପଟେଲ ୭ ଓଭରରେ ୧୮ ରନ ଦେଇ ୧ ଓଭର ମେଡେନ ନେଇ ୩ ଉଇକେଟ ନେଇନଥିବାରୁ ତାଙ୍କୁ ମ୍ୟାନ ଆଫଦି ମ୍ୟାଚ ପ୍ରଦାନ କରାଯାଇଥିଲା। ମ୍ୟାଚରେ ମୁଖ୍ୟ ଅତିଥିଭାବେ ବଲାଙ୍ଗୀର ଜିଲାପାଳ ଗୌରବ ଶିବାଜୀ ଇସଳୱାର ଯୋଗଦେଇଥିଲେ। ମ୍ୟାଚ ରେଫରୀଭାବେ ପ୍ରତାପ ପାତ୍ର, ଅଶିତ ପଟ୍ଟନାୟକ, ରାଜେନ୍ଦ୍ର ସେଠ ରହିଥିବା ବେଳେ ସନ୍ତୋଷ ନାୟାର ଧାରା ବିବରଣୀ ପ୍ରଦାନ କରିଥିଲେ। ରବିବାର ଫାଇନାଲ ମ୍ୟାଚ ରାଜସ୍ଥାନ ମେୱାର ଓ କଟକ ରାଇଜିଂ ଷ୍ଟୁଡେଣ୍ଟ ମଧ୍ୟରେ ଅନୁଷ୍ଠିତ ହେବ।

# କୃଷି ସଚେତନତା ରଥର ଶୁଭାରମ୍ଭ


ରଥର ଶୁଭାରମ୍ଭ କରାଯାଉଛି।

**ଖପ୍ରାଖୋଲ,୧୭।୧(ଅଭୟ ତ୍ରିପାଠୀ)**

ସ୍ଥାନୀୟ ବ୍ଲକ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ କୃଷି ସଚେତନତା ରଥର ଶୁଭାରମ୍ଭ ଶନିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ କୃଷି ଅଧିକାରୀ ସନ୍ତୋଷ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୁଭାରମ୍ଭ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଉପ ମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ସମ୍ମାନୀତ ଅତିଥିଭାବେ ବିଡ଼ିଓ ବିବେକାନନ୍ଦ ଷଡଙ୍ଗୀ ଯୋଗଦେଇ ପତାକା ଦେଖାଇ ଶୁଭାରମ୍ଭ କରିଥିବା ବେଳେ ସଚେତନ ଧର୍ମି ବାର୍ତ୍ତା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ପ୍ରତ୍ୟେକ ଚାଷୀ ମାଟି ପରୀକ୍ଷା କରିବା ସହିତ ଫସଲ ପର୍ଯ୍ୟାୟ କରିବା, ମାଟିରେ ଆବଶ୍ୟକ ଖତ ଓ ଉର୍ବରକ ପ୍ରୟୋଗ ଉପରେ ବାର୍ତ୍ତା ଦେଇଥିଲେ। ଏହି ଅବସରରେ କୃଷି ବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ କର୍ମଚାରୀ ଉପସ୍ଥିତ ଥିବା ବେଳେ ବ୍ଲକର ସମସ୍ତ ପଞ୍ଚାୟତକୁ ଏହି କୃଷି ସଚେତନ ରଥ ଯିବ ବୋଲି ବ୍ଲକ କୃଷି ଅଧିକାରୀ ପ୍ରକାଶ କରିଛନ୍ତି। ଶେଷରେ ଡ.ଅଭୟ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକ୍ ସ୍ତରୀୟ ଧରଣୀୟ ଜୀବନଶୈଳୀ ପ୍ରଦର୍ଶନୀ



ଦେଓଗାଁ ପଞ୍ଚାୟତ ସମିତି ହାଇସ୍କୁଲରେ ବ୍ଲକ ସ୍ତରୀୟ ଧରଣୀୟ ଜୀବନଶୈଳୀ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଅବସରରେ ମଞ୍ଚାସୀନ ଅତିଥି।

**ଦେଓଗାଁ,୧୭।୧(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁ ପଞ୍ଚାୟତ ସମିତି ହାଇସ୍କୁଲରେ ବ୍ଲକ ସ୍ତରୀୟ ଧରଣୀୟ ଜୀବନଶୈଳୀ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ଅମ୍ବରିଶ ଭୋଇଙ୍କ ସଭାପତିତ୍ୱରେ ତଥା ବ୍ଲକ ସଂଯୋଜକ ରାଜକିଶୋର ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବ୍ଲକ ଶିକ୍ଷାଧିକାରୀ ମମତା ମହାଡିକ, ମୁଖ୍ୟବକ୍ତାଭାବେ ବନ୍ଧପାଲି ହାଇସ୍କୁଲର ପ୍ରଧାନଶିକ୍ଷକ ବିଭୂତି ଭୂଷଣ ବେହେରା, ସମ୍ମାନୀତ ଅତିଥିଭାବେ ଏବିଇଓ କବିରାଜ ମାଝୀ, ଚୈତନ୍ୟ ଧରୁଆ, ପୁଷ୍ପାଞ୍ଜଳୀ ଗୁରୁ, ସୁଜାତା ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ପ୍ରଦର୍ଶନୀରେ ବିଭିନ୍ନ ବିଦ୍ୟାଳୟରୁ ମୋଟ ୩୭ଟି ପ୍ରକଳ୍ପ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ଏସଏସଡି ରାମଚନ୍ଦ୍ରପୁରର ଅଳକା କୁମାର, ବଡବାହାଲ ହାଇସ୍କୁଲର ଶ୍ରୀୟା ରଣା ଓ ବନ୍ଧପାଲି ହାଇସ୍କୁଲର ଲିପିନା ବାଗଙ୍କ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଥିଲା। ବିଚାରକଭାବେ ଗୋପାଳ ଚନ୍ଦ୍ର ମେହେର ଓ ପ୍ରଦୀପ୍ତ କୁମାର ସାହୁ ଯୋଗଦେଇଥିଲେ । କାର୍ଯ୍ୟକ୍ରମକୁ ସୁବ୍ରତ ବାବୁ, ବିରେନ୍ଦ୍ର ସା, ରାଜକୁଶୋର ଦାଶ, ସନନ୍ଦ ନାଏକ, ସଞ୍ଜିବ ଷଡଙ୍ଗୀ, ସୁଶାନ୍ତ ମହାନ୍ତି ସୁଜିତ ପଧାନ, ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ, ବଳଦେବ ମାଝୀ, କସ୍ତୁରୀ ଚରଣ ରାଉତ, ସୁଶୀଳ ପଧାନ, ମଣି ରଣା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ପ୍ରତାପ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଅଷ୍ଟପ୍ରହର ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା

**ପାଟଣାଗଡ଼,୧୭।୧(ସଚ୍ଚିଦାନନ୍ଦ ମହାକୁର)**

ବଲାଙ୍ଗୀର ଜିଲା ପାଟଣାଗଡ଼ ଏନଏସି ରାମପୁର ସ୍ଥିତ ଟିଁଆପାଳି ମାରୁତିନଗର ପଡାରେ ଅଷ୍ଟପ୍ରହର ନାମଯଜ୍ଞ ପାଇଁ ଶନିବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପଡାର ମହିଳା ଓ ପୁରୁଷମାନେ ପହରି ମଣ୍ଡପରେ ଏକତ୍ରିତ ହୋଇଥିଲେ। ପରେ ନିକଟସ୍ଥ ପୋଖରୀକୁ ଯାଇ ପୂଜାର୍ଚ୍ଚନା କରି ପାଣି ଉଠାଇ ପହରି ମଣ୍ଡପରେ ପହଞ୍ଚିଥିଲେ। ପୂଜା କର୍ତ୍ତାଭାବେ ଜିତେନ୍ଦ୍ର ସାହୁ ଓ ତାଙ୍କ ଧର୍ମପତ୍ନୀ ଜ୍ୟୋତ୍ସ୍ନାରାଣୀ ଥିବାବେଳେ ପୂଜକଭାବେ ବ୍ୟାସଦେବ ମିଶ୍ର ଉପସ୍ଥିତ ଥିଲେ। କମିଟିର ସଭାପତି ସୁବାସ ମେହେର, ସମ୍ପାଦକ ଜଳଧର ମେହେର, କୋଷାଧ୍ୟକ୍ଷ ସତ୍ୟଧର୍ମ ମେହେରଙ୍କ ସମେତ ପଡ଼ାର ସମସ୍ତ ମହିଳା ଓ ପୁରୁଷମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଜଳବାୟୁ ପରିବର୍ତ୍ତନ ମୁକାବିଲା କର୍ମଶାଳା


କର୍ମଶାଳାରେ ଉପସ୍ଥିତ ଅଧିକାରୀମାନେ।

**ଦେଓଗାଁ,୧୭।୧(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସଭାକକ୍ଷରେ ବଲାଙ୍ଗୀର ଡିପିଆରସି ତରଫରୁ ଶୁକ୍ରବାର ଏକଦିବସୀୟ ଜଳବାୟୁ ପରିବର୍ତ୍ତନ ମୁକାବିଲା ଉପରେ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଗ୍ରାମ ପଞ୍ଚାୟତ ଅଧିକାରୀ ସେନାପତି ମଙ୍ଗରାଜଙ୍କ ପରିଚାଳନାରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟ ଅତିଥିଭାବେ ବିଡିଓ ପ୍ରୀୟ ରଞ୍ଜନ କୁମାର, ସମ୍ମାନୀତ ଅତିଥି ଏବିଡିଓ ପୁଷ୍ପାଞ୍ଜଳୀ ନାଏକ ଉପସ୍ଥିତ ଥିବା ବେଳେ ପ୍ରଶିକ୍ଷିକା ଭାବେ ଜ୍ୟୋସ୍ନା ନନ୍ଦ ଓ ଗୌର ରାଜପଲିଆ ଯୋଗଦେଇ ଜଳବାୟୁ ପରିବର୍ତ୍ତନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଏଫଇଏସର ବ୍ଲକ ମାଷ୍ଟରଟ୍ରେନର କୃଷ୍ଣ ପ୍ରସାଦ ପାଣିଗ୍ରାହୀ ଯୋଗଦେଇ ଜୈବିକ ପଦ୍ଧତିରେ କୃଷିର ବିଭିନ୍ନ ଉପାୟ ବିଷୟରେ ଅବଗତ କରିଥିଲେ। କର୍ମଶାଳାରେ ସମସ୍ତ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ, ସରପଞ୍ଚ, ଏଡିଇଓ, ସିଆରପିସିଏମ ମାନେ ଯୋଗ ଦେଇଥିଲେ।

# ଆଜି ହେବ ହୀରାକୁଦ ଜଳଭଣ୍ଡାରରେ ପକ୍ଷୀ ଗଣନା

**ସମ୍ବଲପୁର,୧୭।୧(ପ୍ରମୋଦ ବହିଦାର)**

ହୀରାକୁଦ ଜଳଭଣ୍ଡାରରେ ରବିବାର ଚଳିତ ଶୀତଋତୁର ପକ୍ଷୀଗଣନା କରାଯିବ। ଜଳଭଣ୍ଡାର ୫୫୦ ବର୍ଗ କିଲୋମିଟର ଅଞ୍ଚଳରେ ୩୭ଜଣ ବିଶେଷଜ୍ଞ ଓ ୪୦ ବନ କର୍ମଚାରୀଙ୍କ ସହ ମୋଟ ୭୭ ଜଣ ପକ୍ଷୀଗଣନାରେ ନିୟୋଜିତ ହେବେ। ଚଳିତ ଋତୁରେ ପ୍ରଥମ ଥର ପାଇଁ ପକ୍ଷୀଗଣନାକାରୀଙ୍କ ସହିତ ଆଖପାଖ ଗ୍ରାମର ସ୍କୁଲ ଓ କଲେଜର ୧୫ ଜଣ ଛାତ୍ରୀଛାତ୍ରଙ୍କୁ ସାମିଲ କରାଯାଇଛି। ପକ୍ଷୀ ଗଣନା ପାଇଁ ଜଳଭଣ୍ଡାରର ଆର୍ଦ୍ରଭୂମିକୁ ୨୧ଟି ସେକ୍ଟରରେ ଭାଗ କରାଯାଇଛି। ସେହିପରି ସମସ୍ତ ଗଣନାକାରୀ ୩୨ ଦଳରେ ଭାଗ ହୋଇ ବିଭିନ୍ନ ସେକ୍ଟରରେ ପକ୍ଷୀ ଚିହ୍ନଟ ଓ ଗଣନା କରିବେ। ପକ୍ଷୀ ଗଣନା ସକାଳ ୫ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଚାଲିବ। ଶବିବାର ସମ୍ବଲପୁର ଚିଡ଼ିଆଖାନରେ ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଅଂଶୁପ୍ରଜ୍ଞା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପକ୍ଷୀ ଗଣନା ଓ ଚିହ୍ନଟ ପାଇଁ ଗଣନାରେ ସାମିଲ ହେବାକୁ ଥିବା କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ତଥା ଜଳଭଣ୍ଡାରର ଭୌଗୋଳିକ ଅବସ୍ଥିତି ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏହାସହ ପକ୍ଷୀ ଗଣନାକାରୀ ଦଳଙ୍କୁ ବାଇନାକୁଲର, ଜୀବରରକ୍ଷାକାରୀ ଜ୍ୟାକେଟ୍ ଓ ଅନ୍ୟାନ ସାମଗ୍ରୀ ଉପଲବ୍ଧ କିଟ୍‌ବ୍ୟାଗ ବଣ୍ଟନ କରାଯାଇଥିଲା। ଏହାସହ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସାର୍ଟିଫିକେଟ୍ ମଧ୍ୟ ପ୍ରଦାନ କରାଯାଇଥିଲା।

ପକ୍ଷୀ ଗଣନା ପ୍ରସ୍ତୁତିକୁ ନେଇ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଦାସ କହିଛନ୍ତି, ପକ୍ଷୀ ଗଣନା ପାଇଁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଗଣନାକାରୀଙ୍କ ମଧ୍ୟରେ ସମ୍ବଲପୁର ସହିତ କଟକ, କେନ୍ଦ୍ରାପଡ଼ା, ଜଗତସିଂପୁର ଆଦି ବିଭିନ୍ନ ସ୍ଥାନରୁ ଆସିଥିବା ବିଶେଷଜ୍ଞମାନଙ୍କ ସହିତ ସମ୍ବଲପୁର, ସୋନପୁର, ଝାରସୁଗୁଡ଼ା, ବଲାଙ୍ଗୀରରେ ଥିବା ବିଭିନ୍ନ ବାର୍ଡ କ୍ଲବର ପ୍ରତିନିଧିମାନେ ମଧ୍ୟ ସାମିଲ ହୋଇଛନ୍ତି। ସେହିପରି ଡେବ୍ରିଗଡ଼ ଆଖପାଖ ଅଞ୍ଚଳରେ ଥିବା ସ୍କୁଲ ଓ କଲେଜର ଛାତ୍ରୀଛାତ୍ରୀ ମାନଙ୍କୁ ମଧ୍ୟ ସାମିଲ କରାଯାଇଛି। ଉକ୍ତ ଛାତ୍ରୀଛାତ୍ରୀମାନଙ୍କୁ ପକ୍ଷୀ ପ୍ରଜାତି ଚିହ୍ନଟ ପାଇଁ ଉପଯୁକ୍ତ ପ୍ରଶିକ୍ଷଣ ମଧ୍ୟ ଦିଆଯାଇଛି। ଉକ୍ତ ଛାତ୍ରୀଛାତ୍ରମାନଙ୍କୁ ଗତ ଅକ୍ଟୋବରରେ ବନ୍ୟପ୍ରାଣୀ ବନଖଣ୍ଡ ପକ୍ଷରୁ ଅନୁଷ୍ଠିତ ବ୍ୟାଘ୍ର ଆକଳନର ଅଭିଯାନରେ ମଧ୍ୟ ସାମିଲ କରାଯାଇଥିଲା ବୋଲି ସେ କହିଛନ୍ତି। ପକ୍ଷୀଗଣନା କାର୍ଯ୍ୟକ୍ରମ ପ୍ରାତଃ ୬ଟାରୁ ଆରମ୍ଭ ହେବ। ହୀରାକୁଦ ଜଳଭଣ୍ଡାରର ବିସ୍ତୀର୍ଣ୍ଣ ଜଳରାଶି ମଧ୍ୟରେ ବିଭିନ୍ନ ସ୍ଥାନକୁ ଗସ୍ତ ପାଇଁ ଯନ୍ତ୍ରଚାଳିତ ଡଙ୍ଗାର ବ୍ୟବସ୍ଥା କରାଯାଇଛି। ପକ୍ଷୀ ଗଣନା ସମୟରେ ଜଳଭଣ୍ଡାର ମଧ୍ୟରେ ପର୍ଯ୍ୟଟକଙ୍କ ପ୍ରବେଶ ସହିତ ମତ୍ସଜୀବୀଙ୍କୁ ବାରଣ କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି।

# ଅଧାରୁ ପାଠ ଛାଡ଼ିଥିବା ପିଲାଙ୍କ ପାଇଁ ମେଗା ନାମଲେଖା ଶିବିର

**ବେଲପଡା,୧୭।୧(ମନୋଜ କୁମାର ମିଶ୍ର)**

ବେଲପଡା ଡିଆର ମେହେର ହାଇସ୍କୁଲରେ ଅଧାରୁ ପାଠ ଛାଡିଦେଇଥିବା ଛାତ୍ରୀଛାତ୍ରଙ୍କୁ ଶିକ୍ଷାର ମୁଖ୍ୟ ଶ୍ରୋତରେ ସାମିଲ କରିବା ପାଇଁ ଶୁକ୍ରବାର ନାମଲେଖା ମେଗା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ଅନୁଷ୍ଠିତ ସଭାରେ ଗୋଷ୍ଠୀ ଶିକ୍ଷାଅଧିକାରୀ ବେଲପଡା ଅଭିନବ ମିଶ୍ରଙ୍କ ଅଧ୍ୟକ୍ଷତା ଓ ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ପଣ୍ଡାଙ୍କ ଆବାହକତ୍ୱରେ ମୁଖ୍ୟ ଅତିଥି ଭାବରେ ସ୍ଥାନୀୟ ସରପଞ୍ଚ ଅମ୍ବିକା ମେହେର ଯୋଗଦେଇ ଶିକ୍ଷାର ମହତ୍ୱ ଉପରେ ମତପ୍ରକାଶ କରିଥିଲେ। ଶିକ୍ଷକ ପ୍ରଭାକର ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନୁଷ୍ଠିତ ଶିବିରରେ ବେଲପଡା ବ୍ଲକର ବିଭିନ୍ନ ଗ୍ରାମର ଶିକ୍ଷାରୁ ବଞ୍ଚିତ ଥିବା କିମ୍ବା ଅଧାରୁ ପାଠପଢ଼ା ଛାଡି ଦେଇଥିବା ୬୨ ଜଣ ଛାତ୍ରୀଛାତ୍ର ଦଶମ ବୋର୍ଡ ପରୀକ୍ଷା ପାଇଁ ନାମ ଲେଖାଇଥିଲେ। ସେହିପରି ୧୮ ଜଣ ଯୁକ୍ତ ୨ ପରୀକ୍ଷା ପାଇଁ ନାମ ପଞ୍ଜିକରଣ କରିଥିଲେ। ଏହି ସମସ୍ତ ପ୍ରକ୍ରିୟା ପାଇଁ ବ୍ଲକର ସମସ୍ତ ସିଆରସିସିମାନେ ସହଯୋଗ କରିଥିଲେ। ଶେଷରେ ସିଆରସିସି ଲୋହିତ କୁମାର ଗଡତିଆ ଧନ୍ୟବାଦ ଅର୍ପଣ କରିଥିଲେ।


ଅତିଥିଙ୍କ ଗହଣରେ ନୂତନ ଭାବରେ ନାମ ଲେଖାଇଥିବା ଛାତ୍ରୀଛାତ୍ର।

# ଶିକ୍ଷା ମଣିଷକୁ ଶୃଙ୍ଖଳା ଶିଖାଏ

**ଖପ୍ରାଖୋଲ,୧୭।୧(ଅଭୟ ତ୍ରିପାଠୀ)**

ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଜବାହରଲାଲ ନେହେରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୩୩ତମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ବିଦ୍ୟାଳୟର ଅଧ୍ୟକ୍ଷ ରାଜେଶ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ବିଡ଼ିଓ ବିବେକାନନ୍ଦ ଷଡଙ୍ଗୀ, ସମ୍ମାନୀତ ଅତିଥିଭାବେ ସରପଞ୍ଚ ବୈଦ୍ୟନାଥ ମିଶ୍ର, ବିଦ୍ୟାଳୟ ପ୍ରତିଷ୍ଠା କମିଟି ସଦସ୍ୟ ରାଧେ ମେହେର, ପବିତ୍ର ପଟେଲ, ଦେବକାନ୍ତା ପାଣିଗ୍ରାହୀ, କ୍ଷମାନିଧି ଭୋଇ ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନେ ଭଲ ପାଠ ପଢି ଭଲ ମଣିଷ ହେବାକୁ ଆହ୍ୱାନ ଦେବା ସହିତ


ବାର୍ଷିକ ଉତ୍ସବରେ ଜଣେ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

ଶିକ୍ଷା ମଣିଷକୁ ଶୃଙ୍ଖଳା ଶିଖାଇ ଥାଏ ବୋଲି କହିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ନିରୂପମା ପଟେଲ, ମୁଖ୍ୟ ବକ୍ତା ପଦ୍ମଶ୍ରୀ ଲୋକ କବି ହଳଧର ନାଗ, ଝିନ ନେତ୍ରୀ ସାହୁ, ଅଧ୍ୟାପକ ଭୁବନେଶ୍ୱର ପୁରୋହିତ, ନବୀନ ବାରିକ ଯୋଗଦେଇଥିଲେ।

**ଧଣ୍ଡାମୁଣ୍ଡା ଜବାହର ଲାଲ ନେହେରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ**

ଏହି ଅବସରରେ କୃତି ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ମାନ ପତ୍ର ସହିତ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ପ୍ରତିଷ୍ଠା କମିଟି ସଦସ୍ୟ, ପୂର୍ବତନ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଂସ୍କୃତି କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମକୁ ଅଧ୍ୟାପକ ରବିନ୍ଦ୍ର ବାରିକ ପରିଚାଳନା କରିଥିଲେ। ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଟ୍ରେନରୁ ପାଇଥିବା ଟଙ୍କା, ବ୍ୟାଗ ଫେରାଇଲେ



ବିନିକା,୧୭।୧ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଯଶପୁର ଗାଁର ଯୁବକ କ୍ଷୀରୋଧ ସେଠୀ ଟ୍ରେନରୁ ପାଇଥିବା ଏୟାର ବ୍ୟାଗ ସହ ୧୦ ହଜାର ଟଙ୍କା ଏବଂ ସମସ୍ତ କାଗଜପତ୍ର ଫେରାଇ ଚର୍ଚ୍ଚାରେ ରହିବା ସହିତ ପ୍ରଶଂସା ସାଉଁଟିଛନ୍ତି। ଶୁକ୍ରବାର ବଲାଙ୍ଗୀର ଜିଲା ଟିଟିଲାଗଡ଼ ରେଲୱେ ଷ୍ଟେଶନରୁ ସମାନ ପ୍ରକାର ବ୍ୟାଗ ହୋଇଥିବାରୁ ନିଜ ବ୍ୟାଗ ଭାବି ଏକ ଏୟାର ବ୍ୟାଗକୁ କ୍ଷୀରୋଧ ଘରକୁ ନେଇ ଆସିଥିଲେ। ଏୟାର ବ୍ୟାଗ ଭିତରେ ବଲାଙ୍ଗୀର ଜିଲା ପାଟଣାଗଡ଼ ଥାନା ବଞ୍ଜାରୀ ଗାଁର ଆକାଶ ହରିପାଲ ପୋଲିସ ଚାକିରି ପାଇଁ ଟ୍ରେନିଂ କରିବାକୁ ଯାଉଥିଲେ। କିନ୍ତୁ ତାଙ୍କ ବ୍ୟାଗ ହଜି ଯାଇଥିବାରୁ ସେ ଚିନ୍ତାରେ ପଡି ଯାଇଥିଲେ । ତେବେ କ୍ଷୀରୋଧ ଆଧାର କାର୍ଡରେ ଥିବା ମୋବାଇଲ ନମ୍ବରରେ ଯୋଗାଯୋଗ କରି ଆକାଶଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଅପରାହ୍ନରେ ଆକାଶ ବିନିକାରେ ପହଞ୍ଚି କ୍ଷୀରୋଧଙ୍କୁ ଭେଟିଥିଲେ। ସାହି ପଡିଶାଙ୍କ ଉପସ୍ଥିତିରେ ଆକାଶ ସମସ୍ତ କାଗଜପତ୍ର ସହ ୧୦ ହଜାର ଟଙ୍କା କ୍ଷୀରୋଧଙ୍କଠାରୁ ନେଇ ଘରକୁ ଫେରିଥିଲେ। କ୍ଷୀରୋଧଙ୍କ ମାନବିକତାକୁ ସବୁଆଡେ ପ୍ରଶଂସା କରାଯାଉଛି।

### ମଣ୍ଡିରୁ ୧୮ ପ୍ୟାକେଟ୍ ଧାନ ଚୋରି ଅଭିଯୋଗ

ଅମରପାଲି ,୧୭।୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୋଟସମଲାଇ ମଣ୍ଡିରେ ଚାଷୀ ବିକ୍ରି ପାଇଁ ରଖିଥିବା ଧାନରୁ ଶୁକ୍ରବାର ରାତିରେ ୧୮ପ୍ୟାକେଟ ଚୋରି ହୋଇଥିବା ଅଭିଯୋଗ ହୋଇଛି। କେନ୍ଝିରିଆପାଲି ପଞ୍ଚାୟତ ଅମାତପାଲି ଗ୍ରାମର ମହିଳା ଚାଷୀ ଯଶୋବନ୍ତୀ ବାଘ କୋଟସମଲାଇ ପଞ୍ଚାୟତର ବୈରାଗୀପାଲି ଗ୍ରାମରେ ତାଙ୍କ ନାମରେ ଥିବା ଚାଷଜମିରେ ଧାନ ଚାଷ କରିଥିଲେ। ଗତ ଶୁକ୍ରବାର ସେ କୋଟସମଲାଇ ପ୍ୟାକ୍ସ (ରାନିପାଲି) ରେ ୮୧ କୁଇଣ୍ଟାଲର ୧୦୬ ପ୍ୟାକେଟରେ ଧାନ ବିକ୍ରି ପାଇଁ ଆଣିଥିଲେ। ମାତ୍ର ଶନିବାର ସକାଳୁ ସେ ଦେଖିଲା ବେଳକୁ ତାଙ୍କ ଗଦାରୁ ୧୮ ପ୍ୟାକେଟ ଧାନ ଚୋରି ହୋଇଥିବା ଦେଖିଥିଲେ। ଏହା ସହିତ ତାଙ୍କ ଗଦାରୁ କେତେକ ଧାନ ପ୍ୟାକେଟ ନେଲା ବେଳେ ନେଇ ନ ପାରି ଅନ୍ୟ ସ୍ଥାନରେ ପକାଇ ଦେଇଥିଲେ। ଏନେଇ ସେ କୋଟସମଲାଇ ସେବା ସମବାୟ ସମିତି ସମ୍ପାଦକଙ୍କ ନିକଟରେ ଅଭିଯୋଗ ମଧ କରିଥିଲେ। ଏନେଇ ସମବାୟ ସମିତି ସମ୍ପାଦକ ସୁଶୀଲ ସାହୁଙ୍କୁ ପଚାରିବାରୁ ମଣ୍ଡିରୁ ଚୋରି ହୋଇ ନ ଥିବା କହିଛନ୍ତି।

### କୃଷକ ସଙ୍ଗଠନର ମିଳିତ ରାଜ୍ୟସ୍ତରୀୟ ବୈଠକ

ବୀରମହାରାଜପୁର,୧୭।୧(ଯୁଗଳ କିଶୋର ମିଶ୍ର)

ଜିଲା କୃଷକ ସଙ୍ଗଠନ ଓ ନବ ନିର୍ମାଣ କୃଷକ ସଙ୍ଗଠନ ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ବୈଠକ ଉଲୁଣ୍ଡା ବ୍ଲକ ମୁଣ୍ଡୋଘାଟ ଆର୍‌ଏମସି ପ୍ରାଙ୍ଗଣରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଚାଷୀନେତା ବୈକୁଣ୍ଠ ଶତପଥୀ, ପ୍ରଦ୍ୟୁମ୍ନ କୁମାର ପାଢ଼ୀ, ବିଷ୍ଣୁ ପ୍ରସାଦ ପଧାନଙ୍କୁ ତାଙ୍କ ସଂଗ୍ରାମୀ ଆଭିମୁଖ୍ୟ ପାଇଁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଆୟୋଜିତ ବୈଠକରେ ଚାଷୀଙ୍କ ପ୍ରତି ହୋଇଥିବା ଆକ୍ରମଣକୁ ଚାଷୀ ମହଲରେ ନିନ୍ଦା କରାଯାଇଥିଲା। ଏଥିସହ ଉପଯୁକ୍ତ ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜିଲାପାଳଙ୍କୁ ଏକ ଦାବିପତ୍ର ଦେବା ପାଇଁ ନିଷ୍ପତ୍ତି ନେଇଥିଲେ। ସମସ୍ୟା ସମାଧାନ ନ ହେବା ପର୍ଯ୍ୟନ୍ତ ସଂଗ୍ରାମ ଜାରି ରହିବ ବୋଲି ଚାଷୀମାନେ ଆହ୍ୱାନ ଦେଇଥିଲେ। ବୈଠକରେ କୃଷକ ନେତା ଗୋବିନ୍ଦ ଚନ୍ଦ୍ର ମିଶ୍ର, ହରିହର କର୍ଣ୍ଣ, ପ୍ରମୋଦ କୁମାର ଗୁରୁ, ପଦ୍ମଲୋଚନ ମିଶ୍ର, କୁମାରେନ୍ଦ୍ର ମିଶ୍ର, ଶୋଭିତ ଦାଶ, ନରସିଂହ ପ୍ରସାଦ ଦାଶ, ମାୟାଧର କହଁର, ଶିବ ପଧାନ, ଦାଶରଥି ପଣ୍ଡା ଉପସ୍ଥିତ ଥିଲେ।

# ସୁସଙ୍ଗଠିତ ମେଳା ଆୟୋଜନ ଉପରେ ଗୁରୁତ୍ୱ

ସୋନପୁର,୧୭।୧(ମୃତ୍ୟୁଞ୍ଜୟ ଶତପଥୀ)



ପ୍ରସ୍ତୁତି ବୈଠକରେ ଉପଜିଲାପାଳ, ଅଧିକାରୀ ଓ ଟ୍ରଷ୍ଟ କର୍ମକର୍ତ୍ତା।

■ ଖଲିଆପାଲି ମାଘ ମେଳା ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ
■ ଭୀମଭୋଇଙ୍କ ପୀଠରେ ୨୯ରୁ ମେଳା

ଜାନୁଆରୀ ୨୯ରୁ ସୁବର୍ଣ୍ଣପୁର ଜିଲା ଖଲିଆପାଲି ମାଘ ମେଳା ଆରମ୍ଭ ହେବ। ଏହା ପାଞ୍ଚ ଦିନ ଧରି ଚାଲିବ। ଏଥିପାଇଁ ସୋନପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ମାଘ ମେଳା ସଫଳ ଆୟୋଜନ ପାଇଁ ଶନିବାର ଅପରାହ୍ନରେ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସୋନପୁର ଉପଜିଲାପାଳ ତଥା ଭୀମ ଭୋଇ ସମାଧି ପୀଠ ଟ୍ରଷ୍ଟ ଉପାଧ୍ୟକ୍ଷା ଡ଼ ସୌମ୍ୟ ରୂପା ରଥ ଅଧ୍ୟକ୍ଷତା କରିଥିଲେ। ଭୀମ ଭୋଇ ସମାଧି ପୀଠ ଟ୍ରଷ୍ଟ ମ୍ୟାନେଜିଂ ଟ୍ରଷ୍ଟି ଛତ୍ରଧାରୀ ଅଗ୍ରୱାଲ, ସମ୍ପାଦକ ଜନ୍ମେଜୟ ସ୍ୱାଇଁ ଏବଂ ଅନ୍ୟାନ୍ୟ ମହିମା ଭକ୍ତ ବୈଠକରେ ଯୋଗଦାନ କରିଥିଲେ। ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦୁର୍ଗାଦତ୍ତ ଦାଶ, ଜିଲା ଅବକାରୀ ଅଧୀକ୍ଷକ ପ୍ରବୀର ସାମଲ, ଜିଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ, ସୁବର୍ଣ୍ଣପୁର, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସ୍ମୃତି ସୁନା, ସୋନପୁର ଏସଡିପିଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ, ଲଛିପୁର ଥାନା ଅଧିକାରୀ ଯଯାତି କେଶରୀ ସାହୁ, ସୋନପୁର ସହକାରୀ ଅଗ୍ନିଶମ ଅଧିକାରୀ ଭବେନ୍ଦ୍ର କୁମାର ଦେ, ଖଲିଆପାଲି ଗ୍ରାମ୍ୟ କମିଟି ସଭାପତି ମହାଦେବ ବଗର୍ତ୍ତି, ସନ୍ୟାସୀ ବାବା, ପୂର୍ଣ୍ଣଚନ୍ଦ୍ର ବଗର୍ତ୍ତି, ରଞ୍ଜନ ପୂଜାରୀ, କାର୍ତ୍ତିକ ଭୋଇ, ବିଭୂତି ନେଗୀ, ବୁଦ୍ଧଦେବ କାଣ୍ଡ, ବିଦ୍ୟୁତ, ପାନୀୟ ଜଳ ଓ ପୂର୍ତ୍ତ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ। ଆସନ୍ତା ୨୯ରୁ ୨ ଫେବୃଆରୀ ପର୍ଯ୍ୟନ୍ତ ଖଲିଆପାଲି ଭୀମଭୋଇ ସମାଧି ପୀଠ ପରିସରରେ ଶତବର୍ଷ ପୁରୁଣା ମାଘ ମେଳା ଆୟୋଜନ ହେବ। ମେଳାକୁ ସୂଚାରୁରୂପେ ଓ ସୁସଙ୍ଗଠିତ ଭାବେ ଆୟୋଜନ କରିବାକୁ ଉପଜିଲାପାଳ ଡ ରଥ ଉପସ୍ଥିତ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମେଳା ପୂର୍ବରୁ ପୀଠର ରଙ୍ଗକାମ ସାରିବା ସହିତ ମେଳା ସମୟରେ ଭିଡକୁ ଦୃଷ୍ଟିରେ ରଖି ପର୍ଯ୍ୟାପ୍ତ ପୋଲିସ ଫୋର୍ସ ନିୟୋଜିତ କରିବା ପାଇଁ ପରାମର୍ଶ ଦେଇଥିଲେ। ମେଳା ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି କରୁଥିବା ଅସ୍ଥାୟୀ ଦୋକାନୀମାନଙ୍କୁ ନିୟନ୍ତ୍ରଣ କରିବାକୁ ପୋଲିସ ପ୍ରଶାସନକୁ ଆଦେଶ ଦିଆଯାଇଛି। ଆଲୋକୀକରଣ ଓ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ପାଇଁ ବିଭାଗକୁ ଏବଂ ପିଇବା ପାଣି, ପଡିଆରେ ପାଣି ସିଞ୍ଚନ ପାଇଁ ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା । ମେଳାରେ 'ମହିମା' ପତ୍ରିକା ଉନ୍ମୋଚନ କାର୍ଯ୍ୟକ୍ରମ ରହିଛି। ମାଘ ମେଳା ଦିନ ଜାନୁଆରୀ ୩୧ ଓ ଫେବୃଆରୀ ୧ ଦୁଇଦିନ ଧରି ଭକ୍ତମାନଙ୍କ ଦର୍ଶନ ପାଇଁ ଖଲିଆପାଲି ମଠ ମଧ୍ୟାହ୍ନ ୧୨ଟାରୁ ରାତି ୧୨ଟା ପର୍ଯ୍ୟନ୍ତ ଖୋଲା ରହିବ ବୋଲି ନିଷ୍ପତ୍ତି ନିଆଯାଇଛି।

## ୨୯ ବାଳକଙ୍କ ସାମୂହିକ ବ୍ରତୋପନୟନ

ସୋନପୁର,୧୭।୧(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହରସ୍ଥିତ ରମେଶ୍ୱର ଶୈବପୀଠ ପରିସରରେ ସାମୂହିକ ବ୍ରତୋପନୟନ ପବିତ୍ର ମାଘମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥି ଶନିବାର ଅନୁଷ୍ଠିତ ହୋଇଯାଇଛି। ସହର ସ୍ଥିତ ଚନ୍ଦ୍ରିକା ସେବା ଟ୍ରଷ୍ଟ ପକ୍ଷରୁ ଏହି ଧାର୍ମିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟ ଆଚାର୍ଯ୍ୟ ରାଜୀବ ଲୋଚନ ପଣ୍ଡାଙ୍କ ନେତୃତ୍ୱରେ ୩୫ରୁ ଊର୍ଦ୍ଧ୍ୱ ପୂଜକ ହୋମଯଜ୍ଞ ସହିତ ରୀତିନୀତି ଅନୁଯାୟୀ ବ୍ରାହ୍ମଣ ବାଳକ, ଯୁବକଙ୍କ ବ୍ରତୋପନୟନ କାର୍ଯ୍ୟ ସମ୍ପାଦନ କରିଥିଲେ। ୨୯ ଜଣଙ୍କ ବ୍ରତୋପନୟନ ଲାଗି ଆୟୋଜକଙ୍କ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା। ଶୁକ୍ରବାର ନାମଯଜ୍ଞ ଅଧିବାସ ଓ ଚାରିକର୍ମ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଗତ ୩୨ବର୍ଷ ଧରି ଟ୍ରଷ୍ଟ ପକ୍ଷରୁ ଏଭଳି ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଆସୁଛି। କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲାପାଳ ଡ. ନୃପରାଜ ସାହୁ, ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ, ଅଞ୍ଜଳିକା ପ୍ରଧାନ ଓ ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ନିରଦ ରଞ୍ଜନ ଦାସଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦାନ କରି ବାଳ ବ୍ରହ୍ମଚାରୀମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ଗରିବ ବ୍ରାହ୍ମଣ ବାଳକଙ୍କ ସାମୂହିକ ବ୍ରତୋପାନନ ହିଁ ଅସଲ ମାନବୀୟ ଧର୍ମ ବୋଲି ଉଭୟ ମତ ରଖିଥିଲେ। ଟ୍ରଷ୍ଟ ସଭାପତି ବସ୍ତୁ ଅଗ୍ରୱାଲ, ଉପସଭାପତି ସନ୍ତୋଷ ମିଶ୍ର, ସମ୍ପାଦକ ନାରାୟଣ ରଥ, କୋଷାଧ୍ୟକ୍ଷ ବାବୁଲା ମିଶ୍ର, ସଭ୍ୟ ସତ୍ୟବ୍ରତ ପ୍ରଧାନ, ବୈକୁଣ୍ଠ ଶତପଥୀ, ବିଶ୍ୱରଞ୍ଜନ ପୁଝାରୀ, ରାଜେନ୍ଦ୍ର ମେହେର, ବିବେକାନନ୍ଦ ସାହୁ ଓ ହରିହର କର୍ଣ୍ଣ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।



ରାମେଶ୍ୱର ମନ୍ଦିରରେ ବ୍ରହ୍ମଚାରୀଙ୍କ ସହ ଅତିଥି ଓ ଆୟୋଜକ।

## ସୁରୁ ନାରାୟଣ ବୀରମହାରାଜପୁର ବ୍ଲକ ବିଜେଡି ସଭାପତି



ସୁରୁ ନାରାୟଣ ମହାକୁଡ଼ଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ଦଳୀୟ ନେତା ଓ କର୍ମୀ ।

ବୀରମହାରାଜପୁର,୧୭।୧(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବିଜେଡି ସଭାପତିଭାବେ ଯୁବନେତା ସୁରୁ ନାରାୟଣ ମହାକୁଡ଼ ମନୋନୀତ ହୋଇଛନ୍ତି। ଶୁକ୍ରବାର ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ଚମ୍ପାମାଳ ସମିତି ସଭ୍ୟ ଲକ୍ଷ୍ମୀ ନାରାୟଣ ପୁରୋହିତ, ଆମ୍ବାର ପୂର୍ବତନ ଅଧ୍ୟକ୍ଷ ବିବସ୍ୱତି ପଣ୍ଡା, ଦୁର୍ଗେସ ପଣ୍ଡା, ଖଣ୍ଡହଥା ସମିତି ସଭ୍ୟ ବିନୋବାନନ୍ଦ ପ୍ରଧାନ, ବୈହାଖୁ ପଧାନ, ନିରୋଦ ପାଣ୍ଡେଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସମ୍ବର୍ଦ୍ଧିତ କରିଛନ୍ତି। ସୁରୁ ନାରାୟଣ ମହାକୁର ହିଲୁଙ୍ଗ ପଞ୍ଚାୟତର ସମିତି ସଭ୍ୟ ସହିତ ପାଣି ପଞ୍ଚାୟତର ସଭାପତି ରହି ଆସିଛନ୍ତି। ସୁରୁ ନାରାୟଣଙ୍କ ବାପା ରଷିନାଥ ମହାକୁଡ଼ ହିଲୁଙ୍ଗ ପଞ୍ଚାୟତର ସରପଞ୍ଚ ଥିଲେ। ଏହି ପଦବୀ ପାଇବା ପରେ ସମସ୍ତ ନେତା କର୍ମୀଙ୍କୁ ସାଙ୍ଗରେ ନେଇ ବିଜେଡିର ସଙ୍ଗଠନ ଆହୁରି ମଜଭୁତ କରାଯିବ ବୋଲି କହିଛନ୍ତି।

## ଗାଡ଼ି ଧକ୍କାରେ ବାଇକ ଆରୋହୀ ମୃତ

ବୀରମହାରାଜପୁର,୧୭।୧(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା କାନପୁର ପୁରୁଣା ପେଟ୍ରୋଲ ପମ୍ପ ନିକଟରେ ଶନିବାର ଏକ ସଡକ ଦୁର୍ଘଟଣାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ମୁର୍ଷୁଣ୍ଡୀ ଗ୍ରାମର ପୁରୋହିତ ସାହୁ (୩୦)। ତାଙ୍କ ସହ ବାଇକରେ ଥିବା କମଳପୁର ଗ୍ରାମର ପଙ୍କଜ ଥନାପତି (୪୫)ଗୁରୁତର ହୋଇଛନ୍ତି। ଶନିବାର ଅପରାହ୍ନ ପ୍ରାୟ ୫ଟାରେ ପୁରୋହିତ ଏବଂ ପଙ୍କଜ ଏକ ବାଇକ ଯୋଗେ ମହଦା ମକର ମେଳାରୁ ଫେରୁଥିବା ବେଳେ ଏକ ଅଜଣା ଗାଡ଼ି ସେମାନଙ୍କୁ ସାଇଡ ମାରିବା ପରେ ଭାରସାମ୍ୟ ହରାଇ ବାଇକ ଏକ ଗଛରେ ପିଟି ହୋଇ ଯାଇଥିଲା। ଫଳରେ ଉଭୟେ ଛିଟିକି ପଡ଼ିଥିଲେ । ଘଟଣାସ୍ଥଳରୁ ଉଭୟଙ୍କୁ ଅଗ୍ନିଶମ ବାହିନୀ ଉଦ୍ଧାର କରି ବୀରମହାରାଜପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ମାତ୍ର ପୁରୋହିତଙ୍କ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ମୃତ ଘୋଷଣା କରିଥିଲେ । ପଙ୍କଜଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ସୋନପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ଘିଚାପାଲି-ଦେଉଳମୁଣ୍ଡା ଫାଇନାଲ ମୁକାବିଲା

ଅମରପାଲି,୧୭।୧(ପୀତାମ୍ବର ସାହୁ)

**ଦଧିବାମନ କ୍ରିକେଟ କପ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବହଳପଦରରେ ଚାଲିଥିବା ତୃତୀୟ ଦଧିବାମନ କ୍ରିକେଟ କପର ଶନିବାର ପ୍ରଥମ ସେମି ଫାଇନାଲରେ ଦେଉଳମୁଣ୍ଡା ଓ ଦ୍ୱିତୀୟ ସେମି ଫାଇନାଲରେ ଘିଚାପାଲି ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ପ୍ରଥମ ସେମିଫାଇନାଲରେ ଦେଉଳମୁଣ୍ଡା ପ୍ରଥମେ ବ୍ୟାଟିଂ କରି ୧୦ଓଭରରେ ୭ ଉଇକେଟ ହରାଇ ୧୨୧ ରନ କରିଥିଲା। ଜବାବରେ ଟାଙ୍ଗରସାହି ୧୦ ଓଭରରେ ୬ ଉଇକେଟ ହରାଇ ୧୦୦ ରନ କରି ପରାସ୍ତ ହୋଇଥିଲା। ଦ୍ୱିତୀୟ ସେମି ଫାଇନାଲରେ ଘିଚାପାଲି ପ୍ରଥମେ ବ୍ୟାଟିଂ କରି ୧୦ଓଭରରେ ୭ ଉଇକେଟ ହରାଇ ୧୧୮ ରନ କରିଥିଲା। ଜବାବରେ ଚନ୍ଦଲି ୧୦ ଓଭର ରେ ୬ ଉଇକେଟ ହରାଇ ୯୦ ରନ କରି ପରାସ୍ତ ହୋଇଥିଲା। ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ଅତିଥିଭାବେ ଯୋଗଦେଇ ଖେଳାଳି ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ରବିବାର ଘିଚାପାଲି ଓ ଦେଉଳମୁଣ୍ଡା ମଧ୍ୟରେ ଫାଇନାଲ ହେବ ବୋଲି ଆୟୋଜକ ଙ୍କ ସୂତ୍ରରୁ ପ୍ରକାଶ।

## ଆତ୍ମା ଅଧ୍ୟକ୍ଷ ହେଲେ ଏକଲବ୍ୟ ବେହେରା



ଏକଲବ୍ୟ ବେହେରାଙ୍କ ସହ ବିଧାୟକ ରଘୁନାଥ ଜଗଦଲା ଓ ଅନ୍ୟମାନେ।

ବୀରମହାରାଜପୁର,୧୭।୧(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କୃଷକ ଉପଦେଷ୍ଟା କମିଟି ଅଧ୍ୟକ୍ଷ ଭାବେ ଯୁବ ସମାଜସେବୀ ଏକଲବ୍ୟ ବେହେରାଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଛି। ଶୁକ୍ରବାର ବୀରମହାରାଜପୁର ଉପଜିଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବିଟିଟି କନଭେନରଙ୍କ ଅଧ୍ୟକ୍ଷତାରେ ଚାଷୀ ଓ କମିଟିର ଅନୁରୋଧକ୍ରମେ ବିଧାୟକ ଇଂ. ରଘୁନାଥ ଜଗଦଲା, ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା, ଉପାଧ୍ୟକ୍ଷ ନାରାୟଣ ଲୁହା, ଜୋନ ୧ ଜିଲା ପରିଷଦ ସଭ୍ୟ ଲବକୁମାର ସାହୁ, ଜୋନ ୨ ସଭ୍ୟା ଚନ୍ଦ୍ରକାନ୍ତି ଦନ୍ତା, ଜିଲା ମୁଖ୍ୟ କୃଷି ଅଧିକାରୀ, ଅତିରିକ୍ତ କୃଷି ଅଧିକାରୀ, ବିଟିଏମ, ଏଟିଏମଙ୍କ ଉପସ୍ଥିତିରେ ଚାଷୀ ରାମ ପ୍ରସାଦ କର୍ଣ୍ଣ ଯୁବଚାଷୀ ଏକଲବ୍ୟ ବେହେରାଙ୍କ ନାମ କୃଷକ ଉପଦେଷ୍ଟା କମିଟି ଅଧ୍ୟକ୍ଷ ପାଇଁ ପ୍ରସ୍ତାବ ଦେଇଥିଲେ। ଉକ୍ତ ପ୍ରସ୍ତାବକୁ ଯୁବଚାଷୀ ବିଦ୍ୟାଧର ଖୁର୍ଦ୍ଦିଆ ସମର୍ଥନ କରିଥିବା ବେଳେ ସମସ୍ତ ଉପସ୍ଥିତ ଚାଷୀ ନେତା(ସଭ୍ୟ)ମାନେ ଦସ୍ତଖତ କରି ଏକଲବ୍ୟ ବେହେରା ଙ୍କୁ ଅଧ୍ୟକ୍ଷ ଭାବେ ସମର୍ଥନ କରିଥିଲେ। ଉକ୍ତ ନାମକୁ ଅନୁମୋଦନ ପାଇଁ ଜିଲାପାଳଙ୍କ ସ୍ୱୀକୃତି ପରେ ଆନୁଷ୍ଠାନିକ ଘୋଷଣା କରାଯିବ ବୋଲି ଜିଲା ମୁଖ୍ୟ କୃଷି ଅଧିକାରୀ ବୁଦ୍ଧଦେବ ରାଉତ ସୂଚନା ଦେଇଥିଲେ। ବ୍ଲକ କୃଷକ ଉପଦେଷ୍ଟ କମିଟିରେ ୩୦ ଜଣ ଚାଷୀ ସଭ୍ୟ ରହିଥିବା ବେଳେ ବୈଠକରେ ୨୪ ଜଣ ଉପସ୍ଥିତ ଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ

ବୀରମହାରାଜପୁର/ଅମରପାଲି(ଯୁଗଳ କିଶୋର ମିଶ୍ର/ପିତାମ୍ବର ସାହୁ)୧୭।୧

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ ୨୦୨୬ ଶନିବାର ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅନ୍ତର୍ଯ୍ୟାମୀ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟକ ରଘୁନାଥ ଜଗଦଲା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କୁ ନିର୍ଭୀକ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତାଭାବେ ସୋନପୁର ବିଜୁ ପଟନାୟକ ମହିଳା ମହାବିଦ୍ୟାଳୟର ଇଂଲିଶ ଅଧ୍ୟାପକ ମଦନ ସୁନ୍ଦର ଖେତୀ ଯୋଗଦାନ କରି ରାଷ୍ଟ୍ର ଗଠନରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଭୂମିକା ଉପରେ ମାର୍ଗ ଦର୍ଶନ କରିଥିଲେ। ସମ୍ମାନିତ ଅତିଥିଭାବେ ବୀରମହରୋଜପୁର ଗୋଷ୍ଠୀ ଶିକ୍ଷାଧିକାରୀ ଅଜୟ କୁମାର ଲୁହା, ବିଦ୍ୟାଳୟ ସମ୍ପାଦକ ଦିଲ୍ଲୀପ କୁମାର ମେହେର ଏବଂ ପ୍ରଧାନ ଆଚାର୍ଯ୍ୟ ଅକ୍ଷୟ କୁମାର ପଟେଲ ମଞ୍ଚାସୀନ ଥିଲେ। ମୁଖ୍ୟ ଅତିଥି ବିଧାୟକ ଜଗଦଲା ବିଦ୍ୟାଳୟର ଭିତିଭୂମି ସୁଦୃଢ଼ କରିବା ପାଇଁ ପ୍ରତିଶୃତି ଦେଇଥିଲେ। ଆଚାର୍ଯ୍ୟ ସୁକାନ୍ତ ପୁରହିତ ମଞ୍ଚ ପରିଚାଳନା ଏବଂ ସ୍ୱାଗତ ଅଭିଭାଷଣ ରଖିଥିଲେ। ମେଧାବୀ, କୃତୀ ଏବଂ ସଫଳ ଛାତ୍ରୀଛାତ୍ର ଏବଂ ତାଙ୍କ ପିତା ମାତାଙ୍କୁ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିଲା।

## ଗେହ୍ଲାମା' କପ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ବୌଦ୍ଧ,୧୭।୧(ଅଜିତ କୁମାର ବାରିକ)

ବୌଦ୍ଧ ସହରର ଗେହ୍ଲାମା' କ୍ଲବ ପକ୍ଷରୁ ଜିଲା ଷ୍ଟାଡିୟମଠାରେ ଦୁଇଦିନିଆ ଷଷ୍ଠ ଗେହ୍ଲାମା' କପ ଫୁଟ୍‌ବଲ ଟୁର୍ନାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ମ୍ୟାଚ୍ ସନ୍‌ସାଇନ କ୍ଲବ, ବୌଦ୍ଧ ଓ ଗ୍ରୀନ ଏଫ୍‌ସି ଗିରାସିଙ୍ଗା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସନସାଇନ କ୍ଲବ ୩-୨ ଗୋଲରେ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଅଲମିଘାଟି ଅନୁଗୋଳ ଓ ମା' ମଙ୍ଗଳା କ୍ଲବ ପୁରୁଣାକଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପୁରୁଣାକଟକ ୧-୦ ଗୋଲରେ ବିଜୟୀ ହୋଇଥିଲା। ପ୍ରଥମ ସେମିଫାଇନାଲ ସନସାଇନ କ୍ଲବ ଓ ପୁରୁଣାକଟକ ମଧ୍ୟରେ ହୋଇଥିବାବେଳେ ଟାଇବ୍ରେକରରେ ସନସାଇନ ଦଳ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଖେଳକୁ ରେଫରି ଭାବରେ ସଲିଲ ବେହେରା, ଗରିବ ବେହେରା, ସୂର୍ଯ୍ୟକାନ୍ତ ବେହେରା, ସମୀର ପ୍ରଧାନ, ବିକ୍ରମ ନାଏକ, ଚନ୍ଦନ ମହାରଣା ପରିଚାଳନା କରିଥିଲେ । ଅତିଥି ଭାବରେ ବରିଷ୍ଠ କ୍ରୀଡ଼ାବିତ ତଥା ଭାରତୀୟ ବନସେବା ସଂଘର ରାଜ୍ୟ ପ୍ରତିନିଧି ପ୍ରସନ୍ନ କୁମାର ପ୍ରଧାନ, ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର କ୍ରୀଡା ଶିକ୍ଷକ ଲମ୍ବୋଦର ପୁରୋହିତ, କ୍ରୀଡ଼ାବିତ ଲିଙ୍ଗରାଜ ଲେଙ୍କା, ଆଇନଜୀବୀ ପରଦେଶୀ ବେହେରା ଯୋଗଦେଇଥିଲେ।

## ଆଜିଠୁ ନବମ ଗଡ଼ଜାତ ଲୋକ ମହୋତ୍ସବ

ହରଭଙ୍ଗା,୧୭।୧(ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ବିରନରସିଂହପୁରସ୍ଥିତ ସାଧୁଚରଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖେଳପଡିଆରେ ରବିବାରଠାରୁ ଆରମ୍ଭ ହେବ ନବମ ଗଡଜାତ ଲୋକ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା। ଏହା ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ଅନୁଷ୍ଠିତ ହେବ। ଚଳିତବର୍ଷ ଅଧିକ ଆର୍କଷଣୀୟ କରିବାକୁ ପୁରାମାତ୍ରାରେ ଲାଗିପଡିଛି ଆୟାଜକ କମିଟି। ସେଥିପାଇଁ ପୁରା ମହୋତ୍ସବ ପଡିଆ ସଜେଇ ହୋଇଛି। ମହୋତ୍ସବ ଦିନ ଏକ ସାଂସ୍କୃତିକ ଶୋଭାଯାତ୍ରା ବିରାମଚନ୍ଦ୍ରପୁର ସୁବର୍ଣ୍ଣେଶ୍ୱର ଶିବ ମନ୍ଦିର ଓ ଜଗନ୍ନାଥ ମନ୍ଦିରଠାରୁ ବାହାରି ମହୋତ୍ସବ ପଡିଆକୁ ଯିବା କାର୍ଯ୍ୟକ୍ରମ ରହିଛି। ଶୋଭାଯାତ୍ରାରେ ସ୍ଥାନୀୟ କଳାକାର ଭାଗ ନେବେ। ଚଳିତବର୍ଷ ମହୋତ୍ସବରେ ସ୍ଥାନୀୟ ଲୋକଗୀତ ସହ ଆଦିବାସୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ ପରିବେଷଣ କରିବା କାର୍ଯ୍ୟକ୍ରମ ରହିଛି। ଏହା ସହ ୭୦ ଗୋଟି ଷ୍ଟଲ ଖୋଲାଯିବା ସହ ମିନାବଜାର ବସିବା ବ୍ୟବସ୍ଥା କରାଯାଇଛି।



ସଜେଇ ହୋଇଛି ଲୋକ ମହୋତ୍ସବ ମଣ୍ଡପ।

# ବୌଦ୍ଧ ଜିଲାର ଲୋକକଳା, ଲୋକ ସଂସ୍କୃତି ମହାନ

ବୌଦ୍ଧ,୧୭।୧(ଅଜିତ କୁମାର ବାରିକ)



ଅତିଥିମାନଙ୍କୁ କଳାକାରମାନେ ସ୍ୱାଗତ କରୁଛନ୍ତି।

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଠିଡିକାଯୋରସ୍ଥିତ ଶ୍ରୀଜଗନ୍ନାଥ ମଣ୍ଡପଠାରେ ଜିଲା ଧାର୍ମିକ ଓ ସାଂସ୍କୃତିକ ସେବା ମହାସଂଘ ଓ ବୌଦ୍ଧ ଜିଲା କଳାକ୍ଷେତ୍ରର ମିଳିତ ଉଦ୍ୟମରେ ଶନିବାର ବ୍ଲକସ୍ତରୀୟ କଳା କ୍ଷେତ୍ର ସମ୍ବର୍ଦ୍ଧନା ପର୍ବ ଓ କଳାକାର ସମାବେଶ ଅନୁଷ୍ଠିତ ହୋଇଯାଇଛି । ସମାବେଶରେ ପାରମ୍ପରିକ ଲୋକକଳା ଉପରେ ଆଲୋଚନା ହୋଇଥିଲା। ବୌଦ୍ଧ ଜିଲା କଳାକ୍ଷେତ୍ର ସଭାପତି ଶିବ କମ୍ପଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୌଦ୍ଧ ଜିଲା ଧାର୍ମିକ ଓ ସାଂସ୍କୃତିକ ସେବା ମହାସଂଘ ତଥା ବୌଦ୍ଧ ଜିଲା କଳାକ୍ଷେତ୍ର ଉପଦେଷ୍ଟା ରମେଶ ପ୍ରସାଦ ମେହେର ମୁଖ୍ୟ ଅତିଥିଭାବେ ଯୋଗ ଦେଇ ବୌଦ୍ଧ ଜିଲାର ଲୋକକଳା, ଲୋକ ସଂସ୍କୃତି ଅତୀବ ମହାନ ବୋଲି ମତ ବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ କଳାକ୍ଷେତ୍ର କଣ୍ଟମାଳ ବ୍ଲକ ସଭାପତି ବାମଦେବ ମହାନ୍ତି, ବୌଦ୍ଧ ବ୍ଲକ ସଭାପତି ମରୀ ରଣା, ଜିଲା ସମ୍ପାଦକ ଅତିରାତ୍ର ପ୍ରଧାନ, କଣ୍ଟମାଳ ବ୍ଲକ ସମ୍ପାଦକ ରୁଧର ପ୍ରଧାନ, କଳାକ୍ଷେତ୍ର ରାଜ୍ୟ ଉପଦେଷ୍ଟା ଅରୁଣ ମେଣ୍ଡୁଲି ଯୋଗ ଦେଇଥିଲେ। ହରଭଙ୍ଗା ବ୍ଲକ ସଭାପତି ଅର୍ଜୁନ ଭୋକ୍ତା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କଳାକ୍ଷେତ୍ର ରାଜ୍ୟ ଉପଦେଷ୍ଟା ସୁରେନ୍ଦ୍ର କର୍ଣ୍ଣ ସଭାକାର୍ଯ୍ୟ ପରିଚାଳନା କରିଥିଲେ।

## ଧୁଡିନୂଆଗାଁରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ

**ବାଲିଶଙ୍କରା, ୧୭।୧(ହୃଦାନନ୍ଦ ବାରିକ):** ବାଲିଶଙ୍କରା ବ୍ଲକ ରାମପୁର ପଞ୍ଚାୟତ ଧୁଡି ନୂଆଗାଁରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ବିଧାନସଭାର ଉପ ବାଚସ୍ପତି ତଥା ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଗୌନ୍ତିଆ ଦିବ୍ୟଶଙ୍କର ସା, ବିଧାୟକ ପ୍ରତିନିଧି ଅମୀର ନାଏକ, ରବିଚନ୍ଦ୍ର ପଟେଲ, ବ୍ୟବସାୟୀ ଅଜୟ ପଟେଲ (ଚିନ୍ଟୁ), ଚୂମନ ପଟେଲ, ବନମାଳି ବାରସତିଆ, ବୁଲୁ ପଣ୍ଡା, କୃଷ୍ଣଚନ୍ଦ୍ର ସା, ସବ୍ୟସାଚୀ ସା, ନାରାୟଣ ବିଶି, ମନୋଜ କୁମାର ସା, ଲିଙ୍କୁ ବିଶି, ସୋନାଲ ସା, ଲକ୍ଷ୍ମଣ ପୁରୋହିତ, ନରେନ୍ଦ୍ର ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। କୁରେଇ କୀର୍ତ୍ତନ ମଣ୍ଡଳୀ ସଂକୀର୍ତ୍ତନ କରିଥିଲେ।

# ରକ୍ଷଣାବେକ୍ଷଣ ଅଭାବରୁ ଦୟନୀୟ ଅବସ୍ଥା

**ରାଉରକେଲା, ୧୭।୧(ସଙ୍ଗୀତା ଜେନା)**

### ପଥପାର୍ଶ୍ୱ ସୁବିଧା କେନ୍ଦ୍ର

ସୁନ୍ଦରଗଡ଼ ଜିଲାର ଜାତୀୟ ରାଜପଥ ଏବଂ ରାଜ୍ୟ ରାଜପଥ ପାର୍ଶ୍ୱରେ ଥିବା ପଥପାର୍ଶ୍ୱ ସୁବିଧା କେନ୍ଦ୍ର (ଆର୍‌ଏସ୍‌ଏ) ଗୁଡିକର ଆବଶ୍ୟକ ରକ୍ଷଣାବେକ୍ଷଣ କରାଯାଉନାହିଁ। ଫଳରେ ଏଗୁଡିକ ଦୟନୀୟ ଅବସ୍ଥାରେ ପଡିରହିଛି। ଏଥିଯୋଗୁ ଦୂରଦୂରାନ୍ତକୁ ଯାଉଥିବା ରାତ୍ରିକାଳୀନ ବସ୍‌ଯାତ୍ରୀ ଓ ଚାଳକମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅପରପକ୍ଷେ, ଏହି କେନ୍ଦ୍ରଗୁଡିକ ଖୁବ୍‌ଶୀଘ୍ର ମରାମତି କରାଯିବ ବୋଲି ଜିଲା ପର୍ଯ୍ୟଟନ ବିଭାଗ କହିଛି।

ମହିଳା, ପୁରୁଷ, ଦିବ୍ୟାଙ୍ଗମାନଙ୍କ ସୁବିଧା ପାଇଁ ସୁନ୍ଦରଗଡ଼ ଜିଲାର ୩ଟି ସ୍ଥାନରେ ପଥପାର୍ଶ୍ୱ ସୁବିଧା କେନ୍ଦ୍ର (ଆର୍‌ଏସ୍‌ଏ) ପ୍ରତିଷ୍ଠା କରାଯାଇଛି। ଏଥିରେ ଶୌଚାଳୟ, ପାନୀୟ ଜଳ, ବିଶ୍ରାମ ସ୍ଥଳ, ବସିବା ବ୍ୟବସ୍ଥା, ଖାଦ୍ୟ ଓ ଚା'ପାନୀୟ ସୁବିଧା, ଛୋଟ ଯାନ ମରାମତି, ପ୍ରାଥମିକ ଚିକିତ୍ସା ବାକ୍ସ ଏବଂ ସ୍ଥାନୀୟ ଉତ୍ପାଦ କେନ୍ଦ୍ର ଆଦି ସୁବିଧା ରହିଛି। ସୁନ୍ଦରଗଡ଼ ଜିଲା ପରି ଉଦ୍ୟୋଗିକ ଓ ପରିବହନ ଭାରି ଅଞ୍ଚଳ ଅନ୍ତର୍ଗତ ଏନ୍‌ଏଚ୍-୧୪୩, ଏନ୍‌ଏଚ୍-୩୨୦ର ଲଲେଇ ଛକ, ଦର୍ଜି ଓ ଲହୁଣୀପଡ଼ା ବ୍ଲକ ଅଧୀନ ରାଜ୍ୟ ରାଜପଥ ନଂ. ୧୦(କ)ର ବେଲକୁଦର ରାସ୍ତାପାର୍ଶ୍ୱରେ ରହିଛି ଆର୍‌ଏସ୍‌ଏ। ଏହା ଅବହେଳିତ ଅବସ୍ଥାରେ ପଡିରହିଥିବା ଯୋଗୁ କେନ୍ଦ୍ରର ଅନେକ ଉପକରଣ ନଷ୍ଟ ହୋଇଗଲାଣି। ସେହିପରି ଯାତ୍ରୀମାନେ ଏହି କେନ୍ଦ୍ରକୁ ଯିବା ଲାଗି ଅମଙ୍ଗ ହେଉଛନ୍ତି। ଜାତୀୟ ରାଜପଥ, ରାଜ୍ୟ ପରିବହନ, ଏସ୍‌ଏଚ୍‌ଜି, ପିପିପି ମଡେଲରେ ଏଗୁଡ଼ିକ ପର୍ଯ୍ୟଟନ ବିଭାଗ ତତ୍ତ୍ୱାବଧାନରେ ଚାଲିଛି। ନିୟମିତ ସଫେଇ ଅଭାବ, ରାତିରେ ଆଲୋକ ଓ ସୁରକ୍ଷା ବ୍ୟବସ୍ଥା ନ ଥିବା, ରକ୍ଷଣାବେକ୍ଷଣ ଅଭାବ ଯୋଗୁ ଉକ୍ତ କେନ୍ଦ୍ରଗୁଡ଼ିକ ଶୋଚନୀୟ ଅବସ୍ଥାରେ ପଡିରହିଛି। ଫଳରେ ବିଶେଷ କରି କଟକ, ଭୁବନେଶ୍ୱର ତଥା ଦୂରଦୂରାନ୍ତକୁ ଯାଉଥିବା ବସ୍ ଯାତ୍ରୀମାନେ ପ୍ରଭାବିତ ହେଉଛନ୍ତି। ମହିଳା ପୁରୁଷ ଯାତ୍ରୀମାନଙ୍କୁ ଶୌଚାଳୟ ଯିବା ପାଇଁ ସୁଯୋଗ ମିଳୁନାହିଁ। ଶୌଚ ପାଇଁ ପୁରୁଷଙ୍କଠାରୁ ମହିଳାମାନେ ବେଶୀ ଅସୁବିଧା ଭୋଗୁଛନ୍ତି। ସେହିପରି ରାସ୍ତାକଡ଼, ଜଙ୍ଗଲ, ଅସ୍ୱଚ୍ଛ ଅଞ୍ଚଳରେ ଶୌଚ ହେବାରେ ସଂକ୍ରମଣ ଆଶଙ୍କା ରହିଛି। ଏହାବ୍ୟତୀତ ରାତିରେ ସୁରକ୍ଷା ଦୃଷ୍ଟିରୁ ମହିଳାମାନେ ଶୌଚ ପାଇଁ ବାହାରକୁ ଯିବା ଉଚିତ ମଣୁନାହାନ୍ତି। ପ୍ରାୟ ୧୦ ବର୍ଷ ତଳେ ନିର୍ମିତ ଏହି କେନ୍ଦ୍ରଗୁଡିକର ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବ ଯୋଗୁ ଯାତ୍ରୀମାନେ ସୁବିଧା ପାଉ ନ ଥିବାବେଳେ ଆପରାଧିକ କାର୍ଯ୍ୟକଳାପ ଚାଲୁଥିବା ଲୋକେ କୁହନ୍ତି।

ଏ ସମ୍ପର୍କରେ ପର୍ଯ୍ୟଟନ ଅଧିକାରୀ ନିରଞ୍ଜନ ମହାପାତ୍ରଙ୍କୁ ପଚରାଯିବାରୁ ସେ କହିଲେ, ରାତ୍ରି ବସ୍‌ମାନଙ୍କ ପାଇଁ ଉକ୍ତ ଆର୍‌ଏସ୍‌ଏ ଗୁଡ଼ିକର ଆବଶ୍ୟକତା ରହିଛି। ହେଲେ ଦୀର୍ଘଦିନରୁ ଏଗୁଡ଼ିକ ମରାମତି ହୋଇପାରିନାହିଁ। ଜିଲା ପର୍ଯ୍ୟଟନ ପାଣ୍ଠିରୁ ଏହାର ମରାମତି ଓ ପୁନରୁଦ୍ଧାର ପାଇଁ ପ୍ରାୟ ୭୦ଲକ୍ଷ ଟଙ୍କା ଆସିଛି। ଏହାକୁ ଅତିଶୀଘ୍ର କାର୍ଯ୍ୟରେ ଲଗାଯିବ। ଫଳରେ ଏହା ପୁନର୍ବାର କାର୍ଯ୍ୟକ୍ଷମ ହେବ। ଉକ୍ତ କେନ୍ଦ୍ରମାନଙ୍କରେ ଜନକଲ୍ୟାଣକାରୀ ସନ୍ଦେଶ, ପରିବେଶ ଅନୁକୂଳ ପରାମର୍ଶ ଆଦି ଲେଖିବା ବ୍ୟବସ୍ଥା କରାଯିବ ବୋଲି ମହାପାତ୍ର କହିଥିଲେ।

## ୨୪ତମ ଟୁସୁ ମିଳନ ଉତ୍ସବ ପାଳିତ


ଉତ୍ସବରେ ମଞ୍ଚାସୀନ ଅତିଥି।

**ରାଉରକେଲା, ୧୭।୧ (ବିପ୍ଳବ ରଞ୍ଜନ ଦାଶ)**

ଝିରପାଣି ମକର ମିଳନ କମିଟି ପକ୍ଷରୁ ୨୪ତମ ଟୁସୁ ମିଳନ ଉତ୍ସବ ୱାଇଏସି ପଡିଆଠାରେ ଶୁକ୍ରବାର ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଟି ସଭାପତି ହାଲୁ ମୁଣ୍ଡାରୀ ସଭାପତିତ୍ୱ କରିଥିଲେ। ସମ୍ପାଦକ ନିଳାମ୍ବର ମୁଣ୍ଡାରୀଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା କଂଗ୍ରେସର ପ୍ରାକ୍ତନ ସଭାପତି ବିରେନ୍ଦ୍ର ନାରାୟଣ ପଟ୍ଟନାୟକ ମୁଖ୍ୟ ଅତିଥି, ସମିତି ସଭ୍ୟା ପ୍ରତିମା ପାତ୍ର, ସରପଞ୍ଚ ଅଜିତ ତିର୍କି, ସମାଜସେବୀ ଗୌରୀ କୁମ୍ଭାର, ରାମଚନ୍ଦ୍ର ଖାଡିଆ, ମଙ୍ଗଲୁ ଖାଡିଆ ପ୍ରମୁଖ ଯୋଗଦେଇ ଦେବୀ ଟୁସୁଙ୍କ ଜୀବନୀ ଓ ତାଙ୍କ ଆଦର୍ଶ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟଅତିଥି ପଟ୍ଟନାୟକ ଟୁସୁଙ୍କ ଆଶୀର୍ବାଦ କାମନା କରି ଭାଇଚାରା, ସୌହାର୍ଦ୍ଦପୂର୍ଣ୍ଣ ବାତାବରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଗଙ୍ଗାଧର ବୀର ମଞ୍ଚ ସଂଯୋଜନା କରିଥିଲେ। ଏହି ଅବସରରେ ଜିଲାର ବିଭିନ୍ନ ସ୍ଥାନରୁ ଆସିଥିବା ୯ଟି ଟୁସୁ ଦେବୀଙ୍କ ମେଳଣରେ ବହୁ ଜନସମାଗମ ହୋଇଥିଲା। ସେହିପରି ବିଭିନ୍ନ ଦଳ ପକ୍ଷରୁ ନୃତ୍ୟଗୀତ ପରିବେଷଣ କରାଯାଇ କୃତୀ ଦଳଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଗଣେଶ ଲୋହାର, ଅମିତ ବାରା, ଅଜୟ ଖାଲଖୋ, ରାଜେଶ ଖାଡିଆ, ନବୀନ ମୁଣ୍ଡାରୀ, ଚନ୍ଦ୍ର ଖାଡିଆ ପ୍ରମୁଖ ସହଯୋଗ କରିଥିଲେ।

## ବିଦ୍ୟାଳୟର ସଫଳତାରେ ଅଭିଭାବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**କୁଆଁରମୁଣ୍ଡା, ୧୭।୧ (ମହେନ୍ଦ୍ର କୁମାର ସାହୁ)**

### ପଦମପୁର ହାଇସ୍କୁଲର ଅଭିଭାବକ, ପରିଚାଳନା କମିଟି ବୈଠକ

ବେସରକାରୀ ହେଉ କି ସରକାରୀ ଯେକୌଣସି ବିଦ୍ୟାଳୟର ସଫଳତା ପାଇଁ କେବଳ ଛାତ୍ରୀଛାତ୍ର ନୁହଁନ୍ତି, ସେମାନଙ୍କ ଅଭିଭାବକଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଶନିବାର କୁଆଁରମୁଣ୍ଡା ବ୍ଲକ୍ ଅନ୍ତର୍ଗତ ପଦମପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଚତୁର୍ଥ ବିଦ୍ୟାଳୟ ପରିଚାଳନା କମିଟି ବୈଠକରେ ଏହି ମତପ୍ରକାଶ ପାଇଛି। ବିଦ୍ୟାଳୟର ଛାତ୍ର ବିକାଶ ବଡାଇକ ଓ ବାବୁଶାନ୍ କିଷାନ୍ ଜାତୀୟସ୍ତରର କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରି କେବଳ ସୁନ୍ଦରଗଡ଼ ଜିଲ୍ଲା ନୁହେଁ, ସମଗ୍ର ରାଜ୍ୟର ସୁନାମ ବୃଦ୍ଧି କରିପାରିଛନ୍ତି। ଏହା କେବଳ ସମ୍ଭବ ହୋଇଛି ସେମାନଙ୍କ ଅଭିଭାବକ, ଶିକ୍ଷୟିତ୍ରୀ ଶିକ୍ଷକ ତଥା ପରିଚାଳନା କମିଟିର ପରସ୍ପର ସହ ଉତ୍ତମ ସମନ୍ୱୟ ରକ୍ଷା ଯୋଗୁ ବୋଲି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରୀତା ଲାକ୍ରା ଓ ବରିଷ୍ଠ ଶିକ୍ଷକ ସଞ୍ଜୟ କୁମାର ସାମଲ ମତପ୍ରକାଶ କରିଥିଲେ। କେବଳ କ୍ରୀଡ଼ା କ୍ଷେତ୍ରରେ ନୁହେଁ, ଶିକ୍ଷାରେ ମଧ୍ୟ ଏହି ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସମଗ୍ର ବ୍ଲକ୍ ଅଞ୍ଚଳରେ ପାରଦର୍ଶିତା ଲାଭ କରି ଚାଲିଛନ୍ତି। ବିଦ୍ୟାଳୟରେ ବର୍ଣ୍ଣାଳୀ କାର୍ଯ୍ୟକ୍ରମର ଉପାଦେୟତା ସମ୍ପର୍କରେ ଶିକ୍ଷକ ହରିଶ୍ଚନ୍ଦ୍ର ନାଏକ ଏବଂ ଶିକ୍ଷକ ଶୀତାଂଶୁ ସିଂହ ବିଦ୍ୟାଳୟସ୍ତରରେ ଡିଜିଟାଲ ଶିକ୍ଷା, ବାଲ୍ୟ ବିବାହ ଆଇନ- ୨୦୦୬, ପରୀକ୍ଷା ପେ ଚର୍ଚ୍ଚା ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ କ୍ରୀଡା କ୍ଷେତ୍ରରେ ଜାତୀୟସ୍ତରରେ କୃତିତ୍ୱ ଅର୍ଜନ କରିଥିବା ବିକାଶ ବଡାଇକ, ବାବୁଶାନ୍ କିଷାନ୍ ଓ କ୍ରୀଡ଼ା ପ୍ରଶିକ୍ଷକ ଅନୀଲ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ବୈଠକରେ ଦେଢ଼ ଶହରୁ ଉର୍ଦ୍ଧ୍ୱ ଅଭିଭାବିକା ଅଭିଭାବକ ଅଂଶଗ୍ରହଣ କରିଥିଲେ।

## ଭିଏଚ୍‌ପି, ବଜରଙ୍ଗ ଦଳ ବୈଠକ

**ରାଉରକେଲା, ୧୭।୧ (ସଙ୍ଗୀତା ଜେନା)**

ରାଉରକେଲା ସେକ୍ଟର-୩ସ୍ଥିତ ସୀତାରାମ ମନ୍ଦିରରେ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଭିଏଚ୍‌ପି ଏବଂ ବଜରଙ୍ଗ ଦଳର ଏକ ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭିଏଚ୍‌ପି ପଶ୍ଚିମ ପ୍ରଦେଶ ସଙ୍ଗଠନ ମନ୍ତ୍ରୀ ସତ୍ୟନାରାୟଣ ସେନାପତି, ଭିଏଚ୍‌ପିର ଜିଲା ସମ୍ପାଦକ କାମାକ୍ଷା ପ୍ରସାଦ ରାଣା ଏବଂ ବଜରଙ୍ଗ ଦଳର ଜିଲା ସଂଯୋଜକ ରାକେଶ ଶର୍ମାଙ୍କ ନେତୃତ୍ୱରେ ଭିଏଚ୍‌ପି ଓ ବଜରଙ୍ଗ ଦଳର ଦାୟିତ୍ୱ ଭିଏଚ୍‌ପିର ବ୍ଲକ ସମ୍ପାଦକ ସନୋଜ ଶର୍ମା ଏବଂ ସହ ସମ୍ପାଦକ ସୁଖୁ ଓରାମଙ୍କୁ ଦିଆଯାଇଥିଲା। ବଜରଙ୍ଗ ଦଳର ଜିଲା ଗୋ ସୁରକ୍ଷା ମୁଖ୍ୟ ରାଜେଶ ସାହୁ, ଭିଏଚ୍‌ପିର ଜିଲା ସଙ୍ଗଠନ ମନ୍ତ୍ରୀଙ୍କ ଦାୟିତ୍ୱ ହେମନ୍ତ ଓରାମ ଏବଂ ମାତୃଶକ୍ତିର ଦାୟିତ୍ୱ ପ୍ରମିଳା ଓରାମଙ୍କୁ ଦିଆଯାଇଥିଲା। ଜିଲାର ପ୍ରତ୍ୟେକ ଗ୍ରାମରେ ବଜରଙ୍ଗ ଦଳ ଏବଂ ଦୁର୍ଗା ବାହିନୀ ଗଠନ କରାଯିବ ବୋଲି ସଙ୍ଗଠନ ମନ୍ତ୍ରୀ ବୈଠକରେ କହିଥିଲେ।


ରାଉରକେଲା ବିମାନ ବନ୍ଦର ଛକରେ ଥିବା ଓଡିଶୀ ନୃତ୍ୟ ସ୍ମାରକୀ ।

# ଅବହେଳିତ ଓଡ଼ିଶୀ ନୃତ୍ୟ ସ୍ମାରକୀ

**ରାଉରକେଲା, ୧୭।୧ (ବିପ୍ଳବ ରଞ୍ଜନ ଦାଶ)**

### ଆକର୍ଷଣ ହରାଉଛି ବିମାନ ବନ୍ଦର ଛକ

୨୦୨୩ ପୁରୁଷ ହକି ବିଶ୍ୱକପ୍ ପୂର୍ବରୁ ବିପୁଳ ଅର୍ଥ ବ୍ୟୟରେ ରାଉରକେଲା ବିମାନ ବନ୍ଦର ଛକର ସମ୍ପୂର୍ଣ୍ଣ ସୌନ୍ଦର୍ଯ୍ୟକରଣ କରାଯାଇଥିଲା। ମାତ୍ର ରକ୍ଷଣାବେକ୍ଷଣ ଅଭାବ ଯୋଗୁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିବା ସ୍ମାରକୀଗୁଡିକ ଆକର୍ଷଣ ହରାଇ ବସିଛି। ଅନ୍ୟପକ୍ଷେ ସୌନ୍ଦର୍ଯ୍ୟକରଣ ଯୋଗୁ ପୂର୍ବରୁ ଛକ ଜନଗହଳି ହେଉଥିବାବେଳେ ଏବେ ଜନଶୂନ୍ୟ ହେବାରେ ଲାଗିଛି। ଛକର ଗୋଟିଏ ପାର୍ଶ୍ୱରେ କିଛି ଓଡିଶୀ ନୃତ୍ୟଶିଳ୍ପୀ ନୃତ୍ୟ ପରିବେଷଣ କରୁଥିବା ସ୍ମାରକୀ ରହିଛି। ମାତ୍ର ରକ୍ଷଣାବେକ୍ଷଣ ଅଭାବ କାରଣରୁ ବର୍ତ୍ତମାନ ଏହି ସ୍ମାରକୀ ତାର ପୂର୍ବ ଆକର୍ଷଣ ହରାଇଛି। ତେବେ ଓଡିଶୀ ନୃତ୍ୟ ହେଉଛି ପ୍ରତି ଓଡିଆଙ୍କ ଅସ୍ମିତାର ବିଷୟ। ଓଡିଆ ଅସ୍ମିତା ଉପରେ ଏଭଳି ଅବହେଳା ନିଶ୍ଚିତ ଚିନ୍ତାର ବିଷୟ ବୋଲି ନାଟ୍ୟକାର ରାଜୀବ ପାଣି ଏବଂ ସଙ୍ଗୀତ ନାଟ୍ୟ ପୁରସ୍କାରପ୍ରାପ୍ତ ପ୍ରଫେସର ଡ. ସମର ମୁଦାଲି ପ୍ରକାଶ କରିଛନ୍ତି।

ଅନ୍ୟପଟେ ବିମାନ ବନ୍ଦର ପ୍ରବେଶ ପଥ ସଂଲଗ୍ନ ପାଚେରିର କିଛି ଅଂଶ ଭାଙ୍ଗିଯାଇଛି। ବିମାନ ବନ୍ଦର ଛକର ଏକ ପାର୍ଶ୍ୱରେ ସ୍ଥାପିତ ବିଶାଳକାୟ ହକି ପ୍ରତିମୂର୍ତ୍ତି ସାମାନ୍ୟ ପବନରେ ଟଳି ପଡିଥିଲା। ଏହାର ପୁନରୁଦ୍ଧାର ଦାବି ହେବାରୁ ସ୍ମାରକୀସ୍ଥଳରେ ଏକ ହକି ବିଶ୍ୱକପ୍ ଓ ତା ଉପରେ ଏକ ହକି ଷ୍ଟିକ୍ ଥିବା ସ୍ମାରକୀକୁ ଅବସ୍ଥାପିତ କରିଦିଆଗଲା। ଯାହା ପୂର୍ବ ସ୍ମାରକୀ ଭଳି ସହରବାସୀଙ୍କ ପାଇଁ ଆକର୍ଷଣୀୟ ହୋଇପାରିଲାନାହିଁ। ୩ ବର୍ଷ ହେଲାଣି ବିମାନ ବନ୍ଦର ଛକ ତାର ପୂର୍ବ ଆକର୍ଷଣକୁ ହରାଇ ବସିଥିବାବେଳେ ଏ ଦିଗରେ ବିଭାଗୀୟ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରିବାକୁ ସହରର ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ଏ ସମ୍ପର୍କରେ ଆର୍‌ଏମ୍‌ସି ଆୟୁକ୍ତ ଦୀନା ଦସ୍ତଗିରଙ୍କୁ ପଚାରିବାରୁ ସେ କହିଲେ, ବିମାନ ବନ୍ଦର ଛକରେ ଥିବା ଓଡ଼ିଶୀ ନୃତ୍ୟ ସ୍ମାରକୀର ପୁନରୁଦ୍ଧାର ଓ ମରାମତି କରାଯିବ। ଏଥିସହ ବିମାନ ବନ୍ଦର ଛକର ସୌନ୍ଦର୍ଯ୍ୟ ବୃଦ୍ଧିରେ ବାଧକ ସାଜୁଥିବା ସବୁ ଦିଗ ଉପରେ ଅନୁଧ୍ୟାନ କରି ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

## ରାଧାକୃଷ୍ଣ ମନ୍ଦିରର ବାର୍ଷିକୋତ୍ସବ ସମ୍ପନ୍ନ

**ରାଉରକେଲା, ୧୭।୧ (ଦିନେଶ ମିଶ୍ର)**

ବାସନ୍ତୀ କଲୋନୀସ୍ଥିତ ଦୁର୍ଗାପୁର ପାହାଡରେ ଥିବା ରାଧାକୃଷ୍ଣ ମନ୍ଦିରର ବାର୍ଷିକୋତ୍ସବ ଶନିବାର ଉଦ୍‌ଯାପିତ ହୋଇଛି। ରାଧାକୃଷ୍ଣ ସେବା ସମିତି ପକ୍ଷରୁ ଆୟୋଜିତ ଏହି ଉତ୍ସବର ପ୍ରଥମ ଦିନରେ ମୁଖ୍ୟ ପଣ୍ଡିତ ନୃସିଂହ ଚରଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ସୂର୍ଯ୍ୟପୂଜା, ଗୋପୂଜା, ବାଲ୍ୟଧୂପ ସହ ପାର୍ଶ୍ୱଦେବାଦେବୀ ପୂଜା କରାଯାଇଥିଲା। ପରେ ରାଧାକୃଷ୍ଣଙ୍କୁ ସ୍ନାନ କରାଇ ତୁଳସୀ ଅର୍ପଣ ସହ ପୁଷ୍ପମାଲ୍ୟରେ ସଜ୍ଜିତ କରାଯାଇଥିଲା। ସନ୍ଧ୍ୟା ସମୟରେ ସ୍ଥାନୀୟ ମହିଳାମାନଙ୍କୁ ନେଇ ସାମୂହିକ ଭାଗବତ ପଠନ ହୋଇଥିଲା। ଏହି ଅବସରରେ ମନ୍ଦିର ପରିସରରେ ଏକ ହୋମଯଜ୍ଞ ଆୟୋଜନ କରାଯାଇଥିଲା। ଏହି ହୋମଯଜ୍ଞକୁ ତପନ ପାଣିଗ୍ରାହୀ ଓ ଅର୍ଚ୍ଚନା ପାଣିଗ୍ରାହୀ ପରିଚାଳନା କରିଥିଲେ। ସେହିପରି ହରିନାମ ସଙ୍କୀର୍ତ୍ତନ ହୋଇଥିଲା। ଦ୍ୱିତୀୟ ଦିନରେ ହୋମଯଜ୍ଞ ପୂର୍ଣ୍ଣାହୁତି କରାଯାଇଥିଲା। ସ୍ଥାନୀୟ ଶ୍ରଦ୍ଧାଳୁମାନେ ହୋମଯଜ୍ଞରେ ଘୃତ ଓ ନାରିକେଳ ସମର୍ପଣ କରିଥିଲେ। ସମିତିର ଗୋକୁଳି ନାୟକ, ସରୋଜ ବେହେରା, ଶୁଶାନ୍ତ ପ୍ରଧାନ, ସମୀର କୁମାର ନନ୍ଦ, ରାଜେନ୍ଦ୍ର ମାହାତୋ, ସୁଜଳ ରାଉତ, ଗୋପାଳ ଦାସ, ଚିନ୍ମୟ ସାହୁ, ଗୀତାଞ୍ଜଳି ଦେବତା, ଶ୍ରୀଧର ମହାନ୍ତି, କବିତା ନାୟକ, ମୁନୀ ମିଶ୍ର, ସରିତା ଜଲାନ ପ୍ରମୁଖ ସହଯୋଗ କରିଥିଲେ।


ମନ୍ଦିର ବାର୍ଷିକୋତ୍ସବରେ ହୋମଯଜ୍ଞ କରାଯାଉଛି।

## ବେଦବ୍ୟାସ ମୁଖ୍ୟମାର୍ଗ ଡ୍ରେନ୍ ବିପର୍ଯ୍ୟସ୍ତ

**ରାଉରକେଲା, ୧୭।୧ (ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ବେଦବ୍ୟାସ ମୁକ୍ତିଧାମ ନାଁରେ ସ୍ଥାନୀୟ ଅଞ୍ଚଳର ବ୍ୟବସାୟ ସମୃଦ୍ଧ ହେବାରେ ଲାଗିଛି। ଇତିମଧ୍ୟରେ ରାଉରକେଲା ରାସ୍ତା ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ବେଦବ୍ୟାସ ଧାମର ଉନ୍ନତୀକରଣ ପାଇଁ ୧୪କୋଟି ୧୫ଲକ୍ଷ ୫୮ହଜାର ଟଙ୍କା ବିନିଯୋଗ ହୋଇଛି। ମାତ୍ର ପରିତାପର ବିଷୟ ଦୀପ ତଳ ଅନ୍ଧାର ଭଳି ବେଦବ୍ୟାସ ଓ ରାଉରକେଲା ସହରକୁ ଯୋଡୁଥିବା ଏନ୍‌ଏଚ୍-୧୪୩ ଓଭରବ୍ରିଜ୍ ତଳ ରାଜ୍ୟ ରାଜପଥ-୧୦ରେ ଥିବା ଡ୍ରେନ ବିପର୍ଯ୍ୟସ୍ତ ହୋଇପଡିଛି। ଡ୍ରେନ ଉପରେ ପଡିଥିବା ସ୍ଲାବଗୁଡିକ ଭାଙ୍ଗିରୁଜି ଯାଇଥିବା ଯୋଗୁ ଦୁର୍ଘଟଣା ଆଶଙ୍କା ରହିଛି। ଏହାର ମରାମତି ଦିଗରେ ନାଁ ରାଜ୍ୟ ପୂର୍ତ୍ତ ବିଭାଗ ଧ୍ୟାନ ଦେଉଛି ନା ଜାତୀୟ ରାଜପଥ ବିଭାଗ ପକ୍ଷରୁ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉଛି। ଗୋଟିଏ ପଟେ ବେଦବ୍ୟାସ ପୀଠର ଐତିହ୍ୟ, ଆଧ୍ୟାତ୍ମିକ ପୃଷ୍ଠଭୂମି ସୁଦୃଢ଼ୀକରଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି, ଅନ୍ୟପଟେ ବେଦବ୍ୟାସ ଧାମ ସହିତ ଯୋଡୁଥିବା ମୁଖ୍ୟ ରାସ୍ତା ମରାମତି ହେଉନାହିଁ। ଏ ନେଇ ରାଉରକେଲା ଏନ୍‌ଏଚ୍‌ଏଆଇ ଏ.ଇ ନାରାୟଣ ବେହେରାଙ୍କୁ ପଚାରିବାରୁ ଏ ବିଷୟରେ ପୂର୍ତ୍ତ ବିଭାଗ ସହ ବିଚାରବିମର୍ଶ କରାଯିବ ବୋଲି ସେ କହିଥିଲେ।


ବେଦବ୍ୟାସ ମୁଖ୍ୟମାର୍ଗ ଡ୍ରେନ ସ୍ଲାବ୍ ଭାଙ୍ଗିରୁଜି ଯାଇଛି।

## ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ରାଉରକେଲା, ୧୭।୧ (ବିପ୍ଳବ ରଞ୍ଜନ ଦାଶ)**

ସେକ୍ଟର-୪ ସ୍ଥିତ ରାଉରକେଲା କଲେଜ ଆନୁକୂଲ୍ୟରେ ଅଷ୍ଟଦିବସୀୟ ଆତ୍ମରକ୍ଷା ତାଲିମ ଶିବିର କଲେଜ ପରିସରରେ ଶନିବାର ଉଦ୍‌ଯାପିତ ହୋଇଯାଇଛି। ସେକ୍ଟର-୩ ଥାନାଧିକାରୀ ପିଙ୍କି କୁମାରୀ ମୁର୍ମୁ ଶିବିରକୁ ଉଦ୍‌ଘାଟନ କରିଥିଲେ। କଲେଜ ଅଧ୍ୟକ୍ଷ ଡଃ ରବୀନ୍ଦ୍ର କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ରାଉରକେଲା ଅତିରିକ୍ତ ପୋଲିସ ଅଧୀକ୍ଷକ ଶ୍ରାବଣୀ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମ ସୁରକ୍ଷା କୌଶଳରେ ନିପୁଣ ହେବାକୁ ପରାମର୍ଶ ଦେଇଥିଲେ। ଏଥିସହ ସାମାଜିକ ଗଣମାଧ୍ୟମରେ ନିଜର ବ୍ୟକ୍ତିଗତ ସୂଚନା ପ୍ରଦାନ ନ କରିବାକୁ ସତର୍କ କରାଇଥିଲେ। ସତ୍ୟାନନ୍ଦ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ସଶକ୍ତ ହେବା ସହ ସମାଜ ଗଠନରେ ସହଭାଗୀ ହେବା ପାଇଁ ପରାମର୍ଶ ଦେଇଥିଲେ। ବରିଷ୍ଠ ପ୍ରାଧ୍ୟାପିକା ବନ୍ଦନା ସୋରେନ ଶିବିର ପରିଚାଳନା କରିଥିବାବେଳେ ପ୍ରାଧ୍ୟାପିକା ରଶ୍ମିପ୍ରଭା ମାଥାନ ଏବଂ ଦୀପାଳି ପ୍ରଧାନ ସହଯୋଗ କରିଥିଲେ। ଜୟା କୁମାରୀ ସିଂ, ଖୁସବୁ କେରକେଟା ଏବଂ ନିକି କୁମାରୀ କୁଶୱାହ ପ୍ରଶିକ୍ଷଣ ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମରେ ପ୍ରଶିକ୍ଷିତ ଛାତ୍ରୀମାନେ ଆତ୍ମ ସୁରକ୍ଷା କୌଶଳ ପ୍ରଦର୍ଶନ କରିଥିଲେ। ବରିଷ୍ଠ ପ୍ରାଧ୍ୟାପିକା ଭାରତୀ ବରୱା, ମୌସୁମୀ ଦାସ, ରଞ୍ଜିତା ପାଣିଗ୍ରାହୀ, ପ୍ରତିମା ପାତ୍ର, ପ୍ରିୟଙ୍କା ପଲାଇ, ରଚନା ମିଶ୍ର, ସ୍ୱାତୀସ୍ମିତା ସାହୁ, ରଞ୍ଜିତ ପ୍ରଧାନ, ସୁଶାନ୍ତ ରଣା, ସୁମନ ଡୁଙ୍ଗଡୁଙ୍ଗ, ସିଦ୍ଧାର୍ଥ ସାହୁ ଏବଂ ଅଜୟ କୁମାର ଯାଦବ ପ୍ରମୁଖ ସହଯୋଗ କରିଥିଲେ।


ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ତାଲିମ ପ୍ରମାଣପତ୍ର ସହ ଛାତ୍ରୀଗଣ।

## ଆର୍‌ଏସ୍‌ପିର ୫୮ତମ ଉଦ୍ୟାନକୃଷି ପ୍ରଦର୍ଶନୀ ଉଦ୍‌ଘାଟିତ

**ରାଉରକେଲା, ୧୭।୧ (ବିପ୍ଳବ ରଞ୍ଜନ ଦାଶ)**


ଆର୍‌ଏସ୍‌ପି ଭାରପ୍ରାପ୍ତ ନିର୍ଦ୍ଦେଶକ ପ୍ରଦର୍ଶନୀକୁ ଉଦ୍‌ଘାଟନ କରୁଛନ୍ତି।

ରାଉରକେଲା ଇସ୍ପାତ କାରଖାନାର ଉଦ୍ୟାନକୃଷି ବିଭାଗ ଆନୁକୂଲ୍ୟରେ ସେକ୍ଟର-୮ ଜୁବୁଲି ପାର୍କଠାରେ ଆୟୋଜିତ ୫୮ତମ ବାର୍ଷିକ ଉଦ୍ୟାନକୃଷି ପ୍ରଦର୍ଶନୀ ଉତ୍ସବକୁ ଶନିବାର ଆର୍‌ଏସ୍‌ପି ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଦୀପିକା ମହିଳା ସଂହତିର ଅଧ୍ୟକ୍ଷା ନମ୍ରତା ବର୍ମା, ମାନବ ସମ୍ବଳ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ଖଣି ବିକାଶ ସିଏମ୍‌ଏଲଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବି. କେ. ଗିରି, ସାମଗ୍ରୀ ପରିଚାଳନା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ଖଣି ଓଜିଓଏମ୍ ସିଏମ୍‌ଏଲଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ୍. ପି. ସିଂହ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲଚୌଧୁରୀ, ବିତ୍ତ ଓ ଲେଖା ବିଭାଗର ସିଜିଏମ ରାଜେଶ ଦାସଗୁପ୍ତା, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ରାଉରକେଲାର ଆଞ୍ଚଳିକ ଅଧିକାରୀ ଡକ୍ଟର ଅନୁପ ମଲ୍ଲିକ, ଦୀପିକା ମହିଳା ସଂହତିର ଉପାଧ୍ୟକ୍ଷା ପ୍ରଭାତୀ ମିଶ୍ର, ଡ. ପ୍ରତିଜ୍ଞା ପଲାଇ, ରୀତା ରାଣୀ, ବନ୍ଦନା ସିଂ, ନବନୀତା ଚୌଧୁରୀ, ସହର ଇଞ୍ଜିନିୟରିଂ ଓ ଉଦ୍ୟାନକୃଷି ବିଭାଗର ସିଜିଏମ୍ ବି. କେ ଯୋଜୋ, ଉଦ୍ୟାନ କୃଷି ବିଭାଗର ଜିଏମ୍ ତଥା ଜେଡ଼ିପି ଇନ୍‌ଚାର୍ଜ ଡକ୍ଟର ଅଭିଜିତ ବିଶ୍ୱାସ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଡିଆଇସି ଅନ୍ୟ ଅତିଥିଙ୍କ ଗହଣରେ ପ୍ରଦର୍ଶନୀ କ୍ଷେତ୍ର ପରିଦର୍ଶନ କରିଥିଲେ। ଡିଆଇସି କହିଥିଲେ, ଫୁଲ ପ୍ରଫୁଲ୍ଲିତ ଭାବନା ଉଦ୍ରେକ କରିବା ସହ ଚିନ୍ତାଧାରାକୁ ସତେଜ କରି ଶାନ୍ତି ଏବଂ ଆନନ୍ଦର ଭାବନା ଜାଗ୍ରତ ପୂର୍ବକ ମଣିଷ ମନକୁ ସ୍ପର୍ଶ କରିଥାଏ। ଏହି ପ୍ରଦର୍ଶନୀର ବିଭିନ୍ନ ବର୍ଗରେ ୯୬୦ରୁ ଅଧିକ ଏଣ୍ଟ୍ରି ସ୍ଥାନ ପଥାଇଛି। ଏଗୁଡିକ ମଧ୍ୟରେ ଫୁଲ, ପଟ ପ୍ଲାଣ୍ଟ, ଫଳ, ପନିପରିବା, ବନସାଇ, ଡିନର୍ ବୋଲ୍ ଆରେଞ୍ଜମେଣ୍ଟ, ବେଷ୍ଟ ଆରେଞ୍ଜଡ୍ ଫୁଲ, ବଟନ୍ ହୋଲ୍, ଫୁଲତୋଡା, ଫୁଲମାଳା, ଫୁଲ ଓ ପତ୍ର ତିଆରି ମଡେଲ ସାମିଲ ରହିଥିଲା। ବହୁ ସଂଖ୍ୟାରେ ଦର୍ଶକ ଜୁବିଲି ପାର୍କ ଆସି ପ୍ରଦର୍ଶନୀ ଉପଭୋଗ କରିଥିଲେ। ଉତ୍ସବରେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଆର୍‌ଏସ୍‌ପି ଲୋକ ସମ୍ପର୍କ ବିଭାଗ ଉପପ୍ରବନ୍ଧକ ଶଶାଙ୍କ ଶେଖର ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସୂଚନାଯୋଗ୍ୟ, ରବିବାର ପୁରସ୍କାର ବିତରଣ ଉତ୍ସବ ସହ ଏହି ପ୍ରଦର୍ଶନୀ ସମ୍ପନ୍ନ ହେବ।

# ଭିମ୍‌ସାରରେ ଗିରଫ ଅଭିଯୁକ୍ତଙ୍କ ମୃତ୍ୟୁ

■ମୃତଦେହ ବ୍ୟବଚ୍ଛେଦ ନ କରିବାକୁ ଅଡ଼ିବସିଲେ ପରିବାର ଲୋକ, ଉତ୍ତେଜନା

■ଜମି କେଲେଙ୍କାରୀ ମାମଲାରେ ଗିରଫ ହୋଇଥିଲେ

ସମ୍ବଲପୁର,୧୭ା୧(ପ୍ରମୋଦ ବହିଦାର)

ଜମି କେଲେଙ୍କାରୀ ମାମଲାରେ ଗିରଫ ଅଭିଯୁକ୍ତଙ୍କ ଶନିବାର ବୁର୍ଲା ଭିମ୍‌ସାରରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସେ ହେଉଛନ୍ତି ଟାଉନ ଥାନା ଅନ୍ତର୍ଗତ ଗୁରୁପଡ଼ାର ଆଇନଜୀବୀ ଶ୍ରୀରଞ୍ଜନ ପଟ୍ଟନାୟକ (୫୮)।



ମୃତ୍ୟୁପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ତେବେ ଏହାପୂର୍ବରୁ ମୃତଦେହ ବ୍ୟବଚ୍ଛେଦ ନ କରାଇବା ଜିଦ୍‌ରେ ତାଙ୍କ ପରିବାର ଲୋକ ଡାକ୍ତରଖାନା ଫାଣ୍ଡି ସମ୍ମୁଖରେ ହୋହଲ୍ଲା କରିଥିଲେ। ପରେ ବୁର୍ଲା ଥାନା ପୋଲିସ ବୁଝାଶୁଝା କଲା ପରେ ପରିବାର ଲୋକେ ମୃତଦେହ ବ୍ୟବଚ୍ଛେଦ ପାଇଁ ସହମତି ପ୍ରକାଶ କରିବାରୁ ଉତ୍ତେଜନା ପ୍ରଶମିତ ହୋଇଥିଲା।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଦୀର୍ଘଦିନରୁ ଶ୍ରୀରଞ୍ଜନ ବାହାରେ ରହୁଥିଲେ। ମାତ୍ର ଶୁକ୍ରବାର ତାଙ୍କ ବଡ଼ବାପାଙ୍କ ପୁଅର ମୃତ୍ୟୁ ଖବର ପାଇ ଘରକୁ ଆସିଥିଲେ। ଏହି ସମୟରେ ଜମି କେଲେଙ୍କାରୀ ମାମଲାରେ ଶାସନ ଥାନାରେ ରୁଜୁ ଏକ ମାମଲା(ନଂ. ୮/୨୦୨୪)ରେ ରୁଜୁ ଏକ ମାମଲାରେ ପୋଲିସ ଶ୍ରୀରଞ୍ଜନଙ୍କୁ ତାଙ୍କ ଗୁରୁପଡ଼ାସ୍ଥିତ ଘରୁ ଗିରଫ କରିଥିଲା। ତେବେ ଶନିବାର ପୂର୍ବାହ୍ନରେ କୋର୍ଟ ଚାଲାଣ ହେବା ପୂର୍ବରୁ ସେ ହଠାତ ଅସୁସ୍ଥ ହୋଇ ପଡ଼ିଥିଲେ। ଶାସନ ଥାନା ପୋଲିସ ତାଙ୍କୁ ଭିମ୍‌ସାର ସ୍ଥାନାନ୍ତର କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ଆଜି ହେବ ହୀରାକୁଦ ଜଳଭଣ୍ଡାରରେ ପକ୍ଷୀ ଗଣନା

■ନିୟୋଜିତ ହେବେ ୩୭ଜଣ ବିଶେଷଜ୍ଞଙ୍କ ସହ ୯୨ ଜଣ

■ପ୍ରଥମ ଥର ପାଇଁ ସାମିଲ ହେବେ ଛାତ୍ରୀଛାତ୍ର

ସମ୍ବଲପୁର,୧୭ା୧(ପ୍ରମୋଦ ବହିଦାର)

ହୀରାକୁଦ ଜଳଭଣ୍ଡାରରେ ରବିବାର ଚଳିତ ଶୀତଋତୁର ପକ୍ଷୀଗଣନା କରାଯିବ। ଜଳଭଣ୍ଡାର ୫୫୦ ବର୍ଗ କିଲୋମିଟର ଅଞ୍ଚଳରେ ୩୭ଜଣ ବିଶେଷଜ୍ଞ ଓ ୪୦ ବନ କର୍ମଚାରୀଙ୍କ ସହ ମୋଟ ୭୭ ଜଣ ପକ୍ଷୀଗଣନାରେ ନିୟୋଜିତ ହେବେ। ଚଳିତ ଋତୁରେ ପ୍ରଥମ ଥର ପାଇଁ ପକ୍ଷୀଗଣନାକାରୀଙ୍କ ସହିତ ଆଖପାଖ ଗ୍ରାମର ସ୍କୁଲ ଓ କଲେଜର ୧୫ ଜଣ ଛାତ୍ରୀଛାତ୍ରଙ୍କୁ ସାମିଲ କରାଯାଇଛି। ପକ୍ଷୀ ଗଣନା ପାଇଁ ଜଳଭଣ୍ଡାରର ଆର୍ଦ୍ରଭୂମିକୁ ୨୧ଟି ସେକ୍ଟରରେ ଭାଗ କରାଯାଇଛି। ସେହିପରି ସମସ୍ତ ଗଣନାକାରୀ ୩୨ ଦଳରେ ଭାଗ ହୋଇ ବିଭିନ୍ନ ସେକ୍ଟରରେ ପକ୍ଷୀ ଚିହ୍ନଟ ଓ ଗଣନା କରିବେ। ପକ୍ଷୀ ଗଣନା ସକାଳ ୫ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଚାଲିବ। ଶବିବାର ସମ୍ବଲପୁର ଚିଡ଼ିଆଖାନରେ ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଅଂଶୁପ୍ରଜ୍ଞା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପକ୍ଷୀ ଗଣନା ଓ ଚିହ୍ନଟ ପାଇଁ ଗଣନାରେ ସାମିଲ ହେବାକୁ ଥିବା କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ତଥା ଜଳଭଣ୍ଡାରର ଭୌଗୋଳିକ ଅବସ୍ଥିତି ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏହାସହ ପକ୍ଷୀ ଗଣନାକାରୀ ଦଳଙ୍କୁ ବାଇନାକୁଲର, ଜୀବରରକ୍ଷାକାରୀ ଜ୍ୟାକେଟ୍ ଓ ଅନ୍ୟାନ ସାମଗ୍ରୀ ଉପଲବ୍ଧ କିଟ୍‌ବ୍ୟାଗ ବଣ୍ଟନ କରାଯାଇଥିଲା। ଏହାସହ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସାର୍ଟିଫିକେଟ୍ ମଧ୍ୟ ପ୍ରଦାନ କରାଯାଇଥିଲା।



ପକ୍ଷୀ ଗଣନା ପ୍ରସ୍ତୁତି କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀଙ୍କ ସାର୍ଟିଫିକେଟ୍ ଦସ୍ତଖତ କରୁଛନ୍ତି ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ

ପକ୍ଷୀ ଗଣନା ପ୍ରସ୍ତୁତିକୁ ନେଇ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଦାସ କହିଛନ୍ତି, ପକ୍ଷୀ ଗଣନା ପାଇଁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଗଣନାକାରୀଙ୍କ ମଧ୍ୟରେ ସମ୍ବଲପୁର ସହିତ କଟକ, କେନ୍ଦ୍ରାପଡ଼ା, ଜଗତସିଂପୁର ଆଦି ବିଭିନ୍ନ ସ୍ଥାନରୁ ଆସିଥିବା ବିଶେଷଜ୍ଞମାନଙ୍କ ସହିତ ସମ୍ବଲପୁର, ସୋନପୁର, ଝାରସୁଗୁଡ଼ା, ବଲାଙ୍ଗୀରରେ ଥିବା ବିଭିନ୍ନ ବାର୍ଡ କ୍ଲବର ପ୍ରତିନିଧିମାନେ ମଧ୍ୟ ସାମିଲ ହୋଇଛନ୍ତି। ସେହିପରି ଡେବ୍ରିଗଡ଼ ଆଖପାଖ ଅଞ୍ଚଳରେ ଥିବା ସ୍କୁଲ ଓ କଲେଜର ଛାତ୍ରୀଛାତ୍ରୀ ମାନଙ୍କୁ ମଧ୍ୟ ସାମିଲ କରାଯାଇଛି। ଉକ୍ତ ଛାତ୍ରୀଛାତ୍ରୀମାନଙ୍କୁ ପକ୍ଷୀ ପ୍ରଜାତି ଚିହ୍ନଟ ପାଇଁ ଉପଯୁକ୍ତ ପ୍ରଶିକ୍ଷଣ ମଧ୍ୟ ଦିଆଯାଇଛି। ଉକ୍ତ ଛାତ୍ରୀଛାତ୍ରମାନଙ୍କୁ ଗତ ଅକ୍ଟୋବରରେ ବନ୍ୟପ୍ରାଣୀ ବନଖଣ୍ଡ ପକ୍ଷରୁ ଅନୁଷ୍ଠିତ ବ୍ୟାଘ୍ର ଆକଳନର ଅଭିଯାନରେ ମଧ୍ୟ ସାମିଲ କରାଯାଇଥିଲା ବୋଲି ସେ କହିଛନ୍ତି। ପକ୍ଷୀଗଣନା କାର୍ଯ୍ୟକ୍ରମ ପ୍ରାତଃ ୬ଟାରୁ ଆରମ୍ଭ ହେବ। ହୀରାକୁଦ ଜଳଭଣ୍ଡାରର ବିସ୍ତୀର୍ଣ୍ଣ ଜଳରାଶି ମଧ୍ୟରେ ବିଭିନ୍ନ ସ୍ଥାନକୁ ଗସ୍ତ ପାଇଁ ଯନ୍ତ୍ରଚାଳିତ ଡଙ୍ଗାର ବ୍ୟବସ୍ଥା କରାଯାଇଛି। ପକ୍ଷୀ ଗଣନା ସମୟରେ ଜଳଭଣ୍ଡାର ମଧ୍ୟରେ ପର୍ଯ୍ୟଟକଙ୍କ ପ୍ରବେଶ ସହିତ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି।

# ହୁମା ମନ୍ଦିର ପରିସରକୁ ପ୍ଲାଷ୍ଟିକମୁକ୍ତ କରିବାକୁ ଉଦ୍ୟମ



ହୁମାବକ୍ର ମନ୍ଦିର ପରିସରରେ ପ୍ଲାଷ୍ଟିକମୁକ୍ତ କରିବାକୁ ସଚେତନତା କରାଯାଉଛି।

ସମ୍ବଲପୁର,୧୭ା୧(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ସଦର ବନାଞ୍ଚଳ ଅଧିକାରୀ ପ୍ରଶାନ୍ତ କୁମାର ଓରାମଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶନିବାର ପ୍ରସିଦ୍ଧ ଶୈବପୀଠ ହୁମା ମନ୍ଦିର ପରିସରକୁ ସ୍ୱଚ୍ଛ ରଖିବା ନେଇ ସ୍ୱଚ୍ଛତା ଅଭିଯାନର ଆୟୋଜନ କରାଯାଇଛି। ବିଶେଷ କରି ପର୍ଯ୍ୟଟନସ୍ଥଳୀକୁ ଆସୁଥିବା ପର୍ଯ୍ୟଟକ ଏବଂ ଭକ୍ତମାନେ ପ୍ଲାଷ୍ଟିକର ବ୍ୟବହାର କରିବା ଦ୍ୱାରା ମନ୍ଦିର ପରିସରରେ ବିଭିନ୍ନ ସ୍ଥାନରେ ଆବର୍ଜନା ସୃଷ୍ଟି ହେଉଛି। ପୁଣି ପ୍ଲାଷ୍ଟିକ ଆବର୍ଜନା ପରିଚାଳନା କରିବା ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ମନ୍ଦିର ଆଖପାଖରେ ଏଗୁଡିକ ଜମା ହେଉଛି। ତେଣୁ ପ୍ଲାଷ୍ଟିକର ବ୍ୟବହାର ରୋକିବା ପାଇଁ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ବନପାଳ ମନୋଜ ବେହେରା, ବନରକ୍ଷୀ ଆଶିଷ କୁମାର ସାହୁ, ସୁସ୍ମିତା ପାଣିଗ୍ରାହୀ, ସସ୍ମିତା ମହାପାତ୍ର, ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର କ୍ଷେତ୍ରୀୟ ପରିଚାଳନା ସଂସ୍ଥା ସଦର ବନାଞ୍ଚଳର କ୍ଷେତ୍ର ସଂଯୋଜକ ବୃନ୍ଦାବନ ପ୍ରଧାନ, ଉମାକାନ୍ତ ପୋଢ, ଦଳପତି ପଙ୍କଜିନୀ ସାହୁ, ଉନ୍ନୟନ ଅଧିକାରୀ ଦେବେନ୍ଦ୍ର କୁମାର ନାୟକ, ବେଦବ୍ୟାସ ସାହୁ, ପାଞ୍ଚଫୁଟ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ତଥା ଇକୋକ୍ଲବ ସଦସ୍ୟ ସତ୍ୟଜିତ ବେହେରା, ପାରା ଗାର୍ଡ ଭଗବାନ ମିର୍ଦ୍ଧା, ସଚିନ ବାରିକ, ପାଞ୍ଚ ଫୁଟବନ ବନ ସୁରକ୍ଷା ସମିତି ସଭ୍ୟାସଭ୍ୟ ତଥା ପାଞ୍ଚଫୁଟ ଉଚ୍ଚ ବିଦ୍ୟାଳୟ ଶତାଧିକ ଛାତ୍ରୀଛାତ୍ର ଯୋଗଦେଇଥିଲେ। ପ୍ରଥମେ ଛାତ୍ରୀଛାତ୍ର ଓ ସମସ୍ତ ସଭ୍ୟାସଭ୍ୟଙ୍କ ଦ୍ୱାରା ଏକ ଶୋଭାଯାତ୍ରା ଆରମ୍ଭ କରି ହୁମା ମନ୍ଦିର ପରିସରରେ ସଫାଇ କାର୍ଯ୍ୟ କରାଯାଇ ଏକ ପ୍ଲାଷ୍ଟିକମୁକ୍ତ ବଣଭୋଜି ପାଇଁ ଶପଥ ପାଠ କରାଯାଇଥିଲା। କ୍ଷେତ୍ର ସଂଯୋଜକ ବୃନ୍ଦାବନ ପ୍ରଧାନ ପ୍ଲାଷ୍ଟିକମୁକ୍ତ ପରିବେଶ ସ୍ଲୋଗାନ ଦେବା ସହିତ ପ୍ଲାଷ୍ଟିକ ବ୍ୟବହାରର ଅପକାରିତା ଉପରେ ଅଭିଭାଷଣ ରଖିଥିଲେ। କ୍ଷେତ୍ର ସଂଯୋଜକ ଉମାକାନ୍ତ ପୋଢ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଞ୍ଚଳିକ ଇତିହାସ ସୂକ୍ଷ୍ମ ସମସ୍ୟା ସମୂହକୁ ଜାଗ୍ରତ କରେ



ଶନିବାର ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟରେ ପଶ୍ଚିମ ଓଡ଼ିଶା ଇତିହାସ କଂଗ୍ରେସର କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଓ ବକ୍ତାମାନେ।

ସମ୍ବଲପୁର,୧୭ା୧(ବି.ଶଙ୍କର)

**ପଶ୍ଚିମ ଓଡ଼ିଶା ଇତିହାସ କଂଗ୍ରେସର ତୃତୀୟ ବାର୍ଷିକ ଉତ୍ସବ**

ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟରେ ପଶ୍ଚିମ ଓଡ଼ିଶା ଇତିହାସ କଂଗ୍ରେସର ତୃତୀୟ ବାର୍ଷିକ ଉତ୍ସବ ଶନିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି। ଉତ୍ସବରେ ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏଥିସହ ଦୁଇଦିନ ଧରି ହୋଇଥିବା ଆଲୋଚନାଚକ୍ରର ଗବେଷକ ଓ ଆଲୋଚକମାନଙ୍କୁ ସହଯୋଗିତା ପାଇଁ କୃତଜ୍ଞତା ଜ୍ଞାପନ କରିବା ଆଗାମୀ କାଲିର ଗବେଷକମାନଙ୍କୁ ଦିଗଦର୍ଶନ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥିଭାବେ ସମ୍ବଲପୁରସ୍ଥିତ ଆଞ୍ଚଳିକ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ ପ୍ରଫେସର ମୁରଲୀଧର ମାଝୀ ମାନବ ସମ୍ବଳର ଯଥାଯଥ ବିନିଯୋଗର ଇତିହାସ ଲିପିବଦ୍ଧ ହେବା ଆବଶ୍ୟକ ବୋଲି ମତ ଦେଇଥିଲେ। ସେ କହିଥିଲେ ଯେ, ଆଞ୍ଚଳିକ ଇତିହାସ ସୂକ୍ଷ୍ମ ସମସ୍ୟା ସମୂହକୁ ଜାଗ୍ରତ କରିବାରେ ସମର୍ଥ ହୋଇଥାଏ। କଂଗ୍ରେସ ସଭାପତି ପ୍ରଫେସର ଗୌରୀଶଙ୍କର ପଟେଲ ଉତ୍ସବର ସଫଳତା ପାଇଁ ମହାବିଦ୍ୟାଳୟର କର୍ମକର୍ତ୍ତା, ଛାତ୍ରୀଛାତ୍ର ଓ ଅଧ୍ୟାପିକା ଅଧ୍ୟାପକଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ସମ୍ପାଦକ ଡ. ସାର୍କି ହୁସେନ ପଶ୍ଚିମ ଓଡ଼ିଶା ଇତିହାସର ଅନାଲୋଚିତ ଦିଗ ବିଶେଷତଃ ମୂଲ୍ୟବାନ ରତ୍ନପ୍ରସ୍ତରର ବାଣିଜ୍ୟର ଇତିହାସ ଉପରେ ଗବେଷଣା ପାଇଁ ଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ। ମହାବିଦ୍ୟାଳୟ ଅନ୍ତରୀଣ ଗୁଣବତ୍ତା ଆଶ୍ୱାସନା ପ୍ରକୋଷ୍ଠର ନିର୍ଦ୍ଦେଶକ ପ୍ରଫେସର ରବୀନ୍ଦ୍ର କୁମାର ପାଣିଗ୍ରାହୀ ଛାତ୍ରୀ ଏବଂ ଗବେଷକମାନଙ୍କ ପ୍ରତିକ୍ରିୟା, ମତାମତ ଏବଂ ପ୍ରସ୍ତାବଗୁଡିକର ଗ୍ରାଫିକ୍ ଉପସ୍ଥାପନା କରିଥିଲେ। ଏହି ଆଲୋଚନା ଚକ୍ରରେ ପଶ୍ଚିମ ଓଡ଼ିଶାର ଅନାଲୋଚିତ ଅଧ୍ୟାୟକୁ ନେଇ ୭୨ଟି ଗବେଷଣା ପତ୍ର ଆଲୋଚକମାନେ ପାଠ କରିଥିଲେ। ପ୍ରଫେସର ମୈମୁନା ଖାତୁନ ଧନ୍ୟବାଦ ଅର୍ପଣ କରିଥିବା ବେଳେ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ଉତ୍ସବର ସଂଯୋଜନା କରିଥିଲେ। ଏହି ଉତ୍ସବ ଉପଲକ୍ଷେ ଆତ୍ମନିର୍ଭର ଭାରତ କ୍ରାଫ୍ଟ ମେଳା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଇତିହାସ ବିଭାଗର ଅଧ୍ୟାପିକା ମୀରା ପଟ୍ଟନାୟକ, ସୁହାନୀ ପଣ୍ଡା, ଆୟେଶା ପଣ୍ଡା ଓ ବବି ସା ଏହି କାର୍ଯ୍ୟକ୍ରମ ପାଇଁ ସହଯୋଗିତା କରିଥିଲେ।

# ଝରଣାରେ ବୁଡ଼ି ପର୍ଯ୍ୟଟକଙ୍କ ମୃତ୍ୟୁ

ଜମନକିରା,୧୭ା୧(ରବୀନ୍ଦ୍ର ପ୍ରସାଦ ଦାନୀ)

ତାମିଲନାଡୁରୁ ସମ୍ବଲପୁର ଜିଲା ଜମନକିରାସ୍ଥିତ ବାବା ମୁକ୍ତେଶର ମହାଦେବଙ୍କ ଦର୍ଶନ ପାଇଁ ଆସିଥିବା ଜଣେ ପର୍ଯ୍ୟଟକଙ୍କ ଶନିବାର ମନ୍ଦିର ପାର୍ଶ୍ୱ ଝରଣାରେ ବୁଡ଼ି ମୃତ୍ୟୁ ଘଟିଛି। ମୃତକ ତାମିଲନାଡୁ ରାଜ୍ୟ ଆମ୍ବାଟୁର ଜିଲା କ୍ରିଷ୍ଣାପୁରମ ସହରର ବାଲାଜୀ ଗଣେଶ କୁମାର ସୁବ୍ରମଣ୍ୟମ(୩୦)। ପୋଲିସ ସୂଚନା ଅନୁଯାଇ ଝରଣାରେ ଗାଧୋଇବା ସମୟରେ ବାଲାଜୀଙ୍କ ଗୋଡ଼ ଖସିଯିବାରେ ସେ ପାଣିରେ ବୁଡି ଯାଇଥିଲେ। ତାଙ୍କ ସାଥିରେ ଥିବା ଅନ୍ୟ ପର୍ଯ୍ୟଟକ ଦୀର୍ଘ ଏକ ଘଣ୍ଟା ଧରି ଖୋଜାଖୋଜି ତାଙ୍କୁ ଉଦ୍ଧାର କରି ଜମନକିରା ପୋଲିସକୁ ଖବର ଦେଇଥିଲେ। ପୋଲିସ ତାଙ୍କୁ କୁଚିଣ୍ଡା ଡାକ୍ତରଖାନା ସ୍ଥାନାନ୍ତରିତ କରିଥିଲା। ହେଲେ ସେଠାରେଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିବା ଥାନା ଅଧିକାରୀ ପଦ୍ମାଳୟା ସାହୁ କହିଛନ୍ତି। ଏନେଇ ଜମନକିରା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି।

# ନୂତନ ପରିଚୟ ପାଇଲେ ୪ ମାସର ଅନାଥ ଶିଶୁକନ୍ୟା



ଜିଲାପାଳଙ୍କ ହାତରୁ ଶିଶୁକୁ ପୋଷ୍ୟସନ୍ତାନ ଭାବେ ଗ୍ରହଣ କରୁଛନ୍ତି ବଙ୍ଗୀୟ ଦମ୍ପତି।

ସମ୍ବଲପୁର,୧୭ା୧(ପ୍ରମୋଦ ବହିଦାର)

**ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କଲେ ବଙ୍ଗୀୟ ଦମ୍ପତି**

ସମ୍ବଲପୁର ଜିଲା ଛଞ୍ଚାନପାଲି ରିକ୍ସିଶୀଲାଠ ବାଲ ନିକେତନର ଜଣେ ୪ ମାସର ଅନାଥ ଶିଶୁକନ୍ୟାକୁ ନୂତନ ପରିଚୟ ମିଳିଛି। ପଶ୍ଚିମବଙ୍ଗରେ ଏକ ନିଃସନ୍ତାନ ଦମ୍ପତ୍ତି ଉକ୍ତ ୪ ମାସର ଶିଶୁକୁ ପୋଷ୍ୟ ସନ୍ତାନ ଭାବେ କୋଳକୁ ଆଦରି ନେଇ ମାତାପିତାର ପରିଚୟ ଦେଇଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟରେ ଶବିବାର ସରକାରୀ ଓକିଲ ତଥା ଜିଲା ଓକିଲ ସଂଘ ସଭାପତି ପ୍ରଦୀପ ବହିଦାର ଓ ଜିଲା ଶିଶୁ ମଙ୍ଗଳ ଅଧିକାରୀ ଶୁଚିସ୍ମିତା ପଟ୍ଟନାୟକଙ୍କ ଉପସ୍ଥିତିରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ପ୍ରମାଣପତ୍ର ସହିତ ଉକ୍ତ ବଙ୍ଗୀୟ ଦମ୍ପତ୍ତିଙ୍କୁ ଶିଶୁକନ୍ୟାକୁ ହସ୍ତାନ୍ତର କରିଛନ୍ତି। ପୌଷ୍ୟ ସନ୍ତାନ ଗ୍ରହଣ ପାଇଁ ଆଗ୍ରହ ପ୍ରକାଶ କରି ଉକ୍ତ ନିଃସନ୍ତାନ ଦମ୍ପତ୍ତି ବିଧିବଦ୍ଧ ଭାବେ ସର୍ବଭାରତୀୟ ସ୍ତରରେ ଆବେଦନ କରିଥିଲେ। ଜିଲା ପ୍ରଶାସନ ଓ ସିଡବ୍ଲ୍ୟୁସି ପକ୍ଷରୁ ଉକ୍ତ ଦମ୍ପତ୍ତିଙ୍କ ଆବେଦନ ସହତ ଆବଶ୍ୟକ କାଗଜପତ୍ର ତନଖି ଓ କାଉନସେଲିଂ ପରେ ଶିଶୁକୁ ପୋଷ୍ୟଭାବେ ଗ୍ରହଣ କରିବାକୁ ସେମାନଙ୍କୁ ସ୍ୱୀକୃତି ମିଳିଥିଲା ବୋଲି ସିଡବ୍ଲ୍ୟୁସି ଅଧିକାରୀ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ଭିବିଜିରାମଜି ପାଇଁ ଲୋକମୁକ୍ତି ସଙ୍ଗଠନ ଲଢ଼େଇ କରିବ

**ପଞ୍ଚାୟତସ୍ତରୀୟ ସଚେତନତା ସଭା**

କୁଚିଣ୍ଡା,୧୭ା୧(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା ବାମରା ବ୍ଲକ କର୍ଲାଆଡ଼ିହି ସାପ୍ତାହିକ ହାଟରେ ଲୋକମୁକ୍ତି ସଙ୍ଗଠନ ପକ୍ଷରୁ ଜରାବଗା ପଞ୍ଚାୟତସ୍ତରୀୟ ସଚେତନତା ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲୋକମୁକ୍ତି ସଙ୍ଗଠନ ଉପଦେଷ୍ଟା ଅନନ୍ତ ପଣ୍ଡା ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ଦ୍ୱାରା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଆଇନ(ଏମ୍‌ଜିଏନଆରଇଜିଏସ୍) ପରିବର୍ତ୍ତନ କରି ଭିବିଜିରାମଜି(ବିକଶିତ ଭାରତ ରୋଜଗାର ଓ ଅଜୀବିକା ଗ୍ୟାରେଣ୍ଟି ମିଶନ ଗ୍ରାମୀଣ) ନୂତନ ଆଇନ ଆଣିବା ଦ୍ୱାରା ଶ୍ରମିକଙ୍କ କିଭଳି ଆଇନଗତ ଅଧିକାରକୁ କ୍ଷୁର୍ଣ୍ଣ କରିଦିଆଯାଇଛି କହିଥିଲେ। ପୂର୍ବରୁ ଶ୍ରମିକଙ୍କ ୪୪ଟି ଶ୍ରମ ଆଇନରୁ ୧୫ଟି ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ କରାଯିବା ଏବଂ ୨୯ଟି ଶ୍ରମ ଆଇନକୁ ପରିବର୍ତ୍ତନ କରି ମାତ୍ର ୪ଟି ଶ୍ରମ ବିରୋଧୀ ଶ୍ରମସଂହିତା ଆଣିଥିବା ବିଷୟରେ ଅବଗତ କରି ସଚେତନ ହେବାକୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲୋକମୁକ୍ତି ସଙ୍ଗଠନ ସଂଯୋଜକ ଜିନିତ ସାମାଦ ଓ ରବୀନ୍ଦ୍ର ନାଏକ ପେସା ଆଇନ ଓ ଜଙ୍ଗଲ ଅଧିକାର ଆଇନର ସଠିକ କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ। ଏଥିସହ ଲୋକମୁକ୍ତି ସଙ୍ଗଠନ ପକ୍ଷରୁ ସ୍ଥିରୀକୃତ ଦୁଇ ଶ୍ରମିକ ବିରୋଧି ଆଇନକୁ ପ୍ରତ୍ୟାହାର କରିବା ଏବଂ ଶ୍ରମିକଙ୍କ ସାମାଜିକ ସୁରକ୍ଷାକୁ ସୁନିଶ୍ଚିତ କରିବା ନେଇ ଫେବୃଆରୀ ୧୩ରେ ପ୍ରତିବାଦ ସ୍ୱରୂପ ବାମରା ବିଡ଼ିଓଙ୍କ ଜରିଆରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଦାବିପତ୍ର ପ୍ରଦାନ କରିବା ସମ୍ପର୍କରେ ନିଷ୍ପତ୍ତି ନିଆଯାଇଥିଲା। ଏହାଛଡା କେନ୍ଦ୍ର ସରକାରଙ୍କ ଆଦି କର୍ମଯୋଗୀ ଅଭିଯାନ ଯୋଜନାରୁ ବାଦ୍ ପଡ଼ିଥିବା ଜରାବଗା ପଞ୍ଚାୟତର କର୍ଲାଆଡ଼ିହି, ବେତଝରନ, କନ୍ଧକୁଲେଇ, କିନାବଗା, ଉଙ୍ଗାଖୁଣ୍ଟି ଓ ବିଲୁଙ୍ଗ ଗ୍ରାମକୁ ପୁନଃ ସାମିଲ ପାଇଁ ଦାବି କରାଯିବାକୁ ପ୍ରସ୍ତାବ ନିଆଯାଇଥିଲା। ସଭାରେ ନାଏବ ସରପଞ୍ଚ ପୁରୁଷୋତ୍ତମ ମନୋହରୀ, ଉମ୍ଳାନ ଟପ୍ପୋ, ପଦ୍ମିନୀ ଭୋଇ, ରାଜିନ କୁଲୁ, ମାତିଆସ ବାଗେ, ରହଣି ଗୌଡ, ପୁଷ୍ପଲତା କିଷାନ, ସୌଭାଗ୍ୟ ଭଙ୍ଗଷା, ଶାନ୍ତି ଖେସ, ବାହାଲେନ ଭେଙ୍ଗରା, ଅନନ୍ତ ନାଏକଙ୍କ ପ୍ରମୁଖଙ୍କ ସମେତ ଜରାବଗା ପଞ୍ଚାୟତର ବିଭିନ୍ନ ଗ୍ରାମର ବହୁ ସଂଖ୍ୟକ ମହିଳାପୁରୁଷ ସାମିଲ ହୋଇଥିଲେ।

# ବୁଢ଼ାରଜା ହାଇସ୍କୁଲର ବାର୍ଷିକ ଉତ୍ସବ

ସମ୍ବଲପୁର,୧୭ା୧(ବି.ଶଙ୍କର)

ସମ୍ବଲପୁର ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟର ୪୬ତମ ବାର୍ଷିକ ଉତ୍ସବ (ଉଲ୍ଲାସ) ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷୟିତ୍ରୀ ସୁମିତା ପତ୍ରୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ବିଧାୟକ ଜୟନାରାୟଣ ମିଶ୍ରଙ୍କ ପ୍ରତିନିଧି ଅନିଲ ବେହେରା ମୁଖ୍ୟ ଅତିଥି, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ଆଦିତ୍ୟ ପ୍ରସାଦ ପାଢୀ ମୁଖ୍ୟବକ୍ତା, ସମ୍ବଲପୁର ସାଂସ୍କୃତିକ ସମାଜ ପୂର୍ବତନ ସଭାପତି ପ୍ରଫୁଲ୍ଲ ହୋତା, ଜିଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସତ୍ୟବ୍ରତ ସାହୁ, ଧନକଉଡା ଗୋଷ୍ଠୀ ଶିକ୍ଷାଧିକାରୀ କରନ ଶର୍ମା, ବିଦ୍ୟାଳୟ ପରିଚାଳନା ସମିତି ଅଧ୍ୟକ୍ଷ ତୁଳାରାମ ବାଗ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଓ ଶିକ୍ଷାକ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଥିଲା। ଏଥିସହ ପ୍ରଦୀପ କୁମାର ପଣ୍ଡା, ଉଦିତ ଚନ୍ଦ୍ର ପାଟଯୋଶୀ, ଫକୀର ମୋହନ ପ୍ରଧାନ, ଅସୀମ ପ୍ରଧାନ, ଆଶିଷ ସୋନାର, ଦିଲୀପ ଦେବ ଏବଂ ସୁଶାନ୍ତ କୁମାର ଦାସଙ୍କୁ ବିଦ୍ୟାଳୟ ପ୍ରତି ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ମିନି କ୍ରୀଡ଼ା

ସମ୍ବଲପୁର,୧୭ା୧(ବି.ଶଙ୍କର)

ସମ୍ବଲପୁର ବରେଇପାଲି ଶିକ୍ଷାଞ୍ଚଳସ୍ଥିତ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧ ପରିସରରେ ଶନିବାର କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ ଭୁବନେଶ୍ୱର ସମ୍ଭାଗର ସଂକୁଳସ୍ତରୀୟ ମିନି କ୍ରୀଡା ମହୋତ୍ସବ ଆୟୋଜିତ ହୋଇଯାଇଛି। ବିଦ୍ୟାଳୟର ପ୍ରାଚାର୍ଯ୍ୟ ରଣରଞ୍ଜୟ ସିଂହ ସଭାପତିତ୍ୱ କରିଥିଲେ। ପ୍ରାଥମିକ ବିଭାଗ ଖେଳ ପ୍ରଭାରୀ ସୁଦାମ ଚରଣ ଭୋଇ ଏବଂ ସମସ୍ତ ପ୍ରାଥମିକ ଶିକ୍ଷକ ବୃନ୍ଦ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଭୁବନେଶ୍ୱର ସମ୍ଭାଗର ୬ଟି କେନ୍ଦ୍ରୀୟ ବିଦ୍ୟାଳୟରୁ ୧୯୨ ଜଣ କ୍ରୀଡା ପ୍ରତିଭାଗୀ ସହ ୨୪ ଜଣ ଅନୁରକ୍ଷଣ ଶିକ୍ଷକ ଅଂଶ ଗ୍ରହଣ କରିଥିଲେ। ବିଦ୍ୟାଳୟର ଗୀତାରଣୀ ସେଠ ଓ ଚିତ୍ତରଞ୍ଜନ ଭୋଇ ପ୍ରାଥମିକ ଶିକ୍ଷକ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ପରିବେଷଣ କରଯାଇଥିଲା। ଏହାପରେ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ପ୍ରଧାନ ଶିକ୍ଷକ ଚକ୍ରଧର ଦେହୁରୀ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ୮୦ ମିଟର ଦୌଡ, ବସ୍ତାଦୌଡ, ଲମ୍ବଡିଆଁ, ବାଟି ଚାମଚ ଦୌଡ, ଟେନିସ ବଲ ଫିଙ୍ଗା, ଖୋ ଖୋ ଇତ୍ୟାଦି ଖେଳ ଆୟୋଜିତ ହୋଇଥିଲା। ଏଥିରେ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନଂ- ୧ ସମ୍ବଲପୁର ଚାମ୍ପିୟନ ହୋଇଥିଲା। ଶେଷରେ ପ୍ରାଥମିକ ଶିକ୍ଷକ ମୋତିଲାଲ ପଧାନ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।



ମିନି କ୍ରୀଡା ମହୋତ୍ସବରେ ପୁରସ୍କୃତ ଛାତ୍ରୀଛାତ୍ରମାନେ।

# ମାହେଶ୍ୱରୀ କ୍ରିକେଟ: ଅମରପାଲି ଚାମ୍ପିୟନ

ସମ୍ବଲପୁର,୧୭ା୧(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ରେଢାଖୋଲ ବ୍ଲକ ବଂଶାଜାଲ ଖେଳ ପଡ଼ିଆରେ ମାହେଶ୍ୱରୀ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୩୫ତମ ମା’ ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଶନିବାର ଉଦ୍‌ଯାପିତ ହୋଇଯାଇଛି। ବଂଶାଜାଲକୁ ହରାଇ ଅମରପାଲି (ସୋନପୁର) ଚାମ୍ପିୟନ ହୋଇଛି। ଟସ୍ ଜିଣି ବଂଶାଜାଲ ଅମରପାଲିକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା। ଅମରପାଲି ଦଳ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୫ ଉଇକେଟ ହରାଇ ୧୭୮ରନ କରିଥିଲା। ଦଳର ଜୟପ୍ରକାଶ ସାହୁ ୭୨ ରନ ଓ ସୁମନ ସାହୁ ୫୫ ରନ କରିଥିଲେ। ବିପକ୍ଷ ବଂଶାଜାଲର ବବୁଲ ଦେହୁରୀ ୩ଟି ଓ ନୀଳମଣି ପ୍ରଧାନ ୨ଟି ଉଇକେଟ ନେଇଥିଲେ। ଜବାବରେ ବଂଶାଜାଲ ଦଳ ୧୫ ଓଭରରେ ୭ ଉଇକେଟ ହରାଇ ୧୬୮ ରନ କରି ୧୦ ରନରେ ପରାସ୍ତ ହୋଇଥିଲା। ଦଳର ନୀଳମଣି ପ୍ରଧାନ ୭୨ ରନ କରିଥିଲେ। ଅମରପାଲିର କୁନୁ ଭୋଇ ଓ ସ୍ୱାଧୀନ କମିଲ ପ୍ରତ୍ୟେକ ୨ଟି ଲେଖାଏ, ସୁମନ ସାହୁ, ହିରନ ପ୍ରଧାନ ଓ ମୁନୁ ଭୋଇ ପ୍ରତ୍ୟେକ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଅପରାହ୍ନରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ କ୍ରୀଡାବିତ ଲକ୍ଷ୍ମଣ ପ୍ରଧାନ ମୁଖ୍ୟ ଅତିଥି, ସ୍ଥାନୀୟ ସରପଞ୍ଚ ଲୋକନାଥ ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶାନ୍ତନୁ କୁମାର ପ୍ରଧାନ, କ୍ରୀଡାବିତ ଯଜ୍ଞେଶର ବିଶ୍ୱାଳ, ଆନନ୍ଦ ମାଝୀ, ଆୟୋଜକ ରତନ ରଣା ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଅମରପାଲିର ସୁମନ ସାହୁଙ୍କୁ ଶ୍ରେଷ୍ଠ କ୍ୟାଚର, ବଂଶାଜାଲର ବବୁନ ଦେହୁରୀ ଶ୍ରେଷ୍ଠ ବୋଲର, ଅମରପାଲିର ଜୟ ପ୍ରକାଶ ସାହୁ ଶ୍ରେଷ୍ଠ ବ୍ୟାଟର ଓ ମ୍ୟାନ ଅଫ ଫାଇନାଲ, କାହ୍ନା ବେହେରାଙ୍କୁ ଶ୍ରେଷ୍ଠ ଫିଲଡର, ନୀଳମଣି ପ୍ରଧାନଙ୍କୁ ଶ୍ରେଷ୍ଠ ସିକ୍ସର ଓ ମ୍ୟାନ ଅଫ ଦି ସିରିଜଭାବେ ପୁରସ୍କୃତ କରିଥିଲେ। ଏହା ସହିତ ଚାମ୍ପିୟନ ଅମରପାଲି ଦଳକୁ ୧୦ହଜାର ଟଙ୍କା ସହିତ ଟ୍ରଫି ଓ ଉପବିଜେତା ବଂଶାଜାଲ ଦଳକୁ ନଗଦ ୬ ହଜାର ଟଙ୍କା ସହିତ ଟ୍ରଫି ପୁରସ୍କୃତ କରାଯାଇଥିଲା। ଫାଇନାଲ ମ୍ୟାଚକୁ ଜଗନ୍ନାଥ ପ୍ରଧାନ ଓ ପଳବିନ୍ଦୁ ମିଶ୍ର ପରିଚାଳନା କରିଥିଲେ। ଅମ୍ବିକା ନାଏକ ସ୍କୋରିଂ ଏବଂ ରବୁନ କୁମାର ପ୍ରଧାନ ଓ ବାଲ୍ମିକୀ ନାଏକ ଧାରା ବିବରଣୀ ପ୍ରଦାନ କରିଥିଲେ।



ଚାମ୍ପିୟନ ଅମରପାଲି ଦଳକୁ ଅତିଥିମାନେ ଟ୍ରଫି ପୁରସ୍କୃତ କରୁଛନ୍ତି।




ପଶ୍ଚିମବଙ୍ଗର ମାଲଦାଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ପତାକା ଦେଖାଇ ଦେଶର ପ୍ରଥମ ବନ୍ଦେ ଭାରତ ସ୍ଲିପର ଟ୍ରେନ୍ ଚଳାଚଳ ଶୁଭାରମ୍ଭ କରୁଛନ୍ତି।

## ପ୍ରଥମ ବନ୍ଦେ ଭାରତ ସ୍ଲିପର ଟ୍ରେନ୍ ଚଳାଚଳ ଆରମ୍ଭ

**କୋଲକାତା,୧୭।୧**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଭାରତର ପ୍ରଥମ ବନ୍ଦେ ଭାରତ ସ୍ଲିପର ଟ୍ରେନ୍‌କୁ ସବୁଜ ପତାକା ଦେଖାଇ ଚଳାଚଳ ଶୁଭାରମ୍ଭ କରିଛନ୍ତି। ଉକ୍ତ ଟ୍ରେନ୍ ପଶ୍ଚିମବଙ୍ଗର ହାୱଡ଼ାକୁ ଗୁଆହାଟୀର କାମାକ୍ଷା ଜଙ୍କ୍ସନ ସହ ସଂଯୋଗ କରିବ। ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁଥିବା ପଶ୍ଚିମବଙ୍ଗ ଓ ଆସାମରେ ହାଇସ୍ପିଡ୍ ଟ୍ରେନ୍ ଚଳାଚଳ ପାଇଁ ଏହି ଅତ୍ୟାଧୁନିକ ସେବା ଆରମ୍ଭ ହୋଇଛି। ପ୍ରଧାନମନ୍ତ୍ରୀ ମାଲଦାରୁ ଏହାର ଶୁଭାରମ୍ଭ କରିଥିବାବେଳେ ଗୁଆହାଟୀରୁ ହାୱଡ଼ା ପ୍ରତ୍ୟାବର୍ତ୍ତନ କରୁଥିବା ବନ୍ଦେ ଭାରତ ସ୍ଲିପର ଟ୍ରେନ୍‌କୁ ଭର୍ଚୁଆଲି ଶୁଭାରମ୍ଭ କରିଛନ୍ତି। ଆଧୁନିକ ଭାରତର ବର୍ଦ୍ଧିତ ପରିବହନ ଆବଶ୍ୟକତା ପୂରଣ ପାଇଁ ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ବନ୍ଦେ ଭାରତ ସ୍ଲିପର ଟ୍ରେନ୍ ଯାତ୍ରୀମାନଙ୍କୁ ବିମାନ ଯାତ୍ରାର ଅନୁଭୂତି ପ୍ରଦାନ କରିବା ସହ ଭଡ଼ା ମଧ୍ୟ କମ୍ ରହିବ। ହାୱଡ଼ାରୁ କାମାକ୍ଷା ମଧ୍ୟରେ ଯାତାୟାତ ସମୟକୁ ଏହା ୨.୫ ଘଣ୍ଟା କମାଇବ। ଧର୍ମୀୟ ଯାତ୍ରା ଏବଂ ପର୍ଯ୍ୟଟନର ବିକାଶରେ ଏହା ସହାୟକ ହେବ ବୋଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

# ଚୁକ୍ତି ଜାତୀୟ ସ୍ୱାର୍ଥରେ ହେବା ଆବଶ୍ୟକ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୧୭।୧ (ପି.ଟି.)**

କୌଣସି ବିଦେଶୀ ସରକାର କିମ୍ବା କର୍ପୋରେଶନର ଚାପରେ ନୁହେଁ ବରଂ ଜାତୀୟ ସ୍ୱାର୍ଥରେ ଚୁକ୍ତି ପରିଚାଳିତ ହେବା ଆବଶ୍ୟକ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଭାରତ ଏହାର ଟିକସ ସାର୍ବଭୌମତ୍ୱର ସୁରକ୍ଷା କରିବା ସହ ସ୍ୱଚ୍ଛତାକୁ ସୁନିଶ୍ଚିତ କରିବା ଏବଂ ଅନ୍ତର୍ଜାତୀୟ ଟିକସ ଚୁକ୍ତିରେ ସାମିଲ ହେବା ବେଳେ ଦୁରୁପଯୋଗକୁ ରୋକିବା ଜରୁରୀ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ୨୦୧୮ରେ ଫ୍ଲିପ୍‌କାର୍ଟ ଛାଡ଼ିଥିବା ଆମେରିକୀୟ ନିବେଶ କମ୍ପାନୀ ଟାଇଗର ଗ୍ଲୋବାଲରୁ ପୁଞ୍ଜିଲାଭ ଭାରତରେ ଟିକସଯୋଗ୍ୟ ବୋଲି ରାଜସ୍ୱ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଥିବାବେଳେ ଜଷ୍ଟିସ୍ ଜେ.ବି. ପର୍ଦ୍ଦିୱାଲାଙ୍କ ଖଣ୍ଡପୀଠ ଏହାକୁ କାଏମ ରଖିବା ଅବସରରେ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି। ସେ କହିଛନ୍ତି, ଟିକସ ଚୁକ୍ତି, ଅନ୍ତର୍ଜାତୀୟ ରାଜିନାମା, ପ୍ରୋଟୋକଲ ବେଶ୍ ଆକର୍ଷକ, ସ୍ୱଚ୍ଛ ହେବା ସହ କୌଣସି ଅସାଧୁ ଫଳାଫଳରୁ ମୁକ୍ତ ହେବା ପାଇଁ ଦୃଢ଼ ପ୍ରସ୍ଥାନ ବ୍ୟବସ୍ଥା ରହିବା



ଉଚିତ। ଜାତୀୟ ରଣନୀତି ଓ ନିରାପତ୍ତାର ସୁରକ୍ଷା ହେବା ସହ ଟିକସ ବେସ୍‌ର କ୍ଷତି ବା ଗଣତାନ୍ତ୍ରିକ ନିୟନ୍ତ୍ରଣ ଯେପରି ଦୁର୍ବଳ କିମ୍ବା ହାତଛଡ଼ା ନ ହୁଏ, ତାହା ଉପରେ ଦୃଷ୍ଟି ଦେବାକୁ ହେବ। ଭାରତୀୟ ଇ-କମର୍ସ କମ୍ପାନୀ ଫ୍ଲିପ୍‌କାର୍ଟର ଅଂଶଧନର ନିୟନ୍ତ୍ରଣକୁ ୱାଲମାର୍ଟ ଅଧିଗ୍ରହଣ କରିବା ପରେ ୨୦୧୮ରେ ଟାଇଗର ଗ୍ଲୋବାଲ ଉକ୍ତ ସଂସ୍ଥାରୁ ଓହରିଯାଇଥିଲା। ଆଡଭାନ୍ସ ଅଥରିଟି ରୁଲିଂ ନିମନ୍ତେ ଏହା ଆୟକର ବିଭାଗ ଦ୍ୱାରସ୍ଥ ହୋଇଥିଲା।

## ଇରାନରୁ ଫେରିଲେ ଭାରତୀୟ

**ନୂଆଦିଲ୍ଲୀ,୧୭।୧(ପ.ଟି.)**

ଇରାନରେ ସରକାର ବିରୋଧୀ ବିକ୍ଷୋଭ ଦମନ ପାଇଁ ସେନା ବଳ ପ୍ରୟୋଗ କରୁଥିବାବେଳେ ଅନେକ ହଜାର ଲୋକଙ୍କ ଜୀବନ ଗଲାଣି। ସେଠାରେ ଆଶଙ୍କା ମଧ୍ୟରେ ରହିଥିବା ଭାରତୀୟଙ୍କ ମଧ୍ୟରୁ ପ୍ରଥମ ଦଫାରେ ଶୁକ୍ରବାର ରାତିରେ କେତେଜଣ ବ୍ୟବସାୟିକ ବିମାନରେ ଫେରିଛନ୍ତି। ସେମାନଙ୍କ ବିମାନ ଦିଲ୍ଲୀ ଏୟାରପୋର୍ଟରେ ପହଞ୍ଚିଥିବାବେଳେ କେତେଜଣ ଫେରିଛନ୍ତି, ତାହା ସ୍ପଷ୍ଟ ହୋଇନାହିଁ। ତେହରାନରୁ ଫେରିଥିବା ଅଲି ନାକୁଇଙ୍କ ସହମତ କେତେଜଣ ଭାରତୀୟ କୌଣସି ସମସ୍ୟାର ସମ୍ମୁଖୀନ ହୋଇ ନ ଥିବା କହିଛନ୍ତି। ସେମାନେ ପ୍ରଥମେ ଇରାକରେ ଥିଲେ ଓ କିଛିଦିନ ପୂର୍ବରୁ ଇରାନ ଯାଇଥିଲେ। ସେଠାରେ ୮ ଦିନ ରହଣି ପରେ ସେମାନେ ଭାରତ ଫେରିଥିବା କହିଛନ୍ତି। ଇଣ୍ଟରନେଟ ଚାଲୁ ନ ଥିବାରୁ ଚାରିପଟେ କ'ଣ ଘଟୁଥିଲା, ତାହା ଆମେ ଜାଣିନାହୁଁ ବୋଲି ଇରାନରୁ ଫେରିଥିବା ଜଣେ ଡାକ୍ତରୀ ଛାତ୍ରୀ କହିଛନ୍ତି। ସେମାନେ ନିଜ ଖର୍ଚ୍ଚରେ ବ୍ୟବସାୟିକ ବିମାନରେ ଭାରତ ଫେରିଛନ୍ତି। କେନ୍ଦ୍ର ସରକାର କୌଣସି ବ୍ୟବସ୍ଥା କରି ନ ଥିଲେ ବୋଲି ଛାତ୍ରୀ ଜଣକ କହିଛନ୍ତି। ଇଣ୍ଟରନେଟ୍ ବନ୍ଦ ଥିଲାବେଳେ ସେମାନେ ବିବ୍ରତ ଥିଲେ, ତେବେ ଯୋଗାଯୋଗ ଠିକ୍ ହେଲା ପରେ ସ୍ଥିତି ନିୟନ୍ତ୍ରଣରେ ଥିବା ସେମାନେ ଜାଣିବାକୁ ପାଇଛନ୍ତି ବୋଲି ଭାରତ ଫେରିଥିବା ୨ ଜଣ ମହିଳା କହିଛନ୍ତି।

## ୧୦ ଭାରତୀୟ ଗିରଫ: କନ୍‌ସୁଲାର ଆକ୍ସେସ୍ ପାଇଁ କହିଲା ଭାରତ

**ନୂଆଦିଲ୍ଲୀ,୧୭।୧**

ଇରାନରେ ୧୦ ଜଣ ଭାରତୀୟଙ୍କୁ ଗିରଫ କରାଯାଇଥିବାବେଳେ ସେମାନଙ୍କ ପାଇଁ କନ୍‌ସୁଲାର ଆକ୍ସେସ୍ (ଦୂତାବାସ ଜରିଆରେ ଆଇନଗତ ସହାୟତା) ନିମନ୍ତେ ବହିର୍ବ୍ୟାପାର ମନ୍ତ୍ରଣାଳୟ ତେହରାନକୁ ଜଣାଇଥିବା ଶୁକ୍ରବାର କହିଛି। ଏମ୍‌ଟି ଭାଲିଆଣ୍ଟ ରୋର୍ ଜାହାଜର ୧୬ ଜଣ ଭାରତୀୟ କ୍ରିଉ ସଦସ୍ୟଙ୍କୁ ଇରାନର ଇସ୍‌ଲାମିକ୍ ରିଭୋଲ୍ୟୁଶନାରି ଗାର୍ଡ କର୍ ଗିରଫ କରି ହାଜତକୁ ନେଇଥିବା ରିପୋର୍ଟ ପ୍ରକାଶ ପାଇବା ପରେ ତୃତୀୟ ଇଞ୍ଜିନିୟର କେତନ ମେହଟ୍ଟାଙ୍କ ପରିବାରଙ୍କୁ ଫେରାଇ ଆଣିବାରେ ସହାୟତା ପାଇଁ ତାଙ୍କ ପରିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ଜାହାଜରେ ୬,୦୦୦ ଟନ୍ ଇନ୍ଧନ ଚୋରା ଚାଲାଣ ହେଉଥିବା ଅଭିଯୋଗରେ ଗତ ୮ ତାରିଖରେ ଇରାନ ସୈନ୍ୟକୁ ଅଟକାଇଥିଲେ।

## ଦୁର୍ଘଟଣାରେ ନାବାଳକ ମୃତ: ଗାଡ଼ିରୁ ମାଛ ଲୁଟିନେଲେ

**ପାଟନା,୧୭।୧**

ବିହାରର ସୀତାମାର୍ହି ଜିଲାରେ ଶୁକ୍ରବାର ଅତ୍ୟନ୍ତ ଦୁଃଖଦ ଘଟଣା ଘଟିଛି। ଦ୍ରୁତବେଗରେ ଆସୁଥିବା ଏକ ପିକ୍‌ଅପ୍ ଗାଡ଼ି ଧକ୍କାରେ କୋଚିଂ ଯାଉଥିବା ୭ମ ଶ୍ରେଣୀ ଛାତ୍ର ରିତେଶ କୁମାରଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ମୃତଦେହ ରାସ୍ତାରେ ପଡ଼ିରହିଥିବାବେଳେ ପରିବାର ଲୋକେ କାନ୍ଦବୋବାଳିରେ ଲାଗିଥିଲେ। ଏଭଳି ଶୋକାକୁଳ ପରିବେଶରେ ସ୍ଥାନୀୟ ଲୋକେ ସମବେଦନା ଜଣାଇବା କିମ୍ବା ସହାୟତା କରିବା ପରିବର୍ତ୍ତେ ଦୁର୍ଘଟଣା ଘଟାଇଥିବା ଗାଡ଼ିରେ ଲୋଡ୍ ହୋଇଥିବା ଓ ରାସ୍ତାରେ ପଡ଼ିଥିବା ମାଛକୁ ଲୁଟିବାରେ ଲାଗିପଡ଼ିଥିଲେ।

# ବିଏମ୍‌ସି ନିର୍ବାଚନ ପରେ ମୁମ୍ବାଇରେ ରିସର୍ଟ ପଲିଟିକ୍ସ

**ମୁମ୍ବାଇ,୧୭।୧**

ବ୍ରିହନ ମୁମ୍ବାଇ ମହାନଗର ନିଗମ (ବିଏମ୍‌ସି) ନିର୍ବାଚନରେ ଭାଜପା-ଶିବସେନା ମେଣ୍ଟ ବିଜୟ ହାସଲ କରିବାର ଦିନକ ପରେ ସେଠାରେ ରିସର୍ଟ ରାଜନୀତି ଫେରିଛି। ଉପମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ଶିବସେନା ଏହାର ନବନିର୍ବାଚିତ କର୍ପୋରେଟରମାନଙ୍କୁ ନେଇ ମୁମ୍ବାଇରେ ଏକ ୫ ତାରକା ହୋଟେଲରେ ଅବସ୍ଥାନ କରୁଛନ୍ତି। ଏହି ଅଗ୍ରଗତି ପଛରେ ଦୁଇଟି ବଡ଼ ଦିଗ ରହିଛି। ମହାଯୁତି ଦେଶର ସବୁଠୁ ଧନୀ ମହାନଗର ନିଗମକୁ ନିୟନ୍ତ୍ରଣ କରିବାକୁ ଯାଉଥିବାବେଳେ, ଏହା ପୂର୍ବରୁ ଘୋଡ଼ାବେପାର ହେବାର ସମ୍ଭାବନା ରହିଛି। ବିଏମ୍‌ସି ଗଠନକୁ ନେଇ ମୂଳଚାଲ ଆରମ୍ଭ ହୋଇଯାଇଥିବା ଜଣାପଡ଼ିଛି।

ଦଳୀୟ ସୂତ୍ର ଅନୁଯାୟୀ, ଶିନ୍ଦେ ସେନା ଟିକେଟରେ ନିର୍ବାଚିତ ହୋଇଥିବା

### କର୍ପୋରେଟରଙ୍କ ସହ ୫ ତାରକା ହୋଟେଲରେ ଶିନ୍ଦେ ସେନା

୨୯ ଜଣ କର୍ପୋରେଟରଙ୍କୁ ବୁଧବାର ଅପରାହ୍ନ ୩ଟା ସୁଦ୍ଧା ତାଜ୍ ଲ୍ୟାଣ୍ଡସ୍ ଏଣ୍ଡ୍ ହୋଟେଲରେ ପହଞ୍ଚିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେଠାରେ ସେମାନେ ପରବର୍ତ୍ତୀ ୩ ଦିନ ରହିବେ। ମହାନଗର ନିଗମ ନେତୃତ୍ୱକୁ ନେଇ ବୁଝାମଣା ଚାଲିଥିବାବେଳେ ପ୍ରତିପକ୍ଷ ଦଳଗୁଡ଼ିକର ଘୋଡ଼ାବେପାର ଉଦ୍ୟମରୁ ନିଜ କର୍ପୋରେଟରମାନଙ୍କୁ ରୋକିବା ପାଇଁ ଶିବସେନା ଏଭଳି ପଦକ୍ଷେପ ନେଇଥିବା କୁହାଯାଉଛି।

୨୯ ଆସନ ସହ ଶିନ୍ଦେଙ୍କ ଗୋଷ୍ଠୀ ଭାଜପାର ଗୁରୁତ୍ୱପୂର୍ଣ୍ଣ ସହଯୋଗୀ ଭାବେ ଉଭାହୋଇଛି। କାରଣ ଭାଜପା ଏକାକୀ



ଏକନାଥ ଶିନ୍ଦେ

ମହାନଗର ନିଗମ ଗଠନ କରିବା ସମ୍ଭବ ନୁହେଁ। ବିଏମ୍‌ସି କ୍ଷମତା ଦଖଲ ପାଇଁ ଆନୁଷ୍ଠାନିକ ଦାବି ଉପସ୍ଥାପନ ପର୍ଯ୍ୟନ୍ତ ସବୁ କର୍ପୋରେଟର ଯେପରି ଏକାଠି ରହନ୍ତି, ତାହା ସୁନିଶ୍ଚିତ କରିବା ଲାଗି ଶିନ୍ଦେ କୌଣସି ସୁଯୋଗ ହାତଛଡ଼ା କରିବାକୁ ଚାହୁଁନ ଥିବା ଦଳର ଜଣେ ନେତା କହିଛନ୍ତି।

ଏହି ଘଟଣା ପୂର୍ବରୁ ମହାରାଷ୍ଟ୍ରରେ ହୋଇଥିବା ରିସର୍ଟ ରାଜନୀତିକୁ ମନେପକାଇ ଦେଇଛି। ୨୦୧୯ ନିର୍ବାଚନ ପରବର୍ତ୍ତୀ ଅଚଳାବସ୍ଥା ଦେଖାଦେଇଥିବାବେଳେ ଶିବସେନା, କଂଗ୍ରେସ ଏବଂ ଏନ୍‌ସିପିର ପ୍ରତିପକ୍ଷ କ୍ୟାମ୍ପଗୁଡ଼ିକ ଘୋଡ଼ାବେପାର ଭୟରେ ସେମାନଙ୍କ ବିଧାୟକମାନଙ୍କୁ ମୁମ୍ବାଇର ବିଭିନ୍ନ ବିଳାସପୂର୍ଣ୍ଣ ହୋଟେଲରେ ରଖିଥିଲେ। ୨୦୨୨ରେ ଶିବସେନାରେ ବିଭାଜନ ବେଳେ ମଧ୍ୟ ଅନୁରୂପ ରଣନୀତି ଆପଣାଯାଇଥିଲା। ବିଧାୟକମାନଙ୍କୁ ରାଜ୍ୟ ବାହାରେ ସୁରଟ, ଗୁଆହାଟୀ ଓ ପରେ ଗୋଆସ୍ଥିତ ହୋଟେଲରେ ରଖାଯାଇଥିଲା। ସମ୍ପ୍ରତି ସରକାରରେ ଥିବା ସହଯୋଗୀ ଦଳରେ ରିସର୍ଟ ପଲିଟିକ୍ସକୁ ନେଇ ବିରୋଧୀ କଂଗ୍ରେସ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ଶିନ୍ଦେ କାହାକୁ ଭୟ କରୁଛନ୍ତି ଏବଂ କିଏ କାଉନ୍‌ସିଲରମାନଙ୍କୁ କିଣିପାରେ ବୋଲି କଂଗ୍ରେସ ଏମ୍‌ପି ନାସିର ହୁସେନ୍ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି ଭାଜପା ହିଁ ସହଯୋଗୀ ଏବଂ ଛୋଟ ଗୋଷ୍ଠୀଗୁଡ଼ିକର ମୂଲ୍ୟ ବଢ଼ାଇଦେଇଛି। ମହାରାଷ୍ଟ୍ର ଏବଂ ବିହାର ଭଳି ରାଜ୍ୟରେ ଗୈରିକ ଦଳର ସର୍ବାଧିକ ଷ୍ଟ୍ରାଇକ୍ ହାର ରହିଛି, ଯାହା ଶିନ୍ଦେ ଯେତେ ଶୀଘ୍ର ବୁଝିପାରିବେ, ତାଙ୍କ ପାଇଁ ସେତେ ଭଲ ବୋଲି ହୁସେନ୍ କହିଛନ୍ତି।

## ଗାଜା ପୁନର୍ବିକାଶ ପାଇଁ ଶାନ୍ତି ବୋର୍ଡରେ ଅଜୟ ବଙ୍ଗା



ଅଜୟ ବଙ୍ଗା

**ନ୍ୟୁୟର୍କ/ୱାଶିଂଟନ,୧୭।୧(ପି.ଟି.)**

ଗାଜାରେ ଯୁଦ୍ଧ ବନ୍ଦ କରିବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିସ୍ତୃତ ଯୋଜନା ଅନୁଯାୟୀ ଗାଜା ପୁନର୍ବିକାଶ ନିମନ୍ତେ ବୋର୍ଡ ଅଫ୍ ପିସ୍ ଗଠନ ହୋଇଛି। ଉକ୍ତ ବୋର୍ଡରେ ୱାର୍ଲ୍ଡ ବ୍ୟାଙ୍କ ଗ୍ରୁପ୍‌ର ଭାରତୀୟ-ଆମେରିକୀୟ ଅଧ୍ୟକ୍ଷ ଅଜୟ ବଙ୍ଗା ଏବଂ ଆମେରିକା ପରରାଷ୍ଟ୍ର ସଚିବ ମାର୍କୋ ରୁବିଓଙ୍କ ସମେତ ଅନ୍ୟ କେତେଜଣ ନେତା ସ୍ଥାନ ପାଇଛନ୍ତି। ବୋର୍ଡ ଅଫ୍ ପିସ୍‌ର କାର୍ଯ୍ୟନିର୍ବାହୀ ବୋର୍ଡରେ ନିଯୁକ୍ତ ହୋଇଥିବା ସଦସ୍ୟମାନଙ୍କ ନାମ ହ୍ୱାଇଟ୍‌ହାଉସ୍ ପ୍ରକାଶ କରିଛି। କୂଟନୀତି, ବିକାଶ, ଭିତ୍ତିଭୂମି ଏବଂ ଆର୍ଥିକ ରଣନୀତି ସମ୍ପର୍କରେ ଅଭିଜ୍ଞତା ଥିବା ନେତାମାନଙ୍କୁ ଏଥିରେ ନିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ମଧ୍ୟପ୍ରାଚ୍ୟ ପାଇଁ ଆମେରିକାର ସ୍ୱତନ୍ତ୍ର ଦୂତ ଷ୍ଟିଭ୍ ୱିଟ୍‌କୋଫ୍, ଟ୍ରମ୍ପଙ୍କ ଜ୍ୱାଇଁ ଜାରେଦ୍ ଖୁଶନର, ବ୍ରିଟେନର ପୂର୍ବତନ ପ୍ରଧାନମନ୍ତ୍ରୀ ଟୋନି ବ୍ଲେୟାର, ଘରୋଇ ଇକ୍ୟୁଟି ଫାର୍ମ ଆପୋଲୋ ଗ୍ଲୋବାଲ ମ୍ୟାନେଜମେଣ୍ଟର ସିଇଓ ମାର୍କ ରୋୱାନ୍ ଏବଂ ଆମେରିକା ଜାତୀୟ ସୁରକ୍ଷା ଉପ ପରାମର୍ଶଦାତା ରବର୍ଟ ଗାବ୍ରିଏଲ୍ ଉକ୍ତ ବୋର୍ଡରେ ନିଯୁକ୍ତ ହୋଇଛନ୍ତି। ସେମାନେ ଗାଜାର ସ୍ଥିରତା, ଦୀର୍ଘମିଆଦୀ ସଫଳତା, ଶାସନର ସାମର୍ଥ୍ୟ ନିର୍ମାଣ, ଆଞ୍ଚଳିକ ସମ୍ପର୍କ, ପୁନଃନିର୍ମାଣ, ନିବେଶ ଆକର୍ଷଣ, ବୃହତ୍ ପୁଞ୍ଜିନିବେଶ ଏବଂ ପୁଞ୍ଜି ଯୋଗାଡ଼ ଆଦି ପାଇଁ ଗୁରୁତ୍ୱପୂର୍ଣ୍ଣ ପୋର୍ଟଫୋଲିଓର ଅନୁଧ୍ୟାନ କରିବେ ବୋଲି ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି।

# ବାଂଲାଦେଶରେ ହିନ୍ଦୁଙ୍କ ଉପରେ ଗାଡ଼ି ମଡ଼ାଇ ହତ୍ୟା

**ନୂଆଦିଲ୍ଲୀ/ଢାକା,୧୭।୧(ପି.ଟି.)**

ବାଂଲାଦେଶର ଏକ ପେଟ୍ରୋଲ ପମ୍ପରେ କାମ କରୁଥିବା ଜଣେ ହିନ୍ଦୁ କର୍ମଚାରୀଙ୍କୁ ଗାଡ଼ି ମଡ଼ାଇ ହତ୍ୟା କରାଯାଇଛି। ଜଣେ ଗାଡ଼ିଚାଳକ ପେଟ୍ରୋଲ ପମ୍ପରେ ତେଲ ପକାଇ ଦେୟ ପୈଠ ନ କରି ପଳାଇଯାଉଥିବାବେଳେ ରିପନ ଶାହା(୩୦) ନାମକ ହିନ୍ଦୁ କର୍ମଚାରୀ ତାଙ୍କୁ ଅଟକାଇବାକୁ ଉଦ୍ୟମ କରିଥିଲେ। ଗାଡ଼ି ଚାଳକ ଜଣକ ନ ଅଟକି ରିପନଙ୍କ ଉପରେ ଗାଡ଼ି ମଡ଼ାଇଦେବାରୁ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ରାଜବାରି ଜିଲାରେ ଶୁକ୍ରବାର ଏହି ଘଟଣା ଘଟିଥିଲାବେଳେ ବାଂଲାଦେଶରେ ଚାଲିଥିବା ହିନ୍ଦୁ ବିରୋଧୀ ହିଂସା ସହ ଏହାର ସମ୍ପୃକ୍ତି ଅଛି କି ନାହିଁ, ତାହା ସ୍ପଷ୍ଟ ହୋଇନାହିଁ।

ରିପନ ଗୋଆଲଣ୍ଡା ମୋର୍‌ସ୍ଥିତ କରିମ୍ ଫିଲିଂ ଷ୍ଟେଶନରେ କାମ କରୁଥିଲେ। ଦେୟ ପୈଠ ନ କରି ପଳାଇଯାଉଥିବା କାରକୁ ରୋକିବା ପାଇଁ ସେ ତା' ଆଗରେ ଛିଡ଼ାହୋଇଯିବାରୁ ଡ୍ରାଇଭର ଗାଡ଼ି ମଡ଼ାଇ ଦେଇଥିଲେ। ଏନେଇ ହତ୍ୟା ମାମଲା ରୁଜୁ କରାଯିବ ବୋଲି ରାଜବାରି ସଦର ପୋଲିସ ମୁଖ୍ୟ ଗଣମାଧ୍ୟମକୁ କହିଛନ୍ତି। ପୋଲିସ ଗାଡ଼ିକୁ ଜବତ କରିବା ସହ ଏହାର ମାଲିକ ଅବୁଲ ହାଶେମ୍ ଓରଫ ସୁଜନ ଏବଂ ତାଙ୍କ ଡ୍ରାଇଭର କମଲ ହୋସେନ୍‌ଙ୍କୁ ଗିରଫ କରିଛି। ହାସେମ୍ ବାଂଲାଦେଶ ନ୍ୟାଶନାଲିଷ୍ଟ ପାର୍ଟିର ରାଜବାରି ଜିଲାର ପୂର୍ବତନ କୋଷାଧ୍ୟକ୍ଷ ଏବଂ ଜିଲା ଯୁବଦଳର ପୂର୍ବତନ ସଭାପତି। ପେସାରେ ସେ ଜଣେ ଠିକାଦାର ବୋଲି ପୋଲିସ କହିଛି।

ସୂଚନାଯୋଗ୍ୟ, ଗତବର୍ଷ ଅଗଷ୍ଟରେ ଛାତ୍ର ଆନ୍ଦୋଳନ ପରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା କ୍ଷମତାରୁ ବିଦା ହେବା ପରେ ବାଂଲାଦେଶରେ ହିନ୍ଦୁ ବିରୋଧୀ ହିଂସା ଲାଗିରହିଛି। ଏହି ହିଂସାରେ ଅନେକ ହିନ୍ଦୁଙ୍କ ମୃତ୍ୟୁ ଘଟିବା ସହ ଅନେକଙ୍କ ଘର ଜାଳିଦିଆଯାଇଛି। ସେଠାରେ ହିନ୍ଦୁମାନେ ନିର୍ଯାତନାର ଶିକାର ହେଉଛନ୍ତି।

# ୨୪୨ ବେଟିଂ ୱେବ୍‌ସାଇଟ୍ ବ୍ୟାନ୍

**ନୂଆଦିଲ୍ଲୀ,୧୭।୧**

କେନ୍ଦ୍ର ସରକାର ଶୁକ୍ରବାର ୨୪୨ଟି ବେଆଇନ ବେଟିଂ ଏବଂ ଗାମ୍ବଲିଂ ୱେବ୍‌ସାଇଟ୍‌କୁ ବ୍ୟାନ୍ କରିଛନ୍ତି। ଗତବର୍ଷ ଅକ୍ଟୋବରରେ କାର୍ଯ୍ୟକାରୀ ହୋଇଥିବା ଅନ୍‌ଲାଇନ ଗେମିଂ ଅଧିନିୟମ ଅଧୀନରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଉକ୍ତ ଅଧିନିୟମ ବଳରେ ବର୍ତ୍ତମାନ ସୁଦ୍ଧା ପାଖାପାଖି ୮,୦୦୦ ପ୍ଲାଟ୍‌ଫର୍ମକୁ ବନ୍ଦ କରାଗଲାଣି। ବେଆଇନ୍ ଅନ୍‌ଲାଇନ

### ୮,୦୦୦ ପ୍ଲାଟ୍‌ଫର୍ମ ବନ୍ଦ କଲାଣି କେନ୍ଦ୍ର

ବେଟିଂ ଓ ଗାମ୍ବଲିଂ ପ୍ଲାଟ୍‌ଫର୍ମ ଜରିଆରେ ୟୁଜରମାନଙ୍କ ପ୍ରତି ଆର୍ଥିକ ଓ ସାମାଜିକ କ୍ଷତି ଘଟୁଥିବାରୁ ସେଗୁଡ଼ିକୁ ବନ୍ଦ କରିବା ଏବଂ ଯୁବବର୍ଗଙ୍କୁ ସୁରକ୍ଷା ଦେବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ଗତବର୍ଷ ଅଗଷ୍ଟରେ ପ୍ରମୋଶନ ଆଣ୍ଡ ରେଗୁଲେଶନ ଅଫ୍ ଅନ୍‌ଲାଇନ ଗେମିଂ ବିଲ୍,୨୦୨୫କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଞ୍ଜୁରୀ ଦେଇଥିଲେ। କ୍ଷତିକାରକ ମୁଦ୍ରାଭିତ୍ତିକ ଗେମିଂକୁ ନିଷିଦ୍ଧ କରିବା ସହ ଇ-ସ୍ପୋର୍ଟସ ଏବଂ ସୋସିଆଲ୍ ଅନ୍‌ଲାଇନ ଗେମିଂର ପ୍ରସାର କରାଇବା ଏହାର ଉଦ୍ଦେଶ୍ୟ। ଅନ୍‌ଲାଇନ ବେଟିଂ ଆପ୍‌ରେ କେବଳ ସେବା ପ୍ରଦାନକାରୀ, ବିଜ୍ଞାପନଦାତା, ପ୍ରମୋଟରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ବ୍ୟବସ୍ଥା ଉକ୍ତ ଆଇନରେ ରହିଛି।

# ଅଲ୍-ଫଲାହ ୟୁନିଭର୍ସିଟି ସମ୍ପତ୍ତି ବାଜ୍ୟାପ୍ତ

**ନୂଆଦିଲ୍ଲୀ,୧୭।୧**

ନଭେମ୍ବର ୧୦ ଦିଲ୍ଲୀ ଲାଲ୍‌କିଲ୍ଲା ନିକଟରେ ହୋଇଥିବା ବିସ୍ଫୋରଣ ଘଟଣା ସହ ସମ୍ପୃକ୍ତ ଫରିଦାବାଦର ଅଲ୍-ଫଲାହ ୟୁନିଭର୍ସିଟିର ସମ୍ପତ୍ତିକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବାଜ୍ୟାପ୍ତ କରିଛି। ଆତଙ୍କବାଦୀ ବିସ୍ଫୋରଣ ସହ ଜଡ଼ିତ ମନିଲଣ୍ଡରିଂ ତଦନ୍ତ ସ୍ୱରୂପ

### ଚାର୍ଜଶିଟ୍ ଦାଖଲ କଲା ଇଡି

ୟୁନିଭର୍ସିଟିର ଅଧ୍ୟକ୍ଷ ଜୱାଦ ଅହମଦ ସିଦ୍ଦିକି ଓ ପରିବାର ଚଳାଉଥିବା ଅଲ-ଫଲାହ ଚାରିଟେବଲ୍ ଟ୍ରଷ୍ଟ ବିରୋଧରେ ଇଡି ଚାର୍ଜଶିଟ୍ ଦାଖଲ କରିଛି। ବାଜ୍ୟାପ୍ତ ହୋଇଥିବା ଅଲ୍-ଫଲାହ ୟୁନିଭର୍ସିଟି ସମ୍ପତ୍ତି ପରିମାଣ ୧୪୦ କୋଟି ଟଙ୍କା ହେବ। ଇଡି ସୂଚନା ଅନୁଯାୟୀ, ଫରିଦାବାଦର ଧଉଜ ଅଞ୍ଚଳରେ ଥିବା ୟୁନିଭର୍ସିଟିର ୫୪ ଏକର ଜମି, ବିଶ୍ୱବିଦ୍ୟାଳୟ ଅଟ୍ଟାଳିକାକୁ ଅସ୍ଥାୟୀ ନିର୍ଦ୍ଦେଶନାମା ବଳରେ ବାଜ୍ୟାପ୍ତ କରାଯାଇଛି।

# ଅପରାଧୀଙ୍କୁ ମୃତ୍ୟୁ ଦଣ୍ଡାଦେଶ

**ରାଜକୋଟ୍,୧୭।୧**

ଜଣେ ୭ ବର୍ଷର ବାଳିକାଙ୍କୁ ବଳାତ୍କାର କରିବା ସହ ଲୁହା ରଡ୍‌ରେ ଯୌନ ନିର୍ଯାତନା ଦେବା ମାମଲାରେ ଗୁଜରାଟ ରାଜକୋଟ୍‌ର ଏକ ଅଦାଲତ ଅଭିଯୁକ୍ତଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦେଇଛନ୍ତି। ଅପରାଧର ୪୪ ଦିନ ମଧ୍ୟରେ ରାୟ ପ୍ରକାଶ ପାଇଛି। ଅଭିଯୁକ୍ତ ମଧ୍ୟପ୍ରଦେଶ ଅଲିରାଜପୁରର ରାମସିଂ ଦୁଦ୍‌ଭା(୩୨)ଙ୍କୁ ସ୍ୱତନ୍ତ୍ର ପୋକ୍‌ସୋ ବିଚାରପତି ଭି.ଏ. ରାଣା ଶିଶୁ ଯୌନ ନିର୍ଯାତନା ପ୍ରତିକାର ଆଇନ ଏବଂ ଭାରତୀୟ ନ୍ୟାୟ ସଂହିତା ଆଇନର ବିଭିନ୍ନ ଧାରାରେ ଦୋଷୀସାବ୍ୟସ୍ତ କରିଥିଲେ। ଗୁଜରାଟ ସରକାର ପ୍ରତ୍ୟେକ ଝିଅଙ୍କ ସୁରକ୍ଷା ପାଇଁ ଦୃଢ଼ ପ୍ରତିଶ୍ରୁତିବଦ୍ଧ ଏବଂ ଏଭଳି ଅପରାଧକୁ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି ଗୁଜରାଟ ଉପମୁଖ୍ୟମନ୍ତ୍ରୀ ହର୍ଷ ସାଙ୍ଘଭି କହିଛନ୍ତି। ଗତବର୍ଷ ଡିସେମ୍ବର ୪ରେ ଜିଲାର ଆଟକୋଟ ସହର ନିକଟ

### ନାବାଳିକା ବଳାତ୍କାର ମାମଲା

କାନପାର ଗ୍ରାମରେ ଏହି ବୀଭତ୍ସ ବଳାତ୍କାର ଘଟଣା ଘଟିଥିଲା। ନାବାଳିକା ଜଣକ ତାଙ୍କ ଭାଇ ସହ ଖେଳୁଥିଲାବେଳେ ଅଭିଯୁକ୍ତ ରାମସିଂ ତାଙ୍କୁ ବାଇକ୍‌ରେ ଅପହରଣ କରି ଏକ ବୁଦା ନିକଟକୁ ନେଇଯାଇ ବଳାତ୍କାର କରିଥିଲେ। ପରେ ସେ ତାଙ୍କୁ ଲୁହାରଡ୍‌ରେ ଯୌନ ନିର୍ଯାତନା ଦେଇ ରକ୍ତାକ୍ତ ଅବସ୍ଥାରେ ଛାଡ଼ି ଚାଲିଯାଇଥିଲେ। ଡିସେମ୍ବର ୮ରେ ପୋଲିସ ତାଙ୍କୁ ଗିରଫ କରିଥିଲା। ଡିସେମ୍ବର ୧୯ରେ ଚାର୍ଜଶିଟ୍ ଦାଖଲ ହୋଇଥିବାବେଳେ ଜାନୁଆରୀ ୧୨ରେ ଅଦାଲତ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରିଥିଲେ। ଅପରାଧ ବିରଳରୁ ବିରଳତମ ହୋଇଥିବା ବିବେଚନା କରି କୋର୍ଟ ରାମସିଂଙ୍କୁ ମୃତ୍ୟୁଦଣ୍ଡାଦେଶ ଶୁଣାଇଛନ୍ତି।

# ୪୦୦ ବର୍ଷ ହେଲା ହୋଇନି ବର୍ଷା

**ପୃ**ଥିବୀରେ ଅନେକ ଅଜବ ସ୍ଥାନ ଅଛି। ଏଥିମଧ୍ୟରୁ ଚିଲିର ଆଟାକାମା ମରୁଭୂମି ଅନ୍ୟତମ। ଏଠାରେ ଶହ ଶହ ବର୍ଷ ଧରି ବର୍ଷା ହୁଏ ନାହିଁ, କିନ୍ତୁ କେହି ଶୋଷରେ ମରନ୍ତି ନାହିଁ। ଏହା ବିଶ୍ୱର ସବୁଠୁ ଶୁଷ୍କ ମରୁଭୂମି। ଏଠାକାର କିଛି ଅଞ୍ଚଳରେ ୪୦୦ ବର୍ଷରୁ ଅଧିକ ସମୟ ବୁନ୍ଦାଏ ବର୍ଷା ହୋଇଥିବାର ରେକର୍ଡ କରାଯାଇନାହିଁ। ଏହି ସ୍ଥାନ ପର୍ଯ୍ୟଟକ ଏବଂ ନାସା ବୈଜ୍ଞାନିକଙ୍କ ପାଇଁ ଏକ ପ୍ରିୟ ସ୍ଥାନ ହୋଇରହିଛି। ନାସା ଏଠାରେ ଏହାର ମଙ୍ଗଳ ମିଶନ ପାଇଁ ପରୀକ୍ଷଣ କରେ। ଦୃଶ୍ୟମାନ ଭାବରେ ଏହି ସ୍ଥାନଟି ପ୍ରକୃତରେ ପୃଥିବୀରେ ମଙ୍ଗଳ ଗ୍ରହ ସହିତ ସମାନ।

ଆଟାକାମା ମରୁଭୂମି ପ୍ରଶାନ୍ତ ମହାସାଗର ଉପକୂଳ ଏବଂ ଆଣ୍ଡିଜ ପର୍ବତମାଳା ମଧ୍ୟରେ ଅବସ୍ଥିତ ଉତ୍ତର ଚିଲିରେ ବିସ୍ତୃତ। କାଲାମା ସହରରେ ୧୫୭୦ରୁ ୧୯୭୧ ପର୍ଯ୍ୟନ୍ତ ୪୦୦ ବର୍ଷରୁ ଅଧିକ ସମୟ ଧରି ସେଭଳି ବର୍ଷା ହୋଇନାହିଁ। କିନ୍ତୁ ଆଶ୍ଚର୍ଯ୍ୟଜନକ




କଥା ହେଉଛି ଏଠାରେ ଜୀବନ ସମ୍ପୂର୍ଣ୍ଣ ଭାବରେ ଲୋପ ପାଇନାହିଁ। ଫ୍ଲେମିଙ୍ଗୋ, ଲାମା ଏବଂ ଭିକୁନା ଭଳି ପ୍ରାଣୀ ଏହି ଅଞ୍ଚଳରେ ବିଚରଣ କରନ୍ତି। ଏହି ସ୍ଥାନର ସୌନ୍ଦର୍ଯ୍ୟ ଏତେ ଅନନ୍ୟ ଯେ ଏହାକୁ 'ଭାଲେ ଡେ ଲା ଲୁନା' କୁହାଯାଏ। ଲାଲ ବାଲି ପାହାଡ, ଫାଟିଯାଇଥିବା ଭୂମି ଏବଂ ସକ୍ରିୟ ଜ୍ୱାଳାମୁଖୀ ଏହାର ରହସ୍ୟମୟ ଆକର୍ଷଣକୁ ବୃଦ୍ଧି କରେ।

# ଡେବ୍ରିଗଡ଼: ଗୟଳଙ୍କ ସଂଖ୍ୟା ବଢ଼ିଲା

## ୧ ବର୍ଷରେ ସଂଖ୍ୟା ହୋଇଛି ୬୫୯ରୁ ୮୪୮



ଡେବ୍ରିଗଡ଼ ଅଭୟାରଣ୍ୟ ମଧ୍ୟସ୍ଥ ଜଳ ଉତ୍ସ ନିକଟରେ ଗୟଳ ଗୋଠ।

**ସମ୍ବଲପୁର,୧୭।୧(ପ୍ରମୋଦ ବହିଦାର)**

ଡେବ୍ରିଗଡ଼ ଅଭୟାରଣ୍ୟର ପ୍ରମୁଖ ବନ୍ୟପ୍ରାଣୀ ଗୟଳଙ୍କ ସଂଖ୍ୟା ଏକ ବର୍ଷ ମଧ୍ୟରେ ଉତ୍ସାହଜନକ ଭାବେ ବୃଦ୍ଧି ପାଇଛି। ୨୦୨୪ ନଭେମ୍ବରରେ ହୋଇଥିବା ପ୍ରଥମ ଗୟଳ ଗଣନାରେ ଡେବ୍ରିଗଡ଼ ଅଭୟାରଣ୍ୟରେ ୬୫୯ ଗୟଳ ଠାବ କରାଯାଇଥିଲା। ମାତ୍ର ଗତ ଜାନୁଆରୀରେ ଏଠାରେ ହୋଇଥିବା ଗଣନାରେ ପୂର୍ବାପେକ୍ଷା ୧୮୯ଟି ଅଧିକ ଗୟଳ ଠାବ କରାଯାଇଛି। ଫଳରେ ଏଠାରେ ମୋଟ୍ ଗୟଳଙ୍କ ସଂଖ୍ୟା ୮୪୮ରେ ପହଞ୍ଚିଛି ବୋଲି ଡେବ୍ରିଗଡ଼ ବନଖଣ୍ଡ ଅଧିକାରୀ ଅଂଶୁପ୍ରଜ୍ଞା ଦାସ ସୂଚନା ଦେଇଛନ୍ତି।

ଦାସଙ୍କ ସୂଚନା ଅନୁସାରେ ଅଭୟାରଣ୍ୟର ଗତ ୨୦୨୬ ଜାନୁଆରୀ ୫, ୬ ଓ ୭ ତାରିଖରେ ତିନିଦିନ ଧରି ଚଳିତ ବର୍ଷର ଗୟଳ ଗଣନା ଅଭିଯାନ ଅନୁଷ୍ଠିତ ହୋଇଥିଲା। ଅଭୟାରଣ୍ୟର ପ୍ରାୟ ୩୫୩ ବର୍ଗ କିଲୋମିଟର ଅଞ୍ଚଳରେ ମୋଟ ୧୫୫ ଜଣ ଗଣନାକାରୀ ୭୩ଟି ୟୁନିଟ୍‌ରେ ଗୟଳ ଗଣନା କାର୍ଯ୍ୟ ସମ୍ପାଦିତ କରିଥିଲେ। ଏହି ଗଣନାରେ ଠାବ ହୋଇଥିବା ୬୯ଟି ଗୋଠରେ ମୋଟ ୮୪୮ଟି ଗୟଳ ମଧ୍ୟରେ ୩୦ ପ୍ରତିଶତ ତଥା ୨୩୫ଟି ୨ବର୍ଷରୁ ଅଳ୍ପ ବୟସ୍କ ଶାବକ ରହିଛନ୍ତି। ପ୍ରତି ପ୍ରାପ୍ତ ବୟସ୍କ ଗୟଳଙ୍କ ଓଜନ ପ୍ରାୟ ୬ଶହରୁ ୮ଶହ କିଲୋଗ୍ରାମ ଓଜନ ହେବ ବୋଲି ସେ କହିଛନ୍ତି। ଏହାପୂର୍ବରୁ ଏଠାରେ ଗତ ୨୦୨୪ ନଭେମ୍ବର ୧୨ ଓ ୧୩ରେ ପ୍ରଥମ ଗୟଳ ଗଣନା କରାଯାଇଥିଲା। ଏହି ସମୟରେ ଏଠାରେ ୫୨ଟି ଗୋଠରେ ୬୫୯ ଗୟଳ ଠାବ କରାଯାଇଥିଲା। ଏହାର ୬ ମାସ ପରେ ଗତ ୨୦୨୫ ମେ ୧୧ରୁ ୧୩ ତାରିଖ ମଧ୍ୟରେ ତିନିଦିନ ଧରି ଅନୁଷ୍ଠିତ ଦ୍ୱିତୀୟ ଗୟଳ ଗଣନାରେ ୬୦ଟି ଗୋଠରେ ୭୮୮ଟି ଗୟଳ ଠାବ କରାଯାଇଥିଲା। ଏପରିକି ଅଭୟାରଣ୍ୟରେ ଥିବା ୫୦ ବର୍ଗ କିଲୋମିଟରର ସଫାରୀ ଜୋନରେ ମଧ୍ୟ ୮ଟି ଗୋଠରେ ୮୯ଟି ଗୟଳଙ୍କୁ ପର୍ଯ୍ୟଟକମାନେ ଦେଖିବାର ସୁଯୋଗ ପାଇଥିଲେ। ତେବେ ଏଠାରେ ଗୟଳଙ୍କୁ ଆକୃଷ୍ଟ କରିବା ପାଇଁ ଆବଶ୍ୟକ ଖାଦ୍ୟ ଓ ପାନୀୟ ସହିତ ଓ ସେମାନଙ୍କ ବଂଶ ବୃଦ୍ଧି ପାଇଁ ମଧ୍ୟ ବିଭିନ୍ନ ଆନୁସଙ୍ଗିକ ବ୍ୟବସ୍ଥା କରାଯାଇଛି ବୋଲି ବନଖଣ୍ଡ ଅଧିକାରୀ ଦାସ କହିଛନ୍ତି।

# ପିଆର୍‌ଏମ୍ ମେଡିକାଲକୁ ଜମି ଅଡୁଆ

- ନିଜସ୍ୱ ନାମରେ ଜମି ନ ଥିବାରୁ ମିଳୁନି ଅଗ୍ନି ନିରାପତ୍ତା ପ୍ରମାଣପତ୍ର
- ଜଙ୍ଗଲ ଜମି ବିବାଦ ଯୋଗୁ ନୂତନ କ୍ୟାମ୍ପସ ପୂର୍ଣ୍ଣ କାର୍ଯ୍ୟକ୍ଷମରେ ବିଳମ୍ବ




ପିଆର୍‌ଏମ୍ ମେଡିକାଲ କଲେଜ ଓ ହସ୍ପିଟାଲର ନୂତନ କ୍ୟାମ୍ପସ।

**ବାରିପଦା,୧୭।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ବାରିପଦା ସହର ଉପକଣ୍ଠ ରଙ୍ଗାମାଟିଆସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ (ପିଆର୍‌ଏମ୍) ମେଡିକାଲ କଲେଜ ଓ ହସ୍ପିଟାଲର ନୂତନ କ୍ୟାମ୍ପସ ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ନିଜସ୍ୱ ନାମରେ ଜମି ନ ଥିବାରୁ ଅଗ୍ନିଶମ ନିରାପତ୍ତା ପାଇଁ ଏନ୍‌ଓସି ମିଳିପାରୁନାହିଁ। ଏପରିକି ଜଙ୍ଗଲ ଜମି ବିବାଦ ପାଇଁ ନୂତନ କ୍ୟାମ୍ପସରେ ସମସ୍ତ ବିଭାଗ କାର୍ଯ୍ୟକ୍ଷମ ହେବାରେ ବିଳମ୍ବ ହେଉଛି। ଏହାକୁ ନେଇ ରୋଗୀ ଓ ସମ୍ପର୍କୀୟଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ନୂତନ ଭାବେ ନିର୍ମିତ ପିଆର୍‌ଏମ୍ ମେଡିକାଲ କଲେଜ ଓ ହସ୍ପିଟାଲଟି ପ୍ରାୟ ୨୪ ହେକ୍ଟର ଜଙ୍ଗଲ ଜମିରେ ନିର୍ମାଣ କରାଯାଇଛି। ସେହି ସ୍ଥାନରେ ପୂର୍ବରୁ ଟସର ଚାଷ କରାଯାଉଥିଲା । ୨୦୧୫ରେ ଜଙ୍ଗଲ ଆଇନର ଉଲ୍ଲଂଘନକରି ଜମିକୁ କଲେଜ ଅଧୀନକୁ ହସ୍ତାନ୍ତର କରାଯାଇଥିଲା। ସେଠାରେ ଥିବା ୫୦୦ ଗଛ କଟାଯାଇଥିବାରୁ ତତ୍କାଳୀନ ଉପଜିଲାପାଳ ଓ ତହସିଲଦାରଙ୍କୁ କାରଣ ଦର୍ଶାଅ ନୋଟିସ ମଧ୍ୟ ଜାରି କରାଯାଇଥିଲା। ସେହି ବିବାଦ ତୁଟି ନ ଥିବାରୁ ପ୍ରଦତ୍ତ ଜମି ମେଡିକାଲ କଲେଜ ନାମରେ ହୋଇପାରୁ ନାହିଁ। ଅଗ୍ନି ନିରାପତ୍ତା ପାଇଁ ଏନ୍‌ଓସି ମିଳିପାରୁ ନ ଥିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟରୁ ନୂତନ କ୍ୟାମ୍ପସକୁ ପିଆର୍‌ଏମ୍ ମେଡିକାଲ କଲେଜ ଓ ହସ୍ପିଟାଲ ସ୍ଥାନାନ୍ତର ହେବାରେ ବାଧକ ସାଜିଛି। ଅନ୍ୟପକ୍ଷରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କ ସଂଖ୍ୟା ବ୍ୟାପକ ପରିମାଣରେ ବୃଦ୍ଧି ପାଉଥିବାରୁ ରୋଗୀମାନେ ବେଡ୍ ନ ପାଇ ତଳେ ଓ ବାରଣ୍ଡାରେ ଶୋଇ ଚିକିତ୍ସିତ ହେଉଛନ୍ତି। ଫଳରେ ମେଡିକାଲ କଲେଜର ବିଶାଳ କୋଠା ଓ ବିଳାସପୂର୍ଣ୍ଣ ଭିତ୍ତିଭୂମି ମୂଲ୍ୟହୀନ ହୋଇପଡ଼ିଛି। ସ୍ୱାସ୍ଥ୍ୟ ଉପକରଣ ସବୁ ବନ୍ଦ ଘରେ ପଡ଼ି ରହି ନଷ୍ଟହେବାକୁ ବସିଛି । ଜିଲାବାସୀଙ୍କ ଦୀର୍ଘଦିନର ଦାବି ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟର ଚତୁର୍ଥ ସରକାରୀ ମେଡିକାଲ କଲେଜ ଭାବେ ପିଆର୍‌ଏମ୍ ମେଡିକାଲ କଲେଜ ଓ ହସ୍ପିଟାଲ ସ୍ଥାପନ ହୋଇଥିଲା। ୬୫୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲକୁ ୨୦୨୪ ମାର୍ଚ୍ଚ ୨ରେ ଉଦ୍‌ଘାଟନ କରାଯାଇଥିଲା। ମାତ୍ର ଆନୁଷଙ୍ଗିକ ବ୍ୟବସ୍ଥା ଓ ଜମି ପଟ୍ଟାକୁ ନେଇ ଜିଲାବାସୀଙ୍କ ବହୁମୁଖୀ ସେବା ପାଇବାର ଆଶା ମଉଳିବାରେ ଲାଗିଛି। ଜିଲା ମୁଖ୍ୟ ଚିକିତ୍ସାଳୟ ଏବେ ରେଫରାଲ ହସ୍ପିଟାଲ ଭାବେ କାର୍ଯ୍ୟ କରୁଛି। ଗୁରୁତର ରୋଗୀଙ୍କୁ ତୁରନ୍ତ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଉଛି। ତେବେ ନୂତନ କ୍ୟାମ୍ପସରେ ୪ଟି ବିଭାଗର ଓପିଡି ଖୋଲାଯାଇ ରୋଗୀ ସେବା ଆରମ୍ଭ କରାଯାଇଛି। କେବଳ ମାନସିକ ରୋଗ ଚିକିତ୍ସା ବିଭାଗ ସହ କର୍ଣ୍ଣ, ନାସା ଓ ଗଳା, ଚର୍ମରୋଗ ଏବଂ ଭେଷଜ ବିଭାଗର ୨୪ ଘଣ୍ଟିଆ ଓପିଡି ଖୋଲାରହିଛି। ପର୍ଯ୍ୟାୟ କ୍ରମେ ଅନ୍ୟ ବିଭାଗଗୁଡ଼ିକ ଜିଲା ମୁଖ୍ୟ ହସ୍ପିଟାଲରୁ ସ୍ଥାନାନ୍ତର କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା । ତେବେ ନୂତନ କ୍ୟାମ୍ପସରେ କଲେଜ ଓ ହସ୍ପିଟାଲ ପୂର୍ଣ୍ଣାଙ୍ଗ ରୂପ ନେଇ ସାରିଥିବା ବେଳେ ସ୍ୱତନ୍ତ୍ର ବିଭାଗ ସହ ଉନ୍ନତମାନର ଅପରେଶନ ଥିଏଟର ଓ ଆଇସିୟୁ ପ୍ରସ୍ତୁତ ହୋଇଛି। ହେଲେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଜାଗା ସମସ୍ୟା ପାଇଁ ଜିଲାବାସୀ ଗୋଟିଏ ସ୍ଥାନରୁ ସମସ୍ତ ସୁବିଧା ପାଇବାରୁ ବଞ୍ଚିତ ରହୁଛନ୍ତି। ମୟୂରଭଞ୍ଜ ଏମ୍‌ପି ନବଚରଣ ମାଝୀ କୁହନ୍ତି, ମେଡିକାଲ କଲେଜ ଓ ହସ୍ପିଟାଲ ଜଙ୍ଗଲ ଜମି ବିବାଦର ଆଇନଗତ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଖୁବ୍‌ଶୀଘ୍ର ନୂତନ କ୍ୟାମ୍ପସ ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ।


No.O-2077

**OFFICE OF THE SUPERINTENDING ENGINEER RURAL WORKS DIVISION, BALLIGUDA**

Government of Odisha e-Procurement Notice
Bid Identification No. Online Tender - 17/EERWD BLG/2025-26
rw_balliguda@yahoo.com

Letter No. : //RWDBLG Date :

| | | | |
|---|---|---|---|
| 1 | Name of the work | : | **Road Works** |
| 2 | Estimated cost | : | Rs.8.47 lakhs to 38.14 lakhs |
| 3 | Period of Completion | : | As per Annexure |
| 4 | Date & Time of availability of Bid documents in the Portal | : | From 20.01.2026 at 10.00 A.M. to 30.01.2026 up to 5.00 P.M. |
| 5 | Last date / Time for receipt of Bids in the Portal | : | 30.02.2026 up to 5.00 P.M. |
| 6 | Name and address of the Officer Inviting Bid | : | Executive Engineer, Rural Works Division, Balliguda |

The Bidders have to participate in **ONLINE** bidding only. Further details can be displayed from the e-procurement portal website **https://www.tendersodisha.gov.in**. Any addendum / corrigendum / cancellation of tender can also be seen in the said website only.

**Sd./- Executive Engineer**
**Rural Works Division**
**Balliguda**

OIPR-



ସମଗ୍ର ଶିକ୍ଷା
समग्र शिक्षा
Samagra Shiksha

**DISTRICT PROJECT OFFICE, SAMAGRA SHIKSHA, JAJPUR**

Phone & Fax-06728-224940, Email - dpcjajpurssa.opepa@nic.in
**Tender call notice No. 234/2026** **Dated. 15.01.2026**

**Notice Inviting Tender**

**No.n-234** : Sealed Tender under two bid systems are invited from reputed agency/ suppliers/manufacturer having valid PAN, GST & IT clearance along with registration of firm etc, for supply of equipment/materials for Saksham Resource Centre in PM Shri Schools. The detailed bid documents can be downloaded from district website i.e. www.jajpur.odisha.gov.in and OSEPA website i.e. www.osepa.odisha.gov.in. The interested and eligible agency/ suppliers/manufacturer may download bid document from the above website and apply accordingly on or before 31st Jan-2026 by 5 P.M. through regd/ speed post only. The Tender will be opened on dt. 02nd Feb-2026 at 11.00 AM at Conference Hall, DPO, SS, Jajpur in the presence of bidders/authorized representative. Required Corrigendum/addendum will be uploaded in the above website. Hence, the potential bidders are requested go through the above website for any updates. The authority reserves all the rights to reject/ modify or cancel part or whole tender without assigning any reason thereof.

**By order of Collector-cum-Chairman, SS, Jajpur**
**Sd./- DEO-cum-DPC, SS, Jajpur**

OIPR-



# ଓଡ଼ିଶା ସରକାର
# ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ମାଲକାନଗିରି
## ଘୋଷଣା

**File No.6731/2025** **Date:22.10.2025**

**No. XXVII-25:** ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ବହୁ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ରୋତା ଆଇନ, ୨୦୧୩ (RFCTLAR & R Act.2013) ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-**ଭୀମରଙ୍ଗିଣୀ**, ଥାନା-**ମାଲକାନଗିରି**, ତହସିଲ-**ମାଲକାନଗିରି**, **ଜିଲ୍ଲା- ମାଲକାନଗିରିରେ** ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ରୋତା ଆଇନ,୨୦୧୩ (RFCTLAR & R Act.2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୬୭/୨୦୨୩, ତା.୧୬.୦୬.୨୦୨୩ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-**ଭୀମରଙ୍ଗିଣୀ**, ଥାନା-**ମାଲକାନଗିରି**, ତହସିଲ-**ମାଲକାନଗିରି**, **ଜିଲ୍ଲା- ମାଲକାନଗିରିର** ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଏହା ମଧ୍ୟ ଜିଲ୍ଲା ୱେବସାଇଟ www.malkangiri.odisha.gov.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଅଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ତଥା ତହସିଲଦାର ମାଲକାନଗିରିଙ୍କ ତହସିଲ କାର୍ଯ୍ୟାଳୟ, ମାଲକାନଗିରି କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା-ମାଲକାନଗିରି — ତହସିଲ-ମାଲକାନଗିରି

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଭୀମରଙ୍ଗିଣୀ | ଗ୍ରାମାଞ୍ଚଳ | ଅଧିଗ୍ରହଣ ହେବାକୁ ଥିବା ଜମିର ସମ୍ପୂର୍ଣ୍ଣ ବିବରଣୀ ଏଥି ସହ ସଂଲଗ୍ନ କରାଗଲା । | | | | | |

### ଭୂମି ଅନୁସୂଚୀ

ମୌଜା:ଭୀମରଙ୍ଗିଣୀ, ଥାନା-ମାଲକାନଗିରି ନଂ.-୭୪, ତହସିଲ:ମାଲକାନଗିରି, ଜିଲ୍ଲା:ମାଲକାନଗିରି

ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ

| ଖାତା ନଂ. | ପ୍ଲଟ ନଂ. | ମୋଟ ରକବା | ଅଧିଗ୍ରହଣ ରକବା | କିସମ | ରୟତଙ୍କ ନାମ |
|---|---|---|---|---|---|
| ୭ | ୨୬ | ୬.୭୨୧ | ୧.୫୦୦ | ଡଙ୍ଗର ଏକ | ଦାମୋଦର ସିସା, ପି:ଶୁକୁରା ସିସା, ଜା:ଗଦବା, ବା:ନିଜଗାଁ |
| ୯ | ୮୯ | ୧.୮୨୯ | ୧.୮୨୯ | ଡଙ୍ଗର ଦୁଇ | ପଦୁ ହନ୍ତାଳ, ପି:ଚଇତୁ ହନ୍ତାଳ, ଜା:ପରଜା, ବା:ନିଜଗାଁ |
| | ୧୩ | ୩.୨୧୨ | ୧.୦୪୯ | ଡଙ୍ଗର ଦୁଇ | |
| ୧୦ | ୨୨ | ୧.୧୭୪ | ୧.୧୭୪ | ଧାନ ଦୁଇ | ବୁଦା ବଡନାୟକ, ପି:ଆଇତା ବଡନାୟକ, ଜା:ଗଦବା, ବା:ନିଜଗାଁ |
| | ୨୧ | ୧.୧୨୪ | ୦.୦୧୪ | ଡଙ୍ଗର ଦୁଇ | |
| ୧୧ | ୨୩ | ୩.୧୦୬ | ୨.୪୩୩ | ଧାନ ଦୁଇ | ମଧୁ ପଦୁଆ, ପି:ସମା ପଦୁଆ, ଜା:ଗଦବା, ବା:ନିଜଗାଁ |
| ୧୪ | ୭୬ | ୧.୪୮୩ | ୦.୫୪୪ | ଡଙ୍ଗର ଦୁଇ | ସନାଦର ଗୁଲୁରି, ପି:ବୁଦା ଗୁଲୁରି, ଜା:ଗଦବା, ବା:ନିଜଗାଁ |
| | ୭୨ | ୦.୮୯୦ | ୦.୩୯୧ | ଧାନ ଦୁଇ | |
| | ୭୧ | ୦.୮୫୭ | ୦.୦୧୪ | ଡଙ୍ଗର ଦୁଇ | |
| ୧୭/୨ | ୨୦ | ୦.୪୬୯ | ୦.୦୧୦ | ଧାନ ଦୁଇ | ପୁରୁଷୋତି ହନ୍ତାଳ, ପି:ନିଧି ହନ୍ତାଳ, ଜା:ପରଜା, ବା:ନିଜଗାଁ |
| ୧୭/୩ | ୧୬ | ୦.୬୫୫ | ୦.୦୮୯ | ଡଙ୍ଗର ଦୁଇ | ସଇତା ପାଙ୍ଗି, ପି:ଭକେ ପାଙ୍ଗି, ଜା:ପରଜା, ବା:ଭୀମ ରାଙ୍ଗିଣୀ |
| ୧୭/୫ | ୯୪ | ୧.୧୧୨ | ୦.୦୨୭ | ଡଙ୍ଗର ଏକ | ଧନୁର୍ଜୟ କିର୍ଶାନି, ପି:ପଦଲାମ କିର୍ଶାନି, ଜା:ଗାଦବା, ବା:ଭୀମ ରାଙ୍ଗିଣୀ |
| ୬୬ | ୮୩/୩ | ୨.୪୬୫ | ୦.୦୫୪ | ଜଙ୍ଗଲ | ପଦଲାମ କିର୍ସାନୀ, ପିତା:ସିତା, ଇଛାବତୀ କ୍ରିସାନି, ସ୍ୱା:ପଦଲାମ, ବା:ଭୀମ ରାଙ୍ଗିଣୀ, ଜାତି-ପରଜା |
| ୬୧ | ୭୮/୦୫ | ୨.୧୯୮ | ୧.୦୦୦ | ଜଙ୍ଗଲ | ଈଶ୍ୱର ପଡିଆମି, ପି:ପାଣ୍ଡୁ ପଡିଆମି, ଜା:କୋୟା, ବା:ଭୀମ ରାଙ୍ଗିଣୀ |
| ୪୫ | ୭୫/୧୪୬ | ୨.୦୭୫ | ୦.୪୩୨ | ଜଙ୍ଗଲ | ଲଖିନାଥ ଗୋଇରି, ପି:ଡମ୍ବୁ ଗୋଇରି, ବୁଦଇ ଗୋଇରି, ସ୍ୱା:ଲଖିନାଥ ଗୋଇରି, ଜା:ପରଜା, ବା:ଭୀମରାଙ୍ଗିଣୀ |
| ୪୯ | ୭୫/୧୪୨/୯ | ୨.୦୫୦ | ୦.୦୨୦ | ଜଙ୍ଗଲ | ଧନ କିର୍ସାନୀ, ପି:ସିତା କିର୍ଶାନୀ, ଡାଲିମା କିର୍ଶାନୀ, ସ୍ୱା:ଧନ କିର୍ସାନୀ, ଜା:ପରଜା, ବା:ଭୀମରାଙ୍ଗିଣୀ |
| ୮୦ | ୮୦/୧ | ୪.୬୭୩ | ୨.୩୭୧ | ଜଙ୍ଗଲ | ଧନ କିର୍ସାନୀ, ପି:ଚଣ୍ଡାଳ କିର୍ଶାନୀ, ଜା:ପରଜା, ବା:ଭିମାରାଙ୍ଗିଣୀ |
| ୮୨ | ୮୦/୧୪୭ | ୨.୦୪୫ | ୧.୫୯୩ | ଜଙ୍ଗଲ | ଅର୍ଜୁନ ପାଙ୍ଗି, ପି:କମୁଲୁ ପାଙ୍ଗି, କୁଳମଣି ପାଙ୍ଗି, ସ୍ୱା:ଅର୍ଜୁନ ପାଙ୍ଗି ପାଇଁଜା:ପରଜା, ବା:ଭୀମରାଙ୍ଗିଣୀ |
| ୮୩ | ୭୫/୧୪୪ | ୨.୧୨୪ | ୧.୪୦୮ | ଜଙ୍ଗଲ | ଈଶ୍ୱର ପଡିଆମି, ପି-ପାଣ୍ଡୁ ପଡ଼ିଆମି, ଜା:କୋୟା, ବା:ଭିମରାଙ୍ଗିଣୀ |
| ୮୪ | ୭୮/୧୪୩/୨ | ୧.୧୩୬ | ୦.୬୯୯ | ଜଙ୍ଗଲ | ମଙ୍ଗଳା ପଡିଆମି ପି:ପାଣ୍ଡୁ ପଡିଆମି, ଜ:କୋୟା, ବା-ଭୀମରାଙ୍ଗିଣୀ |
| ୮୫ | ୭୮/୧୪୩ | ୨.୯୨୦ | ୧.୬୧୦ | | ଭଙ୍ଗା ପଡିଆମୀ, ପି:ପାଣ୍ଡୁ ପଡିଆମି, ଜା:କୋୟା, ବା:ଭୀମରାଙ୍ଗୀଣୀ |
| ୮୬ | ୭୮/୧୪୩ | ୨.୯୮୧୦ | ୦.୨୯୬ | | ଦାମା ପଡିଆମୀ, ପି:ପାଣ୍ଡୁ ପଡିଆମି, ଜା:କୋୟା, ବା:ଭୀମରାଙ୍ଗିଣୀ |
| ୮୩ | /୧ | ୦.୮୯୭ | ୦.୮୯୭ | | ଭୀମାରାଗିଣୀ |
| ୬୬ | ୯୧ | ୦.୮୦୩ | ୦.୪୦୮ | ଜଙ୍ଗଲ | ପଦଲାମ କ୍ରିସାନୀ, ପିତା-ସୀଡ଼ା, ଇଛାବତୀ କ୍ରିସାନୀ, ସ୍ୱା: ପଦଲାମ, ବା: ଭୀମରଙ୍ଗିଣୀ, ଜାତି: ପରଜା |
| ୪୦ | ୭୫/୨ | ୨.୪୯୫ | ୧.୪୨୮ | ଜଙ୍ଗଲ | ଲକ୍ଷ୍ମଣ ଗୋଇରୀ, ପି-ଡମ୍ବୁ, ହିରାମଣୀ ଗୋଇରୀ, ସ୍ୱା:ଡମ୍ବୁ, ବା:ଭୀମାରଙ୍ଗିଣୀ, ଜା: ପରଜା |
| ୪୪ | ୭୫/୩ | ୦.୨୭୭ | ୦.୨୭୭ | ଜଙ୍ଗଲ | ଭକ୍ତ ଖିଲ, ପି-ଦଇତାରୀ ଖିଲ, ମଙ୍ଗଳାଦେଇ ଖିଲ,ସ୍ୱା-ଭକ୍ତ ଖିଲ,ବା-ଭିମାରଙ୍ଗିଣୀ, ଜାତି-ପରଜା |
| ୪୬ | ୭୫/୫ | ୦.୮୧୦ | ୦.୮୧୦ | ଜଙ୍ଗଲ | ଚନ୍ଦ୍ର ମାଢି, ପି-କୁର୍ତ୍ତିବାସ, ରାଧିକା ମାଢି, ସ୍ୱା-ଚନ୍ଦ୍ର, ବା:ଭିମାରଙ୍ଗିଣୀ, ଜାତି-ଭୂମିଆ |
| | ୭୫/୬ | ୦.୯୯୫ | ୦.୯୯୫ | ଜଙ୍ଗଲ | |
| ୫୨ | ୭୫/୧୩ | ୨.୭୪୨ | ୨.୪୨୧ | ଜଙ୍ଗଲ | ପୂର୍ଣ୍ଣ ଖିଲ, ପି-ଆଙ୍ଗରା ଖିଲ, ବତୀ ଖିଲ, ସ୍ୱା-ପୂର୍ଣ୍ଣ ଖିଲ, ବା-ଭୀମାରାଙ୍ଗିଣୀ, ଜାତି-ଭୂମିଆ |
| ୪୯ | ୭୫/୧୦ | ୧.୦୮୭ | ୦.୯୮୮ | ଜଙ୍ଗଲ | ଧନ କିର୍ସାନୀ, ପି-ସୀତା, ଡାଲିମା ଗୋଲରୀ, ସ୍ୱା-ଧନ, ବା-ଭିମାରଙ୍ଗିଣୀ, ଜାତି-ପରେଙ୍ଗ ପରଜା |
| ୪୮ | ୭୫/୮ | ୦.୧୩୮ | ୦.୧୩୮ | ଜଙ୍ଗଲ | ଅର୍ଜୁନ ମାଡକାମି, ପି-ଶୁକ୍ରା, ଦୁଲ ମାଡକାମି, ସ୍ୱା-ଅର୍ଜୁନ, ବା-ଭିମାରଙ୍ଗିଣୀ, ଜାତି-କୋୟା |
| ୫୭ | ୭୫/୨୦ | ୦.୨୩୭ | ୦.୨୩୭ | ଜଙ୍ଗଲ | ରାଧା କୁରାମୀ, ପି-ଗୋବିନ୍ଦ କୁରାମୀ, ବା-ଭିମାରାଙ୍ଗିଣୀ, ଜାତି-କୋୟା |
| ୫୬ | ୭୫/୧୯ | ୦.୨୨୭ | ୦.୨୨୭ | ଜଙ୍ଗଲ | ସୁନାଧର ମାଡକାମି, ପି-ଶୁକ୍ରା ମାଡକାମି, ବା-ଭିମାରଙ୍ଗିଣୀ, ଜାତି-କୋୟା |
| | ମୋଟ | ୫୮.୦୦୭ | ୨୭.୩୮୩ | | |

ତଫସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା-ମାଲକାନଗିରି — ତହସିଲ-ମାଲକାନଗିରି

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ: ଅଧିସୂଚନା ପ୍ରକାଶିତ ହେବାର ୩୦ ଦିନଠାରୁ ଛଅ ମାସ ମଧ୍ୟରେ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, ମାଲକାନଗିରି

OIPR-



# ଓଡ଼ିଶା ସରକାର
# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ନବରଙ୍ଗପୁର
## ଘୋଷଣା

**LAC No.୪୮୧/୨୦୨୩ ନଂ.35/2025** Date:22.12.2025

**No. XIV-06:** ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013) ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-**କେଶରୀଗୁଡା**, ଥାନା-**ନବରଙ୍ଗପୁର**, ନଂ-୪୦, ତହସିଲ-**ନବରଙ୍ଗପୁର**, **ଜିଲ୍ଲା- ନବରଙ୍ଗପୁରରେ** ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଜୟପୁର-ନବରଙ୍ଗପୁର ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR & R Act.2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୪୮୧, ତା.୨୧.୦୬.୨୦୨୩ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-**କେଶରୀଗୁଡା**, ଥାନା-ନବରଙ୍ଗପୁର, ନଂ.୪୦, **ଜିଲ୍ଲା- ନବରଙ୍ଗପୁରରେ** କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଏହା ଘୋଷଣାନାମା ଜିଲ୍ଲା ୱେବସାଇଟ www.nabarangpur.nic.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଅଛି । ଭୂ-ଅର୍ଜନ ଅଧିଗ୍ରହଣ ଯୋଜନାର ଭୂମି ନକ୍ସା ତହସିଲଦାର-ତଥା-ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ନବରଙ୍ଗପୁରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା-ନବରଙ୍ଗପୁର — ତହସିଲ-ନବରଙ୍ଗପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| କେଶରୀଗୁଡା | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ କରାଗଲା | ଏଥିସହିତ ସଂଲଗ୍ନ କରାଗଲା | ଏଥିସହିତ ସଂଲଗ୍ନ କରାଗଲା | | ୩୦.୧୧୫ ଏକର | ଏଥିସହିତ ସଂଲଗ୍ନ କରାଗଲା |

ତଫସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା-ନବରଙ୍ଗପୁର — ତହସିଲ-ନବରଙ୍ଗପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ: ୧୭.୦୪.୨୦୨୩

ସ୍ୱା./-
ଜିଲ୍ଲାପାଳ, ନବରଙ୍ଗପୁର

### ଭୂମି ଅନୁସୂଚୀ

ମୌଜା:କେଶରୀଗୁଡା, ଥାନା-ନବରଙ୍ଗପୁର ନଂ-୪୦, ତହସିଲ-ନବରଙ୍ଗପୁର, ଜିଲ୍ଲା-ନବରଙ୍ଗପୁର

ଜୟପୁର-ନବରଙ୍ଗପୁର ନୂତନ ଓସାରିଆ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ

| ଖାତା ନଂ. | ପ୍ଲଟ ନଂ. | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | କିସମ | ରୟତଙ୍କ ନାମ |
|---|---|---|---|---|---|
| ୨୨୪/୬୧ | ୮୫୯ | ୦.୩୭୦୦ | ୦.୧୪୭୦ | ଧାନ ଏକ | ଏସ୍. ଶିବପ୍ରସାଦ ରାଓ, ପି:ଏସ୍. ନାରାୟଣ ସ୍ୱାମୀ, ଜା:ପାତ୍ର ତନ୍ତି, ବା:ଗାଦିଆସାହି, ନବରଙ୍ଗପୁର |
| ୨୨୪/୬୧ | ୫୮୫ | ୧.୨୮୦୦ | ୦.୮୬୦୦ | ଧାନ ଏକ | ଏସ୍. ଶିବପ୍ରସାଦ ରାଓ, ପି:ଏସ୍. ନାରାୟଣ ସ୍ୱାମୀ, ଜା:ପାତ୍ର ତନ୍ତି, ବା:ଗାଦିଆସାହି, ନବରଙ୍ଗପୁର |
| ୨୨୪/୬୧ | ୮୬୨ | ୦.୭୪୦୦ | ୦.୪୧୧୦ | ଧାନ ଏକ | ଏସ୍. ଶିବପ୍ରସାଦ ରାଓ, ପି:ଏସ୍. ନାରାୟଣ ସ୍ୱାମୀ, ଜା:ପାତ୍ର ତନ୍ତି, ବା:ଗାଦିଆସାହି, ନବରଙ୍ଗପୁର |
| ୨୨୪/୬୧ | ୮୬୪ | ୦.୩୨୦୦ | ୦.୨୯୩୦ | ଧାନ ଦୁଇ | ଏସ୍. ଶିବପ୍ରସାଦ ରାଓ, ପି:ଏସ୍. ନାରାୟଣ ସ୍ୱାମୀ, ଜା:ପାତ୍ର ତନ୍ତି, ବା:ଗାଦିଆସାହି, ନବରଙ୍ଗପୁର |
| ୨୨୪/୬୧ | ୮୬୭ | ୦.୫୪୦୦ | ୦.୫୪୦୦ | ଧାନ ଦୁଇ | ଏସ୍. ଶିବପ୍ରସାଦ ରାଓ, ପି:ଏସ୍. ନାରାୟଣ ସ୍ୱାମୀ, ଜା:ପାତ୍ର ତନ୍ତି, ବା:ଗାଦିଆସାହି, ନବରଙ୍ଗପୁର |
| ୨୨୪/୬୧ | ୮୬୫ | ୦.୩୨୦୦ | ୦.୩୨୦୦ | ଧାନ ଏକ | ଏସ୍. ଶିବପ୍ରସାଦ ରାଓ, ପି:ଏସ୍. ନାରାୟଣ ସ୍ୱାମୀ, ଜା:ପାତ୍ର ତନ୍ତି, ବା:ଗାଦିଆସାହି, ନବରଙ୍ଗପୁର |
| ୨୨୪/୬୧ | ୮୬୩ | ୦.୬୪୦୦ | ୦.୪୦୨୦ | ଧାନ ଦୁଇ | ଏସ୍. ଶିବପ୍ରସାଦ ରାଓ, ପି:ଏସ୍. ନାରାୟଣ ସ୍ୱାମୀ, ଜା:ପାତ୍ର ତନ୍ତି, ବା:ଗାଦିଆସାହି, ନବରଙ୍ଗପୁର |
| ୨୨୪/୬୧ | ୮୬୮ | ୦.୪୫୦୦ | ୦.୪୪୦୦ | ଧାନ ଦୁଇ | ଏସ୍. ଶିବପ୍ରସାଦ ରାଓ, ପି:ଏସ୍. ନାରାୟଣ ସ୍ୱାମୀ, ଜା:ପାତ୍ର ତନ୍ତି, ବା:ଗାଦିଆସାହି, ନବରଙ୍ଗପୁର |
| ୨୨୪/୬୧ | ୮୭୨ | ୨.୨୭୦୦ | ୨.୨୭୦୦ | ଧାନ ଦୁଇ | ଏସ୍. ଶିବପ୍ରସାଦ ରାଓ, ପି:ଏସ୍. ନାରାୟଣ ସ୍ୱାମୀ, ଜା:ପାତ୍ର ତନ୍ତି, ବା:ଗାଦିଆସାହି, ନବରଙ୍ଗପୁର |
| ୨୨୪/୬୧ | ୮୬୯ | ୨.୪୬୦୦ | ୨.୪୬୦୦ | ଡଙ୍ଗର ଦୁଇ | ଏସ୍. ଶିବପ୍ରସାଦ ରାଓ, ପି:ଏସ୍. ନାରାୟଣ ସ୍ୱାମୀ, ଜା:ପାତ୍ର ତନ୍ତି, ବା:ଗାଦିଆସାହି, ନବରଙ୍ଗପୁର |
| ୨୨୪/୬୦ | ୮୫୭ | ୪.୧୬୦୦ | ୧.୯୫୪୦ | ଧାନ ଏକ | ଏସ୍. ଶ୍ରୀନିବାସ ରାଓ, ପି:ପି.ଏସ୍. ନାରାୟଣ, ଜା:ପାତ୍ର ତନ୍ତି, ବା:ଗାଦିଆସାହି, ନବରଙ୍ଗପୁର |
| ୨୨୪/୬୦ | ୮୬୬ | ୧.୪୦୦୦ | ୧.୩୮୦୦ | ଧାନ ଦୁଇ | ଏସ୍. ଶ୍ରୀନିବାସ ରାଓ, ପି:ପି.ଏସ୍. ନାରାୟଣ, ଜା:ପାତ୍ର ତନ୍ତି, ବା:ଗାଦିଆସାହି, ନବରଙ୍ଗପୁର |
| ୨୨୪/୬୦ | ୮୭୩ | ୧.୧୦୦୦ | ୦.୫୭୦୦ | ଡଙ୍ଗର ଏକ | ଏସ୍. ଶ୍ରୀନିବାସ ରାଓ, ପି:ପି.ଏସ୍. ନାରାୟଣ, ଜା:ପାତ୍ର ତନ୍ତି, ବା:ଗାଦିଆସାହି, ନବରଙ୍ଗପୁର |
| ୨୨୪/୨୨୦ | ୮୫୧ | ୩.୫୧୦୦ | ୦.୧୩୦୦ | ଡଙ୍ଗର ଦୁଇ | ସୁଦାଲା ଶ୍ରୀନିବାସ ରାଓ, ପି:ସୁଦାଲା ନାରାୟଣ ସ୍ୱାମୀ, ଜା:ପାତ୍ର ତନ୍ତୀ, ବା:ଗ୍ରାମ-କେଶରୀଗୁଡା |
| ୨୨୪/୭୩ | ୮୭୯ | ୫.୪୬୦୦ | ୧.୩୯୦୦ | ଘରବାରି | ସୁଧାକର ପଟ୍ଟନାୟକ, ପି.ଭି.ଭି.ଚଲପତି ରାଓ, ଜା:କରଣ, ବା:ନବରଙ୍ଗପୁର |
| ୨୨୪/୧୧୭ | ୮୭୦ | ୨.୯୭୪୦ | ୨.୯୭୪୦ | ଘରବାରି | ସୁଧାକର ପଟ୍ଟନାୟକ, ପି.ଭି.ଭି.ଚଲପତି ରାଓ ପଟ୍ଟନାୟକ, ଜା:କରଣ, ବା:ମଙ୍ଗରାଜ ସାହି, ନବରଙ୍ଗପୁର |
| ୨୨୪/୧୧୭ | ୮୭୧/୧୦୪୪ | ୨.୨୮୦୦ | ୨.୨୮୦୦ | ଘରବାରି | ସୁଧାକର ପଟ୍ଟନାୟକ, ପି.ଭି.ଭି.ଚଲପତି ରାଓ ପଟ୍ଟନାୟକ, ଜା:କରଣ, ବା:ମଙ୍ଗରାଜ ସାହି, ନବରଙ୍ଗପୁର |
| ୨୨୪/୨୫୦ | ୮୭୦/ ୨୦୨୭ | ୦.୪୪୦୦ | ୦.୪୪୦୦ | ଘରବାରି | ଅନୁଭା ପଟ୍ଟନାୟକ, ସ୍ୱା:ଏସ ଭି ଏସ ଅନିଲ କୁମାର, ଜା:କରଣ, ବା:ଦ୍ୱାରିକାନଗର, ଚାଉଁରିଆଗୁଡା, ନବରଙ୍ଗପୁର, ଏସ.ଭି.ଏସ. ଅନିଲ କୁମାର ପି:ଏସ ମଧୁସୂଦନ ରାଓ, ଜା:କରଣ, ବା:ଦ୍ୱାରିକାନଗର, ଚାଉଁରିଆଗୁଡା, ନବରଙ୍ଗପୁର |
| ୨୨୪/୨୪୮ | ୧୦୧୩ | ୩.୧୪୦୦ | ୨.୧୮୦୦ | ଧାନ ଦୁଇ | କେଙ୍ଗୁବା ଶ୍ରୀନିବାସ ରାଓ, ପି:ଈଶ୍ୱର ରାଓ କେଙ୍ଗୁବା, ଜା:ବୈଶ୍ୟ, ବା: ବଡ ହରିଜନ ସାହି, ନବରଙ୍ଗପୁର |
| ୨୨୪/୨୫୨ | ୧୦୧୩/ ୨୦୨୯ | ୦.୦୪୦୦ | ୦.୦୪୦୦ | ଧାନ ଦୁଇ | ପଦ୍ମିନୀ ପଟ୍ଟନାୟକ, ସ୍ୱା:ରାମଚନ୍ଦ୍ର ପଟ୍ଟନାୟକ, ଜା:କରଣ, ବା:ରାଜୁ ସାହି, ନବରଙ୍ଗପୁର |
| ୧ | ୮୭୧ | ୨.୬୮୦୦ | ୨.୪୫୦୦ | ଡଙ୍ଗର ଦୁଇ | ଅଚ୍ୟୁତାନନ୍ଦ ବେହେରା, ପି:ତ୍ରିପତି ବେହେରା, ଜା:କରଣ, ବା:ନବରଙ୍ଗପୁର (ସଉରା ସାହି) |
| ୨୨୪/୨୫୧ | ୮୭୦/ ୨୦୨୮ | ୨.୦୨୨୦ | ୨.୦୨୨୦ | ଘରବାରି | ଅନୁଶା ପଟ୍ଟନାୟକ, ସ୍ୱା:ଆଦିତ୍ୟ ଶିବଚରଣ ଥୋନାଙ୍ଗୀ, ଜା:କରଣ, ବା:ଦ୍ୱାରିକାନଗର, ଚାଉଁରିଆଗୁଡା, ନବରଙ୍ଗପୁର |
| ୨୨୪/୨୫୪ | ୧୦୧୦ | ୧.୬୦୦ | ୧.୦୨୦୦ | ଧାନ ଦୁଇ | କଲ୍ୟାଣୀ ବେହେରା, ପି:ଧନୁ ବେହେରା, ଜା:କରଣ, ବା:ଲିଙ୍ଗରାଜ ନଗର, ଜୟପୁର, ଜିଲ୍ଲା-କୋରାପୁଟ, |
| ୨୨୪/୨୫୪ | ୧୦୧୧ | ୩.୧୪୦୦ | ୧.୮୫୦୦ | ଧାନ ଦୁଇ | କଲ୍ୟାଣୀ ବେହେରା, ପି:ଧନୁ ବେହେରା, ଜା:କରଣ, ବା:ଲିଙ୍ଗରାଜ ନଗର, ଜୟପୁର, ଜିଲ୍ଲା-କୋରାପୁଟ, |
| ୬୮ | ୧୦୦୯/ ୧୦୩୩ | ୧.୨୦୦୦ | ୦.୦୪୦୦ | ଡଙ୍ଗର ଦୁଇ | ପଦ୍ମଲାଭ ବେହେରେ, ଚନ୍ଦ୍ରଶେଖର ବେହେରେ, ପି:ଶ୍ୟାମସୁନ୍ଦର ବେହେରେ, ଜା:କରଣ, ବା:ନବରଙ୍ଗପୁର |
| ୬୯ | ୧୦୦୯/ ୧୦୩୪ | ୧.୨୨୦୦ | ୦.୨୪୦୦ | ଡଙ୍ଗର ଦୁଇ | ପେଦୀପ ବେହେରା, ପି:ଚନ୍ଦ୍ରଶେଖର ବେହେରା, ଜା:କରଣ, ବା:ନବରଙ୍ଗପୁର |
| ୨୨୪/୫୯ | ୧୦୧୨/ ୧୦୯୮ | ୨.୭୩୦୦ | ୨.୦୫୦୦ | ଧାନ ଦୁଇ | ତ୍ରିପତି ସାହୁ, ପି:ତ୍ରିନାଥ ସାହୁ, ଜା:ବ୍ରାହ୍ମଣ, ବା:ନବରଙ୍ଗପୁର (ମେନ୍ ରୋଡ୍) |
| ୨୨୪/୬୯ | ୧୦୧୨ | ୨.୦୦୦୦ | ୧.୩୫୦୦ | ଧାନ ଦୁଇ | ଅଂଜନା ବିଶୋୟୀ, ସ୍ୱା:କାର୍ତ୍ତିକ ବିଶୋୟୀ, ଜା:ଶୁଣ୍ଡି, ବା:ନିଜଗାଁ |
| | | | ୩୦.୧୧୫୦ | | |

ସ୍ୱା./-ତହସିଲଦାର ତଥା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ,
ଜୟପୁର-ନବରଙ୍ଗପୁର ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ନବରଙ୍ଗପୁର

OIPR-

## ସଂକ୍ଷେପରେ

### ବନ୍ଦେ ମାତରମ୍ ସମୂହ ଗାନ କାର୍ଯ୍ୟକ୍ରମ

**ନୂଆପଡ଼ା,୧୭ା୧ (ମକାରୁ ବେମାଲ) :** ନୂଆପଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଶୁକ୍ରବାର ବନ୍ଦେ ମାତରମ୍ ସମୂହ ଗାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଦର ବିଡିଓ ରୋହିତ ଭୋଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ନୂଆପଡ଼ା ନଗ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ ମୁଖ୍ୟ ଅତିଥି, ଉପାଧ୍ୟକ୍ଷ ଦିଲିପ ନିର୍ମଳକର, ବିଇଓ ଗୀତାରାଣୀ ଯୋଶୀ, ଜିଡିଓ ଅବିନାଶ ସାହୁ, ଏବିଇଓ ଚେତିରାମ ନାଏକ, ପ୍ରଧାନ ଶିକ୍ଷକ ମଧୁସୂଦନ ସାହୁ, ଶରତ କୁମାର ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ବନ୍ଦେ ମାତରଂର ମହତ୍ୱ ଓ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ପରେ ଅତିଥି ଓ ଛାତ୍ରୀଛାତ୍ରଙ୍କ ଦ୍ୱାରା ବନ୍ଦେ ମାତରଂ ସମୂହ ଗାନ କରିଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଆଜି ମୁଖ୍ୟମନ୍ତ୍ରୀଙ୍କ କଳାହାଣ୍ଡି ଗସ୍ତ

**ମଣ୍ଡିରେ ପଡିରହିଛି ୨୫ ଲକ୍ଷରୁ ଊର୍ଦ୍ଧ୍ୱ କୁଇଣ୍ଟାଲ**

ଭବାନୀପାଟଣା,୧୭ା୧ (ଉତ୍ତମ କୁମାର ଦାଶ)

ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କଳାହାଣ୍ଡି ଗସ୍ତ କାର୍ଯ୍ୟକ୍ରମ ରହିଛି। ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ଆୟୋଜିତ ୨୮ତମ ଜିଲ୍ଲାସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା' ଉଦ୍‌ଯାପନୀ ସନ୍ଧ୍ୟାରେ ସେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ତେବେ ମୁଖ୍ୟମନ୍ତ୍ରୀ ଜିଲ୍ଲାରେ ଧାନ ବିକ୍ରି କରି ନ ପାରି ଚିନ୍ତାରେ ପଡ଼ିଥିବା ଚାଷୀଙ୍କ ଦୁଃଖ ବୁଝିବେ ନାଁ ଉତ୍ସବରେ ଯୋଗଦେଇ ଚାଲିଯିବେ ତାହାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ଏହା ପୂର୍ବରୁ ବିଜେଡି ଗତ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀ ଆୟୋଜନ କରି ମୁଖ୍ୟମନ୍ତ୍ରୀଙ୍କୁ ଉତ୍ସବ ସହ ମଣ୍ଡି ପରିଦର୍ଶନ କରନ୍ତୁ ବୋଲି ଦାବି କରିଥିଲା। କଳାହାଣ୍ଡି ଜିଲ୍ଲାରେ ଧାନ ବିକ୍ରି ସମସ୍ୟା ଆରମ୍ଭରୁ ଲାଗିରହିଛି। ଆଉ ୧୦ଦିନ ପରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାକୁ ୨ମାସ ପୂରିବ। ହେଲେ ଏବେ ବି ଅନେକ ମଣ୍ଡିରେ ଧାନବିକ୍ରି ସମସ୍ୟା ଅସମାହିତ ରହିଛି। ଧାନ ଉଠାଣ ମନ୍ଥର ଗତିରେ ଚାଲିଥିବାରୁ ବିଭିନ୍ନ ମଣ୍ଡି ଓ ଖଳାରେ ଏବେ ୨୫ ଲକ୍ଷରୁ ଊର୍ଦ୍ଧ୍ୱ କୁଇଣ୍ଟାଲ ଧାନ ବିକ୍ରି ନ ହୋଇ ପଡିରହିଛି।



ଜିଲ୍ଲାର ଏକ ମଣ୍ଡିରେ ଧାନ ସଂଗ୍ରହ ଚାଲିଛି।

ଅନ୍ୟପଟେ ଗତ ୭ ତାରିଖରୁ ଇନ୍ଦ୍ରାବତୀ ଜଳଭଣ୍ଡାରରୁ ରବି (ଡାଲୁଆ) ଚାଷ ପାଇଁ କେନାଲ ପାଣି ଛାଡିଥିବାରୁ ଚାଷୀ ଖରିଫ ଧାନ ବିକ୍ରି କରିପାରି ନ ଥିବା ଯୋଗୁ ରବିଚାଷ କିଭଳି କରିବେ ତାହାକୁ ନେଇ ଚିନ୍ତାରେ ଅଛନ୍ତି। ଜିଲ୍ଲାରେ ଶୁକ୍ରବାର ସୁଦ୍ଧା ୭୭ ହଜାର ୭୯୯ ଜଣ ଚାଷୀ ୩୬ଲକ୍ଷ ୧୦ ହଜାର ୧୮୪ କୁଇଣ୍ଟାଲ ଧାନ ବିକ୍ରି କରିଥିବା ଜଣାପଡିଛି। କେବଳ ଶୁକ୍ରବାର ଗୋଟିଏ ଦିନରେ ୨୮୩୯ ଜଣ ଚାଷୀଙ୍କ ୧ଲକ୍ଷ ୬୦ ହଜାର ୫୫୨ କୁଇଣ୍ଟାଲ ଧାନ ଉଠାଣ କରାଯାଇଛି। ଯାହାକି ଗତ ବର୍ଷ ଏହି ଦିନରେ ୮୨ ହଜାର ୧୨୨ ଜଣ ଚାଷୀ ୪୧ ଲକ୍ଷ ୮୩୬୩ କୁଇଣ୍ଟାଲ ଧାନ ବିକ୍ରି କରି ସାରିଥିଲେ। ବର୍ତ୍ତମାନ ଜିଲାର ହଜାର ହଜାର ଚାଷୀ ଧାନ ବିକ୍ରି ଆଶାରେ ଶୀତ କାକରରେ ମଣ୍ଡିରେ ପଡି ରହିଛନ୍ତି। ସେହିପରି ଅନେକ ଚାଷୀଙ୍କ ଟୋକନ ପଛରେ ରହିଥିବାରୁ ସେମାନେ ଖଳାରେ ଧାନ ରଖି ଟୋକନ ତାରିଖକୁ ଜଗି ବସିଛନ୍ତି। ଅନେକ ଚାଷୀଙ୍କ ଟୋକନ ଅବଧି ସରିଯିବା ସମ୍ଭାବନା ଥିବାବେଳେ ପରବର୍ତ୍ତୀ ରବି (ଡାଲୁଅ) ଫସଲର ଚାଷକାର୍ଯ୍ୟ ପ୍ରସ୍ତୁତି ପାଇଁ ଚାଷୀମାନେ ସମସ୍ୟାର ସମ୍ମୁଖୀନ ହେବା ସମ୍ଭାବନା ରହିଛି। ଏହାକୁ ନେଇ ଚାଷୀମାନେ ଏବେ ଅଡୁଆରେ ପଡ଼ିଛନ୍ତି। ତେବେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପରେ ଜିଲ୍ଲାର ଧାନ କିଣା ଦ୍ରୁତ ଗତିରେ ଚାଲିବ ନା ପୂର୍ବଭଳି ମନ୍ଥର ଗତି ଜାରିରହିବ ତାହା ଦେଖିବାକୁ ବାକି ରହିଲା।

## ପରିବାର ହେଉଛି ଶ୍ରେଷ୍ଠ ବିଦ୍ୟାଳୟ: ଜିଲାପାଳ

ଖଡ଼ିଆଲ,୧୭ା୧ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ପିଏମ୍‌ଶ୍ରୀ ରାଜା ଆର୍ତ୍ତତ୍ରାଣ ଐତିହ୍ୟ ବିଦ୍ୟାଳୟରେ ପିଏମ୍‌ଶ୍ରୀ ଉତ୍ସବ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପିତ ହୋଇଯାଇଛି। ସମାରୋହରେ ମୁଖ୍ୟ ଅତିଥି ଭାବରେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ବିଶିଷ୍ଟ ଅତିଥି ଭାବରେ ନୂଆପଡ଼ା ଜିଲାପାଳ ମଧୁସୂଦନ ଦାଶ ଓ ସମ୍ମାନିତ ଅତିଥି ଭାବରେ ବନଖଣ୍ଡ ଅଧିକାରୀ ଅଜିଜ ଖାଁ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ପରିବାର ହେଉଛି ଶ୍ରେଷ୍ଠ ବିଦ୍ୟାଳୟ। ଶ୍ରେଷ୍ଠ ଏକ ସୁନ୍ଦର ପରିବାର ଗଢ଼ି ତୋଳିବା ଆମର ପରମ କର୍ତ୍ତବ୍ୟ ହେଉ ବୋଲି ଜିଲାପାଳ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ଗୌରାଙ୍ଗ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବିଜ୍ଞାନ ଶିକ୍ଷକ ଅଶୋକ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଖଡ଼ିଆଳ ପଞ୍ଚାୟତ ସମିତି ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ ମୁଖ୍ୟ ଅତିଥି ଓ ସାମାଜିକ କର୍ମୀ ତଥା ବିଧାୟକ ପ୍ରତିନିଧି ଅକ୍ଷୟ କୁମାର ନନ୍ଦ, ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ହରେନ୍ଦ୍ର କୁମାର ପଣ୍ଡା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷିକା ରାଜଶ୍ରୀ ଦଣ୍ଡସେନା ଅତିଥି ପରିଚୟ ଓ ନଳିନୀରାଣୀ ସାଗର ଧନ୍ୟବାଦ ଅର୍ପଣ କରିଥିଲେ।

## ସତ୍ୟବ୍ରତ ଦାଶଙ୍କୁ ଲୋକକଳା ସମ୍ମାନ



ସତ୍ୟବ୍ରତ ଦାଶଙ୍କୁ ସମ୍ମାନିତ କରାଯାଉଛି।

ଭବାନୀପାଟଣା,୧୭ା୧ (ଉତ୍ତମ କୁମାର ଦାଶ)

ଭୁବନେଶ୍ୱର ଜୟଦେବ ଭବନଠାରେ ରାଜ୍ୟ ସାହିତ୍ୟ ସଂସ୍କୃତି ବିଭାଗ ଏବଂ ସଂସ୍କୃତି ମଞ୍ଚ ଆନୁକୂଲ୍ୟରେ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବରିଷ୍ଠ କଳାକାରଙ୍କୁ ଶନିବାର ଲୋକକଳା ସମ୍ମାନରେ ସମ୍ମାନିତ କରାଯାଇଛି। ଏହି କ୍ରମରେ କଳାହାଣ୍ଡିର ଯୁବ ପ୍ରତିଭା, ବରିଷ୍ଠ କଳାକାର ତଥା ସଂଗୀତ ନିର୍ଦ୍ଦେଶକ ସତ୍ୟବ୍ରତ ଦାଶଙ୍କୁ ଲୋକକଳା ସମ୍ମାନ ୨୦୨୬ରେ ସମ୍ମାନିତ କରାଯାଇଛି। ସୂଚନାଯୋଗ୍ୟ ଯେ, ସତ୍ୟବ୍ରତ ଭବାନୀପାଟଣା ଗଣନାଥପୁରର ଶିକ୍ଷାବିତ୍ ସ୍ୱର୍ଗତ ଦୟାନିଧି ଦାଶ ଓ କାଞ୍ଚନବାଳା ଦାଶଙ୍କ ସୁପୁତ୍ର। ସେ ଏକାଧାରରେ ଜଣେ ତବଲା ବାଦକ, ଆକାଶବାଣୀ ଓ ଦୂରଦର୍ଶନର ସ୍ୱୀକୃତିପ୍ରାପ୍ତ କଳାକାର। ପୂର୍ବରୁ ସେ କୌଶଳ ଗୌରବ, ପ୍ରାଇଡ ଅଫ ଓଡିଶା, ବେଷ୍ଟ ଫୋକ ରିସର୍ଚ୍ଚର ଅଫ ଓଡିଶା, ସଂଗୀତ ଯୁବ ରତ୍ନ, ଯୁବ ପ୍ରତିଭା ସମ୍ମାନରେ ସମ୍ମାନିତ ହୋଇସାରିଛନ୍ତି । କଳା ଓ ସଂସ୍କୃତି କୁ ଆହୁରି ଆଗକୁ ନେବା ନିମନ୍ତେ ତାଙ୍କୁ ସଂସ୍କୃତି ବିଭାଗ ତରଫରୁ ବିଧାୟକ ବାବୁ ସିଂ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସଂଗୀତ ନିର୍ଦ୍ଦେଶକ ପ୍ରେମ ଆନନ୍ଦ, ବେଦ ବାଚସ୍ପତି ପଣ୍ଡିତ ବୀରେନ୍ଦ୍ର ତ୍ରିପାଠୀ, ଜଗନ୍ନାଥ ପ୍ରଧାନ ପ୍ରମୁଖ ଲୋକକଳା ସମ୍ମାନରେ ସମ୍ମାନିତ କରିଥିଲେ। ଏହି ସମ୍ମାନ ପାଇ ଜିଲା ପାଇଁ ଗୌରବ ଆଣିଥିବାରୁ ଜିଲାର ବିଭିନ୍ନ ମହଲରୁ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟୁଛି।

## ବଞ୍ଚିତ ହିତାଧିକାରୀଙ୍କୁ ଚାଉଳ ଯୋଗାଇଦେବାକୁ ପ୍ରତିଶ୍ରୁତି

ଥୁଆମୂଳ ରାମପୁର, ୧୭ା୧ (ଦୁର୍ଗା ଦୁର୍ଗା)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ବଡ଼ଛତ୍ରଙ୍ଗ ପଞ୍ଚାୟତର ଚମ୍ପାଚୁଆଁ ଗ୍ରାମର ୧୪୪ ହିତାଧିକାରୀ ଶନିବାର ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଗତ ତିନିମାସ ହେବ ପିଡିଏସ୍ ଚାଉଳ ପାଇ ନ ଥିବା ନେଇ ଦରଖାସ୍ତ ପ୍ରଦାନ କରିଥିଲେ। ବିଡ଼ିଓ ଧ୍ରୁବ ଚରଣ ମୁଦୁଲି ଅନ୍ୟ କାର୍ଯ୍ୟରେ ବ୍ୟସ୍ତ ଥିବାରୁ ଗ୍ରାମବାସୀ ଯୋଗାଣ ନିରୀକ୍ଷକ (ଏମ୍‌ଆଇ) ବିଭୁ ରଞ୍ଜନ ସାହୁଙ୍କୁ ଭେଟି ଚାଉଳ ନ ପାଇବା କାରଣରୁ ପରିବାର ଚଳାଇବାରେ ସମସ୍ୟା ହେଉଥିବା ଜଣାଇଥିଲେ। ପରେ ଯୋଗାଣ ନିରୀକ୍ଷକ ସାହୁ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଏହି ସମସ୍ୟା ବାବଦରେ ଗ୍ରାମବାସୀ ଶନିବାର ଲିଖିତ ଭାବେ ଜଣାଇଥିଲେ। ଏ ସମ୍ପର୍କରେ ତୁରନ୍ତ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯିବ ଏବଂ କେଉଁ କାରଣରୁ ଏଭଳି ଅସୁବିଧା ହୋଇଛି ତାହାର ତଦନ୍ତ କରାଯିବ। ବିଶେଷ କରି ଯୋଗାଣ ସହାୟକଙ୍କ ଅବହେଳା ପାଇଁ ଏଭଳି ସ୍ଥିତି ଉପୁଜିଥିବା ଅଭିଯୋଗ ହେଉଥିବାରୁ ତାଙ୍କ ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏମ୍‌ଆଇ ସୂଚନା ଦେଇଛନ୍ତି। ଏଥିସହିତ ଆସନ୍ତା ସୋମବାର କିମ୍ବା ମଙ୍ଗଳବାର ସିଧାସଳଖ ଗ୍ରାମକୁ ଯାଇ ବଞ୍ଚିତ ହିତାଧିକାରୀଙ୍କୁ ଚାଉଳ ଯୋଗାଇ ଦେବାକୁ ଲିଖିତ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରଶାସନର ପ୍ରତିଶ୍ରୁତି ପରେ ଗ୍ରାମବାସୀ ସନ୍ତୋଷ ପ୍ରକାଶ କରି ଗ୍ରାମକୁ ଫେରିଛନ୍ତି।



ଘୁମୁରା ମହୋତ୍ସବ ମଞ୍ଚରେ ଆୟୁର୍ବେଦିକ ଚିକିତ୍ସକଙ୍କୁ ପୁରସ୍କୃତ କରାଯାଉଛି।

## ଆଶିଷ କୁମ୍ଭାର, ଅନ୍ତରା ଚକ୍ରବର୍ତ୍ତିଙ୍କ ଷ୍ଟାର ନାଇଟ୍ ମନମୋହିଲା

**କଳାହାଣ୍ଡି ଉତ୍ସବ 'ଘୁମୁରା' ଚତୁର୍ଥ ସନ୍ଧ୍ୟା**

ଭବାନୀପାଟଣା,୧୭ା୧ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ଚାଲିଥିବା ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା' ଶନିବାର ଚତୁର୍ଥ ଦିନରେ ପହଞ୍ଚିଛି। ଜିଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ଡ. ନିବେଦିତା ନାଥ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ବୈଡୁରା ଦୀପ, କେସିଙ୍ଗା ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି ପ୍ରମୁଖ ଯୋଗ ଦେଇଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ଦୟାମୟ ପାଢ଼ୀ ସ୍ୱାଗତ ଅଭିଭାଷଣ ଓ ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ଧନ୍ୟବାଦ ଦେଇଥିଲେ। ସଭାକୁ ସତ୍ୟ ନାରାୟଣ ମୁଣ୍ଡଛିନା ପରିଚାଳନା କରିଥିଲେ। ଏହି ଅବସରରେ କୃଷି କ୍ଷେତ୍ରରେ ଚାଷୀ ବିଶ୍ୱନାଥ ନାଗ, ବୈଦ୍ୟରାଜ ପବିତ୍ର ଶବର, କବି ସୀମାଞ୍ଚଳ ନାଗ, କ୍ରୀଡ଼ାବିତ ସନ୍ତୋଷ କୁମାର ପ୍ରଧାନଙ୍କୁ କଳାହାଣ୍ଡିର ବରପୁତ୍ର ଭାବେ ସମ୍ମାନିତ କରାଯାଇଥିଲା। ସେହିପରି କଳାହାଣ୍ଡିର ବିକାଶପୁରୁଷ ଭାବେ ପରିଚିତ ସ୍ୱର୍ଗତ ଦୟାନିଧି ନାଏକଙ୍କ ସ୍ମୃତିରେ ଚଳିତ ବର୍ଷରୁ ସ୍ୱର୍ଗତ ଦୟାନିଧି ନାଏକ ସ୍ମାରକୀ ସମ୍ମାନ ଆରମ୍ଭ କରାଯାଇଛି। ପ୍ରଥମ ବର୍ଷରେ ଏହି ସ୍ମାରକୀ ସମ୍ମାନ ବର୍ଷିୟାନ ସାମାଜିକ କର୍ମୀ ଅଶୋକ ପଟ୍ଟନାୟକଙ୍କୁ ପ୍ରଦାନ କରାଯାଇଥିଲା। ସେହିପରି ସ୍ୱତନ୍ତ୍ର ଭାବେ ସଙ୍ଗୀତଜ୍ଞ ଶଶାଙ୍କ ମହାପାତ୍ର, ଶୁଭେନ୍ଦୁ ପାଢ଼ୀ, ମତ୍ସ୍ୟ ଓ କୁକୁଡ଼ା ଚାଷୀ ଶରତଚନ୍ଦ୍ର ସାହୁ, ଆୟୁର୍ବେଦ ଚିକିତ୍ସକ ଯତୀନ୍ଦ୍ର କରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ପାରବା ମୁକ୍ତମଞ୍ଚରେ ଜିଲା ତଥା ଜିଲା ବାହାରୁ ୪୦ଟି ଏକକ ଓ ଦଳଗତ ନୃତ୍ୟ ପ୍ରଦର୍ଶିତ ହୋଇଥିଲା। ପରିଶେଷରେ ଅନ୍ତରା ଚକ୍ରବର୍ତ୍ତୀ ଓ ଆଶିଷ କୁମ୍ଭାରଙ୍କ ଦ୍ୱାରା ପରିବେଷିତ ଷ୍ଟାର ନାଇଟ୍ କାର୍ଯ୍ୟକ୍ରମକୁ ଲକ୍ଷାଧିକ ଦର୍ଶକ ଉପଭୋଗ କରିଥିଲେ।

## ପ୍ରାକୃତିକ କୃଷି ପଦ୍ଧତି ଉପରେ ତାଲିମ ଶିବିର



ଶିବିରରେ ଅଂଶଗ୍ରହଣ କରିଥିବା ଚାଷୀ।

କର୍ଲାମୁଣ୍ଡା,୧୭ା୧ (ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ଗଜବାହାଲ ପଞ୍ଚାୟତ କଂସିଲସ୍ଥିତ ଜୀବନଧାରା ଚାଷୀ ପାଠଶାଳାଠାରେ ହଣ୍ଡରେଡ୍ ବିକଳ୍ପ ଜୀବିକା ଫାଉଣ୍ଡେଶନ ତରଫରୁ ପ୍ରାକୃତିକ କୃଷି ପଦ୍ଧତି ଉପରେ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୦ ଜଣ ଚାଷୀ ଅଂଶଗ୍ରହଣ କରିଥିଲେ। ପାଠଶାଳାର ପରିଚାଳକ ବୈଦ୍ୟନାଥ ଭୋଇ, ଅନିରୁଦ୍ଧ ପୁଟେଲ ଓ ଜୟରାମ ବୁଢ଼େକ ମୃତ୍ତିକା ସ୍ୱାସ୍ଥ୍ୟ, ଦେଶୀ ମଞ୍ଜିର ବ୍ୟବହାର, ବିହନ ବିଶୋଧନ, ଫସଲରେ ରୋଗପୋକ ପରିଚାଳନା, ବର୍ଷାଜଳ ଅମଳ ଓ ପରିଚାଳନା, ଫସଲ ଅମଳ ପରବର୍ତ୍ତୀ ଯତ୍ନ ଆଦି ଚାଷ ପ୍ରଣାଳୀ ବିଷୟରେ ଚାଷୀମାନଙ୍କୁ ବୁଝାଇଥିଲେ। ସଂସ୍ଥାର ନିର୍ଦ୍ଦେଶକ ଅମର କୁମାର ଗୌଡ଼ ମୃତ୍ତିକା, ଫସଲ ଓ ମାନବ ସମାଜର ସ୍ୱାସ୍ଥ୍ୟ ସହିତ ରହିଥିବା ନିବିଡ଼ ସମ୍ପର୍କ ବିଷୟରେ କହିଥିଲେ। ଏହି ଅବସରରେ ଚାଷୀମାନେ ମିଳିତ ଭାବେ ଘନଜୀବାମୃତ, ହାଣ୍ଡିଖତ, ନିମାସ୍ତ୍ର ତିଆରି ଓ ପ୍ରୟୋଗବିଧି ପ୍ରଦର୍ଶନ କରିଥିଲେ। ଅମ୍ବରୀଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଭିବି ଜି ରାମ ଜିକୁ ନେଇ ଭାଜପାର ଖବରଦାତା ସମ୍ମିଳନୀ

ନୂଆପଡ଼ା,୧୭ା୧ (ମକାରୁ ବେମାଲ)

ନୂଆପଡ଼ା ଜିଲା ଭାଜପା ପକ୍ଷରୁ ଭିବି ଜି ରାମ ଜି (ବିକଶିତ ଭାରତ ଗ୍ୟାରେଣ୍ଟି ରୋଜଗାର ଆଜୀବିକା ମିଶନ ଗ୍ରାମୀଣ) ଯୋଜନାକୁ ନେଇ ଜିଲା କାର୍ଯ୍ୟାଳୟଠାରେ ଶନିବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି କମଲେଶ ଦୀକ୍ଷିତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ କଳାହାଣ୍ଡି ଏମ୍‌ପି ମାଳବିକା ଦେବୀ ଯୋଗଦେଇ ଏହି ନୂତନ ଯୋଜନାରେ ଗ୍ରାମୀଣ ପରିବାରକୁ ବର୍ଷକୁ ୧୨୫ ଦିନର ରୋଜଗାର ଗ୍ୟାରେଣ୍ଟି ପ୍ରଦାନ କରାଯିବ। ଯଦ୍ୱାରା ସେମାନଙ୍କ ଆର୍ଥିକ ସ୍ଥିତି ମଜଭୁତ ହେବ। ଗ୍ରାମ ଅର୍ଥନୀତିକୁ ସଶକ୍ତ କରି ବିକଶିତ ଭାରତ ଗଢିବା ହେଉଛି କେନ୍ଦ୍ର ସରକାରଙ୍କ ମୂଳ ଲକ୍ଷ୍ୟ ବୋଲି କହିଥିଲେ । ଏହି ସମ୍ମିଳନୀରେ ପୂର୍ବତନ ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା, ପୂର୍ବତନ କଳାହାଣ୍ଡି ଏମ୍‌ପି ଅର୍କ କେଶରୀ ସିଂଦେଓ, ନୂଆପଡ଼ା ଜିଲା ପ୍ରଭାରୀ ଅର୍ତ୍ତତ୍ରାଣ ମହାପାତ୍ର, ଖରିଆର ରୋଡ ଏନ୍‌ଏସି ଅଧ୍ୟକ୍ଷା ସୋନିଆ ଜୈନ, ସମ୍ପାଦକ ଅଜିତ କିଶୋର ଚଳାନ, ପୂର୍ବତନ ଜିଲା ସଭାପତି ସୁବ୍ରତ ଠାକୁର, ପୂର୍ବତନ ସମ୍ପାଦକ ତୁଳସ ପଟେଲ, ଭାଜପା ନେତା ହୋଇସିଂ ମାଝି, ପ୍ରେମ ଅଗ୍ରୱାଲ, ଧରମବନ୍ଧା ସରପଞ୍ଚ ଭୁନେଶ୍ୱରୀ ଦଣ୍ଡସେନା, ଭାଜପା ମିଡିଆ କୋଅର୍ଡିନେଟର ରାହୁଲ ବାଗ ପ୍ରମୁଖ ଉପସ୍ଥିତ ଥିଲେ ।



ଖବରଦାତା ସମ୍ମିଳନୀରେ ଦଳୀୟ ନେତା ସୂଚନା ଦେଉଛନ୍ତି।

## ପାଟଯାତ୍ରା ପାଇଁ ଶୁଭଖମ୍ବ ସ୍ଥାପନ

କୋକସରା,୧୭ା୧ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଟେମରାଠାରେ ପାଟଯାତ୍ରା ନିମନ୍ତେ ଶୁକ୍ରବାର ଶୁଭଖମ୍ବ ସ୍ଥାପନ କରାଯାଇଛି। ଏହି ଯାତ୍ରା ଆସନ୍ତା ଫେବୃଆରୀ ୨ରୁ ଆରମ୍ଭ ହୋଇ ୪ ତାରିଖରେ ଉଦ୍‌ଯାପନ ହେବ। ପାଟଯାତ୍ରାରେ ଭୈରବ ଦେବ, ମା' ଲଛମା, ରାତି ମାଏ ଦେବୀ, ବୃନ୍ଦା ଭୀମା ପ୍ରମୁଖ ଦେବଦେବୀ ପୂଜା ପାଇବେ। ପୂଝାରୀ ଚିତ୍ରସେନ ମାଝୀ, ଶିରା ସୁରେଶ ମାଝୀ ପୂଜା କାର୍ଯ୍ୟ ସମ୍ପାଦନ କରୁଛନ୍ତି। ପାଟଯାତ୍ରାରେ ଟେମରା, ମହିମା, ଘଣ୍ଟିଗୁଡା ଗ୍ରାମର ନେତାମ, କାଶ୍ୟପ ଗୋତ୍ର, ପାତ୍ର, ମାଝୀ ବଂଶୀୟ ପରିବାର ମିଳିତ ଭାବେ ପୂଜା କାର୍ଯ୍ୟ କରୁଛନ୍ତି। ଶୁଭଖମ୍ବ ସ୍ଥାପନ ସମୟରେ ଯାତ୍ରା ପରିଚାଳନା କମିଟି ସଭାପତି ସୁଧୀର କୁମାର ପାତ୍ର, ସମ୍ପାଦକ ଲୋକନାଥ ପାତ୍ର, ଟେମରା ଗୌନ୍ତିଆ ଚୁମନ ପାତ୍ର, ମହିମା ଗୌନ୍ତିଆ ଭଦ୍ରେଶ୍ୱର ପାତ୍ର, ଘଣ୍ଟିଗୁଡା ଗୌନ୍ତିଆ ହିମାଞ୍ଚଳ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ଲାଷ୍ଟିକ ମୁକ୍ତ ଜିଲା ଗଠନ ପାଇ ବର୍ତ୍ତନ ବ୍ୟାଙ୍କ ଶୁଭାରମ୍ଭ

**ନୂଆପଡ଼ା,୧୭ା୧ (ମକାରୁ ବେମାଲ):** ନୂଆପଡ଼ା ଜିଲା କୋମନା ବ୍ଲକ ଲଖନା ପଞ୍ଚାୟତ କାର୍ଯ୍ୟାଳୟଠାରେ ଶନିବାର ଏକକ ବ୍ୟବହାର ଯୁକ୍ତ ପ୍ଲାଷ୍ଟିକ ମୁକ୍ତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଲଖନା ସରପଞ୍ଚ ପଦ୍ମିନୀ ସୁନାନୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ ମୁଖ୍ୟ ଅତିଥି, କୋମନା ବିଡିଓ ସର୍ବେଶ୍ୱର ଜାଲ, ଜିଲା ପଞ୍ଚାୟତ ଅଧିକାରୀ ଲଛମନ ଓରାମ, ଜିଲା ମତ୍ସ୍ୟ ଅଧିକାରୀ ବିଜନ କୁମାର ସାହୁ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରେଶମ ଲାଲ ନାୟକ, ଜିଲା ଶିଳ୍ପ କେନ୍ଦ୍ର ପରିଚାଳକ ସମୀର କୁମାର ମୁଦୁଲି ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଷ୍ଟିଲ ବାସନ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ପଞ୍ଚାୟତ କାର୍ଯ୍ୟାଳୟଠାରେ ଏକ ବର୍ତ୍ତନ ବ୍ୟାଙ୍କର ଶୁଭାରମ୍ଭ କରାଯାଇଥିଲା। ଏହି ବ୍ୟାଙ୍କରେ ୨ ଶହ ଟ୍ରେ, ୨ ଶହ ପାଣି ଗ୍ଲାସ ରଖାଯାଇଛି। ଲୋକେ ପର୍ବପର୍ବାଣି, ସଭାସମିତି, ବିବାହ ଆଦିରେ ସ୍ୱଳ୍ପ ମୂଲ୍ୟ ଦେଇ ପ୍ଲାଷ୍ଟିକ ଖଲିଦନା ପରିବର୍ତ୍ତେ ଷ୍ଟିଲ ବାସନ ବ୍ୟବହାର କରିବାକୁ ଅତିଥିମାନେ ସଚେତନ କରିଥିଲେ । ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମନ୍ଧର ବଗର୍ତ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ମା' ସୁଲ୍ଲେନ କ୍ରିକେଟ: ତୁକଲା ବିଜୟୀ

ଖଡିଆଲ,୧୭ା୧ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଲ ବ୍ଲକ ଜୁନାନୀ ଗ୍ରାମର ମା' ସୁଲ୍ଲେନ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ତୁକଲା ଓ ମୁକ୍ତାପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମୁକ୍ତାପୁର ଦଳ ପ୍ରଥମେ ବ୍ୟାଟିଂ କରି ୧୩.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୧୪ ରନ କରିଥିଲା। ଜବାବରେ ତୁକଲା ଦଳ ୫.୩ ଓଭରରେ ୧ ଉଇକେଟ ହରାଇ ବିଜୟ ଲାଭ କରିଥିଲା। ଉଦ୍‌ଯାପନୀ ଉତ୍ସବରେ କଳାହାଣ୍ଡି ସାଂସଦ ପ୍ରାର୍ଥୀ ଲମ୍ବୋଧର ନିଆଲ ମୁଖ୍ୟ ଅତିଥି ଓ ଖଡିଆଲ ବ୍ଲକ ଉପାଧ୍ୟକ୍ଷ ଗୌତମ ତାଣ୍ଡି, ଯୁବନେତା ଟିଟୁ ପାଣ୍ଡେ, ଗାଁ ଝାକର ଅଟବଲ ମାଝୀ, ଦଧିମୋହନ ପଟେଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଆମ୍ପାୟାର ଭାବେ ରଥ ବାବୁ ଓ ରିଙ୍କୁ ବାରିକ ଖେଳ ପରିଚାଳନା କରିଥିଲେ। ସଭାପତି ଲବଣେଶ୍ୱର ବାରିକ, ସମ୍ପାଦକ ପ୍ରମୋଦ ପ୍ରଧାନୀ ଓ ସଦସ୍ୟମାନେ ସହଯୋଗ କରିଥିଲେ। ବିଜେତା ଦଳକୁ ୩୦ହଜାର ଓ ଉପବିଜେତା ଦଳକୁ ୨୦ ହଜାର ସହ ଟ୍ରଫି ପ୍ରଦାନ କରାଯାଇଥିଲା।



ଅତିଥିଙ୍କ ଗହଣରେ ଖେଳାଳିମାନେ।

# ମାସେ ହେଲା ଲଖନା ମଣ୍ଡିରୁ ଉଠିନି ଧାନ

**ରାସ୍ତାରେ ଧାନ ରଖି ଆନ୍ଦୋଳନ ଚେତାବନୀ**

ନୂଆପଡ଼ା,୧୭ା୧ (ମକାରୁ ବେମାଲ)

ନୂଆପଡ଼ା ଜିଲାରେ ଖରିଫ ଧାନ କ୍ରୟ ମନ୍ଥର ଗତିରେ ଚାଲିଥିବାରୁ ବିଭିନ୍ନ ମଣ୍ଡିରେ ୫ ଲକ୍ଷରୁ ଊର୍ଦ୍ଧ୍ୱ ବସ୍ତା ଧାନ ଖୋଲା ଆକାଶ ତଳେ ପଡିରହିଛି। ମୁଖ୍ୟ ରାସ୍ତା କଡରେ ଥିବା ମଣ୍ଡିରୁ କାଁ ଭାଁ ଧାନ ଉଠାଣ ହେଉଥିବା ବେଳେ ଗାଁ ଭିତର ମଣ୍ଡିରୁ ମାସେ ହେବ ଆଦୌ ଧାନ ଉଠି ନ ଥିବ ଚାଷୀ ଅଭିଯୋଗ କରିଛନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି କୋମନା ବ୍ଲକ ଲଖନା ମଣ୍ଡି। ଏଠାରେ ୯୮ ଚାଷୀଙ୍କ ୧୦ ହଜାର ବସ୍ତା ଧାନ ଡିସେମ୍ବର ୧୭ରୁ ଖୋଲା ଆକାଶ ତଳେ ପଡିରହିଛି। ୧୬ ଜଣଙ୍କ ଟୋକନ ଲାପ୍ସ ହୋଇଥିବା ଚାଷୀ ଅଭିଯୋଗ କରିଛନ୍ତି। ଚାଷୀ ମାସେ ହେଲା ମଣ୍ଡିରେ ଧାନ ରଖି ଶୀତକାକରରେ ଜଗି ରହିଛି। ଏଥିଯୋଗୁ ରବି ଧାନ ଚାଷ ଆଗେଇ ପାରୁ ନାହିଁ। ଧାରକରଜ କରି ଚାଷ କରିଥିବା ଚାଷୀ ଋଣ ପରିଶୋଧ କରି ନ ପାରି ଚିନ୍ତାରେ ଅଛନ୍ତି। ଦିନେ ଦୁଇଦିନ ଭିତରେ ଧାନ ଉଠାଣ ନ ହେଲେ ମଣ୍ଡିର ସବୁ ଧାନକୁ ନେଇ ରାଜରାସ୍ତାରେ ରଖି ଆନ୍ଦୋଳନ କରିବେ ବୋଲି ଲଖନା ପାକ୍ସ ଅଧୀନରେ ଥିବା ଚାଷୀ ପ୍ରକାଶ କରିଛନ୍ତି। ସେହିପରି ଲଖନା ପାକ୍ସ ଅଧୀନ ସିଲ୍‌ଭା ମଣ୍ଡିରେ ଡିସେମ୍ବର ୧୭ରୁ ୫ ହଜାରରୁ ଊର୍ଦ୍ଧ୍ୱ ବସ୍ତା ଧାନ ମଣ୍ଡିରେ ଖୋଲା ଆକାଶ ତଳେ ପଡିରହିଛି । ଜଙ୍ଗଲିଆ ଅଞ୍ଚଳ ହୋଇଥିବାରୁ ବନ୍ୟଜନ୍ତୁ ଭୟ ଥିଲେ ମଧ୍ୟ ଚାଷୀ ଧାନ ଜଗିରହିଛି। ଡବଲ ଇଞ୍ଜିନ ସରକାର ସବୁବେଳେ ଚାଷୀମାନଙ୍କ ଉନ୍ନତି ଓ ବିକାଶ ପାଇଁ କାର୍ଯ୍ୟ କରୁଥିବା ଡିଣ୍ଡିମ ପିଟୁଛନ୍ତି। ହେଲେ ମାସାଧିକ କାଳ ମଣ୍ଡିରୁ ଧାନ ଉଠୁ ନ ଥିବାରୁ ସରକାର ଚାଷୀ ପାଇଁ କେତେ ତତ୍ପର ତାହା ସ୍ପଷ୍ଟ ଜଣାପଡୁଛି ବୋଲି କେତେଜଣ ଚାଷ ପ୍ରକାଶ କରିଛନ୍ତି। ଅନ୍ୟପଟେ କଟନିଛଟନି କରି କୁଇଣ୍ଟାଲ ପିଛା ୫ କିଲୋଗ୍ରାମ ଧାନ କାଟି ନେଉଛନ୍ତି । ଏହାର ମୂଲ୍ୟ ଦେବାକୁ ଚାଷୀ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ନୂଆପଡ଼ା ଡିଆର୍‌ସିଏସ୍ ଶିବ ପ୍ରସାଦ ସ୍ୱାଇଁଙ୍କୁ ପଚାରିବାରୁ ଜିଲାରେ ଖରିଫ ଧାନ ସଂଗ୍ରହ ପାଇଁ ୭୭ଟି ମଣ୍ଡି ଖୋଲାଯାଇଛି। ସବୁ ମଣ୍ଡିରେ ଧାନ ଭଲ ଭାବରେ ଉଠାଣ ହେଉଛି । କିଛି ମଣ୍ଡିରେ ଛୋଟ ଛୋଟ ସମସ୍ୟା ଯୋଗୁ ଧାନ କମ ଉଠାଣ ହୋଇଛି । ସେହି ମଣ୍ଡିର ଧାନ ଶୀଘ୍ର ଉଠାଯିବ ବୋଲି କହିଥିଲେ ।



ଖୋଲା ଆକାଶ ତଳେ ପଡିରହିଥିବା ଧାନବସ୍ତା।

# ବରଗଡ଼ରେ ପୁଣି ଆରମ୍ଭ ହେଲା ଜବରଦଖଲ ଉଚ୍ଛେଦ

ବରଗଡ,୧୭।୧(ପ୍ରେମାନନ୍ଦ ଖମାରୀ)


ବରଗଡ଼ କାଳୀମନ୍ଦିର ଛକ-କଲେଜ ରାସ୍ତାରେ ଜବରଦଖଲ ଉଚ୍ଛେଦ।

ବରଗଡ଼ ସହରରେ ଶନିବାର ପୁଣି ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ସ୍ଥାନୀୟ କାଳୀମନ୍ଦିର ଛକରୁ କଲେଜ ରାସ୍ତାରେ ଏହି ଉଚ୍ଛେଦ ପ୍ରକ୍ରିୟା ଚାଲିଛି। ଉଚ୍ଛେଦରେ ରାସ୍ତାପାର୍ଶ୍ୱ ଠେଲା ଦୋକାନଠାରୁ ଏକାଧିକ କୋଠାଘରର ଆଂଶିକ ହଟିଯାଇଛି। ଆଗକୁ ମଧ୍ୟ ଏହି ଉଚ୍ଛେଦ ପ୍ରକ୍ରିୟା ଚାଲିବ। ତେବେ ଉଚ୍ଚ ନ୍ୟାୟାଳୟରେ ବିଚାରାଧୀନ ଥିବାରୁ ସହରବାସୀଙ୍କ ଦୀର୍ଘଦିନର ଦାବି ହୋଇ ରହି ଆସିଥିବା ସ୍ଥାନୀୟ ଲେଙ୍ଗୁ ମିଶ୍ର ଛକଠାରୁ ପୁରୁଣା ଜୀରାବ୍ରିଜ ରାସ୍ତା ଜବରଦଖଲ ଉଚ୍ଛେଦ ଏପର୍ଯ୍ୟନ୍ତ ହୋଇପାରି ନାହିଁ। ତାହା କେବେ ଉଚ୍ଛେଦ ହେବ ବୋଲି ସହରବାସୀ ଚାହିଁ ବସିଛନ୍ତି। ମାତ୍ର ଉଚ୍ଚ ନ୍ୟାୟାଳୟରେ ବିଚାରାଧିନ ରହିଥିବା ଲେଙ୍ଗୁ ମିଶ୍ର ଛକଠାରୁ ପୁରୁଣା ଜୀରାବ୍ରିଜ ରାସ୍ତା ଜବରଦଖଲ ଉଚ୍ଛେଦ ମାମଲାର ବିଚାର ପ୍ରକ୍ରିୟା ଚାଲିଛି। ଏହାର ଚୂଡ଼ାନ୍ତ ଶୁଣାଣି ହୋଇପାରୁ ନାହିଁ। ଶୁଣାଣି ପାଇଁ ତାରିଖ ପରେ ତାରିଖ ଗଡ଼ି ଚାଲିଛି। ତେବେ ସହରର ଅନ୍ୟ ରାସ୍ତା ଗୁଡ଼ିକରେ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଯେଭଳି ତତ୍ପରତାର ସହିତ ଚାଲିଛି, ଲେଙ୍ଗୁ ମିଶ୍ର ଛକଠାରୁ ପୁରୁଣା ଜୀରାବ୍ରିଜ ରାସ୍ତା ଜବରଦଖଲ ଉଚ୍ଛେଦ ମାମଲା ସପକ୍ଷରେ ଉଚ୍ଚ ନ୍ୟାୟାଳୟ ରାୟ ଦେଲେ, ପ୍ରଶାସନ ପକ୍ଷରୁ ମଧ୍ୟ ଅନୁରୂପ ତତ୍ପରତା ଦେଖାଇବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି। ପ୍ରକାଶଥାଉକି, ଗତ ସାଧାରଣ ନିର୍ବାଚନ ପୂର୍ବରୁ ଲେଙ୍ଗୁ ମିଶ୍ର ଛକଠାରୁ ପୁରୁଣା ଜୀରାବ୍ରିଜ ରାସ୍ତା ଜବରଦଖଲ ଉଚ୍ଛେଦ ନେଇ ଆନ୍ଦୋଳନ ଜୋର୍ ଧରିଥିଲା। ଆନ୍ଦୋଳନ ପରେ ଉଚ୍ଛେଦ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଥିଲା। ମାତ୍ର ପ୍ରଭାବିତ ଲୋକେ ନ୍ୟାୟାଳୟର ଦ୍ୱାରସ୍ଥ ହେବା ପରେ ତାହା ଅଧାରୁ ଅଟକି ଯାଇଥିଲା। ଇତିମଧ୍ୟରେ ଉଚ୍ଛେଦ ସପକ୍ଷରେ ନ୍ୟାୟାଳୟ ଏକାଧିକ ଥର ରାୟ ଦେଇ ସାରିଛନ୍ତି। ମାତ୍ର ଏବେ ସହରର ଅନ୍ୟସ୍ଥାନ ଗୁଡ଼ିକ ଉଚ୍ଛେଦ ଦିଗରେ ଯେଭଳି ପ୍ରଶାସନିକ ତତ୍ପରତା ଦେଖାଯାଉଛି। ସେତେବେଳେ ତାହା ଦେଖାଯାଇ ନଥିଲା ଏବଂ ବିଭିନ୍ନ ଆଳ ଦେଖାଇ ସମୟ ଗଡ଼ି ଚାଲିଥିଲା। ଫଳରେ ପ୍ରଭାବିତ ଲୋକେ ପୁଣି ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ ଏବଂ ତାହା ଏବେ ନ୍ୟାୟାଳୟରେ ବିଚାରାଧୀନ ରହିଛି। କେବଳ ସେତିକି ନୁହେଁ, ଗତ ସାଧାରଣ ନିର୍ବାଚନ ପୂର୍ବରୁ ଲେଙ୍ଗୁ ମିଶ୍ର ଛକଠାରୁ ପୁରୁଣା ଜୀରାବ୍ରିଜ ରାସ୍ତା ଜବରଦଖଲ ଉଚ୍ଛେଦ ତାତି ଯେଭଳି ରହିଥିଲା, ନିର୍ବାଚନ ସରିବା ପରେ ତାହା ଶୀତଳ ହୋଇଯିବା ମଧ୍ୟ ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।

# ଯୋଜନା ନାମ ପରିବର୍ତ୍ତନ ବିରୋଧରେ କଂଗ୍ରେସର ବିକ୍ଷୋଭ



ହରଭଙ୍ଗା,୧୭।୧ (ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଶନିବାର ହରଭଙ୍ଗା ବ୍ଲକର ବାଣୀଭୂଷଣପୁର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଏମ୍‌ଜିଏନ୍‌ଆରଇଜିଏସ୍ ନାମ ପରିବର୍ତ୍ତନ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବୌଦ୍ଧ ଜିଲ୍ଲା କମିଟି ସଭାପତି ଋଷିକେଶ ସାହୁଙ୍କ ନେତୃତ୍ୱରେ କର୍ମୀମାନେ ଚାରିଛକ ବଜାର ଛକଠାରୁ ଏକ ଶୋଭାଯାତ୍ରାରେ ବାହାରି ବାଣୀଭୂଷଣପୁର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେଠାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଏମ୍‌ଜିଏନ୍‌ଆରଇଜିଏସ୍‌ର ନାମ ପରିବର୍ତ୍ତନକୁ ବିରୋଧ କରି ସରକାର ଉପରେ ବର୍ଷିଥିଲେ। ଏଥିରେ ନିରାକାର ବେହେରା, ବିଷ୍ଣୁ ବେହେରା, ବରିଷ୍ଠ ନେତା ସୁରେନ୍ଦ୍ର ସାହୁ, ଉଦ୍ଧବ ବେହେରା, ସିନ୍ଧୁ ନାୟକ, ଭିକ୍ଷୁ ବେହେରା, କୁଣ୍ଡୁ ବେହେରା, ପ୍ରତିମା ବେହେରା, ମଞ୍ଜୁ ବେହେରା, ଗୋଲାପୀ ବେହେରା, ସୁମିତ୍ରା ବେହେରା ପ୍ରମୁଖ ସାମିଲ ଥିଲେ ।

# ଅଭିଭାବକ ପଞ୍ଜୀକରଣ ପାଇଁ ସଚେତନତା ସଭା

## ଶିକ୍ଷକ, ଅଭିଭାବକ ସଂଘ ବୈଠକ

ବରଗଡ଼,୧୭।୧(ପ୍ରେମାନନ୍ଦ ଖମାରୀ):

ବରଗଡ଼ ରାଣା ପ୍ରତାପ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥଙ୍କ ଅଧ୍ୟକ୍ଷତାରେ ଶନିବାର ଶିକ୍ଷକ, ଅଭିଭାବକ ସଂଘ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସ୍କୁଲ ପରିଚାଳନା କମିଟି ବରିଷ୍ଠ ସଦସ୍ୟ ସୁଦର୍ଶନ ବାରିକ, କପିଳେଶ୍ୱର ବାଗ, ବରିଷ୍ଠ ଶିକ୍ଷୟିତ୍ରୀ ଜ୍ୟୋସ୍ନା ତ୍ରିପାଠୀ, ଗୀତା ଜାଲ, ସୁନୀତା ମିଶ୍ର, ତପସ୍ୱିନୀ ତ୍ରିପାଠୀ, ବବିତା ନାଏକ ପ୍ରମୁଖ ଉପସ୍ଥିତ ରହି ବିଦ୍ୟାଳୟରେ ପରିଚାଳିତ ବିଭିନ୍ନ ଯୋଜନା, ପାଠ୍ୟଦାନ, ପରୀକ୍ଷା ଆଦି ବିଷୟରେ ଆଲୋଚନା କରିଥିଲେ। ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଅଭିଭାବକଙ୍କ ନାମ ପଞ୍ଜୀକରଣ ପ୍ରକ୍ରିୟା ସମ୍ବନ୍ଧରେ ଆଲୋଚନା କରାଯାଇ ଥିବାବେଳେ ଏଥିପାଇଁ ଉପସ୍ଥିତ ଅଭିଭାବିକା, ଅଭିଭାବକମାନଙ୍କୁ ସଚେତନ କରାଯାଇଥିଲା। ଏହା ସହିତ ଅଧିକରୁ ଅଧିକ ଅଭିଭାବକ ନାମ ପଞ୍ଜୀକରଣ କରିବା ପାଇଁ ଆହ୍ୱାନ କରାଯାଇଥିଲା। ସେହିପରି ଅଭିଭାବକମାନଙ୍କ ଦ୍ୱାରା ଆଗତ ପ୍ରସ୍ତାବ ଛାତ୍ରୀଛାତ୍ରଙ୍କ ଗୃହ କାର୍ଯ୍ୟକୁ ସୁନିଶ୍ଚିତ କରିବା, ଶୌଚାଳୟର ସ୍ୱଚ୍ଛତାକୁ ଧ୍ୟାନ ଦିଆଯିବା ଏବଂ ମଧ୍ୟାହ୍ନ ଭୋଜନର ମାନ ତଦାରଖ କରାଯିବା ଭଳି ପ୍ରସ୍ତାବ ଗୁଡ଼ିକ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ଗୋପବନ୍ଧୁ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।


ବୈଠକରେ ଅଭିଭାବକଙ୍କ ନାମ ପଞ୍ଜୀକରଣ ପ୍ରକ୍ରିୟା ସମ୍ବନ୍ଧରେ ଆଲୋଚନା କରାଯାଉଛି।

# ବିକଶିତ ଭାରତ ଗ୍ୟାରେଣ୍ଟି ରୋଜଗାର ନେଇ କର୍ମଶାଳା


କର୍ମଶାଳାରେ ସ୍ୱାସ୍ଥ୍ୟମନ୍ତ୍ରୀ ଏବଂ ଅନ୍ୟମାନେ ।

ବରଗଡ,୧୭।୧(ପ୍ରେମାନନ୍ଦ ଖମାରୀ)

**ବରଗଡ଼ରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବିକାଶକୁ ଗୁରୁତ୍ୱ**

ବରଗଡ଼ ସ୍ଥିତ ଭାଜପା କାର୍ଯ୍ୟାଳୟରେ ଶନିବାର ବିକଶିତ ଭାରତ ଗ୍ୟାରେଣ୍ଟି ରୋଜଗାର ଓ ଆଜିବିକା ମିଶନ ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି। ଭାଜପା ଜିଲା ସଭାପତି ଡ଼ା. ଅରୁପାନନ୍ଦ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ଏହି କର୍ମଶାଳାରେ ବରଗଡ଼ ଜିଲାର ପ୍ରଭାରୀ ତଥା ରାଜ୍ୟସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଓ ପ୍ରଯୁକ୍ତି ବିଜ୍ଞାନ ମନ୍ତ୍ରୀଡା. ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥିଭାବେ ଯୋଗଦେଇ କେନ୍ଦ୍ର ସରକାରଙ୍କ ଏହି ନିଶ୍ଚିତ ରୋଜଗାର ଯୋଜନା ଉପରେ ଆଲୋକପାତ କରିଥିଲେ। ଶ୍ରମିକମାନେ କିପରି କେନ୍ଦ୍ର ସରକାରଙ୍କ ଯୋଜନାରେ ଲଭାନ୍ୱିତ ହେବେ ଏବଂ ସେମାନଙ୍କ ପାଇଁ ରହିଥିବା ଭତ୍ତା ବ୍ୟବସ୍ଥା ସମ୍ପର୍କରେ ସେ ବୁଝାଇଥିଲେ। କର୍ମଶାଳାରେ ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ବିଜେପୁର ବିଧାୟକ ସନତ କୁମାର ଗଡ଼ତିଆ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ଓ ଭଟଲି ବିଧାୟକ ଇରାସିସ ଆଚାର୍ଯ୍ୟ ଯୋଗଦାନ କରିଥିଲେ। ଏହି କର୍ମଶାଳାରେ ବରିଷ୍ଠ ନେତା ସୁରେଶର ଶତପଥୀ, ଗୋବର୍ଦ୍ଧନ ଭୁଏ, ଅଶୋକ ପଣ୍ଡା, ରବିନାରାୟଣ ଦାଶ, ବାସୁଦେବ ବାରିକ, ଦଳର ଜିଲା ସାଧାରଣ ସମ୍ପାଦକ ସୁବ୍ରତ କୁମାର ହୋତା, ଗୁନାରୁ ପ୍ରଧାନ, ସରୋଜ ସାମଲ, ସମସ୍ତ ମଣ୍ଡଳ ସଭାପତି, ବହୁ ଦଳୀୟ କାର୍ଯ୍ୟକର୍ତ୍ତା, ମହିଳା ନେତ୍ରୀ ପ୍ରମୁଖ ଯୋଗଦାନ କରିଥିଲେ। ଅବନୀ କାନ୍ତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲାସ୍ତରୀୟ ପିଏମଶ୍ରୀ ଉତ୍ସବ ପ୍ରସ୍ତୁତି ବୈଠକ

ବରଗଡ଼,୧୭।୧(ପ୍ରେମାନନ୍ଦ ଖମାରୀ)

ରବିବାର ଓ ସୋମବାର ଦୁଇ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ବରଗଡ ଜିଲାସ୍ତରୀୟ ପିଏମଶ୍ରୀ ମହୋତ୍ସବ ପାଳନ ପାଇଁ ଶୁକ୍ରବାର ସ୍ଥାନୀୟ ରାଣା ପ୍ରତାପ ସ୍କୁଲ ପରିସରରେ ଜିଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସରୋଜ ଭୁଏ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବିନୟ ସୟ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଅମୃତା ସାହୁ, ବରଗଡ଼ ବ୍ଲକ ଶିକ୍ଷା ଅଧିକାରୀ ଡଃ ସୁରେନ୍ଦ୍ର କୁମାର ସାହୁ, ଭେଡେନ ବ୍ଲକ ଶିକ୍ଷଖ ଅଧିକାରୀ ମଛିନ୍ଦ୍ର ମଲ୍ଲିକ, ଜର୍ଜ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଶାଶ୍ୱତୀ ଦାଶ, ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତି ସୁନା, ଜିଲା ବିଜ୍ଞାନ ନିରୀକ୍ଷକ ଧୀରୋଜ ପଟ୍ଟନାୟକ, ପଞ୍ଚସଖା ଶିକ୍ଷା ସେତୁ ଅଧିକାରୀ ପ୍ରିୟବ୍ରତ ସାହୁ, ପ୍ରଧାନ ଶିକ୍ଷକ ଡଃ ମନୋଜ କୁମାର ସାହୁ, ପ୍ରଧାନ ଶିକ୍ଷକ ଭାର୍ଗବ ନାଏକ, ପ୍ରଧାନ ଶିକ୍ଷକ ଦେବ ଜୀବନ କର, ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥ, ଶିକ୍ଷକ ସମୀର ପାଣିଗ୍ରାହୀ, ସଦାନନ୍ଦ ଜାଲ, ଅନୁସୂଚିତ ଜାତି ଜନଜାତି ସଂଯୋଜକ ମିଥୁନ ପ୍ରଧାନ, ନବୀନ ସାବତ, ଅନିଲ ସାବତ, ଝରଣା ଦାଶ, ଶ୍ରୀକାନ୍ତ ବାରିକ, ଅରବିନ୍ଦ ଗୁପ୍ତା, ବିକାଶ ବାଘେଲ ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗରେ ଦାୟିତ୍ୱ ପ୍ରଦାନ କରାଯାଇଥିବା ସମସ୍ତ ଭାରପ୍ରାପ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ। ବରଗଡ଼ ଜିଲାସ୍ତରୀୟ ପିଏମଶ୍ରୀ ଉତ୍ସବ ରବିବାର ଓ ସୋମବାର ଦୁଇ ଦିନ ଧରି ବରଗଡ଼ ରାଣା ପ୍ରତାପ ସ୍କୁଲ ପଡିଆ ରେ ଅନୁଷ୍ଟିତ ହେବାକୁ ଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ଜିଲାର ୧୬ ପିଏମଶ୍ରୀ ହାଇସ୍କୁଲରୁ ୬୨୦ ଛାତ୍ରୀଛାତ୍ର ଏହି ଉତ୍ସବରେ ଅଂଶଗ୍ରହଣ କରିବେ ବୋଲି ଜିଲା ଶିକ୍ଷା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ରାଜବୋଡାସମ୍ବର ଇନ୍‌ପୁଟ ଡିଲର ୟୁନିୟନର ବାର୍ଷିକ ବୈଠକ

ପଦ୍ମପୁର,୧୭।୧(ପ୍ରଦୀପ୍ତ ଦାଶ)

ରାଜବୋଡାସମ୍ବର ଇନ୍‌ପୁଟ ଡିଲର ୟୁନିୟନର ୨୦୨୬ ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ୟୁନିୟନର ୬୨ ଜଣ ସଭ୍ୟ ଉପସ୍ଥିତ ଥିଲେ। ପଦ୍ମପୁର, ପାଇକମାଳ ଏବଂ ଝାରବନ୍ଧ ବ୍ଲକର ୧୦୫ ଜଣ ସଭ୍ୟ ଏହି ୟୁନିୟନର ସଭ୍ୟ। ମୁଖ୍ୟତଃ ଚାଷୀମାନଙ୍କୁ ଉଚିତ ମୂଲ୍ୟ ଏବଂ ଗୁଣାତ୍ମକ ମାନର ଦ୍ରବ୍ୟ ଜିନିଷ ଦେବା ସାଙ୍ଗକୁ ସଠିକ ସେବା ଯୋଗାଇ ଦେବା ପାଇଁ ବୈଠକରେ ନିଷ୍ପତ୍ତି ନିଆଗଲା। ଗତବର୍ଷ ରାସାୟନିକ ସାରର ଅଭାବୀ ବିକ୍ରି ଓ ଯୋଗାଣ ଉପରେ ଆଲୋଚନା କରାଯାଇଥିଲା। ଚାଷୀମାନେ ଯେପରି ହଇରାଣ ହରକତ ନ ହେବେ ଏବଂ ଗୁଣାତ୍ମକ ମାନର ବିହନ ଯୋଗାଇ ଦେବା ପାଇଁ ୟୁନିୟନ ତରଫରୁ ନିଷ୍ପତ୍ତି ନିଆଯାଇଛି। ୟୁନିୟନ ସଭାପତି ସପ୍ତସିନ୍ଧୁ ବଗର୍ତ୍ତୀ ଗତବର୍ଷ ସାରର ହୋଇଥିବା ଅବ୍ୟବସ୍ଥା ଏବଂ ସଂଗଠନର ଭୂମିକା ଉପରେ ଆଲୋକପାତ କରିଥିଲେ। ୟୁନିୟନର ସମ୍ପାଦକ ଦିନେଶ ନାୟକ ୟୁନିୟନର ଅନୁଶାସନ କିପରି ହେବ ଏବଂ ଭବିଷ୍ୟତ କାର୍ଯ୍ୟପନ୍ଥା କ'ଣ ହେବ, ସେ ଉପରେ ଆଲୋଚନା କରିଥିଲେ। କୋଷାଧ୍ୟକ୍ଷ ଶ୍ରୁଶ୍ରୁତ କୁମାର ମିଶ୍ର ୟୁନିୟନର ଆର୍ଥିକ ସ୍ଥିତିକୁ ଅବଗତ କରାଇଥିଲେ। ସୁଧାଂଶୁ ଶେଖର ପଟେଲ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ବିରଞ୍ଚି ନାରାୟଣ ହୋତା ଧନ୍ୟବାଦ ଅର୍ପଣ କରିଥିଲେ। ୟୁନିୟନର ଅନ୍ୟାନ୍ୟ ସମସ୍ତ ସଭ୍ୟ ଉପସ୍ଥିତ ରହି ସଭାକାର୍ଯ୍ୟକୁ ସାଫଲ୍ୟ ମଣ୍ଡିତ କରିଥିଲେ।



ମଞ୍ଚାସୀନ ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷ।

# ମିଶନ ଏ-ୱାନ ଛାତ୍ରୀଛାତ୍ରଙ୍କ ସ୍ୱତନ୍ତ୍ର ତାଲିମ ଶିବିର

ବୌଦ୍ଧ,୧୭।୧ (ଅଜିତ କୁମାର ବାରିକ)

ବୌଦ୍ଧ ବୁଟୁପାଲିସ୍ଥିତ ଜାନକୀ ଭିକାରୀ ଉଚ୍ଚ ବିଦ୍ୟାଳୟ ମାଉଲସିଙ୍ଗା ପରିସରରେ ଜିଲା ଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ମିଶନ ଏ-ୱାନ ଛାତ୍ରୀଛାତ୍ରଙ୍କ ତିନ ଦିନିଆ ସ୍ୱତନ୍ତ୍ର ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ଚେମଲାଲ ଦୁବେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ଓସେପା ଭୁବନେଶ୍ୱର ପ୍ରକାଶ କୁମାର ଯୋଶୀ, ସମ୍ମାନିତ ଅତିଥି ବୌଦ୍ଧ ଉପଜିଲାପାଳ ବିନୟ କୁମାର ଭୋଇ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକ, ଭାସ୍କର ଲେଙ୍କା, ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ହାଡିବନ୍ଧୁ ବେହେରା, ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେନ୍ଦ୍ର କୁମାର ମିଶ୍ର, ଜିଲା ବିଜ୍ଞାନ ନିରୀକ୍ଷକ ଜୟନ୍ତ କୁମାର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ମୁଖ୍ୟ ଅତିଥି ଯୋଶୀ ଲକ୍ଷ୍ୟ ହାସଲ ପାଇଁ ସକରାତ୍ମକ ମନୋଭାବ ପୋଷଣ କରି ଦୃଢ଼ ମନୋବଳ ସହ ପରୀକ୍ଷା ପ୍ରସ୍ତୁତି କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଜିଲା ବିଜ୍ଞାନ ନିରୀକ୍ଷକ ପ୍ରଧାନ ଓ ବୌଦ୍ଧ ସହଗୋଷ୍ଠୀ ଶିକ୍ଷା ଅଧିକାରୀ କମଳକାନ୍ତ ଦଳବେହେରା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିକ୍ଷକ ସନ୍ତୋଷ କର୍ଣ୍ଣ ଅତିଥି ପରିଚୟ ସହିତ ମଞ୍ଚ ପରିଚାଳନା କରିଥିଲେ। ପ୍ରଶିକ୍ଷଣ ଦେଇଥିବା ସମସ୍ତ ପ୍ରଶିକ୍ଷକ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଚୂଡ଼ାମଣୀ ବାରିକ ଧନ୍ୟବାଦ ଦେଇଥିଲେ। ଶିବିରରେ ଜିଲାର ୧୦୨ ଜଣ ବିଦ୍ୟାର୍ଥୀ ଭାଗ ନେଇଥିଲେ।

# ବହ୍ନିକନ୍ୟାଙ୍କ ଜନ୍ମ ଶତବାର୍ଷିକୀ ପାଳନରେ ସମୂହ ସଫେଇ


ସମୂହ ସଫେଇ କାର୍ଯ୍ୟକ୍ରମରେ ବିଜେପୁର ବିଧାୟକ ଏବଂ ଅନ୍ୟମାନେ।

ବରଗଡ଼,୧୭।୧(ପ୍ରେମାନନ୍ଦ ଖମାରୀ)

ପୂଜ୍ୟ ସ୍ୱାଧୀନତା ସଂଗ୍ରାମୀ ବହ୍ନିକନ୍ୟା ପାର୍ବତୀଗିରିଙ୍କ ଜନ୍ମ ଶତବାର୍ଷିକୀ ପାଳନ ଉପଲକ୍ଷେ ତାଙ୍କ ଜନ୍ମମାଟି ବରଗଡ଼ ଜିଲା ବିଜେପୁର ବ୍ଲକ ସମଲାଇପଦର ଗ୍ରାମରେ ଶନିବାର ସାମୁହିକ ସଫେଇ କାର୍ଯ୍ୟକ୍ରମ ହୋଇଥିଲା। ବିଜେପୁର ବିଧାୟକ ସନତ ଗଡ଼ତିଆ ଉକ୍ତ ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇ କହିଥିଲେ, ପାର୍ବତୀଗିରିଙ୍କୁ ସାହସ, ତ୍ୟାଗ ଏବଂ ସହାନୁଭୂତିର ପ୍ରତୀକ ଭାବରେ ମନେ ରଖାଯାଏ। ତାଙ୍କ ଜୀବନ ଦେଶ ଏବଂ ଏହାର ଲୋକଙ୍କ ପ୍ରତି ନିଃସ୍ୱାର୍ଥପର ସେବାର ଏକ ଉଜ୍ଜ୍ୱଳ ଉଦାହରଣ। ତେଣୁ ସମସ୍ତେ ତାଙ୍କ ପଥ ଅନୁସରଣ କରିବା ସହ ବିକଶିତ ବରଗଡ଼ ତଥା ବିକଶିତ ଭାରତ ଗଠନରେ ସହାୟକ ହେବା। ପାର୍ବତୀଗିରିଙ୍କ ସେବା ଏବଂ ତ୍ୟାଗର ଆଦର୍ଶକୁ ଶ୍ରଦ୍ଧାଞ୍ଜଳି ଜଣାଇବା ଉଦ୍ଦେଶ୍ୟ ନେଇ ଜିଲା ପ୍ରଶାସନ ତଥା ଜିଲା ଜଳ ଓ ପରିମଳ ମିଶନ, ବିଜେପୁର ବ୍ଲକ ପ୍ରଶାସନ, ବିଜେପୁର ପୌରପାଳିକା ଏବଂ ଅନ୍ୟାନ୍ୟ ସ୍ଥାନୀୟ ଅନୁଷ୍ଠାନର ସହଯୋଗରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ଗ୍ରାମବାସୀ, ବିଜେପୁର ବ୍ଲକ, ଏନ୍‌ଏସି କର୍ମଚାରୀ ତଥା ଅଧିକାରୀ, ବିଶିଷ୍ଟ ବ୍ୟକ୍ତି ବିଶେଷ, ଏବଂ ସମଲାଇପଦର ପାର୍ବତୀ ଗିରି ବୃଦ୍ଧାଶ୍ରମ କମିଟିର ସମସ୍ତ ସଦସ୍ୟ ଯୋଗଦେଇ ମାନବତା ଏବଂ ସାମାଜିକ ନ୍ୟାୟ ପ୍ରତି ସ୍ୱର୍ଗତ ପାର୍ବତୀଗିରିଙ୍କ ଅଟଳ ପ୍ରତିବଦ୍ଧତାକୁ ସ୍ମୃତିଚାରଣ କରିବା ସହ ଗ୍ରାମକୁ ସଫା କରି ଜିଲାର ସମସ୍ତ ଗ୍ରାମର ସ୍ୱଚ୍ଛତା ଏବଂ ପବିତ୍ରତା ବଜାୟ ରଖିବା ପାଇଁ ବାର୍ତ୍ତା ଦେଇଥିଲେ।

# ରାଜମଣ୍ଡ୍ରିକୁ ହରାଇ ଫାଇନାଲରେ ଭୁବନେଶ୍ୱର

ପଦ୍ମପୁର,୧୭।୧(ପ୍ରଦୀପ୍ତ ଦାଶ)

**ସର୍ବଭାରତୀୟ ବୋଡ଼ାସମ୍ବର କପ କ୍ରିକେଟ ଟୁର୍ନାମେଣ୍ଟ**

ସ୍ଥାନୀୟ ଆର୍.ବି ହାଇସ୍କୁଲ ପଡ଼ିଆରେ ଚାଲିଥିବା ୩୦ତମ ସର୍ବଭାରତୀୟ ବୋଡ଼ାସମ୍ବର କପ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ ରାଜମଣ୍ଡ୍ରି ଓ ବାପୁଜୀ କ୍ଲବ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଦଳ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୫ ଓଭରରେ ୮ ଉଇକେଟ ବିନିମୟରେ ୩୦୬ ରନ ସଂଗ୍ରହ କରିଥିଲା। ପ୍ରତି ଜବାବରେ ରାଜମଣ୍ଡ୍ରି ଦଳ ୧୭.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୪୪ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ରାଜମଣ୍ଡ୍ରି ଦଳର ଆଜମ ମହମ୍ମଦ ୨୫ବଲରେ ୫୦ରନ ସଂଗ୍ରହ କରିଥିଲେ। ସେହିପରି ଭୁବନେଶର ଦଳର ପ୍ରୟାସ ସିଂ ୫୫ ବଲରେ ୧୪୦ରନ ଏବଂ ୩ ଓଭରରେ ୨୨ରନ ବିନିମୟରେ ଗୋଟିଏ ଉଇକେଟ ସଂଗ୍ରହ କରି ମ୍ୟାନ ଅଫ ଦି ମ୍ୟାଚ ଘୋଷିତ ହୋଇଥିଲେ। ପୁରସ୍କାର ବିତରଣୀ ସମାରୋହରେ ମୁଖ୍ୟଅତିଥି ଭାବେ ଡା. ସୌରଭ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ବୋରାସମ୍ବର କ୍ଲବର ଜୟ ଗୋପାଳ ଭୋଇ, ମନିସ ପଧାନ ଓ ମହମ୍ମଦ ଗନି ଯୋଗଦେଇ ଭୁବନେଶ୍ୱର ଦଳର ପ୍ରୟାସ କୁମାର ସିଂଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ସହ ନଗଦ ରାଶି ପ୍ରଦାନ କରିଥିଲେ। ଆଜିର ମ୍ୟାଚକୁ ଚୁଡ଼ାମଣି ପାଢ଼ୀ ଓ ଅମିୟ ଭୂଷଣ ସାହୁ ପରିଚାଳନା କରିଥିବା ବେଳେ ଅମରେଶ ବେହେରା ଓ ରିଙ୍କୁ ବରିହା ସ୍କୋରର, ଦିବ୍ୟ ପଣ୍ଡା, ରୋହିଣୀ ପାଣ୍ଡେ ଓ କୁମାର ଆନନ୍ଦ ଉଦ୍‌ଘୋଷକ ଦାୟିତ୍ୱ ବହନ କରିଥିଲେ।



ମୁଖ୍ୟ ଅତିଥି ପୁରସ୍କୃତ କରୁଛନ୍ତି।

# ୨୨ରୁ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମନ୍ଦିର ପ୍ରତିଷ୍ଠା ମହୋତ୍ସବ

ଅତାବିରା/ ଗୋଡ଼ଭଗା ୧୭।୧
(ଯୁଧିଷ୍ଠିର ମହାପାତ୍ର/ସୁରେଶ ଦାଶ)



ସାମ୍ବାଦିକ ସମ୍ମିଳନୀ ରେ ମଞ୍ଚାସୀନ କର୍ମକର୍ତ୍ତା।

ଅତାବିରା ବ୍ଲକ ଅନ୍ତର୍ଗତ ସରଣ୍ଡା ଅଷ୍ଟଶମ୍ଭୁ ଶୈବ ପୀଠରେ ନବ ନିର୍ମିତ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମନ୍ଦିରର ପ୍ରତିଷ୍ଠା ମହୋତ୍ସବ ୨୨ତାରିଖରୁ ଆରମ୍ଭ ହେବ। ଏ ନେଇ ମନ୍ଦିର କାର୍ଯ୍ୟାଳୟରେ ପ୍ରତିଷ୍ଠା ମହୋତ୍ସବ କମିଟିର ସଭାପତି ପ୍ରଶାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଶନିବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଚଳିତ ମାସ ୨୨ତାରିଖରୁ ୨୬ତାରିଖ ୫ଦିନ ବ୍ୟାପି ପୂଜା କାର୍ଯ୍ୟସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ମନ୍ଦିରର ସମ୍ପୂର୍ଣ୍ଣ ନିର୍ମାଣ କାର୍ଯ୍ୟ ଏବଂ କଲ୍ୟାଣ ମଣ୍ଡପ ପାଇଁ ୨୦୨୩ ନଭେମ୍ବରରେ ତତ୍କାଳୀନ ରାଜ୍ୟ ସରକାରଙ୍କ ୫ଟି ବିଭାଗ ପକ୍ଷରୁ ୨କୋଟି ୬୦ ଲକ୍ଷ ଅନୁଦାନ ମିଳିଥିଲା। ନିର୍ମାଣ ଶେଷ ହୋଇ ଏହି ପ୍ରତିଷ୍ଠା ମହୋତ୍ସବ ଅନୁଷ୍ଠିତ ହେଉଛି। ଚଳିତ ମାସ ୨୨ରେ ଘେଁସର ଘଣ୍ଟବାଦ୍ୟ ଏବଂ କୀର୍ତ୍ତନ ସମୂହ ସହିତ କଳସ ଶୋଭାଯାତ୍ରା ଚକୁଳି ମହାଦେବ ମନ୍ଦିର ପୋଖରୀରୁ ବାହାରି ବିଶ୍ୱେଶ୍ୱର ପୀଠରେ କରାଯାଇଥିବା ଯଜ୍ଞମଣ୍ଡପରେ ସ୍ଥାପିତ ହେବ। କଳସ ସ୍ଥାପନ ପରେ ଯଜ୍ଞମଣ୍ଡପରେ ଯଜ୍ଞଶାଳା ପ୍ରାରମ୍ଭିକ କର୍ମ ଶୁଭ ସହ ପ୍ରତିଷ୍ଠା ଆରମ୍ଭ ହେବ। ଉଦ୍‌ଘାଟନୀ ଉତ୍ସବରେ ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲ, ପୋଲିସ ଆରକ୍ଷୀ ଅଧିକ୍ଷକ ପିଏସ. ମୀନା ଏବଂ ସ୍ଥାନୀୟ ବିଧାୟକ ନିହାର ରଞ୍ଜନ ମହାନନ୍ଦ ଉପସ୍ଥିତ ରହିବାକୁ ସହମତି ଦେଇଥିବା ପ୍ରକାଶ। ୨୩ରେ ଶସ୍ୟାଭରଣ, ଯୁପ ଓ କଳସ ଧଜ,୨୪ରେ ସପ୍ତଶତୀ ଚଣ୍ଡୀ ମହାଯଜ୍ଞ, ୨୫ରେ ରୁଦ୍ରଯଜ୍ଞ, ମନ୍ଦିର ଶିଳାନ୍ୟାସ, ୨୬ତାରିଖ କଳସ ଓ ତ୍ରିଶୂଳ ସ୍ଥାପନ, ଆରତୀ ପୁଷ୍ପାଞ୍ଜଳି, ପୂର୍ଣ୍ଣାହୂତି ସହ ଦ୍ୱାଦଶ ଜ୍ୟୋର୍ତିଲିଙ୍ଗଙ୍କ ଶୃଙ୍ଗାର ବେଶ ଦର୍ଶନ।

ପୂଜାକାର୍ଯ୍ୟରେ ମୁଖ୍ୟ ପୁରୋହିତ ପଣ୍ଡିତ ବଂଶୀଧର ମିଶ୍ରଙ୍କ ସମେତ ବ୍ରହ୍ମା ଦାୟିତ୍ୱରେ ଥିବା ପଣ୍ଡିତ ଡୋଲାମଣୀ ଶତପଥୀ, ଗ୍ରାମ୍ୟ ପଣ୍ଡିତ ରାକେଶ ରଞ୍ଜନ ମିଶ୍ର ଏବଂ ସହଯୋଗୀ ଏବଂ କର୍ତ୍ତାରୂପେ ସପତ୍ନିକ ରତ୍ନାକର ମହାପାତ୍ର ଓ ମନୋରମା, ଯୋଗେଶ୍ୱର ଭୋଇ ଓ ଗୋଲାପୀ, ରାମ ଅଗ୍ରୱାଲ ଓ ରେଣୁ, କୈଳାସଚନ୍ଦ୍ର ମିଶ୍ର ଓ ପ୍ରତିମା,ଦୀନେଶ ଗାଇଗରିଆ ଓ ସୌଦାମିନୀ, ଝସକେତନ ସାହୁ ଓ ମମତାମୟୀ, ସୁଦାମ ମହାପାତ୍ର ଓ ମୌସୁମି, ତରଙ୍ଗ ମେହେର ଓ ଶୁଭଶ୍ରୀ, ରବିନ୍ଦ୍ର ଭୋଇ ଓ ଯମୁନା , ବିଦ୍ୟାଧର ମେହେର ଓ ରୀତା, ରଙ୍କମଣୀ କର୍ମୀ ଓ ବାସନ୍ତୀ, ଅଶ୍ୱିନୀ ପ୍ରଧାନ ଓ ମିନତୀ ପ୍ରମୁଖ ୧୨ ଯୋଡି କର୍ତ୍ତା ଦାୟୀତ୍ୱ ତୁଲାଇବେ ।

ମହୋତ୍ସବ ପରିଚାଳନା ପାଇଁ ୬୦ଜଣ କମିଟି ଗଠନ କରାଯାଇଛି। ଏହାସହିତ ଆଖପାଖ ଗ୍ରାମର ୨୦୦ ଯୁବକ ସ୍ୱେଚ୍ଛାସେବୀ ଦାୟୀତ୍ୱ ତୁଲାଇବେ। ପ୍ରତ୍ୟହ ବିଭିନ୍ନ ଗ୍ରାମର ଜୁହାର ଯାତ୍ରା ଅନୁଷ୍ଠିତ ହେବ। ଖବରଦାତା ସମ୍ମିଳନୀରେ ସଭାପତି ପ୍ରଶାନ୍ତ ମିଶ୍ର, ଉପ ସଭାପତି ସୁରେଶ କୌଶିକ, ସମ୍ପାଦକ ଅଶୋକ ଦାଶ ଏବଂ ସଂଯୋଜକ ବୃଷଭାନୁ ମେହେର ମଞ୍ଚାସୀନ ଥିଲେ। ଯୁଧିଷ୍ଠିର ମହାପାତ୍ର ସ୍ୱାଗତ ଭାଷଣ ଏବଂ ବୃଷଭାନୁ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ଭିବିଜି ରାମ ଜିରେ ୧୨୫ ଦିନର ନିଯୁକ୍ତି ଗ୍ୟାରେଣ୍ଟି

**ଭାଜପାର ଖବରଦାତା ସମ୍ମିଳନୀ**

ଲହୁଣୀପଡା, ୧୭।୧ (ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଅଧୀନ ରାଜାମୁଣ୍ଡାସ୍ଥିତ ଭାଜପା କାର୍ଯ୍ୟାଳୟରେ ଶୁକ୍ରବାର ରାଉରକେଲା ଜିଲା ସାଧାରଣ ସମ୍ପାଦକ ଅଭିରାମ ମହାକୁଲଙ୍କ ଅଧ୍ୟକ୍ଷତାରେ ଭିବିଜୀ.ରାମ ଜୀ ବିକଶିତ ଭାରତ ସମ୍ପର୍କରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଉରକେଲା ଜିଲା ସଭାପତି ପୂର୍ଣ୍ଣିମା କେରକେଟା ମୁଖ୍ୟ ଅତିଥି, ଭାଜପା କୃଷକ ମୋର୍ଚ୍ଚା ସଭାପତି ଅନିଲ ମାହାନ୍ତ, ରାଉରକେଲା ଜିଲା ସାଧାରଣ ସମ୍ପାଦକ ରଞ୍ଜିତ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଭିବି ଜୀ ରାମଜୀ ଯୋଜନାରେ ଜବ୍ କାର୍ଡଧାରୀଙ୍କୁ ୧୦୦ ଦିନ ବଦଳରେ ଏବେ ୧୨୫ ଦିନ କାର୍ଯ୍ୟ ମିଳିବ। ଏହାସହିତ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଜନଜାତିଙ୍କୁ ୧୫୦ ଦିନର ମଜୁରୀ ମିଳିବ ବୋଲି ସୂଚନା ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ଉପ ସଭାପତି ସତ୍ୟପ୍ରିୟ ସାହୁ, ଜିଲା ସମ୍ପାଦକ ପ୍ରଣିତାପ ଦାସ, ଜିଲା ସମ୍ପାଦକ ଜୟନ୍ତୀ ମାହାନ୍ତ, ବଣେଇ ଯୁବମୋର୍ଚ୍ଚା ସଭାପତି ଅବିନାଶ ବ୍ରହ୍ମ, ରାଉରକେଲା ଜିଲା ସମ୍ପାଦକ ଶଙ୍କର ଲୋହାର, ବରିଷ୍ଠ କାର୍ଯ୍ୟକର୍ତ୍ତା ଆହ୍ଲାଦ ବଡାଇ, ବୁଦ୍ଧଦେବ ସିଂ, ହେମେନ୍ଦ୍ର ମାହାନ୍ତ, ନିରୋଜ ଚତୁର୍ବେଦୀ, ଲହୁଣୀପଡ଼ା ମଣ୍ଡଳ ସଭାପତି ପୂର୍ଣ୍ଣଚନ୍ଦ୍ର ଓରାମ, କେ. ବଲାଙ୍ଗ ମଣ୍ଡଳ ସଭାପତି ହେମ୍ବୋ ଓରାମ, ବଣେଇ ମଣ୍ଡଳ ସଭାପତି ମିଥିଳା ପାତ୍ର, ଗୁରୁଣ୍ଡିଆ ମଣ୍ଡଳ ସଭାପତି ମନୋଜ ସାହୁ, ସରସରା ମଣ୍ଡଳ ସଭାପତି ବିରେନ୍ଦ୍ର ବଡନାୟକ, ରାଜେଶ କୁମାର ଜୟସ୍ୱାଲ, ଲବକିଶର ସାହୁ, କର୍ମୁ କିଷାନ, ଶିବ ସୁନ୍ଦର ରାଉତ ପ୍ରମୁଖ ଭାଜପା କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



ସୁନ୍ଦରଗଡ ରିଜେଣ୍ଟ ମାର୍କେଟ ଛକରେ ପୋଲିସ କ୍ୟାମ୍ପ।

# ୧୦ ଗିରଫ, ସ୍ୱାଭାବିକ ହେଉଛି ସ୍ଥିତି

**ସୁନ୍ଦରଗଡ଼ ଗୋଷ୍ଠୀ ସଂଘର୍ଷ ଘଟଣା**
- ଖୋଲିଲା ଦୋକାନ ବଜାର, ସ୍କୁଲ, କଲେଜ
- ସହରକୁ ଜଗିଛନ୍ତି ୧୯ ପ୍ଲାଟୁନ ଫୋର୍ସ

ସୁନ୍ଦରଗଡ, ୧୭।୧ (ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ରେ ଘଟିଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ଟାଉନ ଥାନା ପୋଲିସ ଉଭୟ ପକ୍ଷରୁ ୧୦ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଟାଉନ ଥାନା ଅନ୍ତର୍ଗତ ଅହମ୍ମଦ ଖାନ୍ ଓରଫ୍ ଛୋଟୁ(୪୪), ରଙ୍ଗାଡିପାର କୀର୍ତ୍ତନ ମାହାର(୩୩), ଆଦର୍ଶ ନଗରର କ୍ରିଷ୍ଣା ବାରିକ(୧୯), ହସ୍ପିଟାଲ ଛକର ରାକେଶ ସୋନକାର(୩୪), ରଙ୍ଗାଡିପା(ନିଉ ଅମଲିପାଲି)ର ପ୍ରଦୀପ ରଥ (୩୩), ଆଦର୍ଶ ନଗରର ଦୀନେଶ ଠାକୁର(୩୫), ଭିଡ୍ରିଆ ପଡାର ଶୁଭମ ସାହୁ,(୨୬), ବସନ୍ତ ବଗିଚାର ଶୁଭଙ୍କର ରୋହିଲା(୨୩), ରିଜେଣ୍ଟ ମାର୍କେଟର ଏସ୍. କେ. ସବିର(୫୦) ଏବଂ ପତ୍ରାପଡାର ସୁଶୀଲ ଗୁପ୍ତା(୩୭)। ଶୁକ୍ରବାର ବିଳମ୍ବିତ ରାତି ୧୧ଟାରେ ୬ଜଣ ଏବଂ ଶନିବାର ଅନ୍ୟ ୪ଜଣଙ୍କୁ କୋର୍ଟଚାଲାଣ କରାଯାଇଥିବା ସଦର ଏସ୍‌ଡିପିଓ ନିର୍ମଳ କୁମାର ମହାପାତ୍ର ସୂଚନା ଦେଇଛନ୍ତି। ଶୁକ୍ରବାର ପ୍ରଶାସନ ପକ୍ଷରୁ ଶାନ୍ତି କମିଟି ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁସାରେ ୨୪ ଘଣ୍ଟା ପରେ ଜିଲାରେ ଇଣ୍ଟରନେଟ ସେବା ଫେରିଥିବା ବେଳେ ଲାଗୁ ହୋଇଥିବା ୧୬୩ ଧାରାକୁ ପ୍ରତ୍ୟାହାର କରାଯାଇଛି। ଏହାପରେ ଶନିବାର ସକାଳୁ ସୁନ୍ଦରଗଡ ସହରରେ ସ୍ୱାଭାବିକ ପରିସ୍ଥିତି ଫେରୁଥିବା ବେଳେ ଦୋକାନ ବଜାର, ସ୍କୁଲ, କଲେଜ ଗୁଡିକ ଖୋଲିଛି। ଘଟଣା ଘଟିଥିବା ସୁନ୍ଦରଗଡ଼ ରିଜେଣ୍ଟ ମାର୍କେଟ୍ ସମେତ ସହରର ସମ୍ବେଦନଶୀଳ ସ୍ଥାନଗୁଡିକରେ ସ୍ୱତନ୍ତ୍ର ପୋଲିସ ଫୋର୍ସ ମୁତୟନ ଅଛନ୍ତି। ରିଜେଣ୍ଟ ମାର୍କେଟରେ କ୍ୟାମ୍ପ କରି ଅହୋରାତ୍ର ସ୍ୱତନ୍ତ୍ର ପୋଲିସ ଫୋର୍ସ ଜଗି ରହିଛନ୍ତି। ପୋଲିସ ପକ୍ଷରୁ କଡାକଡି ପାଟ୍ରୋଲିଂ ମଧ୍ୟ ଜାରି ରହିଛି। ସହରରେ ୧୯ ପ୍ଲାଟୁନ ପୋଲିସ ଫୋର୍ସ ରହିଛନ୍ତି। ଏହି ଗୋଷ୍ଠୀ ସଂଘର୍ଷ ଘଟଣାରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଗିରଫ ପାଇଁ ପୋଲିସ ପକ୍ଷରୁ ଚଢାଉ ଜାରି ରହିଛି। ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ଓ ଏସ୍‌ପି ଅମ୍ରିତ ପାଲ କୌର ଉପସ୍ଥିତ ରହି ଆଇନଶୃଙ୍ଖଳା ପରିସ୍ଥିତି ଉପରେ ନଜର ରଖିଛନ୍ତି।

# ସରକାରୀ ଏସ୍ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

ଲହୁଣୀପଡା, ୧୭।୧ (ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଖୁଣ୍ଟଗାଁସ୍ଥିତ ସରକାରୀ ଏସ୍ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ଉପ ସଭାପତି ଅମୂଲ୍ୟ କୁମାର ପ୍ରଧାନ ମୁଖ୍ୟ ଅତିଥି, ଜିଲା ଆଇଇଡି କୋର୍ଡିନେଟର ଅମାତ୍ୟ କୁମାର ପ୍ରଧାନ ମୁଖ୍ୟ ବକ୍ତା, ଜିଲା ମଙ୍ଗଳ ଅଧିକାରୀ ଭାଗିରଥି ପଟେଲ, ସୁନ୍ଦରଗଡ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ବିବେକାନନ୍ଦ ମହାନ୍ତି, ଅତିରିକ୍ତ ମଙ୍ଗଳ ଅଧିକାରୀ (ଆଇଟିଡିଏ) ବାବୁଲାଲ ମାଝୀ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ (ଆଇଟିଡିଏ) ଶ୍ୟାମସୁନ୍ଦର ଦାସ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଭଗବତ ଟୁଡୁ, ସିଆରସିସି ଅଶ୍ୱିନୀ କୁମାର ବିଶ୍ୱାଳ, ହରିପ୍ରଦ ଜେନା, ଭରତ କୁମାର ପାତ୍ର, ବେଣୁଧର ବେହେରା, ଖୁଣ୍ଟଗାଁ ସରପଞ୍ଚ ସୁମିତ୍ରା ଚାରଦିଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆଇଟିଡିଏ ପ୍ରକଳ୍ପ ଅଧିକାରୀ ସ୍ୱଦୀପ ଟପ୍ପୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାକୁ ଶିକ୍ଷକ ଗଣନାଥ ବାରିକ ପରିଚାଳନା କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଇତିଶ୍ରୀ ଜେନା ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ରୀଚି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ବିଶ୍ୱଜିତ ସାହୁ, ଦୀନବନ୍ଧୁ ସାହୁ, ସ୍ୱାଗତ କୁମାର ସ୍ୱାଇଁ, ପ୍ରଶାନ୍ତ କୁମାର ବଘାର, ଭାରତୀ ପ୍ରଧାନ, ଲକ୍ଷ୍ମୀବାଳା ପଟ୍ଟନାୟକ, ସରସ୍ୱତୀ କିଷାନ, ପଙ୍କଜିନି ଗଡତିଆଙ୍କ ସମେତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀ ସହଯୋଗ କରିଥିଲେ। ବହୁସଂଖ୍ୟକ ଅଭିଭାବିକା ଅଭିଭାବକ ଯୋଗ ଦେଇଥିଲେ। ଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥିଗଣ।

# ବୀରମିତ୍ରପୁର ଟାଉନ୍ ହଲ୍‌ରେ ନିଶାମୁକ୍ତି କାର୍ଯ୍ୟକ୍ରମ

କୁଆଁରମୁଣ୍ଡା, ୧୭।୧ (ମହେନ୍ଦ୍ର କୁମାର ସାହୁ)

ସମ୍ପ୍ରତି ଯୁବସମାଜ ନିଶାଗ୍ରସ୍ତ ହୋଇ ନିଜର କ୍ଷତି ଘଟାଇବା ସଙ୍ଗେ ସଙ୍ଗେ ନିଜ ପରିବାର, ସମାଜର କ୍ଷତି ଘଟାଇ ଚାଲିଛନ୍ତି। ନିଶା କବଳିତ ସମାଜ ଅଭିଶପ୍ତ ବୋଲି ବୀରମିତ୍ରପୁର ଟାଉନ୍ ହଲରେ ଶନିବାର ମୁସଲିମ ସମ୍ପ୍ରଦାୟର ଡିଏନ୍‌ଆର୍‌ଏଫ୍ ପକ୍ଷରୁ ଅନୁଷ୍ଠିତ ନିଶାମୁକ୍ତି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଶାମୁକ୍ତ ସମାଜ ଗଠନରେ ବୀରମିତ୍ରପୁର ମୁସଲିମ ସମ୍ପ୍ରଦାୟ ଯେଉଁ ପ୍ରୟାସ ଜାରି ରଖିଛି, ତାହା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ ବୋଲି କହିଥିଲେ। ବୀରମିତ୍ରପୁର ପୌରାଧ୍ୟକ୍ଷ ସନ୍ଦୀପ ମିଶ୍ର ମୁଖ୍ୟବକ୍ତା, ଶ୍ରମଶକ୍ତି ମହାବିଦ୍ୟାଳୟର ଅଧ୍ୟକ୍ଷ ସନ୍ତୋଷ ସିଂ, ଡାକ୍ତର ଏସ୍. କେ. ପାଣ୍ଡେ, ସୁନ୍ଦରଗଡ଼ ଏମ୍‌ପିଙ୍କ ପୌରପାଳିକା ପ୍ରତିନିଧି ସୁନୀଲ ତିୱାରୀ, ହାଜି ଅବଦୁଲ୍ ମହମ୍ମଦ, ବରିଷ୍ଠ କଂଗ୍ରେସ ନେତା ବିକ୍ରମ ପଟ୍ଟନାୟକ, ବୀରମିତ୍ରପୁର ଅଞ୍ଜୁମାନର ସମ୍ପାଦକ ଅବଦୁଲ୍ ଖାଁ, ଜିଉଲ୍ ହକ୍, କାରି ସଦ୍ଦାମ ଜମାଲି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ଦାୱତ ଇସଲାମୀ, ବୀରମିତ୍ରପୁର ତରଫରୁ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସଦସ୍ୟ ତୌଷିଫ୍ ରାଜା, ଏହାସନ୍ ଭାଇ କାରି ଅନୱାର୍, ସମୀର ଖାଁ ପ୍ରମୁଖ ସହଯୋଗ କରିଥିଲେ।




ନିଶା ନିବାରଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଗଣ।

# କଳାକୌଶଳ ପ୍ରଦର୍ଶନକଲେ ଛାତ୍ରୀଛାତ୍ର

କୁତ୍ରା, ୧୭।୧ (ଦେବାଶିଷ ସାହୁ)

ଷଷ୍ଠରୁ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ପାଠ୍ୟଚାପ କମ୍ କରି ସୃଜନାତ୍ମକ ଦକ୍ଷତା ବିକାଶ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାରଙ୍କ ତରଫରୁ ପିଏମ୍ ଶ୍ରୀ ବିଦ୍ୟାଳୟଗୁଡ଼ିକରେ ବ୍ୟାଗଲେସ୍ ଡେ' ପାଳନ କରାଯାଉଛି। ଏହି କ୍ରମରେ ଶନିବାର କୁତ୍ରା ପିଏମ୍ ଶ୍ରୀ ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟରେ ବ୍ୟାଗଲେସ୍ ଡେ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ପାଠ୍ୟ ପୁସ୍ତକ ଛାଡ଼ି ନିଜ ନିଜ ସୃଜନାତ୍ମକ ପ୍ରତିଭା ପ୍ରଦର୍ଶନ କରିଥିଲେ। ଚିତ୍ରାଙ୍କନ, କଣ୍ଢେଇ ତିଆରି, ଓ ବିଭିନ୍ନ ପ୍ରକାରର କାଗଜରେ ସୂକ୍ଷ୍ମ କାମ ମାଧ୍ୟମରେ ସେମାନେ ନିଜ କଳା କୌଶଳକୁ ଉପସ୍ଥାପନ କରିଥିଲେ। ବିଶେଷକରି ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ଖେଳନା ସାମଗ୍ରୀ ଓ ଚିତ୍ରକଳା ସମସ୍ତଙ୍କ ଆକର୍ଷଣର କେନ୍ଦ୍ର ହୋଇଥିଲା। ମଞ୍ଜୁ ଏକ୍କା, ନମିତା କୁଲୁ, ରୀତା କଣ୍ଡା, ସୁନିତା ପଟେଲ, ସଙ୍ଗୀତା ଦେଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀର ୨ ଶହରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।



ଛାତ୍ରୀଛାତ୍ର ବିଭିନ୍ନ କଳା କୌଶଳ ତିଆରି କରୁଛନ୍ତି।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# କୁଆଁରମୁଣ୍ଡାରେ ବନ୍ଦେ ମାତରମ୍ ଗାନ କାର୍ଯ୍ୟକ୍ରମ

କୁଆଁରମୁଣ୍ଡା, ୧୭।୧ (ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ପରିସରରେ ଶନିବାର ପୂର୍ବାହ୍ନ ୧୧ଟାରେ ବନ୍ଦେ ମାତରମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବନ୍ଦେ ମାତରମ୍ ଗାନର ୧୫୦ ତମ ବର୍ଷ ପୂର୍ତ୍ତି ଅବସରରେ ବ୍ଲକସ୍ତରୀୟ ଏହି ମହୋତ୍ସବରେ ହରିହର ସରକାରୀ ଉଚ୍ଚ ବିଦ୍ୟାଳୟ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସମେତ ଅନ୍ୟାନ୍ୟ ବିଦ୍ୟାଳୟର ଛାତ୍ରୀଛାତ୍ର ଉପସ୍ଥିତ ରହି ସାମୂହିକ ବନ୍ଦେ ମାତରମ୍ ଗାନ କରିଥିଲେ। ଏହା ସହିତ ସ୍କୁଲ୍ ପିଲାମାନଙ୍କୁ ନେଇ ଜାତୀୟ ସଙ୍ଗୀତରେ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ଅବସରରେ ଉପସ୍ଥିତ ଅତିଥିମାନେ କୃତୀ ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। କୁଆଁରମୁଣ୍ଡା ବିଡିଓ ଡ. ଜଗଦୀଶ ଚନ୍ଦ୍ର ମହାନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, ନେଭିଲ୍ କେର୍କେଟା, ପଞ୍ଚାୟତ ସମିତି ଅଧ୍ୟକ୍ଷା ଜ୍ୟୋତି କେର୍କେଟା, କୁଆଁରମୁଣ୍ଡା ଭାରପ୍ରାପ୍ତ ତହସିଲଦାର ବିଶ୍ୱଜିତ ପ୍ରଧାନ, ସାମାଜିକ କର୍ମୀ ରୀନା ମେହେର, ବିଇଓ ନମିତା ମହାପାତ୍ର ପ୍ରମୁଖ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଉପସ୍ଥିତ ଥିଲେ। ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରଞ୍ଜନ ରାମ, ଏପିଓ ଶ୍ରବଣ ସାହୁ, ଶିକ୍ଷକ ଗୋବିନ୍ଦ ରାଉତ, ନରୋତ୍ତମ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# କମ୍ବଳ ବାଣ୍ଟିଲେ ସ୍କାଉଟ୍ ଗାଇଡ୍ ଛାତ୍ରୀଛାତ୍ର

ବଡ଼ଗାଁ, ୧୭।୧ (ଅଶୋକ ଷଡଙ୍ଗୀ): ସୁନ୍ଦରଗଡ଼ ଜିଲା ବଡ଼ଗାଁ ଆଇଟିଆଇର ସ୍କାଉଟ୍ ଗାଇଡ୍ ଛାତ୍ରୀଛାତ୍ରମାନେ ନିଜେ ସଂଗ୍ରହ କରିଥିବା ଟଙ୍କାରୁ କମ୍ବଳ କିଣି ଶୁକ୍ରବାର ଗରିବ ଅସହାୟଙ୍କୁ ବଣ୍ଟନ କରିଛନ୍ତି। ବଡ଼ଗାଁ ଥାନା ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏଏସ୍‌ଆଇ ଅରୂପାନନ୍ଦ ଦାସ ଓ ବିଜୟ କୁମାର କର, ବଡ଼ଗାଁ ଆଇଟିଆଇରପ୍ରିନ୍ସିପାଲ ସାଗରିକା ନାଏକ ପ୍ରମୁଖ ଅତିଥି ଭାବେ ଅଂଶଗ୍ରହଣ କରିଥିଲେ। ରୋଭର ଓ ରେଞ୍ଜର ଲିଡର ସୌରଭ ପଣ୍ଡା, ସରିତା କମାର କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ଦୁରତୀ ବଡାଇକ ସହଯୋଗ କରିଥିଲେ। ଉଲ୍ଲେଖଯୋଗ୍ୟ, ପ୍ରତିବର୍ଷ ସ୍କାଉଟ୍ ଗାଇଡ୍ ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଆସୁଛି।

# ରାସ୍ତାପାର୍ଶ୍ୱ ନିଆଁ, ପୋଡ଼ିଗଲା ଚାରଣଭୂମି

ବଡ଼ଗାଁ, ୧୭।୧ (ଅଶୋକ ଷଡଙ୍ଗୀ)



ଚଳିତ ବର୍ଷ ଗ୍ରୀଷ୍ମ ପୂର୍ବରୁ ସୁନ୍ଦରଗଡ଼ ଜିଲା ବଡ଼ଗାଁ ଅଞ୍ଚଳରେ ଦୁର୍ବୃତ୍ତମାନେ ରାସ୍ତା ପାର୍ଶ୍ୱ ଏବଂ ବିଲବାଡ଼ିରେ ନିଆଁ ଲଗାଉଥିବା ଦେଖାଯାଇଛି। ସିଗାରେଟ, ବିଡ଼ି ଟାଣି ରାସ୍ତା ପାର୍ଶ୍ୱରେ ଫିଙ୍ଗିବା ଓ ଲୋକେ ବିଲରେ ନିଆଁ ଲଗାଯାଉଥିବାରୁ ଏହା ବ୍ୟାପିଯାଇ ବିସ୍ତୀର୍ଣ୍ଣ ଅଞ୍ଚଳକୁ ଜାଳି ଦେଉଛି। ଫଳରେ ଛୋଟ ଛୋଟ ଗଛ, ଗୁଳ୍ମ ପୋଡ଼ି ନଷ୍ଟ ହେଉଛି। ଏଥିଯୋଗୁ ଗାଈଗୋରୁଙ୍କ ପାଇଁ ଖାଦ୍ୟ ସଙ୍କଟ ସୃଷ୍ଟି ହେବା ସହ ପ୍ରଦୂଷଣ ବଢୁଛି। ପ୍ରତିବର୍ଷ ବନ ବିଭାଗ ପକ୍ଷରୁ ଏ ନେଇ ଲୋକମାନଙ୍କୁ ସଚେତନ କରାଯାଉଥିବା କୁହାଯାଇଛି।

# ମା କନ୍ତେଶ୍ୱରୀ ସାଂସ୍କୃତିକ କଳା ପରିଷଦର ବାର୍ଷିକୋତ୍ସବ

ଲହୁଣୀପଡ଼ା, ୧୬।୧ (ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ ଗୋପନା ଗ୍ରାମ ସ୍ଥିତ ମା' କନ୍ତେଶ୍ୱରୀ ସାଂସ୍କୃତିକ କଳା ପରିଷଦର ଏକାଦଶତମ ବାର୍ଷିକୋତ୍ସବ ଗତ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କଳା ପରିଷଦ ସଭାପତି ଧନେଶ୍ୱର ମହାନ୍ତଙ୍କ ଅଧ୍ୟକ୍ଷତା ଆୟୋଜିତ କାର୍ଯ୍ୟକ୍ରମରେ ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ମୁଖ୍ୟ ଅତିଥି, ରାଜ୍ୟ ଆଦିବାସୀ କୁଡୁମୀ ସମାଜ ସାଧାରଣ ସମ୍ପାଦକ ମିଲନ ମାହାନ୍ତ ମୁଖ୍ୟ ବକ୍ତା, ଜିଲା ପରିଷଦ ସଦସ୍ୟା ସୁଶିଳା ମୁଣ୍ଡା, ଅଧ୍ୟାପକ ତପନ କୁମାର ଦଣ୍ଡିଆ, ପୂର୍ବତନ ଜିଲା ପରିଷଦ ସଦସ୍ୟ ଗୋପୀନାଥ ମାହାନ୍ତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଦୁବରାଜ ମାହାନ୍ତ ଅତିଥି ପରିଚୟ, ସ୍ୱାଗତ ଭାଷଣ ଏବଂ ମଞ୍ଚ ପରିଚାଳନା କରିଥିଲେ। ପରିଷଦର ସମ୍ପାଦକ ରାଜକିଶୋର ମାହାନ୍ତ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଜିଲାସ୍ତରୀୟ ଛାତ୍ରୀ ଫୁଟବଲ ପ୍ରତିଯୋଗିତାରେ ଚାମ୍ପିୟନ ହୋଇଥିବା ଗୋପନା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଏବଂ ଝୁମର ଗୀତରେ ଉଲ୍ଲେଖନୀୟ ଅବଦାନ ପାଇଁ ଧର୍ମାନନ୍ଦ ମାହାନ୍ତଙ୍କୁ ସମ୍ମାନିତ କରାଯାଇଥିଲା। ଉପଦେଷ୍ଟା ଦୀନବନ୍ଧୁ ମାହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଓମନ୍ତ କୁମାର ମାହାନ୍ତ, କୈଳାଶ ମାହାନ୍ତ, କିଶୋର ମାହାନ୍ତ, ଗୋପୀ ମାହାନ୍ତ, ବିଶି କୈବର୍ତ୍ତ, କୃଷ୍ଣଚନ୍ଦ୍ର ମାହାନ୍ତ, ରାଜେନ୍ଦ୍ର ମୁଣ୍ଡା, ଅର୍ଜୁନ ମାହାନ୍ତ, ସଞ୍ଜୟ ମାହାନ୍ତ, ଭଦ୍ର ମାହାନ୍ତ, ବାସୁଦେବ ମାହାନ୍ତ ପ୍ରମୁଖ ସହଯୋଗ କରିଥିଲେ।




ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି।

# ଲକ୍ଷ୍ୟ ରଖି ପାଠ ପଢ଼ିଲେ ସଫଳତା ନିଶ୍ଚିତ




ବାର୍ଷିକୋତ୍ସବ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

କୁତ୍ରା, ୧୭।୧ (ଦେବାଶିଷ ସାହୁ)

କୁତ୍ରା ବ୍ଲକ ଅନ୍ତର୍ଗତ ପୁର୍କାପାଲି ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷା ବାସନ୍ତୀ କାଲୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଜେଏସ୍‌ଡବ୍ଲ୍ୟୁ ଶିବା ସିମେଣ୍ଟର ଜମି ସମ୍ପର୍କିତ ଅଧିକାରୀ ସୁନୀଲ କୁମାର ନାଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଶୃଙ୍ଖଳିତ ହୋଇ ଜୀବନର ଲକ୍ଷ୍ୟ ରଖି ପାଠପଢାରେ ମନୋନିବେଶ କଲେ ସଫଳତା ନିଶ୍ଚିତ ମିଳିବ ବୋଲି କହିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତ୍ରିଲୋଚନ ନାଏକ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଚରିତ୍ର ଗଠନ ସହ ଜଣେ ଭଲ ମଣିଷ ହେବା ପାଇଁ ପ୍ରେରଣା ଦେଇଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷା ଶାନ୍ତିଲତା ଲାକଡା, ସରପଞ୍ଚ ସୁକାନ୍ତି ମାଝୀ, ଏବିଇଓ ନିରଞ୍ଜନ ରାଉଳ, ଜେଏସ୍‌ଡବ୍ଲ୍ୟୁ ଶିବା ସିମେଣ୍ଟର ସିଏସ୍‌ଆର ବିଭାଗ ମୁଖ୍ୟ ସଂଗ୍ରାମ କେଶରୀ ରାଉତ, ଅଧୀକ୍ଷକ ଅଲେଖ ଦଳାଇ, ଶର୍ଗୁ କିଷାନ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମରେଶ କୁମାର ସାହୁ, ପୂର୍ବତନ ସରପଞ୍ଚ ଚକ୍ରଧର ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା କାଲୋ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ବରିଷ୍ଠ ଆଇନଜୀବୀ ଲବିନ୍ଦ୍ର କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ମନୋଜ ଡୁଙ୍ଗଡୁଙ୍ଗ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ବିଭିନ୍ନ ବିଭାଗରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଜେଏସ୍‌ଡବ୍ଲ୍ୟୁ ଶିବା ସିମେଣ୍ଟ ପକ୍ଷରୁ ଶ୍ରେଣୀ ଗୃହରେ ପାଠପଢ଼ା ପାଇଁ ପ୍ରଦାନ କରାଯାଇଥିବା ୫୦ଟି ଡେସ୍କ ବେଞ୍ଚକୁ ମୁଖ୍ୟ ଅତିଥି ନାଥ ଓ ପଞ୍ଚାୟତ ସମିତି ଅଧ୍ୟକ୍ଷା ଲାକଡା ଉଦ୍‌ଘାଟନ କରିଥିଲେ।

# ଗୁରୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ

## ଏସ୍‌ଟି ଜନ୍ ବୋସ୍କୋ ସ୍କୁଲର ବାର୍ଷିକୋତ୍ସବ

ବାଲିଶଙ୍କରା, ୧୭।୧ (ହୃଦାନନ୍ଦ ବାରିକ)

ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକର ଏସ୍‌ଟି ଜନ ବୋସ୍କୋ ଇଂଲିଶ ମିଡ଼ିଅମ ସ୍କୁଲର ବାର୍ଷିକୋତ୍ସବ ଶନିବାର ପାଳିତ ହୋଇଯାଇଛି। ଏଥିରେ ବାଲିଶଙ୍କରା ତହସିଲଦାର କୁନ୍ତୀରାଣୀ ନାଏକ ମୁଖ ଅତିଥି ଭାବେ ଯୋଗଦେଇ ଗୁରୁଙ୍କୁ ଭକ୍ତି କରିବା ସହ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସ୍କୁଲର ନିର୍ଦ୍ଦେଶକ ଅଶୋକ ଖାଲଖୋଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସ୍କୁଲର ଅଧ୍ୟକ୍ଷ ବିଜୟ କୁମାର ଏକ୍କା, ବାଲିଶଙ୍କରା ବ୍ଲକ ଅଧ୍ୟକ୍ଷା କୁଞ୍ଜଲତା ଭିତ୍ରିଆ, ବିଧାୟକ ପ୍ରତିନିଧି ବନମାଳି ବାରସତିଆ, ଫାଦର ଫ୍ରାନ୍‌ସିସ୍ ପରେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ନିର୍ଦ୍ଦେଶକ ଖାଲଖୋ ବିଦ୍ୟାଳୟର ବାର୍ଷିକ ବିବରଣୀ ପଠନ, ଶିକ୍ଷକ ରାଜେଶ କୁମାର ଇଣ୍ଡୱାର ଅତିଥି ପରିଚୟ ସହ ସଭା ସଞ୍ଚାଳନ କରିଥିଲେ। ଶିକ୍ଷକ ରକି ନେଲସନ ଲାକ୍ରା, ଚିନ୍ମୟୀ ସାହୁ, ଶିକ୍ଷୟିତ୍ରୀ ଯଷ୍ଟିନା ଲାକ୍ରା, ସୁସ୍ମିତା ମିଞ୍ଜ, ତାରା ମୁନୀମ ପରେଖ, ଆରତୀ ବାର୍ଲା, ସସ୍ମିତା ସାଏ, ଆଡ଼ଲିନା ସରେଙ୍ଗ, ସୁସ୍ମିତା ବାରା, ସୁମନଜିତା କୁଲୁ, ଆଲମାକାନ୍ତି ଲାକ୍ରା, ମନ୍ଦାକିନୀ ଭୈସାଲ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

## ସଂକ୍ଷେପରେ

### ସୁଭଦ୍ରା ଶକ୍ତି କେନ୍ଦ୍ର ଉଦ୍‌ଘାଟନ କଲେ ପଞ୍ଚାୟତିରାଜ ମନ୍ତ୍ରୀ

ଦେବଗଡ,୧୭।୧(ଶଶାଙ୍କ ଶେଖର ଝାଙ୍କର)

ତିଲେଇବଣି ବ୍ଲକ କଂସର ଗ୍ରାମ ପଞ୍ଚାୟତରେ ନବ ନିର୍ମିତ 'ସୁଭଦ୍ରା ଶକ୍ତି କେନ୍ଦ୍ର' ଶନିବାର ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ମନ୍ତ୍ରୀ ରବି ନାରାୟଣ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଫିତାକାଟି ଆନୁଷ୍ଠାନିକ ଭାବେ ଏହାକୁ ଉଦଘାଟନ କରିଥିଲେ। ଉକ୍ତ କେନ୍ଦ୍ର ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଉଦ୍ୟମୀ ମହିଳାଙ୍କୁ ପ୍ରଶିକ୍ଷଣ, ଦକ୍ଷତା ବିକାଶ ଓ ବଜାର ସଂଯୋଗର ସୁଯୋଗ ଦିଆଯାଇପାରିବ। ନାରୀଙ୍କୁ ସ୍ୱୟଂ ନିର୍ଭର କରିବା ଲକ୍ଷ୍ୟରେ ଏହି କେନ୍ଦ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ସରକାରଙ୍କ ଏହି ପଦକ୍ଷେପ ନାରୀ ଶକ୍ତିକୁ ମଜଭୁତ କରିବା ସହିତ ଗ୍ରାମୀଣ ଅର୍ଥନୀତି ସୁଦୃଢ କରିବାରେ ସହାୟକ ହେବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ । ତିଲେଇବଣି ଗୋଷ୍ଠୀ ଉନ୍ନୟନ ଅଧିକାରୀଣୀ ପ୍ରିୟଦର୍ଶିନୀ ମିର୍ଦ୍ଧାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥିଭାବେ ତିଲେଇବଣି ବ୍ଲକ ଅଧକ୍ଷା ବୃନ୍ଦାବତୀ ଭୋଇ, ବ୍ଲକ ଉପାଧକ୍ଷା ଆରତୀ ପ୍ରଧାନ, କଂସର ସରପଞ୍ଚ ଅମୂଲ୍ୟ କୁମାର ଧରୁଆ, ସମିତିସଭ୍ୟ ସୁରୋଜ ଧରୁଆ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶତାଧିକ ଏସଏଚଜି ମହିଳା ଏବଂ ଜନସାଧାରଣ ସାମିଲ ହୋଇଥିଲେ ।

### ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ଦେବଗଡ,୧୭।୧(ଶଶାଙ୍କ ଶେଖର ଝାଙ୍କର)

ବାରକୋଟ ବ୍ଲକ ପଞ୍ଚାୟତ ଡିଗ୍ରୀ କଲେଜ କଲାଠାରେ ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀମାନଙ୍କ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି । ଏହି ଉଦଯାପନୀ ଉତ୍ସବରେ ଅତିଥି ଭାବେ ବାରକୋଟ ଥାନା ସବ୍ ଇନ୍ସପେକ୍ଟର ବିରଞ୍ଚି କୁମାର ନାଏକ, ସବ ଇନ୍ସପେକ୍ଟର ପବିତ୍ର କୁମାର୍ ମହାନ୍ତି ଓ ସବ ଇନ୍ସପେକ୍ଟର ଅରବିନ୍ଦ ବେହେରା ଯୋଗଦେଇ ଛାତ୍ରୀଙ୍କ ମାର୍ଗଦର୍ଶନ କରିଥିଲେ। ଉଦଘାଟନୀ ଉତ୍ସବରେ ଦେବଗଡ଼ ଡିଗ୍ରୀ କଲେଜର ଅଧ୍ୟକ୍ଷ ସୁଦାମ ଚରଣ ପରିଡ଼ା ମୁଖ୍ୟ ଅତିଥି ଓ ଦେବଗଡ଼ କଲେଜ ଆତ୍ମସୁରକ୍ଷା ସଂଯୋଜିକା ସୋନାଲି ସୁପର୍ଣ୍ଣା ସାହୁ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ମାଷ୍ଟର ଟ୍ରେନର ଦିପ୍ତିପ୍ରଭା ସାମଲ ୧୦୦ ଜଣ ଛାତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଶାନ୍ତନୁ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମହାବିଦ୍ୟାଳୟ ଆତ୍ମସୁରକ୍ଷା ତାଲିମର ସଂଯୋଜିକା ସଂଘମିତ୍ରା ଦେହୁରୀ ମଞ୍ଚ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧାପିକା ଅଧାପକ କର୍ମଚାରୀ ଏଥିରେ ଅଂଶ ଗ୍ରହଣ କରିଥିଲେ ।

# ଇବ୍‌ନଦୀ ଜଳଧାରାକୁ ସଂରକ୍ଷଣ ନ କଲେ ସଙ୍କଟ

## ମାର୍ଚ୍ଚରେ ଅସୁବିଧା ଭୋଗିବେ ୪ ପଞ୍ଚାୟତବାସୀ

ଝାରସୁଗୁଡ଼ା,୧୭।୧(ଆଶିଷ ରଞ୍ଜନ ଦାଶ)


ଇବନଦୀ ଗର୍ଭ।

ଝାରସୁଗୁଡ଼ା ସଦର ବ୍ଲକର ୪ଟି ପଞ୍ଚାୟତ, ବ୍ରଜରାଜନଗର ପୌରପରିଷଦ, ଇବଭ୍ୟାଲି ଓ ଓରିଏଣ୍ଟ ମାଇନିଂ ଅଞ୍ଚଳକୁ ଜଳ ଯୋଗାଉଥିବା ଇବ୍‌ନଦୀର ଜଳକୁ ଶୀଘ୍ର ସଂରକ୍ଷଣ ନ କଲେ ଆସନ୍ତା ମାର୍ଚ୍ଚ ବେଳକୁ ଘୋର ଜଳ ସଙ୍କଟ ହେବାର ସମ୍ଭାବନା ରହିଛି।

ବ୍ରଜରାଜନଗର ଇବ ଭ୍ୟାଲି ତରଫରୁ ପ୍ରତିବର୍ଷ ଇବ ନଦୀର ଦୁଇ କୂଳରେ ଥିବା ଘନଘୋରା –ମରାକୁଟା ଗ୍ରାମ ମଧ୍ୟସ୍ଥ ନଦୀ ଗର୍ଭରେ ବାଲିବସ୍ତାର ବନ୍ଧ ତିଆରି କରି ଇବ ନଦୀର ଜଳ ଧାରାକୁ ରୋକା ଯାଇଥାଏ। ଏହି ନଦୀର ଜଳ ଧାରାକୁ ରୋକିବା ଏବଂ ବାଲି ବସ୍ତାର ବନ୍ଧ ତିଆରି ପାଇଁ ଇବଭ୍ୟାଲି ତରଫରୁ ଏକ ଟେଣ୍ଡର କରାଯାଇ ବନ୍ଧ ତିଆରି କାମ ଟେଣ୍ଡର ପାଇଥିବା ବ୍ୟକ୍ତି କିମ୍ବା ଅନୁଷ୍ଠାନକୁ ଦିଆଯାଇଥାଏ। ଯାହାଦ୍ୱାରା ବାଲିବନ୍ଧର ପ୍ରତିରୋଧରେ ଇବ ନଦୀ ମଧ୍ୟରେ ପ୍ରଚୁର ଜଳ ସଂରକ୍ଷଣ ହୋଇ ରହି ଯାଇଥାଏ। ନଦୀରେ ବୋହୁଥିବା ବଳକା ପାଣି ବୋହି ବହି ହୀରାକୁଦ ଡ୍ୟାମରେ ମିଶି ଯାଇଥାଏ। ବର୍ଷା ଋତୁ ହେଲେ ଆପେ ଆପେ ବାଲି ବସ୍ତା ବନ୍ଧ ଭୁଶୁଡ଼ି ଯାଇଥାଏ। ଏହି ପ୍ରକ୍ରିୟା ଆଜିକୁ ପ୍ରାୟ ୨୦ରୁ ୨୫ ବର୍ଷ ଧରି ଚଳି ଆସୁଥିବା ବେଳେ ଏହାଦ୍ୱାରା ମରାକୁଟା, ଚନ୍ଦନୀମାଲ, ରାଜପୁର, ଲୋଇସିଂ ଭଳି ୪ଟି ଗ୍ରାମ ପଞ୍ଚାୟତ ସହିତ ବ୍ରଜରାଜନଗର ପୌର ପରିଷଦ, ଇବଭ୍ୟାଲି ଓ ଓରିଏଣ୍ଟ ଅଞ୍ଚଳକୁ ଗ୍ରୀଷ୍ମ ଋତୁରେ ମଧ ଇବ ନଦୀରୁ ସଂରକ୍ଷଣ ହୋଇଥିବା ଜଳ ଦ୍ୱାରା ୩ରୁ ୪ ମାସ ପର୍ଯ୍ୟନ୍ତ ଦରକାର ହେଉଥିବା ଜଳ ଆବଶ୍ୟକତାକୁ ପୂରଣ କରିଥାଏ। ବିଗତ ବର୍ଷ ଗୁଡ଼ିକରେ ଏହି ପ୍ରକ୍ରିୟା ଜାନୁୟାରୀର ପ୍ରଥମ ସପ୍ତାହରେ ଶେଷ ହୋଇ ଯାଉଥିବା ବେଳେ ଚଳିତ ବର୍ଷ ଜାନୁଆରୀର ଅଧା ସମୟ ସରି ଯାଇଥିବା ବେଳେ ଇବ ନଦୀର ଜଳ ସଂରକ୍ଷଣ ଏବଂ ବାଲିବନ୍ଧର ଟେଣ୍ଡର ପ୍ରକ୍ରିୟା ଏ ଯାଏ ଆରମ୍ଭ ହୋଇନାହିଁ। ଏହା ସହିତ ଆସନ୍ତା ଜାନୁଆରୀ ଶେଷ ସୁଦ୍ଧା ଇବ ନଦୀର ଜଳ ପ୍ରବାହ ମଧ କମିଯିବାର ଆଶଙ୍କା ରହିଛି। ତେଣୁ ଆଗାମୀ ୧୫ ଦିନ ମଧ୍ୟରେ ଇବ ନଦୀରେ ବାଲିବନ୍ଧ ତିଆରି କରି ନଦୀଜଳକୁ ସଂରକ୍ଷଣ କରା ନ ଯାଏ ତେବେ ଉପରୋକ୍ତ ୪ଟି ପଞ୍ଚାୟତ, ବ୍ରଜରାଜନଗର ପୌର ପରିଷଦ ସହିତ ଇବଭ୍ୟାଲି ଓ ଓରିଏଣ୍ଟ ମାଇନିଂ ଅଞ୍ଚଳରେ ପ୍ରଚୁର ମାତ୍ରାରେ ଜଳ ସଙ୍କଟ ଦେଖାଦେବ। ଇବଭ୍ୟାଲି କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ନେଇ ଇବ ନଦୀରେ ବାଲି ବନ୍ଧ ନିର୍ମାଣ କରି ଜଳ ସଂରକ୍ଷଣ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ଚନ୍ଦନୀମାଲ, ରାଜପୁର, ମରାକୁଟା, ଲୋଇସିଂ ଗ୍ରାମ ପଞ୍ଚାୟତ ସହିତ ବ୍ରଜରାଜନଗର ପୌର ପରିଷଦର ଜନସାଧାରଣ ଦାବି କରିଛନ୍ତି। ଏ ନେଇ ଇବଭ୍ୟାଲି ଜି ଏମ୍ ଜିତେନ୍ଦ୍ର ତିୱାରୀଙ୍କୁ ଯୋଗାଯୋଗ କରିଥିଲେ ମଧ ଯୋଗାଯୋଗ ହୋଇ ପାରି ନ ଥିଲା।

# ୭ ବର୍ଷ ପରେ ଘରକୁ ଫେରିଲେ ଧ୍ରୁବଲେ


ବିଧାୟକ ତ୍ରିପାଠୀ ଏବଂ ଜିଲାପାଳ ଧ୍ରୁବଲେଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଝାରସୁଗୁଡ଼ା,୧୭।୧(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ପ୍ରଶାସନର ମାନବିକ ଆଭିମୁଖ୍ୟ ଓ ନିରନ୍ତର ସେବା ମନୋଭାବ କାରଣରୁ ପୁଣି ଏକ ବିଚ୍ଛିନ୍ନ ପରିବାର ମଧ୍ୟରେ ହସ ଫୁଟିଛି। ମାନସିକ ଅସୁସ୍ଥତା ଯୋଗୁ ଦୀର୍ଘ ୭ ବର୍ଷ ଧରି କଳାହାଣ୍ଡି ଭବାନୀପାଟଣାରୁ ନିଖୋଜ ଥିବା ଧ୍ରୁବଲେ ଗାରିଆଙ୍କୁ ଶନିବାର ପୂର୍ବାହ୍ନରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଏବଂ ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଉପସ୍ଥିତିରେ ଧ୍ରୁବଲେଙ୍କୁ ତାଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନାଯୋଗ୍ୟ, ୨୦୧୮ରୁ ଉଦ୍ଧାର ହେବା ପରେ ମିଶନ ଆଶାଲୋକଠାରେ ତାଙ୍କର ଚିକିତ୍ସା ଓ ସେବା କରାଯାଉଥିଲା। ଜିଲାପାଳ ଚହ୍ୱାଣଙ୍କ ନେତୃତ୍ୱରେ ଜିଲା ପ୍ରଶାସନ 'ସ୍ନେହ ସେତୁ' ମାଧ୍ୟମରେ ପୂର୍ବରୁ ମଧ୍ୟ ଅନେକ ବ୍ୟକ୍ତିଙ୍କୁ ନିଜ ପରିବାର ସହ ପୁନର୍ମିଳନ କରିବାରେ ସଫଳ ହୋଇଛନ୍ତି। ଜିଲା ପ୍ରଶାସନ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସମନ୍ୱୟରେ ପରିଚାଳିତ ଏହି ଅଭିଯାନ ଆଗାମୀ ଦିନରେ ଅନେକ ଅସହାୟଙ୍କ ଜୀବନରେ ନୂଆ ଆଶା ସଞ୍ଚାର କରିବ ବୋଲି ବିଧାୟକ ତ୍ରିପାଠୀ ମତ ପ୍ରକାଶ କରିଛନ୍ତି।

# କଂସର ପଞ୍ଚାୟତ ସମିତି ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଦେବଗଡ଼,୧୭।୧(ଶଶାଙ୍କ ଶେଖର ଝାଙ୍କର)

ତିଲେଇବଣି ବ୍ଲକ କଂସର ପଞ୍ଚାୟତ ସମିତି ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ପାଳିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ସେ ଛାତ୍ରୀଙ୍କୁ ଶୃଙ୍ଖଳିତ ହେବା ସହ ଭଲ ପାଠ ପଢି ଜଣେ ସୁନାଗରିକ ହେବା ପାଇଁ ପ୍ରେରଣା ଦେଇଥିଲେ। କନ୍ୟା ସନ୍ତାନଙ୍କ ସାମଗ୍ରୀକ ବିକାଶ ଓ ସେମାନଙ୍କୁ ଉଚ୍ଚଶିକ୍ଷା କ୍ଷେତ୍ରରେ ଆଗକୁ ବଢାଇବା ପାଇଁ ଆମେ ନିରନ୍ତର ଚେଷ୍ଟା ଜାରି ରଖିଛେ ବୋଲି କହିଥିଲେ। ଏଥିସହ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅଭିଭାବକଙ୍କ ସହିତ ଆଲୋଚନା କରି ଶିକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ କରିବା ଦିଗରେ ମତାମତ ଗ୍ରଗଣ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ହିରନମୟୀ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ କଂସର ଏକଲବ୍ୟ ପଞ୍ଚାୟତ ସମିତି ଉଚ୍ଚ ମାଧମିକ ବିଦ୍ୟାଳୟ ଅଧକ୍ଷା ଡ. ବିନୀତା ମହାପାତ୍ର ଏବଂ ସମ୍ମାନୀତ ଅତିଥିଭାବେ ତିଲେଇବଣି ବ୍ଲକ ଅଧକ୍ଷା ବୃନ୍ଦାବତୀ ଭୋଇ, ଉପାଧକ୍ଷା ଆରତୀ ପ୍ରଧାନ, ସମ୍ବଲପୁର ଏମପି ପ୍ରତିନିଧି ଯୋଗେଶ ଚନ୍ଦ୍ର ପ୍ରଧାନ, କଂସର ସରପଞ୍ଚ ଅମୂଲ୍ୟ ଧରୁଆ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ଛାତ୍ରୀଙ୍କୁ ମାନପତ୍ର ଏବଂ ପୁରସ୍କାର ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା। ଏଥିସହ ବିଦ୍ୟାଳୟର ଛାତ୍ରୀମାନେ ସନ୍ଧ୍ୟା ପର୍ଯ୍ୟନ୍ତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରିବା ସହିତ ବାର୍ଷିକ ଉତ୍ସବର ମଜା ଉଠାଇଥିଲେ। ବିଦ୍ୟାଳୟ ପରିଚାଳନା ପରିଷଦ ସଭାପତି ପୁରୁଷୋତମ ସାହୁଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ଭୂମିକା ନିର୍ବାହ କରିଥିଲେ।

## ସର୍ବଭାରତୀୟ ମା'ଜଳମୁଣ୍ଡି କ୍ରିକେଟ କପ୍ ଉଦ୍‌ଘାଟିତ

ଦେବଗଡ଼,୧୭।୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲା ରିଆମାଳ ବ୍ଲକ ଟିଙ୍କବୀର ହାଇସ୍କୁଲ ପଡ଼ିଆରେ ଶନିବାର ୧୭ତମ ସର୍ବଭାରତୀୟ ମା' ଜଳମୁଣ୍ଡି କ୍ରିକେଟ କପ-୨୦୨୬ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ନେତାଜୀ ସ୍ପୋର୍ଟସ ଆସୋସିଏଶନ ପକ୍ଷରୁ ଆୟୋଜିତ ଏହି କପରେ ମୁଖ୍ୟ ଅତିଥିଭାବେ ଦେବଗଡ଼ ଭାଜପା ଜିଲା ସଭାପତି ଅରୁଣ କୁମାର ସାହୁ, ସମ୍ମାନୀତ ଅତିଥି ଭାଜପା ଜିଲା ଉପସଭାପତି ଯୋଗେଶ ପ୍ରଧାନ, ରିଆମାଳ ମଣ୍ଡଳ ସଭାପତି ସଞ୍ଜୀବ ବେହେରା, ଟିଙ୍କବୀର ସରପଞ୍ଚ ଫକୀରମୋହନ ବେହେରା ଓ ନାଏବ ସରପଞ୍ଚ ମାନସୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଉଦଘାଟନୀ ଅବସରରେ ପ୍ରଥମ ମ୍ୟାଚ ବିସିସି ଦେବଗଡ଼ ଓ ରାଇଜିଂ ଷ୍ଟାର ସମ୍ବଲପୁର ମଧ୍ୟରେ ହୋଇଥିଲା। ରାଇଜିଂ ଷ୍ଟାର ଟସ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୯ ଉଇକେଟ ହରାଇ ୧୩୦ ରନ ହାସଲ କରିଥିଲା। ଦଳ ପକ୍ଷରୁ ସର୍ବାଧିକ ଶ୍ରେଷ୍ଠ ୨୮ଟି ବଲରେ ୩୬ରନ ସଂଗ୍ରହ କରିଥିଲେ। ଜବାବରେ ବିସିସି ଦଳ ବ୍ୟାଟିଂ କରି ୧୨ ଓଭରରେ ୨ ଉଇକେଟ ହରାଇ ମ୍ୟାଚ ବିଜୟୀ ହୋଇଥିଲା। ଦଳର ଶ୍ରେୟାଂସ ୪୩ ବଲରେ ଚୌକା ୯ଟି ଓ ଛକା ୩ଟି ମୋଟ ୬୮ କରି ମ୍ୟାନ ଅପ ଦ ମ୍ୟାଚ ବିବେଚିତ ହୋଇଥିଲେ। ଭାଜପା ଜିଲା ଉପସଭାପତି ଯୋଗେଶ ପ୍ରଧାନ ମ୍ୟାନ ଅଫ ଦ ମ୍ୟାଚକୁ ଟ୍ରଫି ପ୍ରଦାନ କରିଥିଲେ। ଓସିଏ ଅମ୍ପାୟାର ମହେଶ ମୁନସୀ ଓ ପ୍ରଦୀପ ଦାସ ମ୍ୟାଚ ପରିଚାଳନା କରିଥିଲେ। ନେତାଜୀ ଆସୋସିଏଶନ କ୍ଲବର ଦେବାଶିଷ ବିଶ୍ୱାଳ, ବିଷ୍ଣୁ ସାହୁ ଓ ଡୁଗୁ ସାହୁ ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ସ୍କୋରର ରେଖାଙ୍କିତ ମାଝୀ କାର୍ଯ୍ୟ ତୁଲାଇଥିଲେ। ଖେଳ ସଭାପତି ସୁଶାନ୍ତ ବେହେରା, ସମ୍ପାଦକ ନିର୍ମଳ ପ୍ରସାଦ ସାହୁ, ଗିରି ସାହୁ, ସୂର୍ଯ୍ୟକାନ୍ତ ଜ୍ୟୋତିଷ, ଅଜିତ ପ୍ରଧାନ, ଅଜିତ ମହାପାତ୍ର, ଲିଲୁ ଦଳବେହାର ପ୍ରମୁଖ ସହଯୋଗ କରିଥିଲେ।

## ଏଟିଏମ୍ ଲୁଟ୍ ଉଦ୍ୟମ ଘଟଣା, ୨ ଗିରଫ

ବେଲପାହାଡ,୧୭।୧(ଆଶିଷ ରଞ୍ଜନ ଦାଶ)

ବେଲପାହାଡ଼ ସହରରେ ଗତ ଡିସେମ୍ବର ୧୩ ତାରିଖ ବିଳମ୍ବିତ ରାତିରେ ଏକ ଏଟିଏମ୍‌ରୁ ଟଙ୍କା ଲୁଟ୍ ଉଦ୍ୟମ ବିଫଳ ହେବା ପରେ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ବେଲପାହାଡ଼ ପୋଲିସ ଏହି ମାମଲାରେ ଅନୁଗୁଳ ଜିଲା ଜରପଡ଼ା ଥାନା ଅନ୍ତର୍ଗତ ବଡ଼ହିଂସର ଗ୍ରାମର ଓମ ପ୍ରକାଶ ନାଏକ (୨୦)ଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ପୋଲିସ ଏହା ପୂର୍ବରୁ ଗତ ଡିସେମ୍ବର ୧୭ ତାରିଖ ଏହି ମାମଲାରେ ସଂପୃକ୍ତ ଜଣେ ଅଭିଯୁକ୍ତ ଅନୁଗୁଳ ଜିଲା ଦୁର୍ଗାପୁର ଗ୍ରାମର କୃଷ୍ଣଚନ୍ଦ୍ର ସାହୁ (୩୮)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବନ୍ଦ ବିରୋଧରେ ବିକ୍ଷୋଭ


କଂଗ୍ରେସ ତରଫରୁ ବିକ୍ଷୋଭ କରାଯାଉଛି।

ଝାରସୁଗୁଡା,୧୭।୧(ଆଶିଷ ରଞ୍ଜନ ଦାଶ)

### ଧାନ ଅଭାବୀ ବିକ୍ରିକୁ ନେଇ ଗର୍ଜିଲା କଂଗ୍ରେସ

ଦେଶରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌କୁ ବନ୍ଦ କରିବା, ୩ଶହ ୟୁନିଟ ବିଦ୍ୟୁତ୍ ବିଲ ଛାଡ଼ କରିବା ଆଳରେ ରାଜ୍ୟବାସୀଙ୍କୁ ଠକିବା ଏବଂ ଚାଷୀକୁଳ ଅଭାବୀ ଧାନ ବିକ୍ରିର ଶୀକାର ହେବା ଘଟଣାକୁ ନେଇ ଗର୍ଜିଛି କଂଗ୍ରେସ। ଏ ନେଇ ଶନିବାର କଂଗ୍ରେସ ରାଜ୍ୟ ପ୍ରଭାରୀ ଓ ପିସିସି ସଭାପତିଙ୍କ ନେତୃତ୍ୱରେ ଝାରସୁଗୁଡ଼ା ପୁରୁଣା ବସଷ୍ଟାଣ୍ଡଠାରୁ ବେହେରାମାଲ ପର୍ଯ୍ୟନ୍ତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଓଡ଼ିଶା ଦାୟିତ୍ୱରେ ଥିବା ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଏବଂ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଦାସ ଝାରସୁଗୁଡ଼ାରେ ହୋଇଥିବା ବିକ୍ଷୋଭ ସମୟରେ କହିଛନ୍ତି ଯେ ୟୁ ପି ଏ ସରକାର ଦ୍ୱାରା ୨୦୦୫ରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ରୋଜଗାର ନିଶ୍ଚିତ ଆଇନ ଏକ ଆଧାରିତ ଆଇନ, ଯାହା ପ୍ରତ୍ୟେକ ଗ୍ରାମୀଣ ପରିବାରକୁ ମଜୁରୀ ଭିତ୍ତିକ ରୋଜଗାର ଦାବି କରିବାର ଆଇନଗତ ଅଧିକାର ଦେଇଥିଲା। କେନ୍ଦ୍ର ସରକାର ଏହି ଆଇନକୁ ହଟାଇ ନୂତନ ଆଇନ ତିଆରି କରି ଶ୍ରମିକଙ୍କୁ ନିଜ ହକରୁ ବଞ୍ଚିତ କରିଥିବା, ରାଜ୍ୟରେ ସାଧାରଣ ନିର୍ବାଚନ ସମୟରେ ୩ ଶହ ୟୁନିଟ ବିଦ୍ୟୁତ୍ ବିଲ ଛାଡ଼ କରିବୁ ବୋଲି ମିଥ୍ୟା ପ୍ରତିଶ୍ରୁତି ଦେଇ ରାଜ୍ୟବାସୀଙ୍କୁ ଭୁଆଁ ବୁଲାଇବା ଏବଂ ବର୍ତ୍ତମାନ ସାରା ରାଜ୍ୟରେ ଚାଷୀତମାନେ ଅଭାବୀ ଧାନ ବିକ୍ରିର ଶିକାର ହେବା ଆଦି ଘଟଣାକୁ ବିରୋଧ କରି ଝାରସୁଗୁଡା ଜିଲା କଂଗ୍ରେସ ତରଫରୁ ବିରୋଧ ପ୍ରଦର୍ଶନ କରାଯାଇଛି। ଏହି ବିକ୍ଷୋଭ ସମୟରେ ସଭାରେ ଜିଲା କଂଗ୍ରେସ ସଭାପତି ଜୀବନ ସାର୍ଥକ ଦାସଙ୍କ ସହିତ ବହୁ କଂଗ୍ରେସ କର୍ମୀ ଅଂଶଗ୍ରହଣ କରିଥିଲେ।

# ଜିଲାସ୍ତରୀୟ ଆଲୋଚନାଚକ୍ର

ଝାରସୁଗୁଡ଼ା,୧୭।୧ (ଆଶିଷ ରଞ୍ଜନ ଦାଶ)


ଆଲୋଚନା ଚକ୍ରରେ ଭାଗ ନେଇଥିବା ଶିକ୍ଷକ ଓ ଅତିଥି।

ଝାରସୁଗୁଡ଼ା ଜିଲାର ପଞ୍ଚପଡ଼ା ସ୍ଥିତ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ(ଡିଆଇଇଟି)ରେ ଗତ ୧୫ ଓ ୧୬ ତାରିଖ ଦୁଇ ଦିନ ଧରି ଜିଲାସ୍ତରୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଡିଆଇଇଟି ଝାରସୁଗୁଡ଼ାର ଅଧକ୍ଷା ମମତା ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ ଡ. ରାଧାକାନ୍ତ ଗଡ଼ତିଆ ମୁଖ୍ୟଅତିଥି ଭାବରେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବର ଉଦ୍‌ଘାଟନ କରିଥିଲେ। ଏହି ଆଲୋଚନା ଚକ୍ରରେ ଶିକ୍ଷକ ଶିକ୍ଷା ଅନୁଷ୍ଠାନର ଅଧକ୍ଷ ଦିଲୀପ ଖୁଣ୍ଟିଆ ଓ ବରଗଡ଼ ଅଞ୍ଚଳ କଲେଜର ଆସିଷ୍ଟାଣ୍ଟ ପ୍ରଫେସର ଭେଙ୍କଟେଶ୍ୱର ମେହେର ଆଲୋଚକ ଭାବରେ ଯୋଗଦେଇଥିଲେ। ଏଥିରେ ଜିଲାର ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ୨ୟ ଦିବସରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ସୁନ୍ଦରଗଡ଼ ଡିଆଇଇଟିର ପୂର୍ବତନ ଅଧକ୍ଷ କୁଞ୍ଜବିହାରୀ ଛତ୍ରିଆ ଓ ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ଶମ୍ଭୁ ଶଙ୍କର ଦୀପ ଆଲୋଚକ ଭାବରେ ଯୋଗଦେଇଥିଲେ। ଅନୁଷ୍ଠିତ ଦୁଇ ଦିନିଆ ଆଲୋଚନା ଚକ୍ରରେ ବରିଷ୍ଠ ଶିକ୍ଷକପ୍ରଶିକ୍ଷକ ରଶ୍ମିତା ନାଏକ ଓ ସରସ୍ୱତୀ ଦାସଙ୍କ ତତ୍ତ୍ୱାବଧାନରେ ସମସ୍ତ ପ୍ରଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।

# ଭାଲୁପତ୍ରା, ଜୟ ଜଂଘା ସୁରଜ ଇଲେଭେନ ବିଜୟୀ

ଲଇକେରା,୧୭।୧(ରଞ୍ଜନ କୁମାର ମେହେର)

### ଦ୍ୱିଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଝାରସୁଗୁଡା ଜିଲା କିର୍ମିରା ଖେଳ ପଡ଼ିଆରେ ଷଡବଂଶୀୟ ଗୋଁଣ୍ଡ ସମାଜ ଯୁବକ ସଂଘ ପକ୍ଷରୁ ଗୋଁଣ୍ଡ ସମାଜ ଦ୍ୱିଦିବସୀୟ କ୍ରିକେଟ ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କିର୍ମିରା ଆଞ୍ଚଳିକ କମିଟି ସଭାପତି ନିଳାମ୍ବର ନାଏକ, ଜିଲା କମିଟି ସମ୍ପାଦକ ତପି ମରେଇ ଯୋଗଦେଇ ଟୁର୍ନାମେଣ୍ଟର ଉଦ୍‌ଘାଟନ କରିଥିଲେ। ଜୟପୁର ଟେଷ୍ଟ ଉପସଭାପତି ରଞ୍ଜନ ସିଂହ ନାଏକ ଓ ଯୁବ ସଭାପତି ମୁକେଶ ନାଏକ,ଲଇକେରା ଆଞ୍ଚଳିକ କମିଟି ସଭାପତି ସତ୍ୟପ୍ରକାଶ ନାଏକ, କୋଲାବିରା ଆଞ୍ଚଳିକ କମିଟି ସମ୍ପାଦକ ରାଧେଶ୍ୟାମ ନାଏକ, କିର୍ମିରା ଗ୍ରାମ କମିଟି ସଭାପତି ପୂର୍ଣ୍ଣ ଚନ୍ଦ୍ର ନାଏକ, ନକ୍ସାପାଲିର ଇନ୍ଦ୍ରଜିତ କାଲୋ ସହ ସମାଜସେବୀ କୁଞ୍ଜ ବିହାରୀ ପଟେଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଶନିବାର ମଙ୍ଗସପୁର ଓ ଭାଲୁପତ୍ରା ଏବଂ ଜୟ ଜଂଘା ସୁରଜ ଇଲେଭେନ ଓ ଗୋଣ୍ଡ ଇଲେଭେନ ଲୋଇସିଂହା ମଧ୍ୟରେ ହୋଇଥିବା ମ୍ୟାଚରେ ଭାଲୁପତ୍ରା ଓ ଜୟ ଜଂଘା ସୁରଜ ଇଲେଭେନ ଦଳ ବିଜୟୀ ହୋଇଥିଲେ। ଏହା ପରେ ଏହି ବିଜୟୀ ଦୁଇ ଟିମ ମଧ୍ୟରେ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା ଏବଂ ଜୟ ଜଂଘା ସୁରଜ ଇଲେଭେନ ଦଳ ବିଜୟୀ ହୋଇ ଫାଇନାଲକୁ ଉତ୍ତିର୍ଣ୍ଣ ହୋଇଛି। ମଗିଶୀର ପ୍ରଧାନ ଓ ଦିପକ କୁମାର ପଟେଲ ଟୁର୍ନାମେଣ୍ଟରେ ରେଫରୀ ଭାବରେ ଖେଳ ପରିଚାଳନା କରିଥିଲେ।


ଅତିଥିଙ୍କ ଗହଣରେ ଦୁଇ ଦଳର ଖେଳାଳିମାନେ।

# ଝାରସୁଗୁଡ଼ା ବିଧାନସଭା କ୍ଷେତ୍ର ବିକାଶ କମିଟି ସମୀକ୍ଷା ବୈଠକ

ଝାରସୁଗୁଡ଼ା,୧୭।୧(ଆଶିଷ ରଞ୍ଜନ ଦାଶ)



ବିଧାୟକ ଓ ଜଲାପାଳଙ୍କ ସହିତ ଅନ୍ୟାନ୍ୟ ଅଧିକାରୀ ।

ଝାରସୁଗୁଡ଼ା ଜିଲାକୁ ଏକ ଆଦର୍ଶ ଜିଲା ଭାବେ ଗଢ଼ିତୋଳିବା ଏବଂ ସମସ୍ତ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସ୍ଥାନୀୟ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସ୍ଥିତ ଜିଲା ଖଣିଜ ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ବିଧାନସଭା କ୍ଷେତ୍ର ବିକାଶ କମିଟି ସମୀକ୍ଷା ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ସଭାପତିତ୍ୱ କରିଥିଲେ। ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଉପସ୍ଥିତିରେ ବିଭିନ୍ନ ବିଭାଗର କାର୍ଯ୍ୟସୂଚୀ ଓ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଏହି ଅବସରରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ମୁଖ୍ୟ ନିର୍ବାହୀ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ, ଭାରତୀୟ ପ୍ରଶାସନିକ ସେବା ପ୍ରଶିକ୍ଷଣାର୍ଥୀ ପ୍ରଜ୍ଞାନନ୍ଦ ଗିରି, ଅତିରିକ୍ତ ଜିଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ ଏବଂ ଜିଲା ଯୋଜନା ଓ ସମୀକ୍ଷା ୟୁନିଟର ଉପ-ନିର୍ଦ୍ଦେଶକ ଦେବେନ୍ଦ୍ର କୁମାର ମଲ୍ଲିକଙ୍କ ସମେତ ସମସ୍ତ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ। ଝାରସୁଗୁଡ଼ା ଜିଲାକୁ ରାଜ୍ୟର ଏକ ଆଦର୍ଶ ଜିଲା ଭାବେ ଗଢ଼ିତୋଳିବା ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟଖସଡ଼ା ବା ରୋଡମ୍ୟାପ ପ୍ରସ୍ତୁତ କରାଯାଇଛି। ଯେଉଁଥିରେ ସାମାଜିକ, ଅର୍ଥନୈତିକ ଏବଂ ଭୌତିକ ଭିତ୍ତିଭୂମି କ୍ଷେତ୍ରରେ ଥିବା ସମସ୍ୟାଗୁଡ଼ିକୁ ଚିହ୍ନଟ କରାଯାଇ ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ଯୋଜନା ଅଧୀନରେ ବିଭିନ୍ନ ବିଭାଗର ଚାଲୁ ରହିଥିବା କାର୍ଯ୍ୟ ଏବଂ ଅଟକି ରହିଥିବା ପ୍ରକଳ୍ପଗୁଡ଼ିକୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ କୁହାଯାଇଥିବା ବେଳେ ପ୍ରତି ପଞ୍ଚାୟତରେ ଏକ ମିନି ଷ୍ଟାଡିୟମ ନିର୍ମାଣ ଓ ଜଳାଶୟଗୁଡ଼ିକର ପୁନରୁଦ୍ଧାର ତଥା ସୌନ୍ଦର୍ଯ୍ୟକରଣ ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଆଗାମୀ ୫ ବର୍ଷରୁ ୫୦ ବର୍ଷ ପର୍ଯ୍ୟନ୍ତ ଜିଲାର ସାମଗ୍ରିକ ବିକାଶକୁ ଦୃଷ୍ଟିରେ ରଖି ଏକ ଦୂରଦର୍ଶୀ ଯୋଜନା ପ୍ରସ୍ତୁତ କରିବାକୁ ପ୍ରତ୍ୟେକ ବିଭାଗକୁ ପ୍ରସ୍ତାବ ଦିଆଯାଇଛି। ଜିଲା ପ୍ରଶାସନର ଡିପିଏମୟୁର ପ୍ଲାନିଂ ୱିଂ ଦ୍ୱାରା ଆୟୋଜିତ ଏହି ସମୀକ୍ଷା ବୈଠକରେ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପୌରପାଳିକାର ନିର୍ବାହୀ ଅଧିକାରୀ, ତହସିଲଦାର ଏବଂ ଲାଇକେରା, କିର୍ମିରା, କୋଲାବିରା ଓ ଝାରସୁଗୁଡ଼ାର ପଞ୍ଚାୟତ ସମିତି ଅଧକ୍ଷମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଓଡ଼ିଶା ସରକାର
# ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ମାଲକାନଗିରି
## ଘୋଷଣା

**File No.6738/2025** **Date:22.10.2025**

**No. XXVII-28:** ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ବହୁ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱୋତା ଆଇନ, ୨୦୧୩ (RFCTLAR & R Act.2013) ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-**ବିଜାପଦର**, ଥାନା-**ମାଲକାନଗିରି**, ତହସିଲ-**ମାଲକାନଗିରି**, **ଜିଲ୍ଲା- ମାଲକାନଗିରିରେ** ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱୋତା ଆଇନ,୨୦୧୩ (RFCTLAR & R Act.2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୬୫/୨୦୨୩, ତା.୧୬.୦୬.୨୦୨୩ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-**ବିଜାପଦର**, ଥାନା-**ମାଲକାନଗିରି**, ତହସିଲ-**ମାଲକାନଗିରି**, **ଜିଲ୍ଲା- ମାଲକାନଗିରିର** ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଏହା ମଧ୍ୟ ଜିଲ୍ଲା ୱେବସାଇଟ www.malkangiri.odisha.gov.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଅଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ତଥା ତହସିଲଦାର ମାଲକାନଗିରିଙ୍କ ତହସିଲ କାର୍ଯ୍ୟାଳୟ, ମାଲକାନଗିରି କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା-ମାଲକାନଗିରି — ତହସିଲ-ମାଲକାନଗିରି

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ବିଜାପଦର | ଗ୍ରାମାଞ୍ଚଳ | ଅଧିଗ୍ରହଣ ହେବାକୁ ଥିବା ଜମିର ସମ୍ପୂର୍ଣ୍ଣ ବିବରଣୀ ଏଥି ସହ ସଂଲଗ୍ନ କରାଗଲା । | | | | | |

### ଭୂମି ଅନୁସୂଚୀ

ମୌଜା:ବିଜାପଦର, ଥାନା-ମାଲକାନଗିରି ନଂ.-୭୪, ତହସିଲ:ମାଲକାନଗିରି, ଜିଲ୍ଲା:ମାଲକାନଗିରି

ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ

| ଖାତା ନଂ. | ପ୍ଲଟ ନଂ. | ମୋଟ ରକବା | ଅଧିଗ୍ରହଣ ରକବା | କିସମ | ରୟତଙ୍କ ନାମ |
|---|---|---|---|---|---|
| ୧ | ୭୯ | ୨.୧୦୩ | ୦.୩୮୫ | ଧାନ ଏକ | ଅଙ୍ଗଦ ସାନ୍ତା, ପି:ବଲଭ ସାନ୍ତା, ଜା:କନ୍ଧ, ବା:ନିଜଗାଁ |
| ୧୭ | ୬୫୨ | ୧.୯୭୭ | ୦.୮୮୪ | ଡଙ୍ଗର ଏକ | ଡମ୍ବରୁ ପାଙ୍ଗି, ପି:ରତନ ପାଙ୍ଗି, ଜା:ଗାଦବା, ବା:ନିଜଗାଁ |
| ୨୧ | ୫୬ | ୨.୯୩୬ | ୦.୦୮୯ | ଧାନ ଏକ | ଡମ୍ବୁ ଦୋରା, ବୁଡୁରା ଦୋରା, ସହଦେବ ଦୋରା, ଲଛମୁ ଦୋରା, କୃଷ୍ଣ ଦୋରା, ମଙ୍ଗଳି ଦୋରା, ପି:ମକୁନ୍ଦ ଦୋରା, ଲଛମା ଦୋରା, ସ୍ୱା:ମକୁନ୍ଦ ଦୋରା, ଜା:ଭୂମିଆ, ବା:ନିଜଗାଁ |
| ୨୬ | ୬୬ | ୨.୪୭୧ | ୧.୭୦୮ | ଧାନ ଦୁଇ | ନରସିଂହ କୋଡେ, ପି:ଲକ୍ଷଣ କୋଡେ, ଜା:ଭୂମିଆ, ବା:ନିଜଗାଁ |
| ୩୧ | ୪୯ | ୧.୩୨୨ | ୦.୬୦୮ | ଧାନ ଦୁଇ | ବରକ ଭୂମିଆ, ପି:ସନୁ ଭୂମିଆ, ଜା:ଭୂମିଆ, ବା:ସରିଗୁଡା |
| ୩୩ | ୧୮୯ | ୧.୪୫୧ | ୦.୭୨୦ | ଧାନ ଦୁଇ | ବାଗା ପୋଲା, ରାମ ପୋଲା, ମଙ୍ଗଳା ପୋଲା, ନରସିଂହ ପୋଲା, ରାଇମଣି ପୋଲା, ପି:ବକ୍ର ପୋଲା, ପୁତା ପୋଲା, ସ୍ୱା:ଚକ୍ର ପୋଲା, ଜା:ଭୂମିଆ, ବା:ନିଜଗାଁ (ପୋଲାଗୁଡା) |
| | ୪୭ | ୦.୭୧୭ | ୦.୭୧୭ | ଧାନ ଦୁଇ | |
| | ୪୪ | ୧.୦୦୧ | ୦.୨୪୧ | ଧାନ ଦୁଇ | |
| | ୩୪ | ୩.୪୧୩ | ୦.୯୯୮ | ଧାନ ଏକ | |
| ୪୧ | ୧୮୦ | ୨.୮୫୨ | ୧.୨୬୪ | ଡଙ୍ଗର ଏକ | ବୁଦୁରା ସାନ୍ତା, ପି:ଦାନା ସାନ୍ତା, ଜା:କନ୍ଧ, ବା:ନିଜଗାଁ |
| ୪୨ | ୬୫୦ | ୦.୪୦୦ | ୦.୧୮୫ | ଧାନ ଏକ | ବୁଦୁରା ଆରଙ୍ଗି, ପି:ଭାଗିରଥି ଆରଙ୍ଗି, ଜା:ଭୂମିଆ, ବା:ନିଜଗାଁ (ପୋଲା ଗୁଡା) |
| | ୬୪୯ | ୧.୫୮୧ | ୦.୫୦୬ | ଧାନ ଏକ | |
| ୪୬ | ୨୦୫ | ୦.୨୪୭ | ୦.୧୦୨ | ଘରବାରି | ଭାଗିରଥୀ ପୂଜାରୀ, ପି:ନରସିଂହ ପୂଜାରୀ, ଜା:ଭୂମିଆ, ବା:ନିଜଗାଁ |
| ୫୬ | ୭୫ | ୩.୫୩୪ | ୦.୯୮୩ | ଡଙ୍ଗର ଏକ | ମଧୁ ଖିଲ, ପି:ହରି ଖିଲ, ଜା:ଗାଦବା, ବା:ନିଜଗାଁ |
| ୫୭ | ୫୨ | ୨.୫୯୫ | ୧.୯୫୯ | ଧାନ ଏକ | ମଧୁ ବୁରୁଡି, ମୁକୁଳ ବୁରୁଡି, ପି:ଘାସି ବୁରୁଡି, ଜା:କଟିଆ, ବା:ପାଣ୍ଡିରିପାଣି |
| | ୩୩ | ୦.୨୪୦ | ୦.୨୪୦ | ଧାନ ଏକ | |
| ୫୯ | ୨୦୪ | ୦.୧୦୧ | ୦.୦୧୬ | ଘରବାରି | ମୋହିଙ୍ଗା ସିଂ. ପି:ସର୍ଦ୍ଦାର ସିଂ, ଜା:ରାଇର, ବା:ନିଜଗାଁ |
| | ୧୯୫ | ୦.୨୦୦ | ୦.୦୧୫ | ଘରବାରି | |
| | ୧୯୩ | ୦.୦୫୨ | ୦.୦୪୭ | ଘରବାରି | |
| | ୧୯୨ | ୦.୪୦୦ | ୦.୪୦୦ | ଘରବାରି | |
| ୬୬ | ୭୨ | ୧.୭୨୫ | ୦.୧୦୦ | ଡଙ୍ଗର ଏକ | ରାମ ସାନ୍ତା, ପି:ସନା ସାନ୍ତା, ଜା:କନ୍ଧ, ବା:ନିଜଗାଁ |
| | ୭୦ | ୦.୯୬୪ | ୦.୭୧୮ | ଡଙ୍ଗର ଏକ | |
| ୬୮ | ୧୭୭ | ୫.୨୪୫ | ୦.୦୭୮ | ଧାନ ଏକ | ଲଇଛନ ମାଡି, ପି:ଲଛମୁ ମାଡି, ଜା:କୋୟା, ବା:ନିଜଗାଁ |
| ୮୦ | ୧୮୨ | ୧.୮୫୧ | ୧.୦୬୨ | ଧାନ ଏକ | ସନିଆ ସାନ୍ତା, ଧନିଆ ସାନ୍ତା, ଇନ୍ଦ୍ରା ସାନ୍ତା, ପି:ଆଦୁ ସାନ୍ତା, ତୁଳସା ସାନ୍ତା, ସ୍ୱା:ଆଦୁ ସାନ୍ତା, ଜା:କନ୍ଧ, ବା:ନିଜଗାଁ |
| ୮୨ | ୭୧ | ୦.୪୪୦ | ୦.୪୪୦ | ଧାନ ଦୁଇ | ସନୁ ଖିଲ, ଉଦ୍ଧବ ଖିଲ, ଧନପତି ଖିଲ, ପି:ମଙ୍ଗଳା ଖିଲ, ଜା:କଟିଆ, ବା:ନିଜଗାଁ |
| | ୬୮ | ୧.୧୭୧ | ୧.୦୪୮ | ଧାନ ଏକ | |
| ୯୫ | ୭୪ | ୩.୨୧୨ | ୧.୨୨୮ | ଡଙ୍ଗର ଏକ | ସୋମନାଥ ଗାଦବା, ପି:ସମରା ଗାଦବା, ଜା:ଗାଦବା, ବା:ନିଜଗାଁ |
| ୯୮ | ୮୭ | ୧.୯୭୭ | ୦.୦୫୩ | ଧାନ ଏକ | ହରି ମୁଦୁଲି, ପି:ଦେବ ମୁଦୁଲି, ଜା:ପରଜା, ବା:ନିଜଗାଁ |
| ୧୩୭ | ୬୯ | ୦.୪୬୯ | ୦.୪୬୯ | ଜଙ୍ଗଲ | ନରସିଂହ ପୁଲା, ପି:ଚକ୍ର ପୁଲା, ଜା:ଭୂମିଆ, ବା:ବିଜାପଦର |
| ୧୪୦ | ୬୪୭/୧ | ୦.୬୬୧ | ୦.୨୩୪ | ଜଙ୍ଗଲ | ସମନ୍ଧ ଆରଙ୍ଗି, ପି:ବୁରୁଷୁ ଆରଙ୍ଗି, ଜା:ଭୂମିଆ, ବା:ବିଜାପଦର |
| ୧୭୪ | ୬୪୭/୨ | ୦.୬୬୧ | ୦.୧୪୫ | ଜଙ୍ଗଲ | ମନ ଅରଙ୍ଗି, ପି:ବୁର୍ଷୁ ଅରଙ୍ଗି, ଜା:ଭୂମିଆ, ବା:ବିଜାପଦର |
| ୧୩୯ | ୪୫/୨ | ୦.୪୪୯ | ୦.୪୩୯ | ଜଙ୍ଗଲ | ବାସୁଦେବ ମାଝି, ପି:ମଙ୍ଗଳା ମାଝି, ଜା:ଭୂମିଆ, ବା:ବିଜାପଦର |
| ୧୩୬ | ୪୫/୧ | ୦.୪୬୬ | ୦.୪୬୧ | ଜଙ୍ଗଲ | ମଙ୍ଗଳା ପୁଲା, ପି:ଚକ୍ର ପୁଲା, ଜା:ଭୂମିଆ, ବା:ବିଜାପଦର |
| ୧୫୯ | ୪୫/୩ | ୦.୪୬୬ | ୦.୨୬୧ | ଜଙ୍ଗଲ | ରାମ ପୁଲା, ପି:ଚକ୍ର ପୁଲା, ଜା:ଭୂମିଆ, ବା:ବିଜାପଦର |
| | ମୋଟ | ୪୯.୩୪୮ | ୧୮.୮୦୩ | | |

ତଫସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା-ମାଲକାନଗିରି — ତହସିଲ-ମାଲକାନଗିରି

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ: ଅଧିସୂଚନା ପ୍ରକାଶିତ ହେବାର ୩୦ ଦିନଠାରୁ ଛଅ ମାସ ମଧ୍ୟରେ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, ମାଲକାନଗିରି

OIPR-

# ଓଡ଼ିଶା ସରକାର
# ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ମାଲକାନଗିରି
## ଘୋଷଣା

**File No.6863/2025** **Date:27.10.2025**

No. XXVII-29: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ବହୁ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱୋତା ଆଇନ, ୨୦୧୩ (RFCTLAR & R Act.2013) ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-**ବସନ୍ତପୁର**, ଥାନା-**ମାଲକାନଗିରି**, ତହସିଲ-**ମାଲକାନଗିରି**, **ଜିଲ୍ଲା- ମାଲକାନଗିରିରେ** ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱୋତା ଆଇନ,୨୦୧୩ (RFCTLAR & R Act.2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୨୮/୨୦୨୪, ତା.୧୩.୦୨.୨୦୨୪ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-**ବସନ୍ତପୁର**, ଥାନା-ମାଲକାନଗିରି, ତହସିଲ-ମାଲକାନଗିରି, **ଜିଲ୍ଲା- ମାଲକାନଗିରିର** ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଏହା ମଧ୍ୟ ଜିଲ୍ଲା ୱେବସାଇଟ www.malkangiri.odisha.gov.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଅଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ତଥା ତହସିଲଦାର ମାଲକାନଗିରିଙ୍କ ତହସିଲ କାର୍ଯ୍ୟାଳୟ, ମାଲକାନଗିରି କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା-ମାଲକାନଗିରି — ତହସିଲ-ମାଲକାନଗିରି

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ବସନ୍ତପୁର | ଗ୍ରାମାଞ୍ଚଳ | ଅଧିଗ୍ରହଣ ହେବାକୁ ଥିବା ଜମିର ସମ୍ପୂର୍ଣ୍ଣ ବିବରଣୀ ଏଥି ସହ ସଂଲଗ୍ନ କରାଗଲା । | | | | | |

### ଭୂମି ଅନୁସୂଚୀ

ମୌଜା:ବସନ୍ତପୁର, ଥାନା-ମାଲକାନଗିରି ନଂ.-୭୪, ତହସିଲ:ମାଲକାନଗିରି, ଜିଲ୍ଲା:ମାଲକାନଗିରି

ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ

| ଖାତା ନଂ. | ପ୍ଲଟ ନଂ. | ମୋଟ ରକବା | ଅଧିଗ୍ରହଣ ରକବା | କିସମ | ରୟତଙ୍କ ନାମ |
|---|---|---|---|---|---|
| ୫୭ | ୭୨୪/୭୬୦ | ୦.୦୮୧୫ | ୦.୦୮୧୫ | ଧାନ-୨ | ମୋନିତାରା ବୈରାଗୀ, ପି:କାଳି ଚରଣ ବୈରାଗୀ, ଜା:ନମଶୁଦ୍ର, ବା:ନିଜଗାଁ |
| ୭୯/୭୮୭ | ୭୧୫/୧୪୬୧/ ୧୫୧୯ | ୧.୦୦୦୮ | ୦.୭୬୦ | ଘରବାରି | ଅଜିତ କୁମାର ପାଢି, ପି:ରାଘବ ପାଢି, ଜା:ବ୍ରାହ୍ମଣ, ବା:ପୁରୁଣା ପୋଷ୍ଟ ଅଫିସ ସାହି, ମାଲକାନଗିରି, ଦୁର୍ଗାପ୍ରସାଦ ପଟ୍ଟନାୟକ, ପି:ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ଜା:କରଣ, ବା:ଦୁର୍ଗାଗୁଡି ସାହି, ମାଲକାନଗିରି, ରାୱାଲ ଚାନ୍ଦ ଟାୱାରି, ପି:ମଗରାଜ ଚାନ୍ଦ ଟାୱାରି, ଜା:ମାହେଶ୍ୱରୀ ବା:ମହେଶ୍ୱରୀ କଲୋନୀ, ମାଲକାନଗିରି |
| ୭୯/୧୨ | ୭୧୮/୭୯୭ | ୧.୦୦୦୭ | ୧.୦୦୦୧ | ଧାନ-୨ | ଅନୀତା ବିଶ୍ୱାସ, ସ୍ୱା:ବିମଳ କୃଷ୍ଣ ବିଶ୍ୱାସ, ଜା:ନମସୁଦ୍ର |
| ୭୯/୨୮ | ୭୧୮/୮୦୬ | ୧.୨୨୮୧ | ୧.୨୨୮ | ଧାନ-୨ | ଅନୀତା ବିଶ୍ୱାସ, ସ୍ୱା:ବିମଳ କୃଷ୍ଣ ବିଶ୍ୱାସ, ଜା:ନମସୁଦ୍ର |
| ୭୯/୬୩୧ | ୩୩୨/୧୩୪୭ | ୦.୯୨୪୨ | ୦.୯୨୪ | ଧାନ-୨ | ଦୁର୍ଗା ପ୍ରସାଦ ତ୍ରିପାଠୀ, ପି-ଘନଶ୍ୟାମ ତ୍ରିପାଠୀ, ଜା-ବ୍ରାହ୍ମଣ, ବା:ତଳସାହି, ମାଲକାନଗିରି |
| ୭୯/୪୩୭ | ୩୦୮/୧୧୯୪ | ୧.୬୦୦୧ | ୧.୬୦୧ | ଡଙ୍ଗର-୧ | ଗୋପି ମାଝୀ, ପି-କାର୍ତ୍ତିକ ମାଝୀ, ଜା-ନମସୁଦ୍ର, ବା-ଏମ୍.ଭି-43 |
| ୭୯/୪୮୦ | ୩୧୮/୮୯୦ | ୦.୨୧୦ | ୦.୨୧୦ | ଧାନ ଦୋଫସଲି-୧ | ଅସିମ ମଣ୍ଡଳ, ପି-ସୁବଳ ମଣ୍ଡଳ, ଜା-ନମସୁଦ୍ର, ବା-ଏମ୍.ଭି.-42 |
| ୭୯/୫୭୯ | ୩୩୪/୧୦୬୫ | ୦.୩୫୮ | ୦.୩୫୮ | ଧାନ-୧ | ଦୁର୍ଗା ପ୍ରସାଦ ତ୍ରିପାଠୀ, ପି-ଘନଶ୍ୟାମ ତ୍ରିପାଠୀ, ଜା-ବ୍ରାହ୍ମଣ, ବା:ତଳସାହି, ମାଲକାନଗିରି |
| ୭୯/୩୮୪ | ୩୩୪/୧୦୭୨ | ୦.୩୫୬ | ୦.୩୫୬ | ଧାନ-୧ | ଅମର ସରଦାର, ପି-ଯୋଗେନ୍ଦ୍ର ନାଥ, ଜା: ନମସୁଦ୍ର, ବା ଏମ୍.ଭି-43 |
| ୭୯/୯୦ | ୩୪୩/୮୬୪ | ୦.୧୫୬ | ୦.୧୫୬ | ଧାନ ଦୋଫସଲି-୧ | ନାରାୟଣ ଗୋସ୍ୱାମୀ, ପି.ରେବତୀ ଗୋସ୍ୱାମୀ, ଜା-ବ୍ରାହ୍ମଣ ବା M.V-43 |
| ୭୯/୧୯୫ | ୩୪୩/୮୬୭ | ୦.୦୯୪ | ୦.୦୯୪ | ଧାନ-୨ | ଦିଲିପ କୁମାର ଦେବନାଥ, ପି-ରମେଶ ଚନ୍ଦ୍ର ଦେବନାଥ, ଜା-ଦେବନାଥ, ବା-ଏମ୍.ଭି-43 |
| ୭୯/୧୬୬ | ୩୪୩/୮୭୨ | ୦.୧୫୩ | ୦.୧୫୩ | ଧାନ-୨ | ଦିଲିପ କୁମାର ଦେବନାଥ, ପି-ରମେଶ ଚନ୍ଦ୍ର ଦେବନାଥ, ଜା-ଦେବନାଥ, ବା-ଏମ୍.ଭି-43 |
| ୭୯/୩୫୪ | ୩୨୮/୧୧୩୮ | ୦.୭୯୧ | ୦.୭୯୧ | ଧାନ-୧ | ଶାନ୍ତ ମଣ୍ଡଳ, ପି-ଜତିନ ମଣ୍ଡଳ, ଜା-ନମସୁଦ୍ର, ବା-ଏମ.ଭି-43 |
| ୭୯/୫୦୨ | ୩୪୯/୮୬୮/ ୧୨୪୪ | ୦.୦୪୯ | ୦.୦୪୯ | ଧାନ-୨ | କୃଷ୍ଣପଦ ବିଶ୍ୱାସ, ପି-ଉପେନ୍ଦ୍ର ବିଶ୍ୱାସ, ଜା-ନମସୁଦ୍ର, ବା-ଏମ୍.ଭି-18 |
| ୭୯/୫୧୪ | ୩୪୯/୮୬୮/ ୧୨୫୩ | ୦.୦୯୯ | ୦.୦୯୯ | ଧାନ-୨ | ପରିମଳ ମିସ୍ତ୍ରୀ, ପି-ରମେଶ ମିସ୍ତ୍ରୀ, ଜା-ନମସୁଦ୍ର, ବା-ମାଲକାନଗିରି |
| ୭୯/୯୧ | ୩୪୯/୮୬୮ | ୦.୫୩୪ | ୦.୫୩୪ | ଧାନ-୨ | ପବିତ୍ର ଗୋସ୍ୱାମୀ, ପି-ରେବତୀ ଗୋସ୍ୱାମୀ, ଜା-ବ୍ରାହ୍ମଣ, ବା: ଏମ୍ଭି-43 |
| ୭୯/୯୦ | ୩୪୯/୮୬୫ | ୦.୪୬୭ | ୦.୪୬୭ | ଧାନ-୨ | ନାରାୟଣ ଗୋସ୍ୱାମୀ, ପି-ରେବତୀ ଗୋସ୍ୱାମୀ, ଜା-ବ୍ରାହ୍ମଣ, ବା-ଏମ୍.ଭି-43 |
| ୭୯/୪୨୪ | ୨୯୬/୧୧୩୫ | ୧.୦୦୮ | ୦.୧୭୩ | ଧାନ-୧ | ମିତା ଚାନ୍ଦ, ସ୍ୱା: ରବିନ୍ଦ୍ର ନାଥ ଚାନ୍ଦ, ଜା-କ୍ଷତ୍ରୀୟ, ବା-ଏମ୍.ଭି-43 |
| | ମୋଟ | | ୯.୦୩୪୬ | | |

ତଫସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା-ମାଲକାନଗିରି — ତହସିଲ-ମାଲକାନଗିରି

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ: ଅଧିସୂଚନା ପ୍ରକାଶିତ ହେବାର ୩୦ ଦିନଠାରୁ ଛଅ ମାସ ମଧ୍ୟରେ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, ମାଲକାନଗିରି

OIPR-

# ଓଡ଼ିଶା ସରକାର
# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ନବରଙ୍ଗପୁର
## ଘୋଷଣା

**LAC No.**20/2025 Date:11.11.2025

**No. XIV-04:** ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013) ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-**ଗାଦବାଗୁଡ଼ା**, ଥାନା-**ନବରଙ୍ଗପୁର**, ନଂ-୩୯, ତହସିଲ-**ନନ୍ଦାହାଣ୍ଡି**, **ଜିଲ୍ଲା- ନବରଙ୍ଗପୁରରେ** ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଜୟପୁର-ନବରଙ୍ଗପୁର ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR & R Act.2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୦୩୬, ତା.୦୬.୦୪.୨୦୨୦ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-**ଗାଦବାଗୁଡ଼ା**, ଥାନା-**ନବରଙ୍ଗପୁର**, ନଂ.୩୯, **ଜିଲ୍ଲା- ନବରଙ୍ଗପୁରରେ** କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ, ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଏହି ଘୋଷଣାନାମା ଜିଲ୍ଲା ୱେବସାଇଟ www. nabarangpur.nic.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଅଛି । ଭୂ-ଅର୍ଜନ ଅଧିଗ୍ରହଣ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ-ତଥା-ତହସିଲଦାର, ନନ୍ଦାହାଣ୍ଡିଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା-ନବରଙ୍ଗପୁର — ତହସିଲ-ନନ୍ଦାହାଣ୍ଡି

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଗାଦବାଗୁଡ଼ା | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ କରାଗଲା | | | | | |

ତଫସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା-ନବରଙ୍ଗପୁର — ତହସିଲ-ନନ୍ଦାହାଣ୍ଡି

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- ୧୭.୦୫.୨୦୨୨

ସ୍ୱା./-
ଜିଲ୍ଲାପାଳ, ନବରଙ୍ଗପୁର

### ଭୂମି ଅନୁସୂଚୀ

ମୌଜା:ଗାଦବାଗୁଡ଼ା (ଗ୍ରାମାଞ୍ଚଳ) ଥାନା:ନବରଙ୍ଗପୁର, ତହସିଲ:ନନ୍ଦାହାଣ୍ଡି, ଜିଲ୍ଲା:ନବରଙ୍ଗପୁର

ଜୟପୁର-ନବରଙ୍ଗପୁର ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ

| ଖାତା ନଂ. | ସ୍ୱତ୍ୱ | ପ୍ଲଟ ନମ୍ବର | କିସମ | ମୋଟ ରକବା | ଅଧିଗ୍ରହଣ | ରୟତଙ୍କ ନାମ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | | ୬ |
| 176 | ରୟତି | 3 | ଧାନ ଦୁଇ | 0.770 | 0.190 | ସୁନାଦେଇ ଜାନି, ସ୍ୱା:ଦଶରଥ ଜାନି, ଜା:ପରଜା, ବା:ନବରଙ୍ଗପୁର (ନୁଆବନ୍ଧସାହି) |
| 115 | ରୟତି | 4 | ଧାନ ଦୁଇ | 1.400 | 1.300 | ଭିମ ଜାନି, ପି:ଅର୍ଜୁନ ଜାନି, ଜା:ପରଜା, ବା:ନବରଙ୍ଗପୁର |
| 4 | ରୟତି | 5 | ଧାନ ଦୁଇ | 1.070 | 1.070 | ଅଚ୍ୟୁତ ବେହେରା, ପ୍ରଶାନ୍ତ ବେହେରା, ସୁଶାନ୍ତ ବେହେରା, ପି:ଶ୍ରୀପତି ବେହେରା, ରାମଚନ୍ଦ୍ର ବେହେରା, ଶ୍ୟାମ ସୁନ୍ଦର ବେହେରା, ବୃନ୍ଦାବନ ବେହେରା, ପି:କୃପାସିନ୍ଧୁ ବେହେରା, ଜା:କରଣ, ବା:ନବରଙ୍ଗପୁର |
| 4 | ରୟତି | 6 | ଧାନ ଦୁଇ | 2.300 | 0.400 | ଅଚ୍ୟୁତ ବେହେରା, ପ୍ରଶାନ୍ତ ବେହେରା, ସୁଶାନ୍ତ ବେହେରା, ପି:ଶ୍ରୀପତି ବେହେରା, ରାମଚନ୍ଦ୍ର ବେହେରା, ଶ୍ୟାମ ସୁନ୍ଦର ବେହେରା, ବୃନ୍ଦାବନ ବେହେରା, ପି:କୃପାସିନ୍ଧୁ ବେହେରା, ଜା:କରଣ, ବା:ନବରଙ୍ଗପୁର |
| 4 | ରୟତି | 7 | ଧାନ ଦୁଇ | 5.380 | 1.520 | ଅଚ୍ୟୁତ ବେହେରା, ପ୍ରଶାନ୍ତ ବେହେରା, ସୁଶାନ୍ତ ବେହେରା, ପି:ଶ୍ରୀପତି ବେହେରା, ରାମଚନ୍ଦ୍ର ବେହେରା, ଶ୍ୟାମ ସୁନ୍ଦର ବେହେରା, ବୃନ୍ଦାବନ ବେହେରା, ପି:କୃପାସିନ୍ଧୁ ବେହେରା, ଜା:କରଣ, ବା:ନବରଙ୍ଗପୁର |
| 11 | ରୟତି | 55 | ବଗାୟତ | 3.365 | 0.897 | ଏ.ଡି.ବୋଦମା, ପି:ଏ.ଏମ୍. ଦେବୟା, ଜା:କ୍ଷତ୍ରିୟ, ବା:ନବରଙ୍ଗପୁର |
| 212/919 | ରୟତି | 55/1346 | BO-GAYATA | 0.041 | 0.041 | ମନୋରମା ପାନିଗ୍ରାହୀ, ସ୍ୱା-ଗୋବିନ୍ଦ ଚନ୍ଦ୍ର ସାହୁ, ଜା-ବ୍ରାହ୍ମଣ, ବା-ଜୟପୁର |
| 212/922 | ରୟତି | 55/1349 | ବଗାୟତ | 0.041 | 0.041 | ଶ୍ରୀନିବାସ ସାହୁ, ପି-ଗୋବିନ୍ଦ ଚନ୍ଦ୍ର ସାହୁ, ଜା-ବ୍ରାହ୍ମଣ, ବା-ଜୟପୁର |
| 212/1030 | ରୟତି | 55/1459 | BO-GAYATA | 0.041 | 0.041 | ଶୁଭମ ଯୋଶୀ, ପି-ଚମନ ପ୍ରସାଦ ଯୋଶୀ, ଜା-ବ୍ରାହ୍ମଣ, ବା-ଜଗଦଲପୁର |
| 11 | ରୟତି | 57 | ବଗାୟତ | 1.647 | 1.597 | ଏ.ଡି.ବୋଦମା, ପି:ଏ.ଏମ୍.ଦେବୟା, ଜା: କ୍ଷତ୍ରିୟ, ବା:ନବରଙ୍ଗପୁର |
| 212/1422 | ରୟତି | 57/1 | ବଗାୟତ | 0.038 | 0.038 | ସେଖ ଇସମାଇଲ, ପି:ଶେଖ ଇବ୍ରାହିମ, ଜା:ମୁସଲମାନ,ବା:ନବରଙ୍ଗପୁର |
| 212/725 | ରୟତି | 57/1155 | ବଗାୟତ | 0.041 | 0.041 | ଜଗଦୀଶ କୁମାର ପାତ୍ର, ପି:କୃଷ୍ଣଚନ୍ଦ୍ର ପାତ୍ର, ଜା:ବ୍ରାହ୍ମଣ, ବା:ପାରାବେଡା (ଜୟପୁର), କୋରାପୁଟ |
| 212/1026 | ରୟତି | 57/1455 | ବଗାୟତ | 0.041 | 0.041 | ଆଶା ତ୍ରିପାଠୀ, ସ୍ୱା:ବଦ୍ରୀ ଭଗବାନ ତ୍ରିପାଠୀ, ଜା:ବ୍ରାହ୍ମଣ, ବା:ନବରଙ୍ଗପୁର |
| 212/1028 | ରୟତି | 57/1457 | ବଗାୟତ | 0.045 | 0.045 | ମିନତୀ ପଟ୍ଟନାୟକ, ପି-ସରୋଜକାନ୍ତ ପଟ୍ଟନାୟକ, ଜା-କରଣ, ବା-ଜୟପୁର |
| 212/1214 | ରୟତି | 57/1463 | ବଗାୟତ | 0.028 | 0.028 | ସାରିନ ନାଜ, ସ୍ୱା:ସାହାଜଜ ଅହମ୍ମଦ, ଜାତି:ମୁସଲମାନ, ବା:ଚାନ୍ଦ ନଗର, ଉମରକୋଟ |
| 212/1216 | ରୟତି | 57/1645 | ବଗାୟତ | 0.040 | 0.040 | ମଞ୍ଜୁ ପାଢୀ,@ରାଣୀ ପାଢୀ, ସ୍ୱା:ମୁରଲୀ ପାଢୀ, ଜାତି:ବ୍ରାହ୍ମଣ, ବା:ଆର.କେ.କଲୋନୀ, ନବରଙ୍ଗପୁର |
| 212/1288 | ରୟତି | 57/1711 | ବଗାୟତ | 0.041 | 0.041 | ସୀମାଦ୍ରି ଦିବ୍ୟାଭାରତୀ, ପି:ସୀମାଦ୍ରି ବେଣୁଗୋପାଳଆଚାରୀ, ଜା:ସୁନାରୀ, ବା:ପୂଜାରିଗୁଡା |
| 212/1341 | ରୟତି | 57/1759 | ବଗାୟତ | 0.038 | 0.038 | ରାମଦେଓ ସେଠିଆ, ପି:ମରୁତ ସେଠିଆ, ଜା:ଶୁଣ୍ଢି, ବା:ଲାଲବାଗ ରୋଡ ଜଗଦଲପୁର (ଜିଲ୍ଲା ବସ୍ତର, ଛତିଶଗଡ) |
| 212/1713 | ରୟତି | 57/4 | ବଗାୟତ | 0.038 | 0.038 | ଦୁର୍ଗା ପ୍ରସାଦ ଷଡଙ୍ଗୀ, ପି:ସୁବାସ ଚନ୍ଦ୍ର ଷଡଙ୍ଗୀ, ଜା:ବ୍ରାହ୍ମଣ, ବା:କୋଟପାଡ |
| 212/1697 | ରୟତି | 57/3 | ବଗାୟତ | 0.057 | 0.057 | ନୀଳକଣ୍ଠ ପାଣିଗ୍ରାହୀ, ପି:ବନ ଚନ୍ଦ୍ର ପାଣିଗ୍ରାହୀ, ଜା:ବ୍ରାହ୍ମଣ, ବା:ଗ୍ରାମ-ମୈତ୍ରୀ ବିହାର |
| 212/852 | ରୟତି | 57/1284 | ବଗାୟତ | 0.041 | 0.041 | ଏସ ହେମନ୍ତ ପାତ୍ର, ପି:ଏସ ଜଗନ୍ନାଥ ପାତ୍ର, ବା:ଜଟାବାଲ |
| 212/852 A | ରୟତି | 57/1283 | ବଗାୟତ | 0.041 | 0.041 | ଏସ ସିତେଶ ପାତ୍ର, ପି:ଏସ ଜଗନ୍ନାଥ ପାତ୍ର,ବା:ଜଟାବାଲ |
| 8 | ରୟତି | 56 | ବଗାୟତ | 4.646 | 1.411 | ଆନ୍ନିରା ଦେବାୟା, ଜୋଜଆମ୍ମା, ପି:ଆନ୍ନିରା ମେଦଆପ୍ପା ଦେବାୟା, ଜା:କ୍ଷତ୍ରିୟ, ବା:ନବରଙ୍ଗପୁର |
| 212/790 | ରୟତି | 56/1222 | ବଗାୟତ | 0.041 | 0.041 | ବାସୁଦେବ ପଣ୍ଡା, ପି:ଆନନ୍ଦ ପଣ୍ଡା, ଜା:ବ୍ରାହ୍ମଣ, ବା:କୁମୁଲିପୁଟ |
| 212/791 | ରୟତି | 56/1223 | ବଗାୟତ | 0.040 | 0.020 | ସପାରିନା ପାତ୍ର, ସ୍ୱା:ସପା ଚିଟୁ ପାତ୍ର, ଜା:ବୈଶ୍ୟ, ବା:ଜଟାବାଲ |
| 212/1373 | ରୟତି | 56/125/1 | ବଗାୟତ | 0.040 | 0.040 | ରଜନୀ କୁମାରୀ ସାହୁ, ପି-ମାଧୁରୀ ସାହୁ, ଜା-ଗୁଡିଆ, ବା-ଇଚ୍ଛାବତିଗୁଡା |
| 212/1695 | ରୟତି | 56/14 | ବଗାୟତ | 0.082 | 0.041 | ଶେଖ ମନସୁର, ପି:ଶେକ ନୂର, ଜା:ମୁସଲମାନ, ବା:ଗ୍ରାମ-ଉମରକୋଟ |
| 212/1698 | ରୟତି | 56/16 | ବଗାୟତ | 0.041 | 0.041 | ନୀଳକଣ୍ଠ ପାଣିଗ୍ରାହୀ, ପି:ବନ ଚନ୍ଦ୍ର ପାଣିଗ୍ରାହୀ, ଜା:ବ୍ରାହ୍ମଣ, ବା:ଗ୍ରାମ-ମୈତ୍ରୀବିହାର |
| 212/1195 | ରୟତି | 56/1624 | ବଗାୟତ | 0.041 | 0.041 | ସନ୍ନ୍ୟାସୀ ଦଳେଇ, ପି:ପିତାମ୍ବର ଦଳେଇ, ଜା:ଖଣ୍ଡାୟତ, ବା:କଷାଗୁମୁଡା |
| 212/1413 | ରୟତି | 56/2 | ବଗାୟତ | 0.041 | 0.042 | ସୁପ୍ରିଆ ଶେଖରି,ସ୍ୱା:ଜାମି ଅଶୋକ, ଜା:ବୈଶ୍ୟ, ବା:ବୈପାରୀଗୁଡା |
| 212/1510 | ରୟତି | 56/5 | ବଗାୟତ | 0.041 | 0.041 | ଇପିଲି ଭେଙ୍କଟ ରାବଣା, ପି:ଇପିଲି ମାଲେୟା, ଜା:କାପୁ, ବା:ପୂଜାରି ସାହି, କୋଷାଗୁମୁଡା |
| 212/1527 | ରୟତି | 56/7 | ବଗାୟତ | 0.040 | 0.040 | ମହମ୍ମଦ ବାଷା, ପି:ମହମ୍ମଦ ଅବଦୁଲ ରେହମାନ, ଜା:ମୁସଲମାନ, ବା:ଜଟାବାଲ |
| 212/1530 | ରୟତି | 56/8 | ବଗାୟତ | 0.046 | 0.046 | ମହମ୍ମଦ ହୁମ୍ମାଉଦ୍ଦୀନ, ପି:ମହମ୍ମଦ ସବୁଦ୍ଦିନ, ଜା:ମୁସଲମାନ, ବା:ଜଟାବାଲ |
| 212/1531 | ରୟତି | 56/9 | ବଗାୟତ | 0.034 | 0.034 | ମହମ୍ମଦ ହୁମ୍ମାଉଦ୍ଦୀନ, ପି:ମହମ୍ମଦ ସବୁଦ୍ଦିନ, ଜା:ମୁସଲମାନ, ବା:ଜଟାବାଲ |
| 212/916(A) | ରୟତି | 56/1343 | ବଗାୟତ | 0.041 | 0.041 | ଭଗବାନ ରାଉତ, ପି:କୁରିଆ ରାଉତ, ବା:ଜୟପୁର |
| 212/259 | ରୟତି | 61 | ଘରବାରି | 1.640 | 1.640 | ଜାମ୍ପାନା କୋଣ୍ଡାମ୍ମା, ସ୍ୱା:ଜାମ୍ପାନା ଭେଙ୍କଟେଶ୍ୱର ରାଜୁ, ଜା:କ୍ଷେତ୍ରିୟ, ବା:ତେଲିସାହି, ନବରଙ୍ଗପୁର |
| 162 | ରୟତି | 62 | ଡଙ୍ଗର ଦୁଇ | 5.000 | 4.740 | ସଦାଶିବ ରଥ, ପି:ବ୍ରଜମୋହନ ରଥ, ଜା:ବ୍ରାହ୍ମଣ, ବା:ନବରଙ୍ଗପୁର |
| 212/259 | ରୟତି | 63 | ଘରବାରି | 3.630 | 2.910 | ଜାମ୍ପାନା କୋଣ୍ଡାମ୍ମା, ସ୍ୱା:ଜାମ୍ପାନା ଭେଙ୍କଟେଶ୍ୱର ରାଜୁ, ଜା:କ୍ଷେତ୍ରିୟ, ବା:ତେଲିସାହି, ନବରଙ୍ଗପୁର |
| 67 | ରୟତି | 64 | ଡଙ୍ଗର ଦୁଇ | 1.950 | 1.940 | ତ୍ରିନାଥ ହରିଜନ, ପି:ତ୍ରିଲୋଚନ ହରିଜନ, ଜା:ଡମ୍ବ, ବା:ଗାଦବାଗୁଡା |
| 103 | ରୟତି | 107 | ଡଙ୍ଗର ଦୁଇ | 1.000 | 0.370 | ସଂଯୁକ୍ତା ଖଡଗରାୟ, ସ୍ୱା:ମନ୍ମଥ ମୋହନ ଖଡଗରାୟ, ଅରୁଣ କୁମାର ଖଡଗରାୟ, ଆରତୀ ଖଡଗରାୟ, ପି-ମନ୍ମଥ ମୋହନ ଖଡଗରାୟ, ଜା:ବ୍ରାହ୍ମଣ, ବା:ନବରଙ୍ଗପୁର |
| 212/1719 | ରୟତି | 107/2 | ଡଙ୍ଗର ଦୁଇ | 1.480 | 0.180 | ଅଶୋକ ଦାସ, ପି:ସୁବାସ ଚନ୍ଦ୍ର ଦାସ, ଜା:ବ୍ରାହ୍ମଣ, ବା:ନବରଙ୍ଗପୁର |
| 212/283 | ରୟତି | 106 | ଡଙ୍ଗର ଦୁଇ | 1.810 | 0.590 | ସୋହାଗୀ ମାଝୀ, ପି:ସିଙ୍ଗରାୟ ଟୁଡୁ, ଜା:ସାନ୍ତା, ବା:ମାଝୀଗୁଡା, ନବରଙ୍ଗପୁର |
| 118 | ରୟତି | 105 | ଡଙ୍ଗର ଦୁଇ | 2.000 | 1.685 | ମଇନା ଜାନୀ, ପି:ଧନ ଜାନୀ, ଜା:ପରଜା, ବା:ନିଜଗାଁ |
| 212/1025 | ରୟତି | 83 | ଡଙ୍ଗର ଦୁଇ | 0.850 | 0.850 | ଜତିନ୍ଦ୍ର ସଗରିଆ, ପି:ପଦୁ ସଗରିଆ, ଜା:ଡମ୍ବ,ବା:କୁସୁମି |
| 212/788 | ରୟତି | 83/1219 | ଡଙ୍ଗର ଦୁଇ | 0.340 | 0.199 | ନଳିନୀପ୍ରଭା ନାୟକ, ସ୍ୱା:ଦୟାପାତ୍ର ନାୟକ, ଜା:ଡମ୍ବ ଖ୍ରିଷ୍ଟିୟାନ, ବା:କାମତା ତେନ୍ତୁଳିଖୁଣ୍ଟି |
| 212/1284 | ରୟତି | 83/1219/ 1707 | ଡଙ୍ଗର ଦୁଇ | 0.100 | 0.100 | ଟଙ୍କଧର ଟାକ୍ରି, ପି:କୁମାର ଟାକ୍ରି, ଜା:ଡମ୍ବ, ବା:ବିଞ୍ଜିଗୁଡା |
| 212/1269 | ରୟତି | 83/1219/ 1696 | ଡଙ୍ଗର ଦୁଇ | 0.100 | 0.100 | ରାମଚନ୍ଦ୍ର ହରିଜନ, ପି:କୁମଧନ ହରିଜନ, ଜା:ଡମ୍ବ, ବା:ବିଞ୍ଜିଗୁଡା, ଥାନା-ତେନ୍ତୁଳିଖୁଣ୍ଟି |
| 212/1435 | ରୟତି | 83/1219/ 2 | ଘରବାରି | 0.050 | 0.050 | ସନ୍ତୋଷ କୁମାର ହରିଜନ, ପି:ତିଳ ହରିଜନ, ଜା:ଡମ୍ବ, ବା:କୁକୁଡାବାଇ, ଥାନା-ନବରଙ୍ଗପୁର, ତହସିଲ-ତେନ୍ତୁଳିଖୁଣ୍ଟି |
| 212/1434 | ରୟତି | 83/1219/ 1 | ଡଙ୍ଗର ଦୁଇ | 0.200 | 0.200 | ଅରୁଣ କୁମାର ଗରଡା, ପି:ମୃତ ଶତ୍ରୁଘ୍ନ ଗରଡା, ଜା:ଡମ୍ବ, ବା:ଗ୍ରାମ-ଅଞ୍ଚଳଗୁମ୍ମା |
| 212/1705 | ରୟତି | 83/1219/ 3/1 | ଡଙ୍ଗର ଦୁଇ | 0.120 | 0.120 | ନକୁଳ ହରିଜନ, ପି:ରତନ ହରିଜନ, ଜା:ଡମ୍ବ, ବା:କେନ୍ଦୁଗୁଡ଼ା |
| 212/1706 | ରୟତି | 83/1219/ 3 | ଡଙ୍ଗର ଦୁଇ | 0.080 | 0.080 | ହେମନ୍ତ ହରିଜନ, ପି:ଘାସି ହରିଜନ, ଜା:ଡମ୍ବ, ବା:ଅଞ୍ଚଳଗୁମା |
| 212/1769 | ରୟତି | 83/1219/ 4 | ଡଙ୍ଗର ଦୁଇ | 0.060 | 0.060 | ରଞ୍ଜନ କୁମାର ପଟ୍ଟନାୟକ, ପି:ଅଭିମନ୍ୟୁ ପଟ୍ଟନାୟକ, ଜା:କରଣ, ବା:ଗ୍ରାମ-ଚିଲିଗୁଡା, ଜୟପୁର |
| 215 | ରୟତି | 84 | ପତିତ | 0.710 | 0.550 | ଆବାଦ ଯୋଗ୍ୟ ଅନାବାଦୀ |
| 170 | ରୟତି | 85 | ଡଙ୍ଗର ଦୁଇ | 2.000 | 2.000 | ସାଧୁ ହରିଜନ, ପି:ପଦ୍ମନାଭ ହରିଜନ, ଜା:ଡମ, ବା:ନିଜଗାଁ |
| 212/8 | ରୟତି | 87 | ଡଙ୍ଗର ଦୁଇ | 2.140 | 1.850 | ଶ୍ରୀ କାକାଲାପୁ ରବିପ୍ରସାଦ, ପି:ଶ୍ରୀ କାକାଲାପୁ ସତ୍ୟନାରାୟଣ, ଜା:କୁମ୍ଭାରୀ, ବା:ନବରଙ୍ଗପୁର |
| 114 | ରୟତି | 75 | ଧାନ ଦୁଇ | 1.040 | 0.760 | ଶିବ ଅମନାତ୍ୟ, ପି:ଭଗତ ଅମନାତ୍ୟ, ଜା:ଅମନାତ୍ୟ, ବା:ଦଳେଇଗୁଡା |
| 114 | ରୟତି | 74 | ଧାନ ଦୁଇ | 0.560 | 0.560 | ଶିବ ଅମନାତ୍ୟ, ପି:ଭଗତ ଅମନାତ୍ୟ, ଜା:ଅମନାତ୍ୟ, ବା:ଦଳେଇଗୁଡା |
| 212/140 | ରୟତି | 72 | ଡଙ୍ଗର ଦୁଇ | 1.050 | 0.740 | ଦରାଲକ୍ଷ୍ମୀ,ସ୍ୱା:ସତ୍ୟନାରାୟଣ, ଜା:କୁମାରୀ, ବା:ଦଣ୍ଡାସିସାହି |
| 212/161 | ରୟତି | 65 | ଡଙ୍ଗର ଦୁଇ | 2.150 | 0.060 | ଭବାନୀ ପଟ୍ଟନାୟକ, ପି:ସୁଧାକର ପଟ୍ଟନାୟକ, ଜା:କରଣ, ବା:ଚାମୁରିଆଗୁଡା, ନବରଙ୍ଗପୁର |
| 212/1040 | ରୟତି | 86/1469 | ଡଙ୍ଗର ଏକ | 0.450 | 0.450 | ଘାସି ହରିଜନ, ପି:ସାଧୁ ହରିଜନ, ଜା:ଡମ୍ବ, ବା:ଭବସିଂ ହରିଜନ, ସ୍ୱା:ଘାସି ହରିଜନ, ଜା:ଡମ୍ବ, ବା:ଗାଦବାଗୁଡା |
| 212/1041 | ରୟତି | 86 | ଘରବାରି | 0.450 | 0.280 | ଦେବ ହରିଜନ, ପି-ସାଧୁ ହରିଜନ, ଜା-ଡମ୍ବ ଖ୍ରୀଷ୍ଟିୟାନ, ବା-ନିଜଗାଁ |
| 212/1042 | ରୟତି | 86/1471 | ଘରବାରି | 0.450 | 0.010 | ଗୁରୁ ହରିଜନ, ପି:ସାଧୁ ହରିଜନ, ଘାସିନୀ ହରିଜନ, ସ୍ୱା-ଗୁରୁ ହରିଜନ, ଜା-ଡମ୍ବ ଖ୍ରୀଷ୍ଟିୟାନ, ବା:ନିଜଗାଁ |
| 212/1058 | ରୟତି | 79 | ଘରବାରି | 0.540 | 0.540 | ଚୁନ ହରିଜନ, ପି-ରଘୁନାଥ ହରିଜନ, ଜା-ଡମ୍ବ ବା-ଦୋଳେଇଗୁଡା |
| 212/1057 | ରୟତି | 79/1487 | ଡଙ୍ଗର ଏକ | 0.540 | 0.540 | ଅନିଲ ହରିଜନ, ପି-ରଘୁନାଥ ହରିଜନ, ଜା-ଡମ୍ବ ଖ୍ରୀଷ୍ଟିୟାନ, ବା-ଦୋଳେଇଗୁଡା |
| 212/1053 | ରୟତି | 77/1483 | ଡଙ୍ଗର ଏକ | 1.000 | 1.000 | ଲକ୍ଷ୍ମଣ ହରିଜନ, ପି-ଡମ୍ବରୁ ହରିଜନ, ନେତ୍ରା ହରିଜନ, ସ୍ୱା-ଲକ୍ଷ୍ମଣ ହରିଜନ, ଜା-ଡମ୍ବ ଖ୍ରୀଷ୍ଟିୟାନ, ବା-ଦଳେଇଗୁଡା |
| 212/1862 | ରୟତି | 83/1 | ଘରବାରି | 0.100 | 0.100 | ପୂର୍ଣ୍ଣଚନ୍ଦ୍ର ହରିଜନ, ପି:ଘନ ହରିଜନ, ବା:ପାତ୍ରପୁଟ |
| 212/1861 | ରୟତି | 83/1/ 1884 | ଘରବାରି | 0.100 | 0.100 | ଶ୍ୟାମ ହରିଜନ, ପି:ଲକ୍ଷ୍ମଣ ହରିଜନ,ବା:ପଟାଗୁଡା |
| 212/1581 | ରୟତି | 102 | ଡଙ୍ଗର ଦୁଇ | 0.198 | 0.050 | ବ୍ଲେକ ହାଉସିଂ ଇଷ୍ଟେଟ ପ୍ରାଇଭେଟ ଲିମିଟେଡ ତରଫେ ମନମୋହନ ପଣ୍ଡା, ପି:ମୃତ ବିପିନ ଚନ୍ଦ୍ର ପଣ୍ଡା, ଜା:ବ୍ରାହ୍ମଣ, ବା:ଗ୍ରାମ-ନୂଆବନ୍ଧ ସାହି |
| 212/1047 | ରୟତି | 73/1476 | ଡଙ୍ଗର ଏକ | 1.000 | 0.650 | ବୁଦୁ ହରିଜନ, ପି-ଡମ୍ବରୁ ହରିଜନ, ମଣିମା ହରିଜନ,ସ୍ୱା-ବୁଦୁ ହରିଜନ, ଜା-ଡମ୍ବ ଖ୍ରୀଷ୍ଟିୟାନ, ବା-ଦଳେଇଗୁଡା |
| 212/1852 | ରୟତି | 83/1219/ 1875 | ଡଙ୍ଗର ଦୁଇ | 0.141 | 0.141 | ଯୁଗଳ ହରିଜନ, ପି:ଅର୍ଜୁନ ହରିଜନ, ଜା:ଡମ୍ବ, ବା:ଗ୍ରାମ- ଅଞ୍ଚଳଗୁମ୍ମା |
| 212/1373 | ରୟତି | 56/1251/ 1 | ବଗାୟତ | 0.001 | 0.001 | ରଜନୀ କୁମାରୀ ସାହୁ, ପି:ମାଧୁରୀ ସାହୁ, ଜା:ଗୁଡିଆ, ବା:ଇଚ୍ଛାବତୀଗୁଡା |
| 212/1567 | ରୟତି | 57/2 | ବଗାୟତ | 0.076 | 0.076 | ହେମଲତା ଜୈନ, ସ୍ୱା:ବିନୋଦ କୁମାର ଜୈନ, ଜା:ଜୈନ୍ୟ, ବା:ସୁନାରି ସାହି, ନବରଙ୍ଗପୁର |
| 212/777 | ରୟତି | 57/1208 | ବଗାୟତ | 0.040 | 0.040 | ସୁଧୀର ଚନ୍ଦ୍ର ସାହୁ, ପି:ବସନ୍ତ କୁମାର ସାହୁ, ଜା:ବ୍ରାହ୍ମଣ, ବା:ଇରିଗେସନ୍ କଲୋନୀ, ଜୟପୁର, ଜି:କୋରାପୁଟ |
| 212/1854 | ରୟତି | 57/1876 | ବଗାୟତ | 0.038 | 0.038 | ନୁର ଜାହାନ ବିବି, ସ୍ୱା:ମୃତ ମହମ୍ମଦ ସଫି, ଜା:ମୁସଲମାନ, ବା:ଗ୍ରାମ-ଭାଟିସାଲଗୁଡା |

**Sd./- Tahasildar-cum-Spl.Land Aquisition Officer**
**Jeypore-Nabarangpur New BG**
**Rail Link Project, Nandahandi**

**OIPR-**

# ଓଡ଼ିଶା ସରକାର

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ

## (ଶିଳ୍ପ ସମ୍ପର୍କିତ ପ୍ରକଳ୍ପ)

## ଅଧିସୂଚନା

ନମ୍ବର: ୧୮୧୯୬ ତାରିଖ: ୦୧।୧୨।୨୦୨୫

No. II-19: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ **ଢେଙ୍କାନାଳ ଜିଲ୍ଲାର ଏମ୍.ଏସ୍ ରୁଙ୍ଗଟା ମାଇନ୍ସ ଲିମିଟେଡ ଦ୍ୱାରା ୨.୮୫ ଏମଟିପିଏ ଇଣ୍ଟିଗ୍ରେଟେଡ୍ ଷ୍ଟିଲ ପ୍ଲାଣ୍ଟ ପ୍ରକଳ୍ପର ସମ୍ପ୍ରସାରଣ । ନିର୍ମାଣ ନିମନ୍ତେ ମୌଜା: ଗାଲପଡ଼ା, ଥାନା: ବାଲିମି ନଂ. ୨୬, ତହସିଲ: ହିନ୍ଦୋଳ, ଜିଲ୍ଲା: ଢେଙ୍କାନାଳ**ରେ ନିମ୍ନ ତଫସିଲ ମତେ ପ୍ରାୟ ଏ.44.7600 ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ: ଏମ୍.ଏସ୍. ରୁଙ୍ଗଟା ମାଇନ୍ସ ଲିମିଟେଡ ଦ୍ୱାରା ୨.୮୫ ଏମଟିପିଏ ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଣ୍ଟ ପ୍ରକଳ୍ପର ସମ୍ପ୍ରସାରଣ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ: IDCO (ଶିଳ୍ପ ଭିତ୍ତିଭୂମି ବିକାଶ ନିଗମ)
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ: For Installation and Expansion of M/s. Rungta Mines Ltd., Dhenkanal Steel Plant of Phase-II, ଏମ୍.ଏସ୍. ରୁଙ୍ଗଟା ମାଇନ୍ସ ଲିମିଟେଡ ଦ୍ୱାରା ୨.୮୫ ଏମଟିପିଏ ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଣ୍ଟ ପ୍ରକଳ୍ପର ସମ୍ପ୍ରସାରଣ ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ: ଏଥି ସହିତ ସଂଲଗ୍ନ କରାଯାଇଛି ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାକଙ୍କ ବିବରଣୀ: ଉପ-ଜିଲ୍ଲାପାଳ, ହିନ୍ଦୋଳ
୬. ଜମିର ବିବରଣୀ: ଏଥି ସହିତ ଜମି ସଂଲଗ୍ନ କରାଯାଇଛି ।

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଏମ୍.ଏସ୍. ରୁଙ୍ଗଟା ମାଇନ୍ସ ଲିମିଟେଡ୍ ଦ୍ୱାରା ୨.୮୫ ଏମଟିପିଏ ଇଣ୍ଟିଗ୍ରେଟେଡ୍ ଷ୍ଟିଲ ପ୍ଲାଣ୍ଟ ପ୍ରକଳ୍ପର ସମ୍ପ୍ରସାରଣ, ଢେଙ୍କାନାଳ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଢେଙ୍କାନାଳ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ଧାରା ୧୫ର ବ୍ୟବସ୍ଥା ଅନୁଯାୟୀ ଢେଙ୍କାନାଳ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- ଜିଲ୍ଲାପାଳ, ଢେଙ୍କାନାଳ**

## ମୌଜା: ଗାଲପଡ଼ା, ତହସିଲ: ହିନ୍ଦୋଳ, ଥାନା: ବାଲିମି ନଂ- ୨୬, ଜିଲ୍ଲା: ଢେଙ୍କାନାଳ

**ମୋଟ ରକବା: ଏ ୮୮.୭୬୦**

| କ୍ରମିକ ନଂ. | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ | ଖାତା ନଂ. | ପ୍ଲଟ ନଂ. | କିସମ | ମୋଟ ରକବା | ଅର୍ଜିତ ରକବା | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ଅନାମ ସାହୁ, ପି.: ଭୁବନ ସାହୁ, ଜା: ତନ୍ତି, ବା: ନିଜଗାଁ | ୧୩ | ୨୮୯୭ | ଶାରଦ-୩ | ୦.୦୯୦ | ୦.୦୯୦ | |
| ୨ | ଅରକ୍ଷିତ ସାହୁ, ରଘୁ ସାହୁ, ପି.: ବିଛନ୍ଦ ସାହୁ, ଜା: ତନ୍ତି, ବା: ନିଜଗାଁ | ୧୭ | ୨୮୯୯ | ତଇଳା-୧ | ୦.୨୫୦ | ୦.୨୫୦ | |
| ୩ | ଇନ୍ଦ୍ର ବେହେରା, ପି.: ପିତେଇ ବେହେରା, ଜା: ଗୋପାଳ, ବା: ନିଜଗାଁ | ୨୨ | ୨୭୭୮ | ଶାରଦ-୩ | ୦.୧୪୦ | ୦.୧୪୦ | |
| ୪ | ଇନ୍ଦ୍ର ବେହେରା, ମନ୍ଦର ବେହେରା, ବିମ୍ବା ବେହେରା, କନ୍ଦିଆ ବେହେରା, ପି.: ପିତେଇ ବେହେରା, ଜା: ଗୋପାଳ, ବା: ନିଜଗାଁ | ୨୩ | ୨୭୦୮ | ତଇଳା-୨ | ୦.୧୪୦ | ୦.୧୪୦ | |
| ୫ | | ୨୩ | ୨୭୦୧/୩୩୨୩ | ଶାରଦ-୨ | ୦.୧୦୦ | ୦.୧୦୦ | |
| ୬ | | ୨୩ | ୨୭୪୦/୩୩୩୦ | ତଇଳା-୧ | ୦.୧୧୦ | ୦.୧୧୦ | |
| ୭ | | ୨୩ | ୨୭୬୩/୩୩୪୭ | ତଇଳା-୧ | ୦.୦୭୦ | ୦.୦୭୦ | |
| ୮ | ଇନ୍ଦ୍ର ବେହେରା, ଜଟିଆ ବେହେରା, ପଞ୍ଚୁ ବେହେରା, ପାର୍ଥ ବେହେରା, ପି.: ପଠାଣି ବେହେରା, ଜା: ତଅଁଳା, ବା: ବେଗୁଆଁପାଳ | ୨୪ | ୨୭୫୩ | ତଇଳା-୧ | ୦.୫୭୦ | ୦.୫୭୦ | |
| ୯ | | ୨୪ | ୨୭୮୮ | ଶାରଦ-୨ | ୦.୩୦୦ | ୦.୩୦୦ | |
| ୧୦ | ଇନ୍ଦ୍ରମଣି ପାଣିଗ୍ରାହୀ, ପି.: ଭାଗବତ ପାଣିଗ୍ରାହୀ, ଜା: ବ୍ରାହ୍ମଣ, ବା: ବେଗୁଆଁପାଳ | ୨୫ | ୨୭୧୫ | ଶାରଦ-୩ | ୦.୬୬୦ | ୦.୬୬୦ | |
| ୧୧ | | ୨୫ | ୨୭୧୭ | ତଇଳା-୨ | ୦.୧୯୦ | ୦.୧୯୦ | |
| ୧୨ | | ୨୫ | ୨୭୨୨ | ଶାରଦ-୩ | ୦.୪୧୦ | ୦.୪୧୦ | |
| ୧୩ | | ୨୫ | ୨୭୨୬ | ବଗାୟତ-୨ | ୦.୨୦୦ | ୦.୨୦୦ | |
| ୧୪ | | ୨୫ | ୨୭୨୮ | ତଇଳା-୨ | ୦.୧୫୦ | ୦.୧୫୦ | |
| ୧୫ | | ୨୫ | ୨୭୨୯ | ଶାରଦ-୩ | ୦.୧୨୦ | ୦.୧୨୦ | |
| ୧୬ | | ୨୫ | ୨୭୩୨ | ତଇଳା-୨ | ୦.୧୭୦ | ୦.୧୭୦ | |
| ୧୭ | | ୨୫ | ୨୭୩୫ | ତଇଳା-୨ | ୦.୩୨୦ | ୦.୩୨୦ | |
| ୧୮ | | ୨୫ | ୨୭୩୬ | ତଇଳା-୧ | ୦.୮୫୦ | ୦.୮୫୦ | |
| ୧୯ | | ୨୫ | ୨୭୩୮ | ତଇଳା-୨ | ୦.୩୬୦ | ୦.୩୬୦ | |
| ୨୦ | ଇନ୍ଦ୍ରମଣି ସାହୁ, ଅତର ସାହୁ, ପି.: ମହେଶ୍ୱର ସାହୁ, ଜା: ଚଷା, ବା: ନିଜଗାଁ | ୨୭ | ୨୮୫୫ | ତଇଳା-୨ | ୦.୦୬୦ | ୦.୦୬୦ | |
| ୨୧ | ବହ୍ଲି ସାହୁ, ସ୍ୱା.: କପିଳ ସାହୁ, ଦେବରଜ ସାହୁ, ଲକ୍ଷ୍ମୀଧର ସାହୁ, ଟଙ୍କଧର ସାହୁ, ବିନୟ ସାହୁ, ଉପମା ସାହୁ, ନିରୁପମା ଦେହୁରି, ଅନୁପମା ଦେହୁରି, ପ୍ରିୟତମା ବେହେରା, ପି.: କପିଳ ସାହୁ, ସୁନିଲ ସାହୁ, ରଞ୍ଜିତା ସାହୁ, ପି.: ବ୍ରଜ କିଶୋର ସାହୁ, ବିଳାସିନି ସାହୁ, ସ୍ୱା.: ବ୍ରଜକିଶୋର ସାହୁ, ଜା: ଚଷା, ବା: ନିଜଗାଁ | ୩୧ | ୨୭୧୯ | ତଇଳା-୨ | ୦.୧୦୦ | ୦.୧୦୦ | |
| ୨୨ | | ୩୧ | ୨୮୦୨ | ତଇଳା-୨ | ୦.୧୬୦ | ୦.୧୬୦ | |
| ୨୩ | | ୩୧ | ୨୮୦୩ | ତଇଳା-୨ | ୦.୩୨୦ | ୦.୩୨୦ | |
| ୨୪ | | ୩୧ | ୨୮୧୬ | ତଇଳା-୨ | ୦.୨୮୦ | ୦.୨୮୦ | |
| ୨୫ | | ୩୧ | ୨୮୬୦ | ତଇଳା-୨ | ୦.୧୬୦ | ୦.୧୬୦ | |
